ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, December 9/2025 | Page 12 | ₹ 7.00 | SAMBALPUR
୫୨ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 16 | ମୂଲ୍ୟ ₹୭/-

# କେନ୍ଦ୍ରୀୟ ଅନୁଦାନ କମିଛି ୪ହଜାର କୋଟି: ବିରୋଧୀ

■ ୫୦ବର୍ଷ ଯାଏ ହଟିବୁନି: ଶାସକ ■ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା

**ଓଡ଼ିଶାରେ ଭାଜପା ସରକାର ଗଠନ ହେବା ପରେ ରାଜ୍ୟକୁ ଅଧିକ ଅନୁଦାନ ମିଳିବ ବୋଲି ରାଜ୍ୟବାସୀ ଆଶା ରଖିଥିଲେ। ହେଲେ ବାସ୍ତବକ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ। ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି କେନ୍ଦ୍ରୀୟ ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ମିଳୁଛି ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ପୂର୍ବବର୍ଷ(୨୦୨୩-୨୪)ତୁଳନାରେ ଗତ ୮ ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ମିଳିଛି ବୋଲି କହି ସୋମବାର ବିଧାନସଭାରେ ବିରୋଧୀ ସଦସ୍ୟମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।**

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ଓଡ଼ିଶାକୁ ଡବଲ ଫାଇଦା ହେବା କଥା, ମାତ୍ର ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ପରିମାଣର ମିଳୁଛି। ଗତ ୮ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ରାଜ୍ୟ ପାଇଛି। ଏଥିରେ ରାଜ୍ୟର ବିକାଶ କିଭଳି ହେବ। ସରକାର କେବଳ ଋଣ କରି ଘିଅ ଖାଇବାକୁ ବାହାରିଛନ୍ତି। ରାଜସ୍ୱ ଅଭାବରୁ ଖୋଲା ବଜାରରୁ ସରକାର ୯୧ହଜାର କୋଟି ଋଣ କରିଛନ୍ତି। ଏଭଳି ବିକାଶ ହେଲେ ୨୦୦୦ ପୂର୍ବରୁ ରାଜ୍ୟରେ ଯେଭଳି ବିକଳ ଅର୍ଥନୀତି ଥିଲା ପୁଣି ସେହି ଅବସ୍ଥା ସୃଷ୍ଟି କାହିଁକି ନ ହେବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ସୋମବାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା କାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଶାସକଦଳ ଏହାର ଦୃଢ଼ ଜବାବ ରଖି କହିଛି, ପୂର୍ବରେ ୨୪ବର୍ଷର ବିଜେଡି ସରକାର କେବଳ ଠିକାଦାର ପ୍ରୀତି ଦେଖାଇ ଓଡ଼ିଶାକୁ ଲୁଟ୍ କରୁଥିଲା, ହେଲେ ଏବେ ବିକାଶ କ'ଣ ରାଜ୍ୟବାସୀ ଦେଖିବେ ବୋଲି ସଦସ୍ୟମାନେ କହିଥିଲେ।

ବିଧାନସଭାରେ ସୋମବାର ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୭ହଜାର ୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରି ଗୃହରେ ପାରିତ କରିବାକୁ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ ବିରୋଧୀ ଦଳ ସଦସ୍ୟ ଅରୁଣ ସାହୁ ଆଲୋଚନା ଆରମ୍ଭ କରି ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଥିଲେ। ସେ ରାଜ୍ୟରେ ବଢ଼ି ଚାଲିଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ଦୁର୍ନୀତି, ଏସ୍ଆଇ ଚାକିରି ଦୁର୍ନୀତି, ବାଲେଶ୍ୱର, ବଲାଙ୍ଗୀ, ଗୋପାଳପୁର, ମାଲକାନଗିରି ପ୍ରଭୃତି ସ୍ଥାନରେ ଆତ୍ମହତ୍ୟା ଓ ନାରୀ ନିର୍ଯାତନା, ମାନବଚାଲାଣ, ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାରିଥିବା ମାଡ଼, ଜେଲରୁ କଏଦୀ ଚମ୍ପଟ, ଆମେରିକା ସରକାରଙ୍କ ଦ୍ୱାରା ଜାରି ଆଡ୍ଭାଇଜରୀ, ପୋଲିସ ହେପାଜତରୁ ୩୯ଜଣ ଫେରାର, କଟକରେ ଦଙ୍ଗା, ପୁରୀରେ ରଥଯାତ୍ରାବେଳେ ଦଳାଚକଟା ମୃତ୍ୟୁ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଚାକିରି, ଦାଦନ, ଚାଷୀଙ୍କ କ୍ଷେତ୍ରରେ ସରକାରଙ୍କ ଚରମ ବିଫଳତା କାହିଁକି ବୋଲି ପ୍ରଶ୍ନ କରିଥିଲେ। ଆଲୋଚନାରେ ଭାଗନେଇ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ସରକାରଙ୍କ ଅତିରିକ୍ତ ବଜେଟ ମାୟାଜାଲ ପରି ଲାଗୁଛି। ☞ପୃଷ୍ଠା-୪

## ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆଜି

କଟକ,୮।୧୨(ଅନାଦି କର)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଖେଳାଳିଙ୍କଠାରୁ ଆରମ୍ଭ କରି ପିଚ୍, ସୁରକ୍ଷା ବ୍ୟବସ୍ଥା ସମେତ ସବୁ ପ୍ରକାର ପ୍ରସ୍ତୁତି ଶେଷ। ଏବେ କେବଳ ଲଢ଼େଇକୁ ଅପେକ୍ଷା। ବାରବାଟୀରେ ଖୁବ କମ୍ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଉଥିବାରୁ ଏହି ମ୍ୟାଚ୍ ଲାଗି ଦର୍ଶକମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ମ୍ୟାଚ୍ ଲାଗି ଦୁଇ ଦଳ ସୋମବାର ବାରବାଟୀ ଷ୍ଟାଡିୟମରେ ଦୀର୍ଘ ସମୟ ଧରି ଅଭ୍ୟାସ ମଧ୍ୟ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ନାଲି ମାଟିରେ ପିଚ୍ ପ୍ରସ୍ତୁତ କରାଯାଇଛି। ଏଥିସହିତ ମ୍ୟାଚ୍ ଆଗକୁ ବଢ଼ିବା ସହ କାକରର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏଣୁ ମ୍ୟାଚ୍‌ଟି ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ବାରବାଟୀରେ ଏପର୍ଯ୍ୟନ୍ତ ୩ଟି ଟି୨୦ ମ୍ୟାଚ୍ ଖେଳାଯାଇଛି। ପୂର୍ବରୁ ବାରବାଟୀ ଗ୍ରାଉଣ୍ଡରେ ଭାରତ ଓ ଦ.ଆଫ୍ରିକା ପରସ୍ପରକୁ ଦୁଇ ଥର ଭେଟିଥିବା ବେଳେ ଉଭୟ ଥର ଭ୍ରମଣକାରୀ ଦଳ ବାଜିମାତ୍ କରିଛି। ଏଣୁ ରେକର୍ଡ ସମ୍ପୂର୍ଣ୍ଣ ରୂପେ ଦ. ଆଫ୍ରିକା ସପକ୍ଷରେ ☞ପୃଷ୍ଠା-୪



ବାରବାଟୀ ଷ୍ଟାଡିୟମରେ ସୋମବାର ଭାରତୀୟ ଦଳର ନେଟ୍ସ ସେସନରେ ବୋଲିଂ କରୁଛନ୍ତି ଯଶପ୍ରୀତ୍ ବୁମ୍ରା। (ଫଟୋ: ରାଜକିଶୋର ମହାନ୍ତି)

## ମ୍ୟାନେଜର ଦିଲ୍ଲୀରୁ ଗିରଫ, ଲୁଥ୍ରା ଭ୍ରାତା ଫେରାର

ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୮।୧୨

ଉତ୍ତର ଗୋଆର ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହାନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ନାଇଟ୍ କ୍ଲବ୍‌ର ୨୦ କର୍ମଚାରୀ ଓ ୫ ପର୍ଯ୍ୟଟକ ଥିଲେ। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲା। ଏହି ମାମଲାରେ ପୋଲିସ ନାଇଟ୍ କ୍ଲବ୍‌ର ଜଣେ ମ୍ୟାନେଜରଙ୍କୁ ସୋମବାର ଦିଲ୍ଲୀରୁ ଗିରଫ କରିଛି। ଭରତ ନାମକ ଉକ୍ତ ମ୍ୟାନେଜର ନାଇଟ୍ କ୍ଲବ୍‌ର ଦୈନନ୍ଦିନ ପରିଚାଳନା ବୁଝୁଥିଲେ। ତାଙ୍କ ସମେତ ସୋମବାର ସୁଦ୍ଧା ୫ ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ନାଇଟ୍ କ୍ଲବ୍‌ର ମାଲିକ ସୌରଭ ଲୁଥ୍ରା ଫେରାର ଅଛନ୍ତି। ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଗ୍ନିକାଣ୍ଡରେ ଲୋକଙ୍କ ଜୀବନ ଯାଇଥିବାରୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏଥିସହିତ ମୃତକମାନଙ୍କ ପରିବାରକୁ ସବୁପ୍ରକାର ସହାୟତା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୌରଭଙ୍କ ସମେତ ତାଙ୍କ ଭାଇ ତଥା ଗୌରବଙ୍କ ☞ପୃଷ୍ଠା-୪

## କଲେଜରେ ଛୁରାମାଡ଼, ଛାତ୍ର ଗୁରୁତର

**ଛାତ୍ର ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ, ମାର୍‌ପିଟ, ଆକ୍ରମଣ ଘଟଣା ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିକରୁଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଉଛି, ଯାହା ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ଯଦିଓ ଶିକ୍ଷାନୁଷ୍ଠାନରେ ଏସବୁ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଲାଗି ପ୍ରିନ୍ସିପାଲ, ବରିଷ୍ଠ ଅଧ୍ୟାପିକା, ଅଧ୍ୟାପକମାନେ ହସ୍ତକ୍ଷେପ କରିଥାନ୍ତି କିନ୍ତୁ ଏଭଳି ଘଟଣା ଥମିବାର ନାଁ ଧରୁନି। ଏହି କ୍ରମରେ ସୋମବାର ମୟୂରଭଞ୍ଜ ଜିଲା କୁଳିଅଣାର ବାଇଗଣବାଡ଼ିଆସ୍ଥିତ ବାବାବଳିଆ କଲେଜରେ ଦୁଇ ଯୁକ୍ତ-୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଛି। ଜଣେ ଛାତ୍ରଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି।**

ବାରିପଦା/କୁଳିଅଣା,୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ଆଦିକନ୍ଦ ସାହୁ)

### ପ୍ରେମ ବ୍ୟାପାରକୁ ନେଇ ଚର୍ଚ୍ଚା

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ (ବିବି) ମହାବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ଛୁରା ମାଡ଼ରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ର ଜଣକ ହେଲେ କୁଳିଅଣା ଥାନା ଅଧୀନ ତିଳକଗଡ଼ିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣି(୧୭)। ସେ ଉକ୍ତ କଲେଜର ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ର। କଲେଜ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦାସ୍ଥିତ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ବାରିପଦା ସଦର ଥାନା ଅଞ୍ଚଳର। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ବେଳେ ବ୍ୟବହୃତ ଛୁରିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୦୮/୨୫) ରୁଜୁ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ଛୁରାମାଡ଼ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ପୋଲିସ ସୂଚନା ଅନୁଯାୟୀ, ୨ ଛାତ୍ରଙ୍କ ମଧ୍ୟରେ କିଛି ଦିନ ହେଲା ତିକ୍ତତା ଲାଗିରହିଥିଲା। ସୋମବାର ମଧ୍ୟାହ୍ନ ୧୨ଟା୩୦ ମିନିଟ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ଏକ ଛୁରିରେ ପ୍ରହ୍ଲାଦଙ୍କ ପେଟକୁ ଭୁସିଦେବାରୁ ତାଙ୍କ ଅନ୍ତବୁଜୁଳା ପଦାକୁ ବାହାରି ଆସିଥିଲା। କଲେଜ କର୍ତ୍ତୃପକ୍ଷ ଆକ୍ରମଣକାରୀ ଛାତ୍ରଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ତଦନ୍ତକାରୀ ଅଫିସର ଏସ୍ଆଇ ପ୍ରକାଶ କୁମାର ଗୋସ୍ୱାଇଁ ସଦଳବଳ ପହଞ୍ଚି ଆକ୍ରମଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିବା ସୂଚନା ମିଳିଛି।

## ମାଲକାନଗିରି: ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍, ମଦଦୋକାନ ବନ୍ଦ

**ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା**

ଏମ୍‌ଭି-୨୬ରେ ଜାଳିଦେଲେ ୫୦ ଘର, ପୋଲିସ ଛାଉଣି

ମାଲକାନଗିରି/କୋରୁକୋଣ୍ଡା,୮।୧୨
(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଭୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା ପରେ ଉତ୍ତେଜନା ତୀବ୍ର ହେବାରେ ଲାଗିଛି। ଏହାକୁ ନେଇ ରାଖେଲଗୁଡ଼ା ଏବଂ ଏମ୍‌ଭି -୨୬ ଗ୍ରାମ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ରବିବାର ଜିଲାପାଳଙ୍କ ସହ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣାଧୀନ କରିଥିବା ବେଳେ ସୋମବାର ପୁଣି ଉତ୍ତେଜନା ବଢ଼ିଛି। ଗୋଟିଏ ଗୋଷ୍ଠୀର ଲୋକ ରାଖେଲଗୁଡ଼ା ନଦୀକୂଳରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକତ୍ରିତ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମାଲକାନଗିରି ସଦର ମହକୁମାରେ ☞ପୃଷ୍ଠା-୪

### ବିଧାନସଭା ସରଗରମ

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

ମାଓପ୍ରବଣ ମାଲକାନଗିରି ଜିଲାରେ ସରକାରଙ୍କ ଅବହେଳାରୁ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ସରକାରଙ୍କୁ ଟାର୍ଗେଟ କରାଯାଇଛି। ବିଧାନସଭାରେ ସୋମବାର ଶୂନ୍ୟକାଳରେ ବିରୋଧୀଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ମାଲକାନଗିରିରେ କିଛିଦିନ ମଧ୍ୟରେ ☞ପୃଷ୍ଠା-୪



ଏମ୍‌ଭି-୨୬ ଗାଁରେ ଆନ୍ଦୋଳନକାରୀ ଜଣଙ୍କ ଘରେ ନିଆଁ ଲଗାଇଦେଇଛନ୍ତି।

### ଆଜିର ସମ୍ପାଦକୀୟ

**ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ**


## ୪୨ବର୍ଷ ପରେ ମନ୍ଦିରକୁ ଫେରିବ ବିରଳ ପ୍ରାଚୀନ ମୂର୍ତ୍ତି

ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇ ଦୀର୍ଘ ୪୨ବର୍ଷ ସିବିଆଇ ମାଲଖାନାରେ ଥିବା ୧୨ ବିରଳ ପ୍ରାଚୀନ ମୂର୍ତ୍ତି ପୁଣି ମନ୍ଦିରକୁ ଫେରିବ। ସୋମବାର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଏଡିଜେ-୩ କୋର୍ଟଙ୍କ ରାୟ ପରେ ମୂର୍ତ୍ତି ଫେରିବା ଆଶା ଉଜ୍ଜୀବିତ ହୋଇଛି। ବିଚାରପତି ହିମାଂଶୁ ମଲ୍ଲିକ ଏ ସମ୍ପର୍କରେ ରାୟ ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ସୋନପୁର ରାଜଉଆସର ଠିକ୍ ସମ୍ମୁଖରେ ଗୋପାଳଜୀ ମନ୍ଦିର ଅବସ୍ଥିତ। ରାଜ ପରିବାରର ଇଷ୍ଟଦେବତା ହେଉଛନ୍ତି ଶ୍ରୀଗୋପାଳଜୀ ଠାକୁର। ଦେଶ ସ୍ୱାଧୀନ ହେଲା ପରେ ରାଜ ଶାସନ ଅବସାନ ପରେ ମନ୍ଦିରଗୁଡିକର ଦାୟିତ୍ୱ ସରକାର ନେଇଥିଲେ। ତେବେ ୧୯୮୨ ମସିହାରେ ମନ୍ଦିରରୁ ବହୁମୂଲ୍ୟ ପ୍ରାଚୀନ ରାଧା, ଗୋପାଳଜୀ, ଗରୁଡଙ୍କ ସମେତ ୯ଗୋଟି ପାର୍ଶ୍ୱ ଦେବତା ଏପରି ମୋଟ ୧୨ମୂର୍ତ୍ତି ଚୋରି ହୋଇଥିଲା। ସେହିବର୍ଷ ଦିଲ୍ଲୀ ବିମାନ ବନ୍ଦରଠାରେ ସିବିଆଇ ଦ୍ୱାରା ଚୋର ଧରାପଡିଥିଲେ। ଚାନ୍ଦିନିଚୌକର ଫତେପୁରୀ ନିକଟରୁ ସିବିଆଇ ମୂର୍ତ୍ତିଗୁଡ଼ିକ ଜବତ କରିଥିଲା। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରୁ ଚୋରି ମୂର୍ତ୍ତିଗୁଡ଼ିକ ଚିହ୍ନଟ ହୋଇଥିଲା। ମୂର୍ତ୍ତିଗୁଡ଼ିକ ସେବେଠାରୁ ଭୁବନେଶ୍ୱରସ୍ଥିତ ସିବିଆଇ ମାଲଖାନାରେ ଆସି ରହିଥିଲା। ବିଭିନ୍ନ ସମୟରେ ଏସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉ ନ ଥିଲା। ମନ୍ଦିର କମିଟି ପକ୍ଷରୁ ମୂର୍ତ୍ତିଗୁଡ଼ିକୁ ସ୍ୱମନ୍ଦିରକୁ ଫେରାଇ ଆଣିବା ପାଇଁ ଉଦ୍ୟମ ହୋଇଥିଲା। ☞ପୃଷ୍ଠା-୪

### ଉଦ୍ଧାର ପରେ ସିବିଆଇ ମାଲଖାନାରେ ରହିଛି




ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିର

## ଓଡ଼ିଶା ଯୋଜନାକୁ ସୀମାନ୍ତବର୍ତ୍ତୀ ୭ ଗାଁର ବର୍ଜନ ନିଷ୍ପତ୍ତି

**ଓଡ଼ିଶା ସୀମାନ୍ତବର୍ତ୍ତୀ କେତେକ ଅଞ୍ଚଳକୁ ନିଜର ଦର୍ଶାଇବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଦୀର୍ଘବର୍ଷ ହେଲା ଅନେକ ଷଡ଼ଯନ୍ତ୍ର କରିଆସୁଛନ୍ତି। ଏହାର ବହୁ ଉଦାହରଣ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନେ କୋଟିଆ ପଞ୍ଚାୟତ ଅଧୀନ ୭ ଗ୍ରାମର ଲୋକଙ୍କୁ ମେଳି କରି ଓଡ଼ିଶା ବିରୋଧୀ ମନୋଭାବ ସୃଷ୍ଟି କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚଳାଇଛନ୍ତି। ସେହି ଏଜେଣ୍ଟମାନଙ୍କ କଥାରେ ପଡ଼ି ୭ ଗ୍ରାମର ଲୋକେ ଓଡ଼ିଶାର ସରକାରୀ ଯୋଜନା ଗ୍ରହଣ ନ କରିବାକୁ ସୋମବାର ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏନେଇ ବ୍ଲକ ଓ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ।**

ପଟ୍ଟାଙ୍ଗି,୮।୧୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଏକ ସ୍ଥାନରେ ୭ ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇ ସୋମବାର ଏକ ବୈଠକ କରିଛନ୍ତି। ଓଡ଼ିଶାର ସମସ୍ତ ସରକାରୀ ଯୋଜନା ଗ୍ରହଣ ନ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ଏ କ୍ଷେତ୍ରରେ କୌଣସି ଆଗ୍ରହ ପ୍ରକାଶ କରି ନ ଥିବା ଜଣାପଡ଼ିଛି।

ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନଙ୍କ ନେତୃତ୍ୱରେ ଫାଟୁସିନେରୀ, ଫଗୁଣସିନେରୀ, ସଲପଗୁଡ଼ା, ହରମାଣ୍ଡାଙ୍ଗି, କଣାଦୋରା, ତଳଗଞ୍ଜେଇପଦର ଓ ଢୋଲିଆମ୍ବ ଆଦି ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇଛନ୍ତି। ନଭେମ୍ବର ୨୫ରେ ଆନ୍ଧ୍ରର କୃଷି ବିଭାଗର କେତେଜଣ ଅଧିକାରୀଙ୍କ ଦ୍ୱାରା ହରମାଣ୍ଡାଙ୍ଗି, ଫାଟୁସିନେରୀ ଓ ଢୋଲିଆମ୍ବ ଆଦି ଗ୍ରାମରେ ହେଉଥିବା ସର୍ଭେକୁ ପଟ୍ଟାଙ୍ଗି

### ଆନ୍ଧ୍ରର ଚକ୍ରାନ୍ତ

ବ୍ଲକ୍ ପ୍ରଶାସନ ବନ୍ଦକରି ସର୍ଭେ କାଗଜକୁ ଜବତ କରିଥିଲା। ଏହାକୁ ବୈଠକରେ ବିରୋଧ କରାଯାଇଛି। ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା ତଥା ଶିକ୍ଷା, ଭତ୍ତା ଆଦି ବ୍ୟବସ୍ଥାକୁ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଲାଗିଥିବା ଓଡ଼ିଶାର ନାମଫଳକକୁ ଭାଙ୍ଗିଦେଇ ଘୋର ପ୍ରତିବାଦ କରାଯାଇଥିଲା। ବୈଠକ କରିବା ପୂର୍ବରୁ ଫାଟୁସିନେରୀରେ ଅବସ୍ଥିତ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟକୁ ଅଭିଭାବକମାନେ କୌଣସି ପିଲାଙ୍କୁ ଛାଡ଼ି ନ ଥିଲେ। ଏହି ସ୍କୁଲକୁ ପିଲାଙ୍କୁ ନ ଛାଡ଼ିବାକୁ ଆନ୍ଧ୍ରର ଏଜେଣ୍ଟମାନେ ସେମାନଙ୍କୁ ବୁଝାଇଲେ। ଗ୍ରାମବାସୀଙ୍କ ବୈଠକ ନେଇ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଅବଗତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା।


ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ସୀମାନ୍ତ ଉପରସେମ୍ଳିଗ୍ରାମରେ ଓଡ଼ିଶା ପକ୍ଷରୁ ଅଙ୍ଗନୱାଡ଼ି କେନ୍ଦ୍ର ଆରମ୍ଭ କରାଯାଇଥିଲା। ଓଡ଼ିଶାର ଏହି ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଗ୍ରାମବାସୀ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ମଧ୍ୟ ବାରଣ କରାଯାଇଛି। ତେବେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଅଙ୍ଗନୱାଡ଼ି କର୍ମୀ ଓ ଶିକ୍ଷକ ନିୟମିତ ଗ୍ରାମରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ଅଛି। ଏ ନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏ ବିଷୟରେ ଜିଲାପାଳ ମନୋଜ ସତ୍ୟବାନ ☞ପୃଷ୍ଠା-୪

# ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

## ଗାନ୍ଧିଜୀଙ୍କ ଇଚ୍ଛାକୁ ବଦଳାଇଥିଲା କଂଗ୍ରେସ: ମୋଦି

## ପ୍ରଧାନମନ୍ତ୍ରୀ ଇତିହାସ ବଦଳାଇବାକୁ ଚାହୁଁଛନ୍ତି: କଂଗ୍ରେସ

ନୂଆଦିଲ୍ଲୀ,୮।୧୨(ପି.ଟି.)




ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭାଗ ନେଇଛନ୍ତି।

ସାମାଜିକ ସୌହାର୍ଦ୍ଦ୍ୟ ନାମରେ କଂଗ୍ରେସ ଜାତୀୟ ଗାନ ବନ୍ଦେ ମାତରମ୍‌କୁ ଖଣ୍ଡ ଖଣ୍ଡ କରିଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅଭିଯୋଗ କରିଛନ୍ତି। ଏହି ଦଳ ଏବେ ବି ତୁଷ୍ଟୀକରଣ ରାଜନୀତି କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକ ସଭାରେ ବିତର୍କ ଆରମ୍ଭ କରି ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଟାର୍ଗେଟ କରିଛନ୍ତି। ବନ୍ଦେ ମାତରମ୍ ଗାନ ମୁସଲମାନମାନଙ୍କୁ କ୍ରୋଧିତ କରିବ ପ୍ରସ୍ତାବରେ ନେହେରୁ ରାଜି ହୋଇଥିଲେ ବୋଲି ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ଲେଖିଥିବା ପତ୍ରରୁ ଜଣାପଡ଼ିଛି। ଲକ୍ଷ୍ନୌରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ବିକ୍ଷୋଭ ପରେ ନେହେରୁ ଏହି ପତ୍ର ଲେଖିଥିଲେ। ପରେ ବନ୍ଦେ ମାତରମ୍ ଗାନ ବ୍ୟବହାର କରାଯିବା ଉପରେ ସମୀକ୍ଷା ପାଇଁ କଂଗ୍ରେସର ଏକ ଅଧିବେଶନ ବଙ୍ଗରେ ଡକାଯାଇଥିଲା। ଏହା ସତ୍ତ୍ୱେ ବନ୍ଦେ ମାତରମ୍ ସହ କଂଗ୍ରେସ ସାଲିସ କରିଥିଲା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ନାମରେ ଏହାକୁ ଭାଗ ଭାଗ କରିଦିଆଯାଇଥିଲା, ଇତିହାସ ଯାହାର ସାକ୍ଷୀ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତୁଷ୍ଟୀକରଣ ରାଜନୀତିର ଚାପରେ କଂଗ୍ରେସ ଏପରି କରିଥିଲା। ଏହି କାରଣରୁ କଂଗ୍ରେସ ଦେଶ ବିଭାଜନ ଦାବି ନିକଟରେ ମୁଣ୍ଡ ନୁଆଁଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, ବନ୍ଦେ ମାତରମ୍ ଏତେ ଲୋକପ୍ରିୟ ହୋଇଯାଇଛି ଯେ ଜାତୀୟ ସଙ୍ଗୀତ ହେବାକୁ ଯାଉଛି ବୋଲି ମହାତ୍ମା ଗାନ୍ଧୀ ୧୯୦୫ରେ ଲେଖିଥିଲେ। ତେବେ ଏହା ପ୍ରତି କାହିଁକି ଅନ୍ୟାୟ କରାଗଲା ବୋଲି ସେ ବିବ୍ରତ ହୋଇଥିଲେ। ବନ୍ଦେ ମାତରମ୍ ଉପରେ ମହାତ୍ମା ଗାନ୍ଧୀଙ୍କ ଇଚ୍ଛାକୁ ବଦଳାଇଦେବା ପାଇଁ କେଉଁ ଚାପ ଏତେ ଶକ୍ତିଶାଳୀ ଥିଲା ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ବନ୍ଦେ ମାତରମ୍‌ର ନିଷ୍ପକ୍ଷ ମୂଲ୍ୟାୟନ କରିବାର ସମୟ ଆସିଛି। ସମ୍ପୂର୍ଣ୍ଣ ଗାନ ଏବଂ 'ଆନନ୍ଦ ମଠ' ପୁସ୍ତକ କଦାପି ମୁସଲମାନ ବିରୋଧୀ ନ ଥିଲା, ବରଂ ବେଙ୍ଗଲ ନବାବ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଥିଲା। କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଭାରତକୁ ଭାଗ ଭାଗ କରାଇଲା ବୋଲି ରାଜନାଥ ଅଭିଯୋଗ କରିଛନ୍ତି।

ବିତର୍କରେ ଭାଗନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ଇତିହାସର ପୁନର୍ଲିଖନ କରିବାକୁ ଉଦ୍ୟମ କରିବା ସହ ବନ୍ଦେ ମାତରମ୍ ବିତର୍କକୁ ରାଜନୈତିକ ରୂପ ଦେଉଛନ୍ତି ବୋଲି ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି। ଭାଜପା ଯେତେ ଚେଷ୍ଟା କଲେ ମଧ ନେହେରୁଙ୍କ ଅବଦାନ ଉପରେ ଗୋଟିଏ ବି ଦାଗ ଲଗାଇପାରିବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ବନ୍ଦେ ମାତରମ୍‌କୁ ଜାତୀୟ ଗାନ ମାନ୍ୟତା ଦେଇଛି, ତାହା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରସଙ୍ଗରେ ନେହେରୁ ଏବଂ କଂଗ୍ରେସର ନାଁ ନେବା ପ୍ରଧାନମନ୍ତ୍ରୀଙ୍କର ଅଭ୍ୟାସ ବୋଲି ଗୋଗୋଇ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନାରେ ଭାଗନେଇ କହିଛନ୍ତି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଗକୁ ଥିବାରୁ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକରୁ ଦୃଷ୍ଟି ଏଡ଼ାଇବା ପାଇଁ କେନ୍ଦ୍ର ସରକାର ବନ୍ଦେ ମାତରମ୍ ଉପରେ ବିତର୍କ କରାଉଛନ୍ତି। ମୋଦିଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇବା ସହ ତାଙ୍କ ନୀତିଗୁଡ଼ିକ ଦେଶକୁ ଦୁର୍ବଳ କରିଦେଇଥିବା ପ୍ରିୟଙ୍କା କହିଛନ୍ତି। ଭାଜପା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରୁଛି। ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ, ସରକାର ସେମାନଙ୍କ ବିରୋଧରେ ସାନି ଅଭିଯୋଗ ଆଣିବା ପାଇଁ ଏହି ବିତର୍କକୁ ବ୍ୟବହାର କରୁଥିବା ୱାୟନାଡ୍ ଏମ୍‌ପି ଅଭିଯୋଗ କରିଛନ୍ତି।

ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଭାଜପାକୁ ସମାଲୋଚନା କରି କହିଛନ୍ତି, ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ନ ଥିଲେ, ସେମାନେ ଏବେ ବନ୍ଦେ ମାତରମ୍‌ର ମୂଲ୍ୟବୋଧ ଉପରେ ଆଲୋଚନା କରୁଛନ୍ତି। ଜଣକର ବିଶ୍ୱାସକୁ ଅନ୍ୟମାନଙ୍କ ଉପରେ ଲଦିଦେବା ପାଇଁ ଜାତୀୟ ଗାନକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଅଖିଳେଶ କହିଛନ୍ତି। ଡିଏମ୍‌କେ ସାଂସଦ ଏ. ରାଜା କହିଛନ୍ତି, ମୁସଲମାନମାନଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ବନ୍ଦେ ମାତରମ୍‌କୁ ଉପସ୍ଥାପନ କରାଯାଇଥିବାର ଐତିହାସିକ ଦସ୍ତାବିଜରୁ ଜଣାପଡ଼ିଛି। ଏହି ଗୀତକୁ ନେଇ ବିବାଦ ସମ୍ପ୍ରଦାୟ ଦ୍ୱାରା କରାଯାଇ ନ ଥିଲା, ବରଂ ଏହାକୁ 'କେବଳ ହିନ୍ଦୁ' ସଙ୍ଗୀତ ଭାବେ ପ୍ରସ୍ତୁତ କରିଥିବା ଲୋକଙ୍କ ଦ୍ୱାରା ହୋଇଥିଲା ବୋଲି ରାଜା କହିଛନ୍ତି।

## କାମ୍ବୋଡିଆ ସୀମାରେ ଥାଇଲାଣ୍ଡର ଏୟାରଷ୍ଟ୍ରାଇକ୍

ବ୍ୟାଙ୍କକ୍,୮।୧୨

କାମ୍ବୋଡିଆର ବିବାଦୀୟ ସୀମାରେ ଥାଇଲାଣ୍ଡ ଏୟାରଷ୍ଟ୍ରାଇକ୍ କରିଥିବା ଥାଇ ମନ୍ତ୍ରଣାଳୟ ସୋମବାର କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାକୁ ଉଭୟ ଉଲ୍ଲଂଘନ କରିଥିବା ନେଇ ପରସ୍ପରକୁ ଦୋଷାରୋପ କରିଛନ୍ତି। ସାନି ସଂଘର୍ଷରେ ଥାଇଲାଣ୍ଡର ଜଣେ ସୈନ୍ୟ ନିହତ ହେବା ସହ ୪ ଜଣ ଆହତ ହୋଇଛନ୍ତି। ପୂର୍ବଭାଗରେ ଥିବା ଉବୋନ୍ ରାଟ୍‌ଚାଥାନି ପ୍ରଦେଶର ୨ଟି ସ୍ଥାନରେ ସଂଘର୍ଷ ଘଟିଥିଲା ବୋଲି ଥାଇଲାଣ୍ଡ ସେନା ପକ୍ଷରୁ କୁହାଯାଇଛି। ଏହାର ଜବାବ ଦେବାକୁ ଯାଇ ଥାଇଲାଣ୍ଡ କାମ୍ବୋଡିଆର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଛି। ଅନ୍ୟପକ୍ଷରେ କାମ୍ବୋଡିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ରବିବାର ଦିନ ତମାମ ଉତ୍ତେଜନା ଲାଗିରହିବା ପରେ ଭୋର ସମୟରେ ଥାଇଲାଣ୍ଡ ୨ଟି ସୀମାନ୍ତ ଅଞ୍ଚଳରେ ଆକ୍ରମଣ କରିଥିଲା। ତେବେ କାମ୍ବୋଡିଆ ସୈନ୍ୟ ପ୍ରତିଆକ୍ରମଣ କରିନାହାନ୍ତି। ଥାଇଲାଣ୍ଡ ସେନା କହିବା ଅନୁଯାୟୀ, କାମ୍ବୋଡିଆ ସୈନ୍ୟ ଥାଇଲାଣ୍ଡର ଜନବସତି ଅଞ୍ଚଳକୁ ଟାର୍ଗେଟ କରି ବିଏମ୍-୨୧ ରକେଟ ମାଡ଼ କରିଥିଲା। ଏଥିରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ଗତ ଜୁଲାଇରେ ଦୁଇ ପଡୋଶୀ ଦେଶ ମଧ୍ୟରେ ୫ ଦିନ ସଂଘର୍ଷ ଲାଗିରହିବା ସହ ଅନେକ ସୈନ୍ୟ ଓ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ।

## ସଂକ୍ଷେପରେ

### ଜାପାନରେ ୭.୬ ତୀବ୍ରତାର ଭୂକମ୍ପ

#### ସୁନାମି ସତର୍କ ସୂଚନା ଜାରି

ଟୋକିଓ,୮।୧୨

ଜାପାନ ଉପକୂଳରେ ସୋମବାର ୭.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ରାତି ୧୧ଟା ୪୦ ସୁଦ୍ଧା ୩ ମିଟର ଉଚ୍ଚର ସୁନାମି ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଓମୋରି ସହର ନିକଟ ହୋକୋଇଡୋ ଉପକୂଳକରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଉଛି। ଭୂକମ୍ପ ସମୟରେ ଗାଡ଼ିଗୁଡ଼ିକ ଦୋହଲୁଥିବା ଏବଂ ଲୋକେ ଭୟରେ ଘରୁ ବାହାରି ଆସୁଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି।

### କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

#### ଇଣ୍ଡିଗୋ ବିମାନ ସେବା ବିଭ୍ରାଟ

ନୂଆଦିଲ୍ଲୀ,୮।୧୨(ପି.ଟି.)

ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବାରେ ସପ୍ତାହେ ହେଲା ବିଭ୍ରାଟ ଲାଗିରହିଥିବାବେଳେ ଲୋକ ସଭାରେ ବିରୋଧୀ ଦଳ ସୋମବାର ଏହା ଉପରେ ସରକାରଙ୍କ ବିବୃତି ଦାବି କରିଥିଲେ। ବିମାନ ସେବା ବାଧାପ୍ରାପ୍ତ ହେବାରୁ ଦେଶର ବିଭିନ୍ନ ଏୟାରପୋର୍ଟରେ ଅନେକ ହଜାର ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କ'ଣ ପାଇଁ ଏଭଳି ସମସ୍ୟା ଉପୁଜିଲା, ସରକାର ଜଣାନ୍ତୁ ବୋଲି ପ୍ରଶ୍ନୋତ୍ତର କାଳରେ ଗୃହର ଉପନେତା ଗୌରବ ଗୋଗୋଇ କହିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏହା ଉପରେ ସବିଶେଷ ତଥ୍ୟ ଦେବେ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ବିମାନ ସେବାରେ ସଙ୍କଟ ପାଇଁ ଇଣ୍ଡିଗୋ ବିରୋଧରେ ସରକାର ଅତ୍ୟନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମନ୍ତ୍ରୀ ନାଇଡୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଏୟାରଲାଇନ୍ସ ଏହାର କର୍ମଚାରୀ ଏବଂ ଡ୍ୟୁଟି ରୋଷ୍ଟର ପରିଚାଳନା କରିବାରେ ବିଫଳ ହୋଇଛି। ସରକାର ଏହା ଉପରେ ତଦନ୍ତ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ କେବଳ ବର୍ତ୍ତମାନର ସ୍ଥିତି ପାଇଁ ନୁହେଁ ବରଂ ଦୃଷ୍ଟାନ୍ତମୂଳକ ଭାବେ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୋମବାର ଇଣ୍ଡିଗୋର ପ୍ରାୟ ୫୦୦ ବିମାନ ଉଡ଼ାଣ ବାତିଲ ହୋଇଥିବାବେଳେ ୧୩୭ଟି ରୁଟ୍‌ରେ ୧,୮୦୨ ବିମାନ ଉଡ଼ାଣ କରିଛି। ସପ୍ତାହେ ଧରି ବାତିଲ ଓ ବିଳମ୍ବିତ ହୋଇଥିବା ବିମାନ ପାଇଁ ଏୟାରଲାଇନ୍ସ କର୍ତ୍ତୃପକ୍ଷ ସୋମବାର ସୁଦ୍ଧା ଯାତ୍ରୀମାନଙ୍କୁ ମୋଟ ୮୨୭ କୋଟି ଟଙ୍କା ଫେରସ୍ତ କରିଛନ୍ତି। ଏଥିସହିତ ଯାତ୍ରୀମାନଙ୍କୁ ୪,୫୦୦ ବ୍ୟାଗେଜ୍ ଫେରାଇ ଦିଆଯାଇଛି।

### ବାହାବଲପୁରରେ ଜୈଶ, ଲସ୍କର ଆତଙ୍କବାଦୀଙ୍କ ସଭା

ନୂଆଦିଲ୍ଲୀ,୮।୧୨

ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟାଳୟ ଥିବା ପାକିସ୍ତାନର ବାହାବଲପୁରଠାରେ ବହୁ ସଂଖ୍ୟାରେ ଜୈଶ ଏବଂ ଲସ୍କର-ଇ-ତୋଇବା ଆତଙ୍କବାଦୀ ଏକାଠି ହୋଇ ସଭା କରିଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଉଭୟ ସଂଗଠନରୁ ବହୁସଂଖ୍ୟାରେ ଆତଙ୍କବାଦୀ ଯୋଗ ଦେଇଥିଲେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ବାହାବଲପୁର ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା।

# ବଳାତ୍କାର ମାମଲାରେ ଅଭିନେତା ଦିଲୀପ ଦୋଷମୁକ୍ତ



କୋଚି,୮।୧୨

୨୦୧୭ରେ ମାଲୟାଲମ ଚଳଚ୍ଚିତ୍ରର ଜଣେ ଅଭିନେତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିନେତା ଦିଲୀପଙ୍କୁ ଏର୍ନାକୁଲମ୍ ଡିଷ୍ଟ୍ରିକ୍ଟ ଓ ପ୍ରିନ୍ସିପାଲ ସେସନ୍ସ କୋର୍ଟ ଦୋଷମୁକ୍ତ କରିଛନ୍ତି। ଉକ୍ତ ରାୟ ବିରୋଧରେ ଅପିଲ କରିବାକୁ କେରଳ ସରକାର ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ଆଇନମନ୍ତ୍ରୀ ପି. ରାଜୀଭ କହିଛନ୍ତି, ସରକାର ପୀଡ଼ିତାଙ୍କ ପଛରେ ଦୃଢ଼ ଭାବେ ଛିଡ଼ାହେବେ ଏବଂ ତାଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଇବା ଲାଗି ସମସ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ନେବେ। ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍.ଏସ୍ ଓରଫ୍ ପୁଲସାର ସୁନିଙ୍କ ସମେତ ପ୍ରଥମରୁ ଷଷ୍ଠ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀସାବ୍ୟସ୍ତ କରିଥିବାବେଳେ ଉପଯୁକ୍ତ ପ୍ରମାଣ ଅଭାବରୁ ୭ମରୁ ୧୧ତମ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି।

## ରାୟ ବିରୋଧରେ ଅପିଲ୍ କରିବେ କେରଳ ସରକାର

ଦିଲୀପ ଏହି ମାମଲାରେ ଅଷ୍ଟମ ଅଭିଯୁକ୍ତ ଥିଲେ। ରାୟ ପ୍ରକାଶ ପାଇବା ପରେ ଦିଲୀପ କହିଛନ୍ତି, ତାଙ୍କୁ ବଦନାମ କରିବା ସହ କ୍ୟାରିୟର ନଷ୍ଟ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା।

ସୂଚନାଯୋଗ୍ୟ, ୨୦୧୭ ଫେବୃଆରୀ ୧୭ରେ ମାଲୟାଲମ ଚଳଚ୍ଚିତ୍ର ଶିଳ୍ପର ଜଣେ ଖ୍ୟାତନାମା ଅଭିନେତ୍ରୀଙ୍କୁ କେରଳର କୋଚି ନିକଟରେ ଅପହରଣ କରିନିଆଯାଇ ଚଳନ୍ତା କାର୍‌ରେ ବଳାତ୍କାର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦ ବର୍ଷୀୟ ଅଭିନେତ୍ରୀ ବିଳମ୍ବିତ ରାତିରେ ଥ୍ରିସୁରରୁ କୋଚି ଫେରୁଥିବାବେଳେ ଗୋଟିଏ ଗାଡ଼ି ତାଙ୍କ କାର୍‌କୁ ପିଛା କରିଥିଲା। ୨ ଜଣ ବ୍ୟକ୍ତି ତାଙ୍କ କାର୍‌ରେ ପ୍ରବେଶ କରି ଡ୍ରାଇଭରଙ୍କୁ ଧମକ ଦେବା ସହ କୋଚି ଅଭିମୁଖେ ଚଲାଇବାକୁ କହିଥିଲେ। ଅଭିନେତ୍ରୀଙ୍କୁ କାର୍‌ରେ ୨ ଘଣ୍ଟା ପଣବନ୍ଦୀ ରଖାଯାଇ ଯୌନ ନିର୍ଯାତନା ଦିଆଯାଇଥିଲା। ଅପରାଧୀମାନେ ଅଭିନେତ୍ରୀଙ୍କୁ ବ୍ଲାକ୍‌ମେଲ୍ କରିବା ପାଇଁ ତାଙ୍କ ଫଟୋ ନେଇଥିଲେ। ପୀଡ଼ିତା ଅଭିନେତ୍ରୀ ନିର୍ଦ୍ଦେଶକଙ୍କ ଘରେ ପହଞ୍ଚିବା ପରେ ସେ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଦିଲୀପଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଦିଲୀପ ଅପରାଧର ମାଷ୍ଟରମାଇଣ୍ଡ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।

# ଭାରତରେ ବାକ୍ ସ୍ୱାଧୀନତା ବିପଦରେ: ରଶ୍‌ଦି

ନୂଆଦିଲ୍ଲୀ,୮।୧୨

ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଭାରତରେ ବାକ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ସ୍ୱାଧୀନତା ବିପଦରେ ଥିବା ନେଇ ଖ୍ୟାତନାମା ଲେଖକ ସଲମାନ ରଶ୍‌ଦି ସତର୍କ କରାଇଛନ୍ତି। ଏହି ଭାରତୀୟ-ବ୍ରିଟେନ୍ ଔପନ୍ୟାଶିକଙ୍କ ପୁସ୍ତକ 'ସାଟାନିକ୍ ଭର୍ସେସ'କୁ ଇସ୍‌ଲାମୀୟ ଚାପରେ କଂଗ୍ରେସ ନେତୃତ୍ୱାଧୀନ ସରକାର ଭାରତରେ ନିଷେଧ କରିଥିଲା। ମୋଦିଙ୍କ ଭାରତରେ ହିନ୍ଦୁ ଜାତୀୟତାବାଦ ବଢ଼ିବା ସହ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରାଯାଉଥିବାରୁ ରଶ୍‌ଦି ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୨୫ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୧ତମ ର୍ୟାଙ୍କ୍‌ରେ ରହିଛି। ପୂର୍ବବର୍ଷ ଏହା ୧୫୯ତମ ସ୍ଥାନରେ ରହିଥିଲା। ତେବେ ଏଥିରେ ପାଶ୍ଚାତ୍ୟ ପକ୍ଷପାତିତା ଥିବା ଦର୍ଶାଇ ଭାରତୀୟ ନେତାମାନେ ଉକ୍ତ ର୍ୟାଙ୍କିଙ୍ଗ୍‌କୁ ସମାଲୋଚନା କରିଥିଲେ। ବାକ୍ ସ୍ୱାଧୀନତା ପାଇଁ ବହୁ ଦଶନ୍ଧି ଧରି ଲଢ଼େଇ କରିଆସୁଥିବା ରଶ୍‌ଦିଙ୍କୁ ୨୦୨୨ରେ ନ୍ୟୁୟର୍କରେ ମରଣାନ୍ତକ ଆକ୍ରମଣ ହୋଇଥିଲା, ଯେଉଁଥିରେ ସେ ଗୋଟିଏ ଆଖି ହରାଇଥିଲେ।

# କାଗଜକଲମରେ ପରୀକ୍ଷା ପାଇଁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୮।୧୨(ପି.ଟି.)

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ଲିକ୍ ଭଳି ସମସ୍ୟା ଲାଗିରହିଥିବାରୁ ସଂସଦୀୟ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବହୁବର୍ଷ ହେଲା ସିବିଏସ୍‌ଇ ଏବଂ ୟୁପିଏସ୍‌ସି ଭଳି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ରୁ ମୁକ୍ତ ରହିଥିବାରୁ କାଗଜକଲମରେ ପରୀକ୍ଷା କରାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି କମିଟି ସୁପାରିସ କରିଛି। ଗତବର୍ଷ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ର ପ୍ରଦର୍ଶନ ଆତ୍ମବିଶ୍ୱାସକୁ ଯଥେଷ୍ଟ ପ୍ରେରିତ କରି ନ ଥିବା କମିଟି କହିଛି।

କଂଗ୍ରେସ ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉଲ୍ଲେଖ କରିଛି, କେବଳ ୨୦୨୪ରେ ଏନ୍‌ଟିଏ ଦ୍ୱାରା ୧୪ଟି ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଇଥିଲା। ପେପର ଲିକ୍ ଯୋଗୁ ୟୁଜିସି-ନେଟ୍, ସିଏସ୍‌ଆଇଆର୍-ନେଟ ଏବଂ ଏନ୍‌ଇଇଟି-ପିଜି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ସିୟୁଇଟି (ୟୁଜି/ପିଜି)ରେ ଫଳାଫଳ ସ୍ଥଗିତ ରହିଥିଲା। ସେହିପରି ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାରେ ୧୨ଟି ପ୍ରଶ୍ନରେ ତ୍ରୁଟି ଥିବାରୁ ସେଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଥିଲା ବୋଲି ଶିକ୍ଷା, ମହିଳା ଓ ଶିଶୁ ଏବଂ ଯୁବ ଓ କ୍ରୀଡ଼ା ସମ୍ପର୍କିତ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଛି। ତେଣୁ ଏନ୍‌ଟିଏ ତୁରନ୍ତ ସେଗୁଡ଼ିକୁ ସୁଧାରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ, ଯେପରି ଭବିଷ୍ୟତରେ ଏଭଳି ସମସ୍ୟା ଦେଖାଦେବ ନାହିଁ ବୋଲି କମିଟି ସୁପାରିସ କରିଛି।





# ଶୁଭାଙ୍ଗୀ ଦତ୍ତଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର

## ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ



ନୂଆଦିଲ୍ଲୀ

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସେ ଅନୁପମ ଖେର୍‌ଙ୍କ ନିର୍ଦ୍ଦେଶିତ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ସ୍କ୍ରିନ୍‌ପ୍ଲେ ପୁରସ୍କାର ମିଳିଛି। ଉକ୍ତ ଚଳଚ୍ଚିତ୍ରର କାହାଣୀ ଅନୁପମ ଅଭିଷେକ ଦୀକ୍ଷିତ ଏବଂ ଅଙ୍କୁର ସୁମନ ଲେଖିଥିଲେ। ଗତ ଶନିବାର ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଚର୍ଚ୍ଚା ହୋଇଥିବାରୁ ଶୁଭାଙ୍ଗୀ ଏଥିପାଇଁ ଦର୍ଶକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତନଭି ଚରିତ୍ରରେ ଅଭିନୟ କରିଥିବା ଶୁଭାଙ୍ଗୀ ପୁରସ୍କାର ପାଇଥିବାରୁ ଅତ୍ୟନ୍ତ ସ୍ୱତନ୍ତ୍ର ଅନୁଭବ କରୁଥିବା କହିଛନ୍ତି। ଅନୁପମ ଖେର୍ ତାଙ୍କ ଉପରେ ବିଶ୍ୱାସ ରଖିବା ସହ ଗାଇଡ୍ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ଆମର ସମ୍ପୂର୍ଣ୍ଣ ଟିମ୍ ପାଇଁ ବୋଲି ଏକ ବିବୃତିରେ ଶୁଭାଙ୍ଗୀ କହିଛନ୍ତି।




# ଆଖି ବୁଜିଲେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ

ରାଉରକେଲା, ୮।୧୨(ସଙ୍ଗୀତା ଜେନା)

ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଶୁକ୍ରବାର ଆତ୍ମାହୁତି ଉଦ୍ୟମ କରିଥିବା ରାଜଗାଙ୍ଗପୁର ସରବତୀ ମହିଳା କଲେଜର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ (୧୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଇଜିଏଚ୍‌ରେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ମୃତା ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦାବି କରି ହସ୍ପିଟାଲ ପରିସରରେ ସାମାଜିକ କର୍ମୀ ରଶ୍ମୀ ଏକ୍କା, ଶିଲ୍ପା ଏକ୍କା ଏବଂ ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ମୃତାଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ସହାୟକ ତହସିଲଦାର (ମାଜିଷ୍ଟ୍ରେଟ୍) କିରଣ କୁମାର ସୋରେନ, ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସମାଦ ପ୍ରମୁଖ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଥମ ପର୍ଯ୍ୟାୟରେ

## ୪ ଲକ୍ଷ ଟଙ୍କା, ଚାକିରି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ


ଆଇଜିଏଚ୍ ପରିସରରେ ଛାତ୍ରୀଙ୍କ ପରିବାର ଲୋକେ ଧାରଣା ଦେଇଛନ୍ତି।

ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ପରବର୍ତ୍ତୀ ସମୟରେ ୪ଲକ୍ଷ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନ ୩ଟାରେ ଆଇଜିଏଚ୍ ମର୍ଗ ହାଉସକୁ ବ୍ୟବଚ୍ଛେଦ ପାଇଁ ମୃତଦେହ ନିଆଯାଇଥିଲା। ସନ୍ଧ୍ୟା ୫ଟାରେ ଲାଞ୍ଜିବେର୍ନାଠାରେ ଛାତ୍ରୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

ସୂଚନାଯୋଗ୍ୟ, ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଉକ୍ତ ଛାତ୍ରୀ ଶୁକ୍ରବାର ରାତିରେ କିରୋସିନ୍ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ପ୍ରାୟ ୯୨ ପ୍ରତିଶତ ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ରବିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଦିନିକିଆ ରାଉରକେଲା ଗସ୍ତ ଅବସରରେ ଆଇଜିଏଚ୍ ବର୍ନ ସେଣ୍ଟରକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମନ୍ତ୍ରୀ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ପରାମର୍ଶ କରିଥିଲେ। ଅବସ୍ଥା ସାମାନ୍ୟ ସୁଧୁରିଲେ ଉକ୍ତ ଛାତ୍ରୀଙ୍କୁ ଏୟାରଲିଫ୍ଟ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ ନାବାଳିକାଙ୍କୁ ଉତ୍ପୀଡ଼ନ କରିଥିବା ଯୁବକଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

# ହାତୀ ଆକ୍ରମଣରେ ଯୁବକ ମୃତ

ଚମ୍ପୁଆ,୮।୧୨(ମହେଶ୍ୱର ଦାସ)

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନର ଉଇବାଲିଠାରେ ସୋମବାର ଦ୍ୱିପ୍ରହରରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଣ୍ଡାବାଙ୍କ ସାହିର ମନୋଜ ମହାନ୍ତଙ୍କ ପୁଅ ସମରେନ୍ଦ୍ର ମହାନ୍ତ(୧୮)। ସମରେନ୍ଦ୍ର କୌଣସି କାମରେ ଉଇବାଲି ଯାଉଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ଚମ୍ପୁଆ ରେଞ୍ଜରେ ୩୭ଟି ହାତୀ ରହିଥିବା ବେଳେ ଉଇବାଲିଠାରେ ୩ ଗୋଟି ହାତୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୃତ ସମରେନ୍ଦ୍ରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସିଏଫ ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି।

# ୧୦ ଡିଗ୍ରୀ ତଳେ ୧୦ ସହର

## ଦ୍ୱିତୀୟ ଦିନ ପାଇଁ ଜି. ଉଦୟଗିରି ସବୁଠୁ ଥଣ୍ଡା

ଭୁବନେଶ୍ୱର, (ବନ୍ଦନା ସେଠୀ)/ ଜି. ଉଦୟଗିରି, ୮।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଡ଼ ଥରାଇଦେବା ଭଳି ଶୀତ ଜାରି ରହିଛି। କନ୍ଧମାଳ ଜିଲାର ଜି. ଉଦୟଗିରିଠାରେ ଲଗାତାର ଦ୍ୱିତୀୟଦିନ ପାଇଁ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୪.୩ ଡିଗ୍ରୀକୁ ଖସି ଆସିଥିବାବେଳେ ଗ୍ରାମାଞ୍ଚଳରେ ଏହାଠାରୁ ୨/୩ ଡିଗ୍ରୀ କମ୍ ରହୁଥିବାରୁ ଗ୍ରାମୀଣ ଜୀବନଜୀବିକା ପ୍ରଭାବିତ ହୋଇଛି। ବିଶେଷକରି ଶ୍ରମିକ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସ୍ଥାନରେ ଲୋକେ ନିଆଁ ପୁଉଁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଦୁଇ ସହରରେ ତାପମାତ୍ରା ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ କମ୍ ରହିଛି। ଝାରସୁଗୁଡାଠାରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ରହିଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୬.୨ ଡିଗ୍ରୀ କମ୍। ସେହିପରି ଅନୁଗୋଳରେ ନିମ୍ନତମ ତାପମାତ୍ରା ୮.୮ ଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୫.୪ ଡିଗ୍ରୀ କମ୍ ରହିଛି। ସେହିଭଳି ରାଜ୍ୟର ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ଜଣାଯାଇଛି। ସିମିଳିଗୁଡାରେ ୪.୬ ଡିଗ୍ରୀ, ଫୁଲବାଣୀ ୭.୨, ଦାରିଙ୍ଗୀବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, କିରେଇ ୮.୯ ଓ ଭବାନୀପାଟଣାରେ ୯ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଫୁଲବାଣୀରେ ଘନ କୁହୁଡି ଦେଖାଦେଇଥିବାବେଳେ ରାଉରକେଲା, ଭବାନୀପାଟଣା, ଝାରସୁଗୁଡାରେ ସାମାନ୍ୟରୁ ମଧ୍ୟମ କୁହୁଡି ଦେଖାଯାଇଥିଲା। ମଙ୍ଗଳବାର ଓ ବୁଧବାର ଦୁଇଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଘନ କୁହୁଡି ଏବଂ ସୁନ୍ଦରଗଡ, ଅନୁଗୋଳ ଓ ଝାରସୁଗୁଡାରେ ପ୍ରବଳ ଶୀତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଶୀତ ନେଇ ପୂର୍ବାନୁମାନ କରାଯାଇଛି ବୋଲି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ସୁନା ବିସ୍କୁଟ୍ ଲୋଭ ଦେଖାଇ ୪ ଲକ୍ଷ ଠକେଇ: ୬ ଗିରଫ

ନୀଳଗିରି, ୮।୧୨(ପ୍ରଶାନ୍ତ ବିଶ୍ୱାଳ)

## ୩ ଲକ୍ଷ ସହ ୫ ମୋବାଇଲ, ୨ ବାଇକ୍ ଜବତ

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ସୁନା ବିସ୍କୁଟ ପ୍ରଲୋଭନ ଦେଖାଇ ପୁରୀ ବ୍ରହ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୪ଲକ୍ଷ ଟଙ୍କାର ଠକେଇ ହୋଇଥିଲା। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ସୋମବାର ନୀଳଗିରି ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ୨୯ହଜାର ଟଙ୍କା ସହ ୫ ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି। ପୋଲିସ ନକଲି ସୁନା ବିସ୍କୁଟ ଖୋଜୁଛି। ଏହି ୬ ଅଭିଯୁକ୍ତ ହେଲେ ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି, ନୀଳଗିରି, ରେମୁଣା ଓ ସୋର ଥାନା ଅଞ୍ଚଳର।

ଏହି ଗ୍ରୁପ୍ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା। ଅସଲି ସୁନା ବିସ୍କୁଟ ବିକ୍ରି ପ୍ରଲୋଭନରେ କିଛିଦିନ ପୂର୍ବରୁ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଜଣେ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇଥିଲା। ପରେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଜଣଙ୍କ ତାଙ୍କ ସମ୍ପର୍କୀୟ ଶାଳକଙ୍କୁ ପଠାଇ ସୁନାର ଗୁଣ୍ଡ ନେଇଥିଲେ। ଏହି ସୁନା ଗୁଣ୍ଡ ଯାଞ୍ଚ ପରେ ଅସଲି ୨୨କ୍ୟାରେଟ୍ ଜାଣିବା ପରେ ସୁନା ବିସ୍କୁଟ ଶସ୍ତାରେ କିଣିବାର ଆଶା ବଢ଼ିଥିଲା। ସୁନା ବିସ୍କୁଟ ବିକ୍ରିର ବିଶ୍ୱାସ ଜନ୍ମାଇବା ପରେ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଡିଲ୍ ହୋଇଥିଲା। ଶସ୍ତାରେ ସୁନା ବିସ୍କୁଟ କିଣିବା ପାଇଁ ରବିବାର ସକାଳେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଓ ତାଙ୍କ ଶାଳକ ନିଜ ମାରୁତି କାର୍(ନଂ. ଓଡ଼ି୩୩ଡ଼ି-୪୯୮୮)ରେ ନଗଦ ୪ଲକ୍ଷ ଟଙ୍କା ଧରି ସନ୍ତରାଗଡ଼ିଆ ବଜାର ଅଞ୍ଚଳରେ ପହଞ୍ଚି ବିକ୍ରେତାଙ୍କ ସହ ଯୋଗାଯୋଗ କରିଥିଲେ। ସୁନା ବିକ୍ରେତା ଯୁବକମାନେ ପୂର୍ବ ପ୍ରସ୍ତୁତି ଅନୁସାରେ ଅତି ଚତୁରତାର ସହ ଈଶ୍ୱରପୁର ଫାଣ୍ଡି ଅଧୀନ ଏକ ନିଛାଟିଆ ଜାଗାକୁ ଡକାଇଥିଲେ। ଆସିଥିବା ଶାଳକ ଭିଣୋଇଙ୍କ ବ୍ୟାଗ୍‌ରେ ରଖିଥିବା ୪ଲକ୍ଷ ଟଙ୍କା ଖୋଲୁଥିବା ବେଳେ ଅନ୍ୟ ୪ଜଣ ଦୁଇଟି ବାଇକ୍‌ରେ ନକଲି ପୋଲିସ ବେଶରେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧମକ ଚମକ ଦେବା ସହ ନଗଦ ୪ଲକ୍ଷ ଟଙ୍କା ଓ ଶାଳକ ପିନ୍ଧିଥିବା ଏକ ସୁନାଚେନକୁ ନେଇ ୬ଜଣ ଯାକ ଫେରାର ହୋଇଯାଇଥିଲେ। ଶେଷରେ ସମ୍ପୃକ୍ତ ବ୍ୟକ୍ତି ନିରୁପାୟ ହୋଇ ରବିବାର ରାତିରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୫୨୦/୨୫) ରୁଜୁ କରିଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଷ୍ଟରମାଇଣ୍ଡ ସହ ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ପୁରୀ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକତା କରୁଥିବା ଭିଣୋଇ ଓ ତାଙ୍କ ଶାଳକଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ: ଆଉ ୩ ଦିନ ବଢ଼ିଲା

କଟକ,୮।୧୨(କାର୍ତ୍ତିକ ସାହୁ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ପାଇଁ ଆଉ ୩ ଦିନ ଅଧିକ ସମୟ ବଢ଼ାଇ ଦିଆଯାଇଛି। ସମଗ୍ର ରାଜ୍ୟରୁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ଅନୁରୋଧକ୍ରମେ ପୁଣି ଡିସେମ୍ବର ୮ରୁ ୧୦ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନ୍‌ଲାଇନ୍ ଫର୍ମ ପୂରଣ ପାଇଁ ସୁଯୋଗ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଉପଲବ୍ଧ ଲିଙ୍କ୍‌ରେ ଫର୍ମ ପୂରଣ କରାଯିବ। ଏହାପରେ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ଦେଉଳସାହି, ସମୟ: ମଧ୍ୟାହ୍ନ ୧୨ଟା ୧୫।
- କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ଓ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉଗରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ନାଟ୍ୟ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ସମ୍ମାନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ-୨୦୨୫, ସ୍ଥାନ: ଇମାମୀ ଜଗନ୍ନାଥ ମନ୍ଦିର ପରିସର, ବାଲଗୋପାଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଓଡ଼ିଶା ଶିକ୍ଷା ବିକାଶ ପରିଷଦ ପକ୍ଷରୁ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର, ଆରଡ଼ି, ସମୟ: ସକାଳ ୯ଟା।
- କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ବ୍ଲକ୍‌ସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ, ସ୍ଥାନ: ରିଜିଓନାଲ ଉଚ୍ଚ ବାଳିକା ବିଦ୍ୟାଳୟ, ପୁରୁଣା ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଆଦିବାସୀ ସୁପରଷ୍ଟାର କଳ୍ପନା ହାଁସଦାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

**ଅନୁଗୋଳ**
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା, ସ୍ଥାନ: ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଜଗତ୍‌ସିଂହପୁର**
- ମଣି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ଦୁର୍ନୀତି ନିବାରଣ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ଭିଜିଲାନ୍ସ ବିଭାଗ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଘୋଡ଼ଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡ଼ଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର/ ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ସୁନାଖଳା ମହୋତ୍ସବର ୨ୟ ଦିବସ, ସ୍ଥାନ: ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି-୨୦୨୫, ସ୍ଥାନ: କଲ୍ୟାଣସିଂହପୁର ରଥ ପଡିଆ, ସମୟ: ସକାଳ ୭ ଟା।

**କୋରାପୁଟ**
- ପରବ ନେଇ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: କୋରାପୁଟ ସାଂସ୍କୃତିକ ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ସମ୍ବଲପୁରୀ ବହି ହାଟ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ଅଭିନୟ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ବ୍ଲକସ୍ତରୀୟ ଯୁବ ମହୋତ୍ସବ-୨୦୨୫, ସ୍ଥାନ: ବ୍ଲକ ପରିସର, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି କଲେଜ, ସମୟ: ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏଆଇ ହାକାଥନ୍, ସ୍ଥାନ: ଏନ୍‌ଆଇଟି, ସମୟ : ସକାଳ ୯ଟା।
- ଦ୍ୱିଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ପିଏମ୍ ଶ୍ରୀ ଶିକ୍ଷକ ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ଜିଲାସ୍ତରୀୟ ଯୁବ ଉତ୍ସବ ଉପଲକ୍ଷେ ଗଳ୍ପ, ପଦ୍ୟ ଲିଖନ ପ୍ରତିଯୋଗିତା, ସ୍ଥାନ: ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ,ବରଗଡ଼, ସମୟ: ସକାଳ ୯ଟା।
- ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ଓ ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡ଼ିଆ ପଦ୍ମପୁର, ବରଗଡ଼, ସମୟ:ସକାଳ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣା ଏସ୍‌ପି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷ ପ୍ରଣାଳୀ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ୧୦ଟା ୩୦।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ସିଲାଟି ମାର୍କେଟ୍ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୧୭ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ୪ର୍ଥ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୩୦।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ରୁଦ୍ରାଭିଷେକ ପୂଜା, ସ୍ଥାନ: ଲହାବଗା ସ୍ୱପନେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶୁଭଚନ୍ଦ୍ର ପ୍ରଭାବରେ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ର ଭଲ ରହିବ। ପରିବାରର ଆବଶ୍ୟକତାକୁ ଅନୁଭବକରି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ପରାମର୍ଶରେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ବୃଷ**
ଦ୍ୱିତୀୟସ୍ଥ ବୃହସ୍ପତିଙ୍କ ଯୋଗୁ ଆଲୋଚନା ପରିସରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। କେତେକ କ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ମିଥୁନ**
ଧନ ସ୍ଥାନରେ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି ସହ ଲୋକସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରନ୍ତି। କିନ୍ତୁ କର୍ମସ୍ଥ ଶନିଙ୍କ କୁପ୍ରଭାବରୁ ନୀଚଜାତିର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶତ୍ରୁତା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ**
ରାଶି ପ୍ରତି ଚନ୍ଦ୍ର ଓ ମଙ୍ଗଳଙ୍କ ସମ୍ପର୍କ ହେତୁ ସୁସ୍ଥ ରହିବା ସାଙ୍ଗକୁ କଳ୍ପନାବିଳାସୀ ହେବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ମଧ୍ୟ ହେବେ। ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହେବ, ମାତ୍ର ସମସ୍ୟା ଛାଡ଼ିବ ନାହିଁ। ରାହୁ ଓ ରବିଙ୍କ ଦୁର୍ବଳତା ରାଜନୀତିରେ ବିବାଦୀୟ ପରିସ୍ଥିତି ସୃଷ୍ଟିକରିବ।

**ସିଂହ**
ରବିଙ୍କ ଦୁର୍ବଳତା ଦୈହିକ ଦୁର୍ବଳତା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ଦୋଷାରୋପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ପାରିବାରିକ କ୍ଷେତ୍ର ଏବଂ ଜମିଜମା କାରବାର ବୃଦ୍ଧି ପାଇବ। ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ବନ୍ଧୁଙ୍କ ସହାୟତାରେ ବିବାଦୀୟ ପରିସ୍ଥିତିକୁ ସଜାଡ଼ିନେବେ।

**କନ୍ୟା**
ରାଶି ପ୍ରତି ଶନିଙ୍କ ଦୃଷ୍ଟି ଶାରୀରିକ ଓ ମାନସିକ ଅସ୍ଥିରତା ସାଙ୍ଗକୁ ନିରୁତ୍ସାହିତ କରିବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟା ସୁଧାରିନେବେ। କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସହ ଅସୁବିଧା ଥିବା ଅନୁଭବ କରିବେ। ସେବା ଓ ସହଯୋଗ ମନୋଭାବରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା**
ସପ୍ତମାଧିପତି ଧର୍ମଭାବକୁ ଦେଖୁଥିବାରୁ ବୈଷୟିକ ସୁଖସମ୍ପଦ ଓ ପ୍ରୀତିପ୍ରଦ ଜୀବନଯାତ୍ରା ପ୍ରଦାନ କରିବ। ସହକର୍ମୀଙ୍କ ଦ୍ୱନ୍ଦ୍ୱଯୁକ୍ତ କଥାକୁ ଆପଣ ଠିକ୍ ଭାବେ ବୁଝି ପାରିବେନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ଅନୁତାପ କରିପାରନ୍ତି।

**ବିଛା**
ରାଶିକୁ ବୃହସ୍ପତି ଦେଖୁଥିବାରୁ ଗଠନମୂଳକ ଚିନ୍ତାଧାରା ସାମାଜିକ ସମ୍ମାନ ପାଇବାରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରେ ନିଜ ପରିସରର ବ୍ୟକ୍ତିବିଶେଷ କୁତ୍ସାରଟନା କରିପାରନ୍ତି। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କ ସାହାଯ୍ୟ ସ୍ମରଣୀୟ ରହିବ।

**ଧନୁ**
ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ମତକୁ ଉପେକ୍ଷାକରିବା ଠିକ୍ ନ ହୋଇପାରେ। ଉପରିସ୍ଥଙ୍କ ସହ ସୁସମ୍ପର୍କ ଥିବାରୁ ଖଳ ଲୋକଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖୁସି ହେବେ। ଗୁରୁକ୍ଷେତ୍ରସ୍ଥ ଆନୁଷ୍ଠାନିକ କାମରେ ପ୍ରଶଂସିତ କରାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବାର ସୂଚନା ରହିଛି।

**ମକର**
ସପ୍ତମାଧିପତିଙ୍କ ଶୁଭଦୃଷ୍ଟିରୁ ଅଟକି ରହିଥିବା ଅଭିଳାଷଟି ପୂରଣ ହେବାରୁ ଆନନ୍ଦ ଅନୁଭବ କରିବେ। ପାରିବାରିକ ସ୍ଥିତି କେତେକାଂଶରେ ଶାନ୍ତ ରହିବା ସାଙ୍ଗକୁ ବନ୍ଧୁମାନଙ୍କ ଆଦରଣୀୟ ହେବେ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବା ସୂଚନା ରହିଛି। କର୍ମକ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ**
ସାମାନ୍ୟ ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ବିଗିଡ଼ିବା ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ଶୋକାକୁଳ ରହିପାରନ୍ତି। କେତୁଙ୍କ କୁପ୍ରଭାବରୁ ବ୍ୟବସାୟିକ ସ୍ଥିତିର ଦୁରବସ୍ଥା ଦୁଶ୍ଚିନ୍ତାର କାରଣ ହୋଇପାରେ। ସନ୍ତାନଙ୍କ କୃତି ଓ କୃତିତ୍ୱ ଯୋଗୁ ଗୌରବାନ୍ୱିତ ହୋଇପାରନ୍ତି।

**ମୀନ**
ଗୁରୁଙ୍କ ଶୁଭଦୃଷ୍ଟିରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିପାରନ୍ତି। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସଭାସମିତିରେ କୌଣସି ପକ୍ଷକୁ ସମର୍ଥନକରି ବନ୍ଧୁମାନଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

ଆଜି ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ପୌଷ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୩ ମି. ଗତେ, ଘ.୦୬।୫୭ ମଧ୍ୟେ, ଘ.୦୮।୫୬ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୧ ମି. ଗତେ, ଘ.୦୩।୪୨ ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ରୀୟ ଅନୁଦାନ...

ପୂର୍ବର ୨୪ବର୍ଷର ସରକାର କ'ଣ କଲେ ନ କଲେ ତା' ଉପରେ ମୁଁ କିମ୍ବା ଆପଣ କିଛି କହିବା ଆବଶ୍ୟକ ନାହିଁ। ନୀତି ଆୟୋଗ ପ୍ରମାଣପତ୍ର ଦେଇଛନ୍ତି, ପୂର୍ବ ସରକାର ରାଜ୍ୟକୁ ଆର୍ଥିକ ସୁପରିଚାଳନା, ବେକାରି ଦୂରୀକରଣ ଏବଂ ନିରନ୍ତର ବିକାଶ ଲକ୍ଷ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ୨୦୦୦ରେ ରାଜ୍ୟରେ ଦେବାଳିଆ ସ୍ଥିତି ଥିବାବେଳେ ପୂର୍ବ ସରକାର ଏକ ସୁଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରିଥିଲେ।

ସେ କହିଥିଲେ, ୨୦୨୫ ଅକ୍ଟୋବର ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟକୁ ମାତ୍ର ୧୮ ପ୍ରତିଶତ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। ୨୦୨୩-୨୪ରେ ବିଜେଡି ସରକାର ସମୟରେ କେନ୍ଦ୍ର ୨୧ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ ଅକ୍ଟୋବର ସୁଦ୍ଧା ଭାଜପା ସରକାର ସମୟରେ ୨୦୨୪-୨୫ରେ ମାତ୍ର ୧୭ହଜାର କୋଟି ଆସିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାଠାରୁ ଆରମ୍ଭ କରି ଆବାସ ଯୋଜନାରେ ପୂର୍ବବର୍ଷ ତୁଳନାରେ ନଗଣ୍ୟ ହାର ଅନୁଦାନ ମିଳିଛି। ପୂର୍ବ ସରକାର ସମୟରେ ଜିଏସ୍‌ଡିପି ୯ପ୍ରତିଶତ ଥିବାବେଳେ ଏବେ ଏହା ୭.୨ ପ୍ରତିଶତକୁ ଖସିଛି। କୃଷିରେ ୭.୩ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଶିଳ୍ପରେ ୮.୭ରୁ ୬.୧ ପ୍ରତିଶତକୁ କମିଛି। ସେବା କ୍ଷେତ୍ରରେ ମଧ୍ୟ ୧୧.୫%ରୁ ୧୦ପ୍ରତିଶତକୁ ହ୍ରାସ୍ ପାଇଛି। ପୂର୍ବ ସରକାର ଯେଉଁ ରାଜସ୍ୱ ସଂଗ୍ରହ କରୁଥିଲେ ଭାଜପା ସରକାର ସେଥିରେ ମଧ୍ୟ ସକ୍ଷମ ହୋଇପାରିନାହିଁ। ୨୦୨୩ରେ ୬.୯% ଥିବାବେଳେ ଏବେ ଏହା ୬.୨୩%କୁ ଖସିଛି। ଜିଏସ୍‌ଟି କ୍ଷେତ୍ରରେ ଦେଶରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟଠାରୁ ପଛରେ ପଡ଼ିଛି। ରାଜ୍ୟ ସରକାର ଏହା ଉପରେ ଆତ୍ମ ସମୀକ୍ଷା କରନ୍ତୁ। ଖାଲି ଖର୍ଚ୍ଚ କଲେ ଚଳିବନାହିଁ, ସେହି ଅନୁପାତରେ ରୋଜଗାର ସୃଷ୍ଟି କରିବାର ରହିଛି ବୋଲି ପ୍ରସନ୍ନ କହିଥିଲେ।

ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଭାଗ ନେଇ ଆଦିବାସୀଙ୍କୁ ସରକାରଙ୍କ ଅବହେଳାକୁ ନେଇ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର କେବଳ ଲୋକଦେଖାଣିଆ ବଜେଟ କରୁଛନ୍ତି। ମାତ୍ର ଠିକଣା ବାଟରେ ଖର୍ଚ୍ଚ କରିପାରୁ ନାହାନ୍ତି। ମେଡିକାଲରେ ଡାକ୍ତର ନ ଥିବାବେଳେ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ରାଜ୍ୟରେ ମା'ମାନେ ଅସୁରକ୍ଷିତ ରହିଛନ୍ତି। ଆଦିବାସୀମାନେ ନିର୍ଯାତିତ ହୋଇ ରହିଛନ୍ତି। ପେଷା ଆଇନ ସରକାର କାର୍ଯ୍ୟକାରୀ କରୁ ନାହାନ୍ତି। ରାଜ୍ୟରେ ୯୪ ପ୍ରତିଶତ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ରହିଥିଲେ ହେଁ ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକାର ମିଳୁନାହିଁ କହି ସରକାରଙ୍କ ବଜେଟକୁ ବିରୋଧ କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ଆମର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର କହୁଛନ୍ତି ଯେ, ହୁଇସିଲ ମାରିଲେ ବିଜେଡି ଚୂନା ହୋଇଯିବ। ଏକଥା ଏବେ ଧୀରେ ଧୀରେ ସମସ୍ତେ ଜାଣିଗଲେଣି। ଯେଉଁଥିପାଇଁ ବାପା ବିଜେଡିରେ ପୁଅ ଏବେ ଆମ ଦଳରେ। ସେ ବିରୋଧୀଙ୍କ ଜବାବ ଦେଇ କହିଥିଲେ ଯେ, ସବୁ ଘରକୁ ବିଜୁଳି ଯୋଗାଇବାକୁ କହିଥିଲେ, ଶୀତଳ ଭଣ୍ଡାର ନିର୍ମାଣ କରିବେ ବୋଲି କହିଥିଲେ। ହେଲେ କୌଣସିଥିରେ ସରକାର ସଫଳ ହୋଇନାହାନ୍ତି। ଏପରିକି ଚାଷୀଙ୍କ ୧୦୦ଟଙ୍କାର ବୋନସ ଦେବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୋହେଲା ଚାଷୀ ସମାବେଶରେ ଘୋଷଣା କରି ପରେ ଭୁଲି ଯାଇଥିଲେ। ଶିକ୍ଷାର ରୂପାନ୍ତରୀଣ କେବଳ ଠିକାଦାରଙ୍କ ପୋଷିବା ପାଇଁ କରାଯାଇଥିଲା। ପୋଲି ରାଜନୈତିକ ଆକାଂକ୍ଷା ରଖି କାର୍ଯ୍ୟ କରୁଥିଲା। ବିଶ୍ୱରେ ନଗଡା ଓଡ଼ିଶାର ଚିତ୍ରକୁ ନଗ୍ନ କରିଥିଲା। ନୂଆପଡ଼ା ଉପନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଲୋକଙ୍କ ଆଶୀର୍ବାଦ ରହିଛି, ୫୦ବର୍ଷ ଯାଏ ହଟିବୁନି ବୋଲି କହି ଟଙ୍କଧର ବିରୋଧୀଙ୍କ ଉପରେ ବର୍ଷିଥିଲେ।

## ମାଲକାନଗିରି: ୨୪ ଘଣ୍ଟା...

ଏକାଠିହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ମୃତ ମହିଳାଙ୍କ ମୁଣ୍ଡକୁ ଯଥାଶୀଘ୍ର ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ଆଦିବାସୀ ସଂଘ ଅଡ଼ି ବସିଛି। ସୋମବାର ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଆଦିବାସୀ ସମ୍ପ୍ରଦାୟର ଲୋକେ ଏମ୍‌ଭି-୨୬ ଗାଁରେ ପଶି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ୫୦ରୁ ଊର୍ଦ୍ଧ୍ୱ ଘରେ ନିଆଁ ଲଗାଇ ଜାଳିଦେଇଛନ୍ତି। ଜିଲାରେ ଶାନ୍ତି ବଜାୟ ରଖିବାକୁ ମାଲକାନଗିରି ଜିଲାରେ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦ ପାଇଁ ଜିଲାପାଳ ସୋମେଶ ଉପାଧ୍ୟାୟ ନିର୍ଦ୍ଦେଶ ଜାରି କରିଛନ୍ତି।

ସୋମବାର ସକାଳ ୯ ଟାରେ ରାଖେଲଗୁଡ଼ା ପୋଲ ନିକଟରେ ଥିବା ହାଟପଦାରେ ଆଦିବାସୀ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଏକାଠି ହୋଇଥିଲେ। ଉକ୍ତ ପୋଲ ଉପରେ ଏସ୍‌ପିଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ମଧ୍ୟ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏମ୍‌ଭି-୨୬ ଗାଁ ଅଭିମୁଖେ ବାହାରିଥିଲେ। ପୋଲିସର ବାରଣ ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ ଏମ୍‌ଭି-୨୬ ଗାଁରେ ଘରେ ଘରେ ପଶି ଭଙ୍ଗାରୁଜା କରିବା ସହ ବହୁ ଆସବାବପତ୍ର, ଗାଡ଼ି, ମୋଟରସାଇକେଲ ସହ ଘରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଏମ୍‌ଭି -୨୬ ଗାଁର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଘର ପୋଡ଼ି ନଷ୍ଟହେବା ସହ ବହୁ ଗାଡିମୋଟର, ଧାନ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଏମ୍‌ଭି- ୨୬ ଗାଁରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିବା ସହ ଗାଁ ଏବଂ ଆଖପାଖ ଅଞ୍ଚଳରେ ପୋଲିସ ଫୋର୍ସ ଏବଂ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

ଅନ୍ୟପକ୍ଷେ ଜିଲାର ୨୧୪ଟି ଗ୍ରାମରୁ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସୋମବାର ଏମ୍‌ଭି- ୩ ରାଧାଗୋବିନ୍ଦ ମନ୍ଦିରରେ ଏକାଠି ହୋଇଥିଲେ। ସେଠାରେ ସେମାନେ ଏକ ବୈଠକ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ସୁରକ୍ଷା ନେଇ ଦାବି ଜଣାଇଥିଲେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ଥିତି ନିୟନ୍ତ୍ରଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଉଭୟ ଗୋଷ୍ଠୀଙ୍କୁ ଅନୁରୋଧ କରିଥିଲେ। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏମ୍‌ଭି -୨୬ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ରାଖେଲଗୁଡ଼ାଠାରେ ଆଦିବାସୀ ସମାଜ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇଥିଲେ। ଏଭଳି ପରିସ୍ଥିତିରେ ଆଇନକୁ ହାତକୁ ନ ନେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ସ୍ଥିତି ନିୟନ୍ତ୍ରଣ ଥିବାବେଳେ ଏମ୍‌ଭି -୨୬ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଶାନ୍ତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨ଗୋଷ୍ଠୀଙ୍କୁ ଡକାଯାଇ ଆଲୋଚନା କରାଯିବ ବୋଲି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି।

## ବିଧାନସଭା ସରଗରମ...

ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଲାଣି। ପୂର୍ବରୁ ଜଣେ ନାବାଳିକାଙ୍କୁ ୩ଜଣ ଗଣବଳାତ୍କାର କରିଥିବାବେଳେ ଏବେ ଦିନକ ପୂର୍ବରୁ ଜଣେ ମହିଳା ଧାନ କାଟିବାକୁ ବିଲକୁ ଯାଇଥିବାବେଳେ ୪ଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରିବା ପରେ ଗଳାକାଟି ହତ୍ୟା କରିବା ଘଟଣା ଏବେ ତୀବ୍ର ରୂପ ନେଇଛି। ସେ କହିଛନ୍ତି, ଏତେବଡ଼ ଘଟଣା ଘଟିଥିଲେ ହେଁ ସେଠାରେ ଇଣ୍ଟେଲିଜେନ୍ସ କ'ଣ କରୁଛି? ପରିସ୍ଥିତି ଏପରି ହେଲା, ଦୁଇ ଗୋଷ୍ଠୀ ମୁହାଁମୁହିଁ ଓ ୫୦ ଘର ଜାଳି ପୋଡ଼ିବା ପର୍ଯ୍ୟନ୍ତ ଗଲାଣି। ହେଲେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର କହିଛନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର। କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ୍ ତଥ୍ୟ ଦିଅନ୍ତୁ ନାହିଁ। ତତ୍‌କ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ସେ ଦାବି ରଖିଥିଲେ।

ଏହି ଆଲୋଚନାରେ ସ୍ୱର ମିଳାଇ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଛନ୍ତି, ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି କିନ୍ତୁ ତାଙ୍କୁ ବୀଭତ୍ସ ହତ୍ୟା କରାଯାଉଛି। ପରେ ଗୋଟେ ମିସିଂ କେସ୍ ରୁଜୁ ହେଲା କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳକୁ ତାଙ୍କର ମୃତଦେହ ମିଳୁଛି; ଯାହାକୁ ନେଇ ସେଠାରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ ଓ ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲୁକା ଭାବରେ ପୋଲିସ ନେଉଛି। ଘଟଣା ପୂର୍ବରୁ ପୋଲିସ କାହିଁକି ଚୁପ୍ ବସିଥିଲା। ମୋ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ । କାହିଁକି ନା ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ବାରବାଟୀରେ ଭାରତ-ଦକ୍ଷିଣ...

ରହିଛି। ତେବେ ଏହି ଗ୍ରାଉଣ୍ଡରେ ଟି୨୦ ଫର୍ମାଟରେ ଭାରତୀୟ ଦଳ ମଧ୍ୟ ବିଜୟ ସ୍ୱାଦ ଚାଖିଛି। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌କୁ ଭାରତ ୯୩ ରନର ବଡ଼ ବ୍ୟବଧାନରେ ଜିତିଥିଲା। କିନ୍ତୁ ଟିମ୍ ଇଣ୍ଡିଆ ଏଥର ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ରେକର୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ରହିଛି।

ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ଲାଗି ଦଳରେ କୌଣସି ବିଶେଷ ପରିବର୍ତ୍ତନ କରିବେ ନାହିଁ। ଏ ନେଇ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳୀୟ ନେଟ୍ ସେଶନ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ଦୀର୍ଘ ସମୟ ଧରି ସୋମବାର ନେଟ୍ସରେ ଝାଳ ବୁହାଇଥିଲେ। ଏହାର ଅର୍ଥ ସେ ଏବେ ବେକଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ସାରିଛନ୍ତି। ଇଞ୍ଜୁରି କାରଣରୁ ସେ ଦ. ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ସୋମବାର ତାଙ୍କ ବ୍ୟାଟିଂ ପ୍ରାକ୍ଟିସରୁ ତାଙ୍କର ଖେଳିବା ନିଶ୍ଚିତ ମନେହେଉଛି। ତାଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ସେ ମଧ୍ୟ ଇଞ୍ଜୁରୀ କାରଣରୁ ଗତ ୨ ମାସ ହେଲା କ୍ରିକେଟରୁ ଦୂରେଇ ରହିଥିଲେ। ଉଭୟ ଖେଳାଳି ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ। ତେବେ ଉଇକେଟକିପର ଭାବେ କିଏ ଖେଳିବ, ତାହାକୁ ନେଇ ପ୍ରଶ୍ନବାଚୀ ରହିଛି। ଦଳରେ ଉଇକେଟକିପର ଭାବେ ସଞ୍ଜୁ ସାମସନ ଓ ଜୀତେଶ ଶର୍ମା ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ହିଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ସାମସନ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରାଇ ସାରିଛନ୍ତି। ହେଲେ ଦଳରେ ଗିଲ୍‌ଙ୍କ ଉପସ୍ଥିତି ଯୋଗୁ ତାଙ୍କୁ ଟପ୍ ଅର୍ଡରରେ ସ୍ଥାନ ମିଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କୁ ମିଡିଲ ଅର୍ଡର କିମ୍ବା ଲୋୟର ମିଡିଲ ଅର୍ଡରରେ ଖେଳିବାକୁ ପଡ଼ିବ। ଏହି ପୋଜିଶନରେ ତାଙ୍କୁ ସୁଯୋଗ ମିଳିଥିଲେ ହେଁ ସେ ଏ ପର୍ଯ୍ୟନ୍ତ କିଛି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଜୀତେଶ ଜଣେ ଲୋୟର ଅର୍ଡର ବ୍ୟାଟର ଏବଂ ମ୍ୟାଚ୍ ଫିନିଶ୍ କରିବାର ଦକ୍ଷତା ମଧ୍ୟ ତାଙ୍କ ପାଖରେ ରହିଛି, ଯାହା କି ତାଙ୍କ ସପକ୍ଷରେ ଯାଇପାରେ। ଏହା ବ୍ୟତୀତ ଦଳରେ ଟିମ୍ କମ୍ବିନେଶନକୁ ଅନ୍ୟ କୌଣସି ଚିନ୍ତା ନାହିଁ। ଟିମ ଇଣ୍ଡିଆ ଦୁଇ ପେସର, ଦୁଇ ସ୍ପିନର ଓ ଦୁଇ ଅଲରାଉଣ୍ଡରଙ୍କ ସହ ମ୍ୟାଚ୍‌କୁ ଓହ୍ଲାଇବ ବୋଲି ଆଶା କରାଯାଉଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ/ଜୀତେଶ ଶର୍ମା (ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ/ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ(ଅଧିନାୟକ), କ୍ୱିଣ୍ଟନ ଡି କକ୍, ରିଜା ହେଣ୍ଡ୍ରିକ୍ସ/ଟ୍ରିଷ୍ଟାନ ଷ୍ଟବ୍ସ, ଡେୱାଲ୍ଡ ବ୍ରେଭିସ, ଟୋନି ଡି ଜର୍ଜି, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଏନରିଚ ନର୍କିଆ।

## ମ୍ୟାନେଜର ଦିଲ୍ଲୀରୁ ଗିରଫ...

ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଗୌରବଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବାବେଳେ ତାଙ୍କ ଖୋଜଖବର ମିଳୁନାହିଁ। ରବିବାର ମୁଖ୍ୟ ସାଧାରଣ ପରିଚାଳକ ରାଜୀବ ମୋଡକ, ସାଧାରଣ ପରିଚାଳକ ବିବେକ ସିଂ, ବାର୍ ମ୍ୟାନଜର ରାଜବୀର ସିଙ୍ଘାନିଆ ଏବଂ ଗେଟ୍ ମ୍ୟାନେଜର ପ୍ରିୟାଂଶୁ ଠାକୁରଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୬ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଗୋଆ ସରକାର ୪ ଜଣିଆ ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। କେଉଁ କାରଣ ଏବଂ ପରିସ୍ଥିତିରୁ ଅଗ୍ନିକାଣ୍ଡ ଘଟିଲା କମିଟି ତାହାର ତଦନ୍ତ କରି ରିପୋର୍ଟ ଦେବ। ନାଇଟ୍ କ୍ଲବ୍‌ରେ ଆତସବାଜି କାର୍ଯ୍ୟ ବେଳେ ନିଆଁ ଲାଗିଯାଇଥିବା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ୪୨ବର୍ଷ ପରେ...

ଏହି ମାମଲାର ଶୁଣାଣି ହୋଇଥିଲା। ମୂର୍ତ୍ତିଗୁଡ଼ିକ ଗୋପାଳଜୀ ମନ୍ଦିରରେ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର କୌଣସି କାରଣରୁ ମୂର୍ତ୍ତିଗୁଡ଼ିକ ସୁବର୍ଣ୍ଣପୁର ଫେରାଇ ଅଣାଯାଇ ପାରି ନ ଥିଲା। ତେବେ ବର୍ତ୍ତମାନର ଜିଲାପାଳ ଡ. ନୃପରାଜ ସାହୁ ଏହା ଜାଣିବା ପରେ ମୂର୍ତ୍ତିଗୁଡ଼ିକୁ ଫେରସ୍ତ ଆଣିବାକୁ ଉଦ୍ୟମ କରିଥିଲେ। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ ଏନେଇ ଉଦ୍ୟମ ଜାରି ରଖିଥିଲେ। ମହନ୍ତ ବଂଶୀଧର ଦାସ, ଆଇନଜୀବୀ ଏବଂ ଅନ୍ୟ ଭକ୍ତଙ୍କ ସହଯୋଗରୁ ମୂର୍ତ୍ତିଗୁଡ଼ିକ ଦିନେ କିମ୍ବା ଦୁଇଦିନ ଭିତରେ ଗୋପାଳଜୀ ମନ୍ଦିରକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି।

## ଓଡ଼ିଶା ଯୋଜନାକୁ...

ମହାଜନଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନାହିଁ। ଉପଜିଲାପାଳ ପ୍ରେମଲାଲ ହିଆଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଖବର ଆସିନାହିଁ। କିନ୍ତୁ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଲାଜୁକ ଷାଠିଆ**
**ପାନ ନାହିଁ ଗୁଆ ନାହିଁ**
**ଖାଲି ବଟୁଆ ।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ବଡ଼ ପଣିଆ ଶୋଭା ପାଇ ନ ଥାଏ। ନିଃସ୍ୱ ବ୍ୟକ୍ତି ଉପରକୁ ଚାକଚକ୍ୟ ଦେଖାଉଥିବା ଉପଲକ୍ଷେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅରଜେ ଜଣେ, ଖାଆନ୍ତି ପଣେ,**
**ତା' ଘରଟି ବୁଡ଼ଇ ଦିନେ।**

ଆଜିର ମହଙ୍ଗା ଯୁଗରେ ଜଣଙ୍କ ଉପାର୍ଜନରେ ଘର ଚଳାଇବା ଯେ କେତେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ବହୁ କୁଟୁମ୍ବୀ ଘରେ ଜଣକ ଉପାର୍ଜନରେ ଅନ୍ୟମାନେ ପୋଷିହେଲେ ସେ ଘରେ ଆର୍ଥିକ ସମସ୍ୟା ଲାଗି ରହିବା ସହ ଘରର ଉନ୍ନତି ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଘରକୁ ଡାକି ମହିଳାଙ୍କୁ ବଳାତ୍କାର

ପଡ଼ୋଶୀ ମହିଳାଙ୍କୁ ଚାଉଳ ଚୂନା କରିଦେବାକୁ କହି ଘରକୁ ଡାକିଲେ। ପରେ ସ୍ତ୍ରୀଙ୍କ ସହଯୋଗରେ ଉକ୍ତ ମହିଳାଙ୍କୁ ଘର ଭିତରେ ବଳାତ୍କାର କଲେ। ଏପରି କି ଅଭିଯୁକ୍ତ ବଳାତ୍କାର କରୁଥିବା ସମୟରେ ତାଙ୍କ ସ୍ତ୍ରୀ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଯେତେବେଳେ ଡାକିଲେ ଆସିବୁ, ନଚେତ୍ ଭିଡିଓ ଭାଇରାଲ୍ କରିଦେବାର ଧମକ୍ ଦେଲେ। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମରେ ଘଟିଛି। ଘଟଣାଟି ଗତ ୨୮ ତାରିଖରେ ଘଟିଥିବାବେଳେ ଏହାକୁ ଚପାଇ ଦେବାପାଇଁ ପୀଡ଼ିତା ମହିଳାଙ୍କ ଉପରେ ଚାପ ପକାଯାଇଥିଲା। ଏପରି କି ସମ୍ପୃକ୍ତା ମହିଳା ଗତ ୩ତାରିଖରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିଲା। ପରେ ବିଜେଡିର କେତେଜଣ ନେତା ପୋଲିସ ଡିଆଇଜିଙ୍କୁ ଭେଟି ଘଟଣା ସମ୍ପର୍କରେ କହିବା ପରେ ପୋଲିସ ଗତ ୬ତାରିଖରେ ବଳାତ୍କାର ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ଗଣେଶ ରଣାଙ୍କୁ ଗିରଫ କରୁନାହିଁ। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା କୁହାଯାଉଥିବାବେଳେ ପୀଡ଼ିତା ଜଣେ ପୂର୍ବତନ ବିଧାୟକଙ୍କ ପୁତୁରା ବୋହୂ ବୋଲି ଜଣାପଡ଼ିଛି।

- ସ୍ୱାମୀ ବଳାତ୍କାର କରୁଥିବାବେଳେ ସ୍ତ୍ରୀ କଲେ ଭିଡିଓ
- ଚାପରେ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ବାଲେଶ୍ୱର,୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଫାଣ୍ଡି ଅନ୍ତର୍ଗତ କଷାଫଳ ଗ୍ରାମର ଗଣେଶ ଗତ ୨୮ ତାରିଖରେ ସେହି ଗ୍ରାମର ଜଣେ ମହିଳାଙ୍କୁ ଚୂନା (ଚାଉଳ ଗୁଣ୍ଡ) କୁଟିବା ପାଇଁ ଘରକୁ ଡାକିଥିଲେ। ଗଣେଶଙ୍କ ସ୍ତ୍ରୀ ମଧ୍ୟ ଘରେ ଥିଲେ। ଏହି ସମୟରେ ସ୍ୱାମୀଙ୍କ ପାଖରେ ଉକ୍ତ ମହିଳାଙ୍କୁ ଶୋଇବା ପାଇଁ ଗଣେଶଙ୍କ ସ୍ତ୍ରୀ କହିଥିଲେ। ମହିଳା ଜଣକ ରାଜି ନ ହୋଇ ପଳାଇ ଆସୁଥିବାବେଳେ ସମ୍ପୃକ୍ତ ଦମ୍ପତି ଜୋରଜବରଦସ୍ତ ତାଙ୍କୁ ଅଟକାଇଥିଲେ। ମହିଳାଙ୍କୁ ଗଣେଶ ବଳାତ୍କାର କରୁଥିବା ସମୟରେ ସ୍ତ୍ରୀ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ପୁଣି ଥରେ ତାଙ୍କ ସହ ସମ୍ପର୍କ ରଖିବାକୁ କହିଥିଲେ। ନହେଲେ ଭିଡିଓ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ମହିଳା ଜଣକ ସେହିଦିନ ସାର୍ଥା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରି ମହିଳାଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗତ ୬ ତାରିଖରେ ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁକାନ୍ତ ନାୟକ ଓ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ପୂର୍ବାଞ୍ଚଳ ଡିଆଇଜି ମିଶ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଥିବା ଅଭିଯୋଗ କରିଥିଲେ। ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୬ ତାରିଖରେ ସିଂଲା ଥାନାରେ ଏକ ମାମଲା (ନଂ. ୨୮୬/୨୫) ରୁଜୁ ହୋଇଥିଲା। ଅପରପକ୍ଷରେ ଗଣେଶଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ମହିଳା ଜଣକ ତାଙ୍କ ସ୍ୱାମୀ ଗଣେଶଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଏବଂ ମହିଳାଙ୍କ ସ୍ୱାମୀ, ଦିଅର ମିଶି ମାରପିଟ୍ କରିବା ସହ ଘରେ ପଶି ଭଙ୍ଗାରୁଜା କରିବା ଏବଂ ସୁନା ମଙ୍ଗଳସୂତ୍ର ଓ ୨୦ହଜାର ଟଙ୍କା ନେଇଥିବା ଏତଲାରେ ଦର୍ଶାଇଥିଲେ। ଏନେଇ ଏକ ମାମଲା (ନଂ. ୨୮୭/୨୫) ରୁଜୁ ହୋଇଛି। ଅଭିଯୁକ୍ତ ଗଣେଶ ଫେରାର ଥିବାବେଳେ ଉଭୟପକ୍ଷର ଅନ୍ୟ ସମସ୍ତଙ୍କୁ ଥାନା ପକ୍ଷରୁ ନୋଟିସ୍ ଦିଆଯାଇଥିବା ପୋଲିସ କହିଛି। ଅପରପକ୍ଷରେ ଗଣେଶଙ୍କୁ ପୋଲିସ ରାଜନୈତିକ ଚାପରେ ଗିରଫ କରୁ ନ ଥିବା ଆଲୋଚନା ହେଉଛି।

# ୫ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍, ୧୯ରେ ବିଚାର

## ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଏହାର ବିଚାର ଚାଲିଛି। ସୋମବାର ଚାର୍ଜଫ୍ରେମ୍ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୫ ଅଭିଯୁକ୍ତ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇଙ୍କୁ ପୋଲିସ କଡ଼ା ସୁରକ୍ଷାରେ ଆଣି କୋର୍ଟରେ ହାଜର କରିଥିଲା। ସେମାନଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଯେଉଁସବୁ ଦଫା ଲଗାଇଛି ସେ ନେଇ ଜଜ୍ କହିଥିଲେ। ସେ ସବୁ ଚାର୍ଜଫ୍ରେମ୍ ହୋଇଛି ବୋଲି ଜଜ୍ ସେମାନଙ୍କୁ କହିଥିଲେ। ଆସନ୍ତା ୧୯ ତାରିଖରେ ପ୍ରଥମ ସାକ୍ଷୀ କୋର୍ଟରେ ହାଜର ହୋଇ ବୟାନ ରଖିବା ନିମନ୍ତେ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରିତା ମହାପାତ୍ର ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ସନ୍ଧ୍ୟାରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ଗୋପାଳପୁର ବେଳାଭୂମିରେ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏନେଇ ଅଭିଯୋଗ ପରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରିଥିଲା। ଜୁନ ୧୬ରେ ୬ ଜଣ ସାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଜୁନ୍ ୧୭ରେ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ଗିତିକା ଜେନା କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲେ। ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ଓମ୍ ପ୍ରଧାନଙ୍କୁ ଚାର୍ଜଶିଟରୁ କ୍ରାଇମବ୍ରାଞ୍ଚ ବାଦ୍ ଦେଇଥିଲା। ଓମ୍‌ଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତାଙ୍କ ଓକିଲ ତଳ କୋର୍ଟ ଓ ପରେ ଜିଲା ଜଜକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏଠାରେ ତାହା ଖାରଜ ପରେ ହାଇକୋର୍ଟରେ ବିଚାରାଧୀନ ରହିଛି।

# ନକଲି ସୁନାଶଙ୍ଖ ସହ ୬ ଗିରଫ

## ଡକାୟତି ଉଦ୍ୟମ ପଣ୍ଡ କଲା ପୋଲିସ

ପାପଡ଼ାହାଣ୍ଡି, ୮।୧୨(ସ୍ୱପ୍ନଜିତ ପଟ୍ଟନାୟକ)

ଜଙ୍ଗଲ ନିକଟରେ ଚାଲିଥିଲା ଡକାୟତି ଉଦ୍ୟମ, ଖବରପାଇ ମାଡ଼ି ବସିଲା ପୋଲିସ। ଘଟଣାସ୍ଥଳରୁ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଏକ ନକଲି ସୁନାଶଙ୍ଖ ସହ ଗୋଟିଏ କାର୍, ଅନେକ ମାରଣାସ୍ତ୍ର, ୯ ମୋବାଇଲ ଓ ନଗଦ ୧୪ହଜାର ୫୦୦ ଟଙ୍କା ମିଳିଥିବା ଏଏସ୍‌ପି ଆଦିତ୍ୟ ସେନ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରାମ ଚାଲାଣ, ଗୋପାଳ ମାଝୀ, ଅସ୍ତୁ ମାଝୀ, କ୍ରିଷ୍ଣା ପନକା, ତ୍ରିପତି ବିନ୍ଧାଣି, ଉମେଶ ରାଜ ଭାରତୀ। ଫେରାର ଅଭିଯୁକ୍ତ ହେଲେ ବଳରାମ ହରିଜନ।

ପୋଲିସ ସୂଚନାନୁଯାୟୀ, ଶନିବାର ରାତିରେ ମୈଦଲପୁର ଥାନା ଅଧିକାରୀ ବିପିନ କୁମାର କୁଲଦୀପଙ୍କ ଟିମ୍ ମୈଦଲପୁରସ୍ଥିତ ନୀଳାଦ୍ରିଗୁଡ଼ା ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କେତେଜଣ ଯୁବକ ମୈଦଲପୁର ଜଙ୍ଗଲରେ କାର୍ ରଖି କଥା ହେଉଥିବା ଦେଖି ପୋଲିସକୁ ସନ୍ଦେହ ହେବାରୁ ତାଙ୍କ ନିକଟରେ ପହଞ୍ଚି ପଚରାଉଚରା କରିଥିଲା। ଏହି ସମୟରେ ବଳରାମ ଘଟଣାସ୍ଥଳରୁ ଦୌଡ଼ିପଳାଇଥିଲେ। ଅନ୍ୟମାନଙ୍କୁ ପୋଲିସ କାବୁକରି ଯାଞ୍ଚ କରିବାବେଳେ ନକଲି ସୁନାଶଙ୍ଖ ସହ ମାରଣାସ୍ତ୍ର, ମୋବାଇଲ, ଟଙ୍କା ଆଦି ମିଳିଥିଲା। ପୋଲିସ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ଆଇଆଇସି ବିପିନ କୁମାର କୁଲଦୀପ, ଏଏସ୍‌ଆଇ କମଳ ଲୋଚନ ନାୟକ ଓ ଲୋକେଶ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

# ୬୮ ଲକ୍ଷର ବ୍ରାଉନସୁଗାର ଜବତ, ମା' ପୁଅ ଗିରଫ

କାମାକ୍ଷାନଗର, ୮।୧୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ରବିବାର ସନ୍ଧ୍ୟାରେ ମୁଣ୍ଡିଦେଉଳି ଅଞ୍ଚଳରେ ଚଢ଼ାଉ କରାଯାଇ ୬୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୮ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଘଟଣାରେ ସଂପୃକ୍ତ ମା' ଓ ପୁଅଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ଗାଲୁକାଟେଣୀ ଗ୍ରାମର ମମତା ସାହୁ (୪୩) ଓ ତାଙ୍କ ପୁଅ ଆଶୁତୋଷ ମୁଣ୍ଡିଦେଉଳି ଅଞ୍ଚଳରେ ଏକ ଭଡ଼ା ଘର ନେଇ ବ୍ରାଉନସୁଗାର କାରବାର କରୁଥିଲେ। ଅବକାରୀ ବିଭାଗ ଓ ପୋଲିସକୁ ଚକ୍‌ମା ଦେଇ ଦୀର୍ଘଦିନ ଧରି ସେମାନେ ଏହି କାରବାର ଚଳାଇ ଆସୁଥିଲେ। ରବିବାର ସନ୍ଧ୍ୟାରେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଡିଏସ୍‌ପି ସାଗ୍ନନ କୁମାର ଭୋଳଙ୍କ ନେତୃତ୍ୱରେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସୌରଭ ମିଶ୍ର, ଏସ୍‌ଆଇ ପୁରୁଷୋତ୍ତମ ମିଶ୍ର, ସୁନିତା କେରକେଟାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ ୬୮୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହିତ ମା' ଓ ପୁଅଙ୍କୁ ଗିରଫ କରିଥିଲେ। ତେବେ ଏହି ବ୍ରାଉନସୁଗାର କେଉଁଠୁ ଆସୁଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି କାରବାରରେ ରାଜ୍ୟ ବାହାର ବେପାରୀମାନଙ୍କ ସମ୍ପର୍କ ରହିଛି କି ନାହିଁ ସେ ନେଇ ଅବକାରୀ ବିଭାଗ ତଦନ୍ତ ଚଳାଇଛି।

# ବ୍ୟାଟ୍‌ରେ ଗଞ୍ଜେଇ ଚାଲାଣ, ୨ ବଙ୍ଗୀୟ ଯୁବକ ଗିରଫ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜେଇ ଚାଲାଣକାରୀମାନେ ବିଭିନ୍ନ ଉପାୟରେ ସେମାନଙ୍କ କାରବାର ଚଳାଇଛନ୍ତି। ସୋମବାର ୨ ଯୁବକ କ୍ରିକେଟ ବ୍ୟାଟ ଭିତରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡିଛନ୍ତି।

ଖୋର୍ଦ୍ଧା ଡିଭିଜନ ରେଳ ସୁରକ୍ଷା ବଳ (ଆର୍‌ପିଏଫ)ର ସ୍ପେଶାଲ ଟାସ୍କ ଫୋର୍ସ ଗୋଇନ୍ଦା ସୂଚନା ଆଧାରରେ ବ୍ରହ୍ମପୁର ରେଳ ଷ୍ଟେଶନ ଫୁଟ ଓଭର ବ୍ରିଜରେ ଛିଡା ହୋଇଥିବା ୨ ଯୁବକଙ୍କୁ କାବୁ କରିଥିଲା। ସେମାନେ ଧରିଥିବା ଅଖା ବସ୍ତାଗୁଡିକ ଯାଞ୍ଚ କରିବାରୁ ସେଥିରେ ୧୦ଟି କ୍ରିକେଟ ବ୍ୟାଟ, ୧୩ଟି ଏୟାର ବ୍ୟାଗ ଥିବା ଜଣାପଡିଥିଲା। ବ୍ୟାଟଗୁଡିକ କାଟିବା ବେଳେ ତାହା ଭିତରୁ ଗଞ୍ଜେଇ ମିଳିଥିଲା। ସେହିପରି ବ୍ୟାଗଗୁଡିକରେ ମଧ୍ୟ ଗଞ୍ଜେଇ ରହିଥିଲା। ସେଠାରୁ ମୋଟ ୧୭କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପରେ ଉକ୍ତ ଟିମ୍ ଜିଆରପିରେ ଗଞ୍ଜେଇ ସହ ୨ ଅଭିଯୁକ୍ତଙ୍କୁ ଜିମା ଦେଇଥିଲା। ଅଭିଯୁକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଅଲ୍ଲୀ ହୁସେନ(୨୨) ଓ ରୋନି ଶେଖ(୨୦)। ପୋଲିସକୁ ଦେଖି ରୋନି ରେଳବାଇ ଫୁଟ ଓଭରବ୍ରିଜ ଉପରୁ ଡେଇଁ ଆହତ ହୋଇଥିବର ସୂଚନା ମିଳିଛି। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି କେରଳ ଚାଲାଣ କରୁଥିଲେ। ବିବେକ ଏକ୍ସପ୍ରେସ ଟ୍ରେନରେ ବ୍ରହ୍ମପୁରରୁ ଏର୍ନାକୁଲମ ଯିବା ପାଇଁ ସେକଣ୍ଡ କ୍ଲାସ ଏସିରେ ଟିକେଟ କରିଥିଲେ। ମାମଲା ନଂ. ୧୫୩/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## Business

# ନଭେମ୍ବରରେ ଯାନ ବିକ୍ରି ବୃଦ୍ଧି

## ୨ ଚକିଆ ବିକ୍ରି ୩% ହ୍ରାସ

ଭୁବନେଶ୍ୱର,୮।୧୨

୨୦୨୫ ନଭେମ୍ବରରେ ଭାରତର ଅଟୋମୋବାଇଲ ରିଟେଲ ବିକ୍ରୟ ପାର୍ବଣ ଋତୁ ପରେ ମଧ୍ୟ ଭଲ ପ୍ରଦର୍ଶନ କରିଛି। ଯାନ ରେଜିଷ୍ଟ୍ରେଶନ ୨% ବୃଦ୍ଧି ପାଇ ୩୩ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି, ଯେଉଁଥିରେ ପାସେଞ୍ଜର୍ ଯାନ, ବାଣିଜ୍ୟିକ ଯାନ, ତିନି ଚକିଆ ଏବଂ ଟ୍ରାକ୍ଟର ସେଗ୍‌ମେଣ୍ଟରେ ଦୃଢ଼ ଚାହିଦା ଦେଖାଯାଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ତଥ୍ୟ ଅନୁସାରେ, ୨୦୨୪ ନଭେମ୍ବରରେ ୩୨,୩୧,୫୨୬ ୟୁନିଟ୍ ବିକ୍ରୟ ହୋଇଥିବାବେଳେ ଚଳିତବର୍ଷ ଏହା ୩୩,୦୦,୮୩୨ ୟୁନିଟକୁ ବୃଦ୍ଧି ପାଇଛି। ଫାଡା ଅଧ୍ୟକ୍ଷ ସି.ଏସ.ବିଗ୍ନେଶ୍ୱର କହିଛନ୍ତି, ଜିଏସ୍‌ଟି ହାରରେ ସଂଶୋଧନ ଏବଂ ଅରିଜିନାଲ ଇକ୍ୱିପମେଣ୍ଟ ମାନ୍ୟୁଫ୍ୟାକ୍ଚରର(ଓଇଏମ୍)-ଡିଲର ଅଫରଗୁଡ଼ିକ ଗ୍ରାହକମାନଙ୍କୁ ଗାଡ଼ି କିଣିବାକୁ ଉତ୍ସାହିତ କରିଛି। ପାସେଞ୍ଜର୍ ଯାନ ସେଗମେଣ୍ଟରେ ୨୦% ବୃଦ୍ଧି ହୋଇଛି। ଗତବର୍ଷ ୩,୨୯,୨୫୩ ୟୁନିଟ୍ ବିକ୍ରି ହୋଇଥିବାବେଳେ ଏବର୍ଷ ୩,୯୪,୧୫୨ ୟୁନିଟ୍ ରେଜିଷ୍ଟ୍ରେଶନ ହୋଇଛି। ମାତ୍ର ୨ ଚକିଆ ବିକ୍ରୟ ୩% ହ୍ରାସ ପାଇଛି ଅର୍ଥାତ୍ ୨୫,୪୬,୧୮୪ ୟୁନିଟ୍ ବିକ୍ରି ହୋଇଛି। ବାଣିଜ୍ୟିକ ଯାନ ରେଜିଷ୍ଟ୍ରେଶନ ୨୦% ବୃଦ୍ଧି ପାଇ ୯୪,୯୩୫ ୟୁନିଟ ହୋଇଛି। ୩ ଚକିଆ ରିଟେଲ ୨୪% ବୃଦ୍ଧି ପାଇ ୧,୩୩,୯୫୧ ୟୁନିଟ୍ ଏବଂ ଟ୍ରାକ୍ଟର୍ ୫୭% ବୃଦ୍ଧି ପାଇ ୧,୨୬,୦୩୩ ୟୁନିଟ୍ ହୋଇଛି। ଗ୍ରାମ୍ୟ ଅର୍ଥନୀତିରେ ସୁଧାର ଯୋଗୁ ଆଗାମୀ ମାସର ଆଉଟଲୁକ ସକାରାତ୍ମକ ରହିଛି। ଆଗାମୀ ତିନି ମାସରେ ଜିଏସ୍‌ଟି ୨.୦ର ଟ୍ୟାକ୍ସ ରେସନାଲାଇଜେଶନ, ଦୃଢ଼ ଏନ୍‌କ୍ୱାରି ପାଇପଲାଇନ ଏବଂ ଗ୍ରାମ୍ୟ ଅର୍ଥନୀତିର ସୁଧାର ଯୋଗୁ ଅଟୋ ରିଟେଲ ସେକ୍ଟରରେ ତୀବ୍ରତା ବଜାୟ ରହିବ। ଏଥିରେ ୭୪% ଡିଲର ବୃଦ୍ଧିର ଆଶା କରୁଛନ୍ତି। ଜାନୁଆରୀରେ ଯାନଗୁଡ଼ିକର ମୂଲ୍ୟ ବୃଦ୍ଧିର ଆଶଙ୍କା ଅଛି । ମାତ୍ର ୨୦୨୬ର ନୂଆ ମଡେଲ ଲଞ୍ଚ, ବିବାହ ଋତୁ ଏବଂ ଗ୍ରାମ୍ୟ ବଜାରରେ ଫସଲ ବିକ୍ରୟରୁ ଲିକ୍ୱିଡିଟି ଯୋଗୁ କନଭରସନରେ ଆହୁରି ତୀବ୍ରତା ଆସିବାର ଆଶା କରାଯାଉଛି।

# ରେଳଷ୍ଟେଶନରେ ବନ୍ଦ ହେବ ଅନଧିକୃତ ବ୍ୟବସାୟ

ଭୁବନେଶ୍ୱର,୮।୧୨(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେଶନ ଏବଂ ଟ୍ରେନ୍‌ରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳ ପୋଲିସ (ଜିଆର୍‌ପି) କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ଅନଧିକୃତ ବିକ୍ରେତା ପରିଚ୍ଛନ୍ନତା ପ୍ରତି ବାଧା ସୃଷ୍ଟି କରିବା ସହ ବିକ୍ରି କରୁଥିବା ଦ୍ରବ୍ୟର ଅଧିକ ମୂଲ୍ୟ ଓ ଗୁଣବତ୍ତା ଏବଂ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ସମେତ ଅନେକ ଚିନ୍ତା ସୃଷ୍ଟି କରିଥାନ୍ତି । ରେଳ ଆଇନ ଅନୁଯାୟୀ, ଅପରାଧୀମାନେ ଦଣ୍ଡ ଏବଂ ଜରିମାନା ସହ ଦଣ୍ଡିତ ହୋଇପାରିବେ । ଏହି ଅଭିଯାନକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ନିଜେ ତଦାରଖ କରୁଛନ୍ତି ।



# ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଇରେଡ଼ାର ଗୁରୁତ୍ୱ



ଭୁବନେଶ୍ୱର,୮।୧୨

ପୁରୀରେ ଅନୁଷ୍ଠିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ ୨୦୨୫ରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। 'ଗ୍ରିନ୍ ଆଣ୍ଡ କ୍ଲିନ୍: ବାଲାନ୍ସିଂ ଇକୋଲଜି ଆଣ୍ଡ ଇକୋନମି' ଶୀର୍ଷକ ପ୍ୟାନେଲରେ ପ୍ରଦୀପ କହିଥିଲେ, ସବୁଜ ଶକ୍ତି କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ କରୁଥିବା ଇରେଡା ଦେଶରେ ୨.୭ ଲକ୍ଷ କୋଟି ଟଙ୍କା ମଞ୍ଜୁର ଓ ୧.୭ ଲକ୍ଷ କୋଟି ଟଙ୍କାକୁ ଆବଣ୍ଟନ କରିଛି। ଇସ୍ପାତ ଓ ଆଲୁମିନିୟମର ଏକ ପ୍ରମୁଖ ଉତ୍ପାଦନକାରୀ ଭାବେ ଧାତବ ରିସାଇକ୍ଲିଂ ଓ ଗ୍ରୀନ ହାଇଡ୍ରୋଜେନ ସମନ୍ୱୟ ସହ ସର୍କୁଲାର ବିନିର୍ମାଣ ହାସଲ କରିବାକୁ ଓଡ଼ିଶା ପ୍ରସ୍ତୁତ ଅଛି। ରପ୍ତାନି ପାଇଁ ପ୍ରିମିୟମ ସବୁଜ ଇସ୍ପାତ ଉତ୍ପାଦନକୁ ସକ୍ଷମ କରିବ ଓ ରାଜ୍ୟର ଜିଡିପିକୁ ବଢ଼ାଇବ। ଘୋଷଣା କରାଯାଇଥିବା ୭ ଏମଟିପିଏରୁ ଅଧିକ ଗ୍ରୀନ ଆମୋନିଆ କ୍ଷମତା ଓ ଅନେକ ଶିଳ୍ପ କ୍ଲଷ୍ଟର ସହ ସାରା ଓଡ଼ିଶାରେ ଗ୍ରୀନ ହାଇଡ୍ରୋଜେନକୁ ନେଇ ରହିଥିବା ବ୍ୟାପକ ସମ୍ଭାବନା ଉପରେ ସେ କହିଥିଲେ। ଓଡ଼ିଶାରେ ଏଜେନ୍ସି ପକ୍ଷରୁ ୨୪୦୦ କୋଟି ଟଙ୍କାରୁ ଅଧିକ ଆବଣ୍ଟନ କରାଯାଇଥିବା ବେଳେ ଜଳ, ସୌର, ଇଥାନଲ ଓ ବିନିର୍ମାଣ କ୍ଷେତ୍ରରେ ଏହାର ଲୋନ୍ ବୁକ୍ ୧୮୦୦ କୋଟି ଟଙ୍କା ରହିଛି। ମିଳିତ ହାଇଡ୍ରୋଜେନ ଭିତ୍ତିଭୂମି, ପ୍ଲଗ ଆଣ୍ଡ ପ୍ଲେ ଆର୍‌ଇ ପାର୍କ, ଆବଣ୍ଟିତ ସୋଲାର ପାଇଁ ଫାଇନାନ୍ସ ଓ ବିଦେଶୀ ମୁଦ୍ରା ଋଣକୁ ଏହାର ଗିଫ୍ଟ ସିଟି ସହାୟକ ସଂସ୍ଥା ଜରିଆରେ ପ୍ରଦାନ କରିବାକୁ ଇରେଡା ପ୍ରସ୍ତୁତ ରହିଛି।

# ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ନୀତା ଅମ୍ବାନୀଙ୍କ ସହ ଓଡ଼ିଶାରୁ ଗୁଞ୍ଜନଙ୍କ ଯୋଗଦାନ

ଭୁବନେଶ୍ୱର,୮।୧୨

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ନୀତା ଅମ୍ବାନୀ ମୁମ୍ବାଇର ଇରୋସରେ ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ଭାରତୀୟ କଳାକାର ଏବଂ କାରିଗରମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନୀତା ଅମ୍ବାନୀ ବହୁପିଢ଼ି ଧରି କଳା ସହିତ ଜଡ଼ିତ ହୋଇ ରହିଥିବା ସଫଳ ଓ ଶ୍ରେଷ୍ଠ ଜାତୀୟ ପୁରସ୍କାର-ବିଜେତା କାରିଗରମାନଙ୍କ ସହିତ ଯୋଗ ଦେଇଥିଲେ। ଏହି ଶ୍ରେଷ୍ଠ କାରିଗରମାନଙ୍କ ମଧ୍ୟରେ ଓଡ଼ିଶା ଇକତ୍ ବସ୍ତ୍ର ଶିଳ୍ପୀ ଓ ୨୦୨୪ରେ ଜାତୀୟ ପୁରସ୍କାର ବିଜୟିନୀ ଗୁଞ୍ଜନ ଜୈନ, ଟାଙ୍ଗାଇଲ ଏବଂ ଜାମଦାନୀ ବୁଣା ପାଇଁ ପ୍ରସିଦ୍ଧ ୨୦୨୧ରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବୀରେନ ବସକ, ୨୦୧୯ରେ ଶିଳ୍ପୀ ଗୁରୁ ପୁରସ୍କାର ଏବଂ ୨୦୧୧ରେ ଜାତୀୟ ପୁରସ୍କାରରେ ସମ୍ମାନିତ ତାଞ୍ଜୋର ଚିତ୍ରଶିଳ୍ପୀ ଭି. ପନ୍ନିରସେଲଭମ, ସପ୍ତମ ପିଢ଼ିର ମିନିଏଚର ଚିତ୍ରଶିଳ୍ପୀ ଏବଂ ୨୦୧୪ରେ ଜାତୀୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶମ୍ଭି ବନ୍ଦୁ ଶର୍ମା, ପ୍ରସିଦ୍ଧ ପୈଠାନୀ ବସ୍ତ୍ର ଡିଜାଇନର ଓ ହସ୍ତତନ୍ତ ପୁନରୁଦ୍ଧାରକାରୀ ଘନଶ୍ୟାମ ସରୋଡ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇ ମିଶନକୁ ଆମାଜନର ସମର୍ଥନ

ଭୁବନେଶ୍ୱର,୮।୧୨

ଭାରତ ସରକାରଙ୍କ ଏଆଇ ମିଶନକୁ ସମର୍ଥନ କରି ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରି ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଞ୍ଚିପାରିବ। ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଞ୍ଚାଇବାକୁ ଯୋଜନା ରହିଛି। ଆମାଜନ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ସମୀର କୁମାର କହିଛନ୍ତି, ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରି ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ, ସରକାରୀ ସ୍କୁଲର ଛାତ୍ର ନୂଆ କ୍ୟାରିୟର ବାଛିପାରିବେ ଓ ଗ୍ରାହକମାନେ ନିଜ ଭାଷାରେ ସପିଂ କରିପାରିବେ। ସ୍ଥାନୀୟ ଭାରତ ଏଆଇ ମିଶନର ସିଇଓ ଅଭିଷେକ ସିଂହ କହିଛନ୍ତି, ଶ୍ରେଣୀ ଗୃହରେ ଏଆଇକୁ ସମନ୍ୱିତ କରିବା କେବଳ ଏକ ଦକ୍ଷତା ଅଭିଯାନ ନୁହେଁ, ଏହା ରାଷ୍ଟ୍ର ଗଠନର ଉଦ୍ୟମ।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୬ (ରେଗୁଲାର ଓ ଏକ୍ସ-ରେଗୁଲାର) ଦଶମ ଶ୍ରେଣୀର କାର୍ଯ୍ୟସୂଚୀ
ବିଜ୍ଞପ୍ତି ନଂ.2800/ (Exam.Conf.-II)/ ତା.3.12.2025 ରିଖ

No.N-229:ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟ/ଟୋଲ୍‌ର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୬ ମସିହା ମଧ୍ୟମା ସଂସ୍କୃତ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ତା.୧୯.୦୨.୨୦୨୬ ରିଖଠାରୁ ଆରମ୍ଭ ହୋଇ ତା. ୦୨.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

| | |
|---|---|
| 19/02/2026 (Thursday) (09.00 am to 11.30 am) PAPER-IV (MOR/MHN) ମାତୃଭାଷା (ଓଡ଼ିଆ/ହିନ୍ଦୀ) MATRUBHASA (ODIA/HINDI) | 20/02/2026 (Friday) (09.00 am to 11.30 am) PAPER-I (VOD) ସଂସ୍କୃତ ବ୍ୟାକରଣ ଓ ଦର୍ଶନ (SANSKRUTA VYAKARANA 'O' DARSHAN) |
| 21/02/2026 (Saturday) (09.00 am to 11.00 am) PAPER-VIII (ENG) ଇଂରାଜୀ ENGLISH | 23/02/2026 (Monday) (09.00 am to 11.30 am) PAPER-II (SHA) ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |
| 24/02/2026 (Tuesday) (09.00 am to 11.30 am) PAPER-III (KKJ/AVJ) ପ୍ରୟୋଗାତ୍ମକ ସଂସ୍କୃତ (PRAYOGATMAKA SANSKRUTA) (କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) | 25/02/2026 (Wednesday) (09.00 am to 11.00 am) PAPER-VI (GSC) ବିଜ୍ଞାନ (SCIENCE) |
| 27/02/2026 (Friday) (09.00 am to 11.00 am) PAPER-VII (SSC) ସାମାଜିକ ବିଜ୍ଞାନ (SOCIAL SCIENCE) | 02/03/2026 (Monday) (09.00 am to 11.15 am) PAPER-V (MTH) ଗଣିତ (MATHEMATICS) |

✓ **VOD, SHA, KKJ/AVJ** ଏବଂ **MOR/MHN** ବିଷୟଗୁଡ଼ିକରେ ୫୦ ମାର୍କର **Subjective** ପ୍ରଶ୍ନ ଏବଂ ୫୦ ମାର୍କର **Objective (MCQ)** ପ୍ରଶ୍ନ ଆସିବ ।
✓ **MTH, GSC, SSC** ଏବଂ **ENG** ବିଷୟଗୁଡ଼ିକରେ ୩୫ ମାର୍କର **Subjective** ପ୍ରଶ୍ନ ଏବଂ ୪୦ ମାର୍କର **Objective (MCQ)** ପ୍ରଶ୍ନ ଆସିବ ।
**Objective (MCQ)** ପ୍ରଶ୍ନର ଉତ୍ତର **OMR Answer Sheet**ରେ ଏବଂ **Subjective** ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ ।

OIPR-27004/11/0121/2526 | ସ୍ୱା./-ସମ୍ପାଦକ

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡିକୁ ନିରାମୟ କରିପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। **–ଶ୍ରୀମା**

# ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ

'ବନ୍ଦେ ମାତରମ୍' ଭାରତର ଜାତୀୟ ଗୀତ ଭାବେ ଜଣାଶୁଣା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଏହା ରଚିତ ହୋଇଥିଲା। ୧୮୭୫ ନଭେମ୍ବର ୭ରେ ପ୍ରଥମେ 'ବଙ୍ଗଦର୍ଶନ' ସାହିତ୍ୟ ପତ୍ରିକାରେ ଏହା ପ୍ରକାଶ ପାଇଥିଲା। ୨୦୨୫ ନଭେମ୍ବର ୭ରେ ଏହାର ୧୫୦ ବର୍ଷ ପୂର୍ତ୍ତି ହେବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଦେଶବ୍ୟାପୀ ବର୍ଷସାରା ଏହା ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ସଂଗ୍ରାମକୁ ଏହି ଗୀତ ଶକ୍ତି ଦେଇଥିବାରୁ ସଂସଦରେ ଏହା ଉପରେ ୮ ଡିସେମ୍ବରରେ ବିତର୍କ ଆରମ୍ଭ ହୋଇଛି। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହାକୁ ନେଇ ରାଜନୀତି ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସ୍ୱାଧୀନତା ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସାମ୍ପ୍ରଦାୟିକ ସମ୍ବେଦନଶୀଳତାକୁ ମାନିନେଇଥିଲେ। ସେ ପୁଣି କହିଛନ୍ତି, ନେହେରୁ ଭାବୁଥିଲେ ଯେ, ବନ୍ଦେ ମାତରମ୍ ମୁସଲମାନଙ୍କୁ କ୍ରୋଧିତ କରିବ। ମହମ୍ମଦ ଅଲ୍ଲୀ ଜିନ୍ନା ବନ୍ଦେ ମାତରମ୍‌କୁ ବିରୋଧ କରୁଥିବାରୁ ନେହେରୁ ତାଙ୍କ ସହ ଏକମତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ବନ୍ଦେ ମାତରମ୍‌ର ମୂଳ 'ଆନନ୍ଦମଠ' ହୋଇଥିବାରୁ ମୁସଲମାନ ସମ୍ପ୍ରଦାୟକୁ ଏହା ଅପମାନିତ କରିବ ବୋଲି ଜିନ୍ନା ଆଶଙ୍କା ବ୍ୟକ୍ତ କରିବାରୁ ନେହେରୁ ତାଙ୍କ ସହ ସାଲିସ କରିଯାଇଥିଲେ ବୋଲି ମୋଦି କହିବା ପରେ ସଂସଦରେ ରାଜନୈତିକ ବାକ୍‌ବିତଣ୍ଡା ହୋଇଛି।

ଅନ୍ୟପଟେ ଆଜି ଏକବିଂଶ ଶତାବ୍ଦୀର ୨୫ ବର୍ଷ ପୂରିବାକୁ ଯାଉଛି। କେତେଦିନ ପର୍ଯ୍ୟନ୍ତ ଇତିହାସକୁ ଗାଳିଦେଇ କେବଳ ପଛକୁ ଦେଖିବା ତାହା ସାଧାରଣ ନାଗରିକଙ୍କୁ ମଧ୍ୟ ବ୍ୟସ୍ତ କଲାଣି । ନିଃସନ୍ଦେହରେ କୁହାଯାଇପାରେ ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିବେ। ଆଜିର ପ୍ରତ୍ୟେକ ଯୁବତୀଯୁବକ ତାଙ୍କର ନିଜର ମାତାପିତାଙ୍କୁ ଅମାନ୍ୟ କରିବା ସହିତ ସେମାନଙ୍କର ତ୍ରୁଟିକୁ ଧରି ପାରିବାରିକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏହା ହେଉଛି ମଣିଷ ଜାତିର ଏକ କ୍ଷୁଦ୍ର ଚରିତ୍ରର ପରିଚୟ। ଆଗୁଆ ଧାଡ଼ିର ନେତା, ଲେଖକ, ବୈଜ୍ଞାନିକ, କଳାକାର ଏବଂ ସାଧାରଣ ନାଗରିକ ଭାବେ ସେହିମାନେ ପରିଚିତ ହୁଅନ୍ତି, ଯେଉଁମାନେ ବିଗତ ଦିନଗୁଡ଼ିକର ଅନ୍ଧକାର, ଦୋଷତ୍ରୁଟିକୁ ପଛରେ ପକାଇ ନିଜ କାର୍ଯ୍ୟରେ ଭବିଷ୍ୟତକୁ ଗଢ଼ନ୍ତି। ଆଇନଷ୍ଟାଇନଙ୍କ ପୂର୍ବରୁ ତାଙ୍କ 'ଥିଓରି ଅଫ୍ ରିଲେଟିଭିଟି' ସମ୍ପର୍କରେ ଅନେକ ବୈଜ୍ଞାନିକ ଗବେଷଣା କରିଥିଲେ ମଧ୍ୟ କେହି ସ୍ପଷ୍ଟ ଆକାର ଦେଇ ତାହାର ଉଦ୍ଭାବନ କରିପାରି ନ ଥିଲେ। ତେବେ ଆଇନଷ୍ଟାଇନ କେବେ ହେଲେ ପୂର୍ବ ପଦାର୍ଥବିଜ୍ଞାନୀଙ୍କୁ ହୀନ ଭାବେ ଦର୍ଶାଇ ନ ଥିଲେ। ସେହିଭଳି ଭାରତୀୟ ବୈଜ୍ଞାନିକ ସି.ଭି. ରମଣ ଯେତେବେଳେ 'ରମଣ ଇଫେକ୍ଟ' ଅବିଷ୍କାର କଲେ ସେହି କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନଙ୍କୁ କୌଣସି ଜାଗାରେ ସମାଲୋଚନା କରିଥିବାର ପ୍ରମାଣ ନାହିଁ। ଭାରତର ଚଳଚ୍ଚିତ୍ର ଜଗତରେ ଏମ୍.ଜି. ରାମଚନ୍ଦ୍ରନ, ଦେବ ଆନନ୍ଦ, ଦିଲୀପ କୁମାର କିମ୍ବା ରାଜ କପୁର ତାଙ୍କର ନିଜସ୍ୱ ଶୈଳୀରେ ପରିଚିତ ହେବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ପୂର୍ବରୁ ସେମାନଙ୍କ ମୁହଁରୁ ପୃଥ୍ୱୀରାଜ କପୁର କିମ୍ବା ଅନ୍ୟ କୌଣସି ପୁରୁଣା କଳାକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ ଉଲ୍ଲେଖ କରିଥିବାର ପ୍ରମାଣ ମିଳେ ନାହିଁ। ଏହାପଛରେ ଗୋଟିଏ ମୁଖ୍ୟ କାରଣ ରହିଛି। ଉଦାହରଣ ସ୍ୱରୂପ, ନେହେରୁଙ୍କ ସମୟରେ ସ୍ୱାଧୀନତା ପାଇଥିବା ଭାରତରେ ଷ୍ଟିଲରୁ ଛୁଞ୍ଚିଟିଏ ତିଆରି ହେଉ ନ ଥିଲା। ୭୦ ବର୍ଷରୁ ଊର୍ଦ୍ଧ୍ୱ ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାରତ ଏହି ଦେଶର ନାଗରିକଙ୍କ ଶ୍ରମ ଓ ରକ୍ତରେ ଗଢ଼ିଉଠିଛି। ଆମ ଧାରଣାରେ କୌଣସି ଦେଶକୁ ରାଜନୈତିକ ନେତୃବୃନ୍ଦ ସୃଷ୍ଟି କରନ୍ତି ନାହିଁ। ଦେଶ ଗଠନର ପରିଶ୍ରମ ଚାଷୀ, ମଲିମୁଣ୍ଡିଆ, କାରଖାନା ଶ୍ରମିକ, ସୈନିକ, ବ୍ୟବସାୟୀ ଓ ଶିଳ୍ପପତିଙ୍କ ଭଳି ସାଧାରଣ ନାଗରିକ ତିଆରି କରନ୍ତି। ରାଜନେତାମାନଙ୍କ ମୁଖ୍ୟ କର୍ତ୍ତବ୍ୟ ହେଉଛି ଉଚ୍ଚକୋଟୀର ନୀତି ସୃଷ୍ଟି କରିବା ସହିତ ନିଜେ ନିଜ ଜୀବନକୁ ଅନୁକରଣ କଲାଭଳି ମଣିଷ ଭାବେ ସାବ୍ୟସ୍ତ କରିବା ଦରକାର। ଇତିହାସରୁ ଶିକ୍ଷା ନେବା ଉଚିତ। କିନ୍ତୁ ସବୁବେଳେ ଇତିହାସକୁ ସମାଲୋଚନା କରିବା ପରିବର୍ତ୍ତେ ଭବିଷ୍ୟତର ଦେଶ ଓ ଦେଶବାସୀଙ୍କ ଚରିତ୍ର ସୁଧାରିବା ହେବା କଥା ମୂଳ ଆହ୍ୱାନ।

ସଂସଦରେ ବନ୍ଦେ ମାତରମ୍‌ର ମାହାତ୍ମ୍ୟ ଉପରେ ଆଲୋଚନା କରାଯିବାର ସମୟ ସ୍ଥିର ହୋଇଥିବା ବେଳେ ତାହାକୁ ରାଜନୀତିକରଣ କରାଯିବା ଆଜିର ସ୍ଥିତିରେ ଏକ ଘୃଣ୍ୟ ପରମ୍ପରା ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ। ନେହେରୁଙ୍କୁ ଭାଜପା ରାଷ୍ଟ୍ରନୀତିଜ୍ଞ ଭାବେ ମାନିବାକୁ ନାରାଜ। ଅବଶ୍ୟ ଏହା ଏକ ରାଜନୈତିକ ଦଳର ଆଦର୍ଶଗତ ଚିନ୍ତାଧାରା ହୋଇପାରେ। କିନ୍ତୁ ମୃତ୍ୟୁର ୬ ଦଶନ୍ଧି ପରେ ତାଙ୍କୁ ଏବର ରାଜନୈତିକ ଗୋଳିଆପାଣି ଭିତରକୁ ବାରମ୍ବାର ଟାଣି ଆଣିବା ଅସୁନ୍ଦର ଲାଗୁଛି। ଉଦାହରଣ ଦେଇ କୁହାଯାଇପାରେ ଏମ୍ସ, ଆଇଆଇଟି, ଆଇଆଇଏମ୍, ଓଡ଼ିଶାର ରାଉରକେଲା ଷ୍ଟିଲ ପ୍ଲାଣ୍ଟ କିମ୍ବା ହୀରାକୁଦ ନଦୀବନ୍ଧ ଭଳି ସ୍ଥାପନାକୁ ଅନେକେ ତ୍ରୁଟିପୂର୍ଣ୍ଣ ଦେଖୁଥାଇ ପାରନ୍ତି। କିନ୍ତୁ ଆଜି ସେଭଳି କେଉଁ ନୂଆ କାର୍ଯ୍ୟ ହେଉଛି ତାହା ଅର୍ଦ୍ଧଶତାବ୍ଦୀ ପରେ ସେ ସମୟର ଯୁବପିଢ଼ି ଚିନ୍ତା କରିବେ। ନେହେରୁଙ୍କ ସବୁ ନିଷ୍ପତ୍ତି ନିଖୁଣ ହୋଇ ନ ଥାଇପାରେ। କିନ୍ତୁ ସେ ଭିନ୍ନ ମତକୁ ସମ୍ମାନ ଦେଉଥିଲେ ବୋଲି ପଢ଼ିବାକୁ ମିଳେ। ହେଲେ ଏବର ସରକାର ସେହି ପରମ୍ପରାକୁ ବଜାୟ ରଖିବା ପରିବର୍ତ୍ତେ ବିରୋଧୀଙ୍କ ସ୍ୱରକୁ ସର୍ବଦା ଚାପିଦେବାକୁ ଚେଷ୍ଟା କରୁଛି।

ଆଜିର ଡିଜିଟାଲ ଯୁଗରେ ପ୍ରତି ମୁହୂର୍ତ୍ତର କଥା ଓ କାର୍ଯ୍ୟ ଲିପିବଦ୍ଧ ବା ସାଇତା ହୋଇ ରହିଯାଉଛି। ନେହେରୁଙ୍କ ସମୟରେ କ'ଣ ଘଟିଥିଲା ତାହା ଇତିହାସ ବହିରୁ ପଢ଼ିବାକୁ ମିଳୁଛି। ସେଥିରେ ସତ୍ୟତା ଓ ତଥ୍ୟରେ ହୁଏତ କେତେକ ସ୍ଥାନରେ ଫରକ୍ ଆସିପାରେ। ହେଲେ ଏବେ ନେତାମାନେ ଯାହା କହୁଛନ୍ତି ଓ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଭବିଷ୍ୟତ ପିଢ଼ି ପାଇଁ ଦଲିଲ ଭାବେ ପ୍ରତୀୟମାନ ହେବ। ଏବେ ସାଇତା ଯାଇପାରୁଥିବା ଛବି ଓ ସ୍ୱରର ପ୍ରମାଣକୁ ଭବିଷ୍ୟତରେ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ଅତୀତର ନେତାଙ୍କ କଥା ଓ କାର୍ଯ୍ୟକୁ ନେଇ ଆଜିର ନେତୃତ୍ୱ ଯେଉଁଭଳି ଢଙ୍ଗରେ ସେମାନଙ୍କୁ ନିନ୍ଦା କରୁଛନ୍ତି, ଏବେ ସେମାନେ କରୁଥିବା କର୍ମମାନ ଓ ଉଚ୍ଚାଟ କରୁଥିବା ସ୍ୱର ମଧ୍ୟ ସମୟକ୍ରମେ ପରଖାଯିବ। ବର୍ତ୍ତମାନ ଅନେକ ଭାରତବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ଓ ଶ୍ରଦ୍ଧା କରୁଛନ୍ତି। ଆଗାମୀ ଦିନଗୁଡ଼ିକରେ ପରବର୍ତ୍ତୀ ପିଢ଼ି ଯଦି ଆଜିର କାର୍ଯ୍ୟ ଓ ମତକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ତେବେ ସେତେବେଳେ ଜୀବିତ ଭାରତୀୟଙ୍କୁ ବାଧିପାରେ। ସେଥିପାଇଁ ନିଜ କର୍ତ୍ତବ୍ୟକୁ ଉଚିତ ଭାବେ କରିବା ହେଉଛି ଉଚ୍ଚକୋଟୀ ନେତୃତ୍ୱର ପରିଚାୟକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | 6 | | 3 |
| | | | | 9 | 2 | | | 1 |
| | 4 | | 5 | | | | | |
| 4 | 2 | | | | | | 3 | |
| | | | | | | 9 | | |
| | | | | | | 7 | | 2 |
| | 9 | 3 | 6 | | 8 | | | |
| | 8 | | 9 | 7 | | | | |
| | | | | | | 3 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 7 | 2 | 4 | 3 | 9 | 1 |
| 7 | 9 | 4 | 3 | 1 | 5 | 6 | 8 | 2 |
| 3 | 2 | 1 | 6 | 8 | 9 | 4 | 5 | 7 |
| 1 | 4 | 3 | 9 | 6 | 2 | 5 | 7 | 8 |
| 2 | 6 | 8 | 5 | 3 | 7 | 9 | 1 | 4 |
| 9 | 5 | 7 | 1 | 4 | 8 | 2 | 3 | 6 |
| 8 | 7 | 9 | 2 | 5 | 6 | 1 | 4 | 3 |
| 5 | 3 | 2 | 4 | 7 | 1 | 8 | 6 | 9 |
| 4 | 1 | 6 | 8 | 9 | 3 | 7 | 2 | 5 |

ଗତକାଲିର ଉତ୍ତର

# ଶିଶୁ ଅନୁକୂଳ ପାଠାଗାର



ଲୋକନାଥ ପଣ୍ଡା

ଜାତୀୟ ଶିକ୍ଷାନୀତି ୨୦୨୦ରେ ଏବଂ ଜାତୀୟ ପାଠ୍ୟ ଖସଡ଼ା ୨୦୨୨ରେ ପ୍ରାକ୍-ପ୍ରାଥମିକ ଶିକ୍ଷାରେ ଇମରଜେଣ୍ଟ ଲିଟେରାସି ବା ଅଙ୍କୁରିତ ସାକ୍ଷରତା, ଇମରଜେଣ୍ଟ ରିଡିଂ ବା ଅଙ୍କୁରିତ ପଠନ ବା ପ୍ରାକ୍-ପଠନ, ପ୍ରାକ୍-ଲିଖନ ଆଦି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଜାତୀୟ ଶିକ୍ଷାନୀତିରେ ଶିଶୁଟି ୩+ ବେଳକୁ ପୁସ୍ତକ କିପରି ଖୋଲିବ, ପୁସ୍ତକ କିପରି ଓଲଟାଇବ, ବାଆଁରୁ ଡାହାଣକୁ ପଠନ ଆଦି ସମ୍ପର୍କରେ ଶିଶୁଟି ୩+ ବେଳକୁ ଜାଣିବ ଏବଂ ପୁସ୍ତକ ଦେଖି ପ୍ରି-ଟେଣ୍ଡ ରିଡିଂ ବା ଅନୁଭୂତି ଆଧାରିତ ପଠନ କରିବ, ପ୍ରାକ୍ ଲିଖନ କରିବ ସେ ସମ୍ପର୍କରେ ବର୍ଣ୍ଣନା ରହିଛି । ଏ ସବୁ ମୂଳରେ ରହିଛି ଶିଶୁବାଟିକାରେ କିମ୍ବା ଶିଶୁଙ୍କ ଅଙ୍ଗନୱାଡ଼ି ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟରେ କେତେଦୂର ପୁସ୍ତକ ହାତପାଆନ୍ତାରେ ମିଳୁଛି ଏବଂ ଶିକ୍ଷକ ବା ଅଙ୍ଗନୱାଡ଼ି ଦିଦି କେତେଦୂର ଶିଶୁଙ୍କୁ ପୁସ୍ତକ ସହ ପରିଚିତ କରାଉଛନ୍ତି!

ବିଦ୍ୟାଳୟର ପାଠାଗାର କିମ୍ବା ଗାଁ ପାଠାଗାର ହେଉ, ଯଦି ଏହା ସକ୍ରିୟ ଥାଏ ତେବେ ନିଶ୍ଚିତ ଭାବରେ ପିଲାଟି ଦିନରୁ ବହି ପ୍ରତି ଆକୃଷ୍ଟ କରିବା ତଥା ବହି ମାଧ୍ୟମରେ ଭାଷାର ବିକାଶ ହୋଇଥାଏ।ପୁସ୍ତକଗୁଡ଼ିକ ଯଦି ସୁନ୍ଦର ପରିପାଟୀ ହୋଇଥାଏ, ତେବେ ତାହା ପିଲାମାନଙ୍କୁ ଆକର୍ଷିତ କରିଥାଏ।ନିକଟରେ ମୁଁ ବିଷମକଟକ ବ୍ଲକ୍‌ର କିଛି ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖୁଥିଲି, ଯେଉଁଠି ଶିଶୁଙ୍କ ପାଇଁ ପୁସ୍ତକ ଥିଲା, ପୁସ୍ତକଗୁଡ଼ିକ ମୁଖ୍ୟତଃ ଚିତ୍ରମୟ ଏବଂ କେତୋଟି ପୁସ୍ତକରେ କିଛି କିଛି ଲେଖା ଥିଲା । ଅବସର ସମୟରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ଶିଶୁମାନେ ପୁସ୍ତକରୁ ଚିତ୍ର ଦେଖୁଥିଲେ ଏବଂ ଚିତ୍ର ଦେଖି ନିଜେ ଚିତ୍ରକୁ ଆଧାରକରି ବାକ୍ୟ କିଏ ଶବ୍ଦ କିଏ କହୁଥିଲେ। ବେଳେ ବେଳେ ପୁସ୍ତକକୁ ଆଧାରକରି ଚିତ୍ର ମଧ୍ୟ କରୁଥିଲେ।

ବିଷମକଟକ ବ୍ଲକ୍‌ର କିରିବିରି ପ୍ରାଥମିକ ବିଦ୍ୟାଳୟକୁ ଦେଖୁଥିଲି।ସରକାରଙ୍କ ତରଫରୁ ବିଦ୍ୟାଳୟଗୁଡ଼ିକରେ କବିତା ପୋଷ୍ଟର ଆଦି ଦିଆଯାଇଛି, ଯାହାକି ଶିଶୁଙ୍କୁ ପାଠ୍ୟପୁସ୍ତକ ସହ ଚିତ୍ର ସାଙ୍ଗକୁ କାହାଣୀ ପୁସ୍ତକ ବ୍ୟବହାର ସମ୍ପର୍କରେ ଆଗ୍ରହ ସୃଷ୍ଟି ହୋଇପାରିବ।ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ କର୍ଣ୍ଣର ତିଆରି ହୋଇଛି। ସେଥିମଧ୍ୟରେ ଲାଇବ୍ରେରି କର୍ନର ରହିଛି। ବିଦ୍ୟାଳୟରେ ପୁସ୍ତକଗୁଡ଼ିକ ଏକ ଝୋଟ ବ୍ୟାଗ୍‌ରେ ରଖାଯାଇଥିଲା, ଶିଶୁମାନେ ଯେତେବେଳେ ଚାହିଁବେ ବା ଶିକ୍ଷାଦାନ ଚାଲି ନ ଥିବା ବେଳେ ପୁସ୍ତକ ନେଇ ପଢ଼ିପାରିବେ ବା ବ୍ୟବହାର କରିପାରିବେ। ସେଠାକାର ପିଲାଙ୍କ ସହ କଥାବାର୍ତ୍ତା ହେଉଥିଲି, ଶିଶୁମାନେ ପୁସ୍ତକ ନେଇ ପଢ଼ୁଛନ୍ତି ବୋଲି କହୁଥିଲେ, ପୁସ୍ତକଗୁଡ଼ିକର ନାମ ମଧ୍ୟ କହିପାରୁଥିଲେ।ବିଦ୍ୟାଳୟ ତରଫରୁ ପାଠାଗାରରୁ ପ୍ରତି ମାସରେ ଅଧିକ ପୁସ୍ତକ ପଢ଼ୁଥିବା ଶିଶୁଙ୍କୁ ପ୍ରାର୍ଥନା ସଭାରେ ସମ୍ମାନିତ କରାଯିବା ବିଷୟ ମଧ୍ୟ ସୂଚନା ଦେଉଥିଲେ।ବିଦ୍ୟାଳୟର ଶିଶୁମାନଙ୍କର ଶିକ୍ଷଣ ସ୍ତର ମଧ୍ୟ ଅଧିକ ଥିଲା। ବଡ଼କଥା ହେଲା ଶିଶୁମାନେ ବେଶ୍ ସକ୍ରିୟ ଓ ଖୁସି ପରିବେଶରେ ଥିଲେ।ବିଦ୍ୟାଳୟର ଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସାକରି ରହିପାରୁ ନ



ଥିଲି। କଥା ହେଉଛି ବିଦ୍ୟାଳୟକୁ ଯୋଗାଉଥିବା ପୁସ୍ତକଗୁଡ଼ିକ ଶିଶୁଙ୍କୁ ଅନୁକୂଳ ହେବା ଭଳି ଓ ପିଲାଙ୍କୁ ଆକର୍ଷଣ ହେବା ଭଳି ଥିଲା। ସିନି-ଟାଟା ଟ୍ରଷ୍ଟ ତରଫରୁ ବିଷମକଟକ ବ୍ଲକ୍‌ର ହାଟ ମୁନିଗୁଡ଼ା, ବଡ଼ଧାଣ୍ଡରା, ଚାଟିକଣା, ଜୋଡ଼, କାଙ୍କୁବାଡ଼ି ଆଦି ପ୍ରାଥମିକ ବିଦ୍ୟାଳୟରେ ଲାଇବ୍ରେରି ପଠନ ନିମନ୍ତେ ଏକ ଶିଶୁ କୈନ୍ଦ୍ରିକ ପାଠାଗାରର ବ୍ୟବସ୍ଥା ହୋଇଛି ଏବଂ ଶିଶୁମାନେ ଏହାକୁ ଉପଯୋଗ କରୁଛନ୍ତି। ପ୍ରତି ମାସରେ ଯିଏ ପାଠାଗାରରୁ ପୁସ୍ତକ ନେଇ ଅଧିକ ବହି ପଢ଼ିଛି, ତାକୁ ସମ୍ମାନିତ କରିବା ଆଦି ବିଷୟରେ ଆଲୋଚନା ପ୍ରସଙ୍ଗରେ ଜାଣିବାକୁ ପାଉଥିଲି। କିଛି ବିଦ୍ୟାଳୟରେ ଦେଖୁଥିଲି, ଶିଶୁମାନେ ମଧ୍ୟ ଲାଇବ୍ରେରି ପୁସ୍ତକ ପରିଚାଳନା କରୁଛନ୍ତି, କିଏ ବହି ନେଉଛନ୍ତି, କିଏ କେଉଁ ବହି ରଖିଛନ୍ତି, ତାହାର ଏକ ତାଲିକା ରଖୁଛନ୍ତି। ବହି ସମ୍ପର୍କରେ ଆଲୋଚନା ମଧ୍ୟ କରୁଛନ୍ତି।

ପାଠାଗାର ହେଉଛି ଶିଶୁଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାଳୟଗୁଡ଼ିକରେ ଯଦି ଅଙ୍ଗନୱାଡ଼ି ସମୟରୁ ଶିଶୁଙ୍କୁ ବହି ପ୍ରତି ଆଗ୍ରହ ସୃଷ୍ଟି ହେବା ଭଳି କିଛି ଗତିବିଧି କରାଯାଏ, ଶିଶୁର ହାତପାଆନ୍ତାରେ ବହି ରହେ, ତେବେ ନିଶ୍ଚିତ ଭାବରେ ଶିଶୁମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢ଼ିଥାଏ ଓ ପରବର୍ତ୍ତୀ ସମୟରେ ମାଆବାପାଙ୍କୁ ଅବା ଶିକ୍ଷକଙ୍କୁ ଶିଶୁଟିର ପାଠପଢ଼ା ପ୍ରତି ବିଶେଷ ଚିନ୍ତା କରିବାକୁ ପଡ଼ି ନ ଥାଏ। ଅନେକ ସମୟରେ ଅଭିଭାବକଙ୍କ ଧାରଣା ଥାଏ ଯେ, ଲାଇବ୍ରେରି ପୁସ୍ତକ କିମ୍ବା ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ପୁସ୍ତକ ବାଟବଣା କରିଦେଇଥାଏ। ଏହିଭଳି ଭ୍ରାନ୍ତ ଧାରଣାରୁ ଅଭିଭାବକ ବାହାରକୁ ଆସିବା ଦରକାର। ଏପରିକି ଅନେକ ସମୟରେ ଶିକ୍ଷକ ମଧ୍ୟ ଲାଇବ୍ରେରି ପୁସ୍ତକ ପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି।

ବିଦ୍ୟାଳୟକୁ ସରକାରଙ୍କ ତରଫରୁ ହେଉ କିମ୍ବା ବିଭିନ୍ନ ଅନୁଷ୍ଠାନ ତରଫରୁ ଶିଶୁ ଉପଯୋଗୀ ପୁସ୍ତକ ନିରନ୍ତର ଭାବରେ ଯୋଗାଇ ଦିଆଯାଉଛି। ବିଦ୍ୟାଳୟର ପାଠାଗାରକୁ ଶିଶୁ ଉପଯୋଗୀ କରିବା ସମସ୍ତଙ୍କର ଦାୟିତ୍ୱ। କେବଳ ଶିକ୍ଷକ ନୁହନ୍ତି, ଗୋଷ୍ଠୀ ଅଭିଭାବକ ମଧ୍ୟ ବିଦ୍ୟାଳୟରେ ହେଉ ଘରେ ଛୋଟ ଛୋଟ ପାଠାଗାରଟିଏ ବିକାଶ କରିବା ଦରକାର। ଯଦି ଘରେ କିମ୍ବା ଗାଁରେ ପାଠାଗାରଟିଏ ଥାଏ, ତେବେ ଶିଶୁମାନଙ୍କର ପାଠପଢ଼ାରେ କେବଳ ନୁହେଁ, ଗ୍ରାମବାସୀଙ୍କ ଉପରେ ମଧ୍ୟ ଏହାର ପଭାବ ପଡ଼ିବ। ଗ୍ରାମବାସୀଙ୍କର ପଠନ ଦିଗ ପ୍ରତି ଆଗ୍ରହ ବଢ଼ିବ।ଅନେକ ସମୟରେ ଦେଖାଯାଏ, ଚା' ଦୋକାନୀ, ଜଳଖିଆ ଦୋକାନୀ, ପାନଦୋକାନୀ, ସେଲୁନ ଆଦିରେ ଖବରକାଗଜଟିଏ ରଖାଯାଇଥାଏ। ଏହାର ପ୍ରଭାବ ମଧ୍ୟ ସେମାନଙ୍କର ବ୍ୟବସାୟରେ ଅନେକ ମାତ୍ରାରେ ପଡ଼ିଥାଏ। ପଠନ ପ୍ରତି ଲୋକଙ୍କର ଆଗ୍ରହ ଏଥିରୁ ଅନୁମାନ କରିହୁଏ।

ଗାଁ ଗହଳିରେ ହେଉ, ସହରରେ ହେଉ ପୂର୍ବରୁ ପାଠାଗାରଟିଏ ଥିଲା। ପାଠାଗାରରେ ପୁସ୍ତକ ରହୁଥିବା ସହ ଅନେକ ପତ୍ରିକା (ବିଭିନ୍ନ ଭାଷାଭାଷୀ) ସହିତ ଖବରକାଗଜ ଆସୁଥିଲା।ବାପା, ମାଆ ଖବରକାଗଜ ପଠନକୁ ଆଧାରକରି ପିଲାଏ ମଧ୍ୟ ଖବରକାଗଜ ପଠନର ଅଭ୍ୟାସରେ ପଡ଼ିଯାଉଥିଲେ। ଅନେକ ବ୍ୟକ୍ତିବିଶେଷ ନିଜର ବ୍ୟକ୍ତିଗତ ପାଠାଗାର କରିଥିଲେ, ତାହାର ପ୍ରଭାବ ମଧ୍ୟ ନିଜ ଉପରେ ଏବଂ ଅନ୍ୟ ଉପରେ ପଡୁଥିଲା । ପୂର୍ବରୁ ସରକାରଙ୍କର ଜନ ସାକ୍ଷରତା ଓ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଚାଲୁଥିଲା।ପଞ୍ଚାୟତ ସ୍ତରରେ ଲାଇବ୍ରେରି ଘର, ଗୋଷ୍ଠୀ ଘରରେ ଲାଇବ୍ରେରି ପୁସ୍ତକ ରଖିବା ପାଇଁ ଉତ୍ସାହିତ କରାଯାଉଥିଲା। ଗାଁରେ ଗୋଷ୍ଠୀ ଲାଇବ୍ରେରିଟିଏ ଥିଲା। କିନ୍ତୁ ବର୍ତ୍ତମାନ ତାହା ବନ୍ଦ ହୋଇଗଲାଣି କହିଲେ ଚଳେ!

ନିକଟରେ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ଫୋନ୍ ମାଧ୍ୟମରେ ପ୍ରାୟ ଅଧାଘଣ୍ଟାରୁ ଅଧିକ ପାଠାଗାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସେ ତାଙ୍କର ଅନୁଭୂତିରୁ କହିଲେ, ସେ ଆଜି ଯାହା ହୋଇଛନ୍ତି କେବଳ ପିଲାଟି ଦିନରୁ ପାଠାଗାରର ସୁଯୋଗ ପାଇଥିବାରୁ ଏବଂ ପିଲାଟି ଦିନରୁ ପାଠାଗାରର ବ୍ୟବହାର କରିଥିବାରୁ। ସେ ନିଜର ଅନୁଭୂତିରୁ କହିଥିଲେ, ନିଜର ଲାଇବ୍ରେରିଟିଏ କରିଛନ୍ତି। ଲାଇବ୍ରେରି ଯୋଗୁ ତାଙ୍କର ଜୀବନରେ ଅନେକ ପରିବର୍ତ୍ତନ ଆସିଛି।ବ୍ୟକ୍ତି ଜଣକ ୮୬ ବୟସରେ ବେଶ୍ କର୍ମଚଞ୍ଚଳ ଅଛନ୍ତି। ବେଦ, ଉପନିଷଦ ତଥା ଅନେକ ପୁସ୍ତକ ସମ୍ପର୍କରେ ଅନର୍ଗଳ କହିପାରୁଛନ୍ତି ଏବଂ ବର୍ତ୍ତମାନ ଅନେକ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଅଛନ୍ତି।

ବିଦ୍ୟାଳୟକୁ କେବଳ ପୁସ୍ତକ ଦେଇଦେଲେ କିମ୍ବା କିଣିଦେଲେ ହେବନାହିଁ, ଏଥିପାଇଁ ଯଦି ଶିଶୁ ଅନୁକୂଳ ପାଠାଗାରଟିଏ ବିକାଶହେବ, ଶିଶୁ ମନଲାଖି ପୁସ୍ତକ ରହିବ,ଶିଶୁମାନେ ଯଦି ପ୍ରାଥମିକସ୍ତରରେ ପୁସ୍ତକକୁ ନେଇ ଅନେକ ସୁଯୋଗ ପାଇବେ, ତେବେ ନିଶ୍ଚିତଭାବରେ ଶିକ୍ଷଣସ୍ତର, ସେମାନଙ୍କର କଳ୍ପନାର ବିକାଶ, ସୃଜନଶକ୍ତିର ବିକାଶ ଘଟିବ।ପୁସ୍ତକକୁ ନେଇ ବିଭିନ୍ନ ଗତିବିଧି ମଧ୍ୟ ହେବ। ଆମେ ଯଦି ଶିଶୁ ଉପଯୋଗୀ ଏବଂ ସେମାନଙ୍କର ଆଗ୍ରହ ହେବାଭଳି ସଚିତ୍ର ପୁସ୍ତକ ଯୋଗାଇଦେବା, ପୁସ୍ତକ ସମ୍ପର୍କରେ ନିୟମିତ ଅନ୍ତରରେ ଶିଶୁଙ୍କ ସହ ଆଲୋଚନାକରିବା, ପୁସ୍ତକକୁ ନେଇ ଶିଶୁଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟିକରିବା, ତେବେ ନିଶ୍ଚିତଭାବରେ ଶିଶୁର ଶିକ୍ଷଣସ୍ତର ବଢ଼ିବା ସହ ଶିଶୁଟି ମଧ୍ୟ ବିଦ୍ୟାଳୟକୁ ଭଲପାଇବ। ବିଦ୍ୟାଳୟରେ ଯେପରି ଭଲ ବଗିଚାଟିଏ ଥିଲେ ଶିଶୁଙ୍କୁ ଆକର୍ଷିତ କରିଥାଏ, ସେହିଭଳି ଶିଶୁଙ୍କ ଅନୁକୂଳ ପାଠାଗାର ମଧ୍ୟ ଶିଶୁଙ୍କୁ ପାଠପଢ଼ିବା ପାଇଁ ଉତ୍ସାହିତକରିବାରେ ସହାୟକ ହେବ।

**ରାଣୀଗୁଡ଼ା, ରାୟଗଡ଼ା**
**ମୋ:୯୪୩୮୦୮୧୪୩୦**

# ଜୀବନ୍ତ ଗ୍ରହର ଜୀବନ ରହସ୍ୟ




ଡ. କମଳାକାନ୍ତ ଜେନା

ପୃଥିବୀକୁ ମିଶେଇ ଆଠଟା ଗ୍ରହ, ପ୍ଲୁଟୋକୁ ମିଶେଇ ୫ଟା ବାମନଗ୍ରହ, ଚନ୍ଦ୍ରକୁ ମିଶେଇ ଶହ ଶହ ଉପଗ୍ରହ, ଗ୍ରହାଣୁପୁଞ୍ଜ, ଅଗଣିତ ଛୋଟବଡ଼ ପିଣ୍ଡ ଏବଂ ବିଶାଳକାୟ ସୂର୍ଯ୍ୟକୁ ନେଇ ଆମର ସୌରଜଗତ ତିଆରି ହୋଇଛି। ସମସ୍ତେ ସୂର୍ଯ୍ୟ ଚାରିପଟେ ବୁଲନ୍ତି। ସମସ୍ତଙ୍କ ଭିତରେ ଆମ ପୃଥିବୀ କଥା ନିଆରା। କାରଣ ଏତେ ଗ୍ରହ-ଉପଗ୍ରହ ରହିଥିଲେ ବି କେବଳ ପୃଥିବୀ ଗ୍ରହରେ ଜୀବଜନ୍ତୁ ଅଛନ୍ତି। ତେଣୁ ପୃଥିବୀକୁ ଆମ ସୌରଜଗତର 'ଜୀବଗ୍ରହ' ବୋଲି କୁହାଯାଉଛି। ଆମ ସୂର୍ଯ୍ୟ ଗୋଟିଏ ନକ୍ଷତ୍ର, ଯାହାର ସୌରଜଗତ ଅଛି। ଆମେ ରାତିରେ ହଜାର ହଜାର ତାରା ଦେଖୁ। କେଇଟା ତାରାକୁ ଛାଡ଼ିଦେଲେ ବାକି ତାରା ବି ନକ୍ଷତ୍ର। ସେମାନେ ଆମ ସୌରଜଗତ ବାହାରେ ଅଛନ୍ତି। ଆମ ସୂର୍ଯ୍ୟ ପରି ଅନେକ ନକ୍ଷତ୍ରର ସୌରଜଗତ ଅଛି ଓ ଗ୍ରହ-ଉପଗ୍ରହ ଅଛନ୍ତି। ସେମାନେ ନିଜର ନକ୍ଷତ୍ର ଚାରିପଟେ ବୁଲୁଛନ୍ତି। ସେଗୁଡ଼ିକୁ 'ବାହ୍ୟଗ୍ରହ' କହୁ। ଅନେକ ବାହ୍ୟଗ୍ରହକୁ ଚିହ୍ନଟ କରାଯାଇଛି, କିନ୍ତୁ ସେଠାରେ ଜୀବଜନ୍ତୁ ଥିବାର ପ୍ରମାଣ ମିଳିନାହିଁ।

ପୃଥିବୀରେ ଜୀବନ୍ତ ପ୍ରାଣୀ ରହିପାରିବାର ଅନେକ କାରଣ ଆମକୁ ଜଣା। ବଡ଼ କାରଣ ହେଉଛି ଜଳର ଉପସ୍ଥିତି। ପୃଥିବୀ ବାହାରେ କୌଣସି 'ବାହ୍ୟଗ୍ରହ'ରେ ମଧ୍ୟ ପାଣି ଥିଲେ ସେଠାରେ ଜୀବଜନ୍ତୁ ଥିବାର ସମ୍ଭାବନାକୁ ଏଡ଼େଇ ପାରିବା ନାହିଁ। ଆଜିକୁ ୪୫୦ କୋଟି ବର୍ଷ ତଳେ ପୃଥିବୀ ସୃଷ୍ଟି ହେଲା। ସେତେବେଳେ ପୃଥିବୀ ପୃଷ୍ଠରେ କୌଣସି ଜୀବ ନଥିଲେ। ପୃଥିବୀରେ ସମୁଦ୍ର ସୃଷ୍ଟି ହେଲା। ପ୍ରାୟ ୧୦୦ କୋଟି ବର୍ଷ ବିତିଲା ପରେ ସମୁଦ୍ର ଭିତରେ ହିଁ ପ୍ରଥମ ଜୀବ ସୃଷ୍ଟି ହୋଇଥିଲା। ତେଣୁ ଜୀବନ ସହିତ ଜଳର ନିବିଡ଼ ସମ୍ପର୍କ ରହିଛି।

ପାଣିକୁ ତିନିଟା ରୂପରେ ଦେଖୁ। ଆମେ ପିଉଥିବା ପାଣି ତରଳ ଅବସ୍ଥାରେ ଥାଏ। ତରଳ ପାଣିକୁ ଫ୍ରିଜ୍ ଭିତରେ ରଖିଲେ ତାହା ବରଫରେ ପରିଣତ ହୁଏ, ଯାହାକି ପାଣିର କଠିନ ଅବସ୍ଥା। ପାଣିକୁ ଗରମ କଲେ ବାଷ୍ପ ବାହାରେ, ଯାହାକି ପାଣିର ଗ୍ୟାସୀୟ ଅବସ୍ଥା। ତେଣୁ ପାଣି ତିନିଟା ରୂପରେ ରହିପାରେ। ଯେଉଁ ଗ୍ରହରେ ପାଣି ତିନିଟା ଅବସ୍ଥାରେ ରହିପାରିବ, ସେଠାରେ ଜୀବନ ସମ୍ଭବ। ପୃଥିବୀ ଏହାର ଉଦାହରଣ। ଆହୁରି ୭ଟି ଗ୍ରହ ଓ ଅନେକ ଛୋଟବଡ଼ ପିଣ୍ଡ ସୂର୍ଯ୍ୟ ଚାରିପଟେ ବିଭିନ୍ନ ଦୂରତାରେ ବୁଲୁଛନ୍ତି। ଯେଉଁ ପିଣ୍ଡଗୁଡ଼ିକ ସୂର୍ଯ୍ୟର ଅତି ନିକଟରେ ରହି ବୁଲୁଛନ୍ତି, ସେଗୁଡ଼ିକ ଅତି ଉତ୍ତପ୍ତ ଅବସ୍ଥାରେ ଅଛନ୍ତି। ସେଠାରେ ନିଆଁ ବର୍ଷିଲା ପରି ଖରା ହୁଏ। ବୁଧ ଓ ଶୁକ୍ର ସେମିତିକା ଦୁଇଟା ଗ୍ରହ।



ସେଠାରେ ଜୀବଜନ୍ତୁ ବଞ୍ଚିପାରିବେ ନାହିଁ। ପିଣ୍ଡଗୁଡ଼ିକ ସୂର୍ଯ୍ୟଠାରୁ ଅତି ଦୂରରେ ରହିଲେ ସେଠାରେ ଜୀବଜନ୍ତୁ ତିଷ୍ଠିପାରିବେ ନାହିଁ। ଆମ ବଞ୍ଚିବା ପାଇଁ ପୃଥିବୀ ଠିକ୍ ଜାଗାରେ ରହିଛି। ସୂର୍ଯ୍ୟଠାରୁ ଯେଉଁ ଦୂରତାରେ ପୃଥିବୀ ରହିଛି, ସେହି ଅଞ୍ଚଳକୁ ଗୋଲଡିଲକ୍‌ସ ଅଞ୍ଚଳ ବୋଲି କୁହାଯାଏ। ଏହି ଦୂରତାରେ ବେଶି ଗରମ ନାହିଁ କିମ୍ବା ବେଶି ଥଣ୍ଡା ନାହିଁ। ଏହି ଅଞ୍ଚଳରେ ପାଣି କଠିନ-ତରଳ-ଗ୍ୟାସୀୟ ତିନିଟା ଅବସ୍ଥାରେ ରହିପାରିବ। ତେଣୁ ଜୀବଜନ୍ତୁ ବଞ୍ଚିପାରିବେ।

ଯଦି ଆମ ସୌରଜଗତ ବାହାରେ କୌଣସି ଜୀବନ୍ତ ଗ୍ରହ ଥିବେ, ସେଗୁଡ଼ିକ ନିଜର ନକ୍ଷତ୍ରଠାରୁ ଗୋଲଡିଲକ୍‌ସ ଦୂରତାରେ ରହିଥିବେ। ତେଣୁ ବାହ୍ୟଗ୍ରହ ଖୋଜିବା ସମୟରେ ନିଜର ନକ୍ଷତ୍ରଠାରୁ ସେହି ଗ୍ରହଟି କେତେ ଦୂରରେ ଅଛି, ସେକଥା ପ୍ରଥମେ ଚିନ୍ତା କରୁ। କାରଣ ଗୋଲଡିଲକ୍‌ସ ଅଞ୍ଚଳରେ ରହିଲେ ସେଠାରେ ଜୀବନର ସମ୍ଭାବନା ରହିବ। ବ୍ରହ୍ମାଣ୍ଡରେ ଅନେକ ଛାୟାପଥ ଅଛନ୍ତି। କେବଳ ଆମ ଛାୟାପଥ ଆକାଶଗଙ୍ଗାରେ ପ୍ରାୟ ୧୬,୦୦୦ କୋଟି ବାହ୍ୟଗ୍ରହ ଥିବାର ଅନୁମାନ କରାଯାଉଛି। ୨୦୨୦ ଗବେଷଣା ଅନୁସାରେ ସେଥିମଧ୍ୟରୁ ୬,୦୦୦ କୋଟି ବାହ୍ୟଗ୍ରହ ଅଛନ୍ତି, ଯାହାର ଆକାର ପୃଥିବୀ ଭଳି। କିନ୍ତୁ ଦୁଃଖର କଥା, ନକ୍ଷତ୍ରର ଗୋଲଡିଲକ୍‌ସ ଅଞ୍ଚଳରେ ଅନେକ ଗ୍ରହ ମିଳିଥିଲେ ବି କୌଣସି ଗ୍ରହରେ ଜୀବଜଗତ ଥିବାର ଠୋସ୍ ପ୍ରମାଣ ଆମକୁ ମିଳିନାହିଁ। କିନ୍ତୁ ସେହି ଗ୍ରହଗୁଡ଼ିକରେ ଜୀବଜଗତ ନାହିଁ ବୋଲି ଆମେ ଦୃଢ଼ ଭାବରେ କହିପାରିବା ନାହିଁ।

ଗୋଲଡିଲକ୍‌ସ ଅଞ୍ଚଳରେ ଗ୍ରହଟିଏ ରହିଲେ ହଠାତ୍ ଜୀବନ ଆରମ୍ଭ ହୁଏ ନାହିଁ। ସେଥିପାଇଁ ସମୟ ଦରକାର। ଯେମିତି ଗୋଲଡିଲକ୍‌ସ ଅଞ୍ଚଳରେ ଅବସ୍ଥାନ କରୁଥିବା ପୃଥିବୀ ସୃଷ୍ଟି ହେବା ସମୟରେ ଜୀବଜନ୍ତୁ ନଥିଲେ କି ମଣିଷ ନ ଥିଲା। ସେତେବେଳେ ତାହା ଉତ୍ତପ୍ତ ବାଷ୍ପର ବିରାଟ ପିଣ୍ଡଟିଏ ଥିଲା। ଧୀରେ ଧୀରେ ଥଣ୍ଡା ହେଲା। ଏହାର ପୃଷ୍ଠତଳ ଟାଣ ହେଲା। ପୃଥିବୀପୃଷ୍ଠରେ ସମୁଦ୍ର ସୃଷ୍ଟି ହେଲା। ବିନା ଜୀବରେ ବିତିଗଲା ୧୦୦ କୋଟି ବର୍ଷ। ତା'ପରେ ଜଳ ଭିତରେ ଏକକୋଷୀ ଜୀବନର ଆରମ୍ଭ ହେଲା। ଏକକୋଷୀରୁ ବହୁକୋଷୀ ଜୀବନ ସମ୍ଭବ ହେଲା। ନାନା ଜାତିର ପ୍ରାଣୀ ସୃଷ୍ଟି ହେଲେ। ଯାହା ପ୍ରମାଣ ମିଳିଛି, ପୃଥିବୀ ପୃଷ୍ଠରେ ମଣିଷର ଆବିର୍ଭାବ ହେଲା ଏଇ ମାତ୍ର ୫୫ ଲକ୍ଷ ବର୍ଷ ତଳେ। ଅର୍ଥାତ୍ ପୃଥିବୀର ବୟସ ୧ ଦିନ ହେଲେ ମଣିଷର ଜନ୍ମ ମାତ୍ର ୨ ମିନିଟ ତଳେ ହୋଇଛି। ତେଣୁ ଆମେ ସେମିତିକା ବାହ୍ୟଗ୍ରହକୁ ଖୋଜିଚାଲିଛୁ, ଯିଏକି ଗୋଲଡିଲକ୍‌ସ ଅଞ୍ଚଳରେ ଅତି କମ୍‌ରେ ୧୦୦ କୋଟି ବର୍ଷ ରହିଥିବ। କେବେ ସେମିତିକା ଗ୍ରହର ସନ୍ଧାନ ମିଳିବ, ସେହି ଖବର ଶୁଣିବା ପାଇଁ ଆମେ ଅପେକ୍ଷା କରି ରହିବୁ। ସେଠାରେ ଥିବା ଜୀବମାନଙ୍କୁ ଦେଖିବା ପାଇଁ ଅନେଇ ବସିଛୁ।

**ପ୍ରାଧ୍ୟାପକ (ଫିଜିକ୍ସ),**
**ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ**
**ମୋ: ୯୪୩୯୫୦୧୬୫୧**

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ଟିଭି ଶୋ' ଦେଖି ଷ୍ଟ୍ରବେରି ଚାଷ ଆରମ୍ଭକରି ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ସେ ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବା ସହ ଲକ୍ଷାଧିକ ଟଙ୍କା ଲାଭ ପାଇଛନ୍ତି। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲକରିବା ପରେ ୧୩ ବର୍ଷ ଧରି ୧୦ ଏକର ପୈତୃକ ଜମିରେ ବିଭିନ୍ନ ପ୍ରକାର ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲରେ ହେଉଥିବା ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟ ଜାଗାରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ସମୁଦାୟ ପଦ୍ଧତି ଶେଷକରିବା ଲାଗି ଦେଢ଼ବର୍ଷରେ ସେ ୧୨ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ସେ ଏଥିରେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିର ଗତ ୨ ମାସରେ ସେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ଆସନ୍ତା ବର୍ଷ ଏହି ଚାଷରୁ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି ଆଶାବାଦୀ ଅଛନ୍ତି ଧୀରଜ।

## ୫୦ ବର୍ଷ ତଳର ଧରିତ୍ରୀ

**୯ ଡିସେମ୍ବର ୧୯୭୬**

- ଜାତିସଂଘର ସଚିବ ପ୍ରଧାନ ପଦରେ ୫୮ ବର୍ଷ ବୟସ୍କ ଡଃ ୱାଲଡ୍ ହେଇନ୍ ୨ୟ ଥର ପାଇଁ ପୁନଃ ନିର୍ବାଚିତ।
- ମେକ୍ସିକୋର ପରମାଣୁ ପଦାର୍ଥ ବିଜ୍ଞାନୀ ଡଃ ଲୁଇସ୍ ଏଷ୍ଟ୍ରାଡାଙ୍କୁ ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାର ଅର୍ପଣ।

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାନୀୟ ଜଳର ବ୍ୟବସ୍ଥା କରୁନାହାନ୍ତି

ମହାଶୟ,

ଓଡ଼ିଶାର ସବୁ ସହରରେ ଥିବା ହୋଟେଲ ଏବଂ ଲଜ୍‌ଗୁଡ଼ିକରେ ୨୪ ଘଣ୍ଟା ରହିବା ପାଇଁ ରୁମ୍ ପିଛା ଟଙ୍କା ନେଉଛନ୍ତି। ନିଜର କାମ ପାଇଁ ଲୋକମାନେ ବାହାରୁ ଆସି ରହୁଛନ୍ତି। ହେଲେ ପରିତାପର ବିଷୟ, ଅଧିକାଂଶ ହୋଟେଲ କିମ୍ବା ଲଜ୍‌ରେ ସାମାନ୍ୟତମ ପାନୀୟ ଜଳର ବ୍ୟବସ୍ଥା ରଖୁନାହାନ୍ତି। ପାନୀୟ ଜଳର ମାନ ମଧ୍ୟ ରହୁନାହିଁ। ପଚାରିଲେ ଉତ୍ତର ମିଳେ ଫିଲ୍‌ଟରର ବ୍ୟବସ୍ଥା ନାହିଁ। ବାଧହୋଇ ହୋଟେଲ ଫ୍ରିଜ୍‌ରେ ଥିବା ପାଣି ବୋତଲ ୨୦ଟଙ୍କା ଦେଇ କିଣିବାକୁ ପଡ଼ୁଛି। ଏ ବାଟରେ ମଧ୍ୟ ହୋଟେଲ ଓ ଲଜ୍ ମାଲିକମାନେ ଲୋକମାନଙ୍କୁ ଶୋଷଣ କରୁଛନ୍ତି। ଏ ଦିଗରେ ସରକାର ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଦରକାର।

**–କନ୍ହେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ବଲାଙ୍ଗୀର ଫଳ ଦୋକାନ ଜଳିପୋଡି ଛାରଖାର ହୋଇଯାଇଛି।


ଫଳଦୋକାନୀମାନେ ଅଗ୍ନିକାଣ୍ଡ ପରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଫଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

- ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିଗଲା
- କ୍ଷତିପୂରଣ ଦାବିରେ ଫଳଦୋକାନୀ କଲେ ରାସ୍ତାରୋକୋ

**ବଲାଙ୍ଗୀର, ୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ଫଳ ମାର୍କେଟ ସମ୍ପୂର୍ଣ୍ଣ ଜଳିପୋଡ଼ି ଛାରଖାର୍ ହୋଇଯାଇଛି। ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଏହି ଘଟଣା ଘଟିଥିଲା। ନିମିଷେକ ମଧ୍ୟରେ ୮୧ ଷ୍ଟଲ ବିଶିଷ୍ଟ ଫଳମାର୍କେଟ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହାର ଠିକ୍ କାରଣ ଜଣାପଡି ନ ଥିଲେ ମଧ୍ୟ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଫଳମାର୍କେଟ ଛାରଖାର ହୋଇଯାଇଥିବା କୁହାଯାଉଛି। ଅନ୍ୟପଟେ ଫଳ ମାର୍କେଟ ଭିତର ଆବର୍ଜନା ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କିଛି ଲୋକ ସନ୍ଦେହ କରୁଛନ୍ତି। ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଫଳ ଦୋକାନୀ ଓ କିଣୁଥିବା ଲୋକ। ଅଗ୍ନିକାଣ୍ଡ ପରେ ଜୀବନ ବିକଳରେ ସେମାନେ ସେଠାରୁ ଦୌଡି ପଳାଇ ଆସିବାକୁ ସକ୍ଷମ ହୋଇଥିବାରୁ ବଡଧରଣର ଜୀବନହାନିରୁ ବର୍ତ୍ତିଯାଇଛନ୍ତି। ଖବରପାଇ ବଲାଙ୍ଗୀର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଶେଷ କିଛି ରକ୍ଷା କରିପାରି ନ ଥିଲେ। ହୁତୁହୁତୁ ହୋଇ ଆଖିପିଛୁଳାକରେ ସମସ୍ତ ଷ୍ଟଲ ଜଳିପୋଡି ପାଉଁଶ ହୋଇଯାଇଥିଲା। ଫଳ ଦୋକାନରେ ଥିବା ଫଳ, ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ଫଳ ରଖିବା ପାଇଁ ଲଗାଯାଇଥିବା କାଠ ଓ ଲୁହା ରେକ୍, ବାଉଁଶ ଗ୍ରୀଲ୍ ଓ ଅନ୍ୟାନ୍ୟ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ, ଫଳ ଦୋକାନୀମାନେ ଜୀବନ ବିକଳରେ ସେଠାରୁ ବାହାରି ଆସିଥିଲେ। ଅନେକ ଦୋକାନୀ ସେମାନଙ୍କ ଟଙ୍କା ପଇସା, ଶାର୍ଟପ୍ୟାଣ୍ଟ ମଧ୍ୟ ଆଣି ପାରି ନ ଥିଲେ। ଫଳ ଦୋକାନରେ ଥିବା ଏକ ନିଉଜ୍ ପେପର ଷ୍ଟଲ ମଧ୍ୟ ପୋଡି ଯାଇଥିଲା। ତିନୋଟି ଦମକଳ ବାହିନୀଙ୍କ ଶତଚେଷ୍ଟା ସତ୍ତ୍ୱେ ଗୋଟିଏ ବି ଷ୍ଟଲକୁ ଅଗ୍ନିକାଣ୍ଡରୁ ରକ୍ଷା କରାଯାଇ ପାରି ନ ଥିବା ଦୋକାନୀମାନେ କହିଛନ୍ତି। ୮୧ଟି ଷ୍ଟଲରୁ ପ୍ରାୟ ୭୦ଟି ଷ୍ଟଲରେ ଫଳ ଦୋକାନ ଲାଗିଥିଲା ଏବଂ ସେମାନଙ୍କ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଫଳଦୋକାନୀମାନେ ଦୀର୍ଘ ସମୟ ଧରି ଫଳ ମାର୍କେଟ ସମ୍ମୁଖ ୨୬ ନଂ.ଜାତୀୟ ରାଜପଥକୁ ଅବରୋଧ କରି ନାରାବାଜି ଦେଇଥିଲେ। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାର ଉଚିତ୍ ତଦନ୍ତ କରାଯିବା ସହ ପ୍ରତ୍ୟେକ ଫଳ ଦୋକାନୀଙ୍କ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ କରି କ୍ଷତିପୂରଣ ଓ ସହାୟତା ଦାବି କରିଥିଲେ। ଘଟଣା ସମ୍ପର୍କରେ ଖବରପାଇ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଏସପି ଅଭିଳାଷ ଜି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଫଳ ଦୋକାନୀଙ୍କ କ୍ଷୟକ୍ଷତିର ଆକଳନ କରାଯିବ ଏବଂ ସେମାନଙ୍କୁ କିଭଳି ଉଚିତ୍ କ୍ଷତିପୂରଣ ମିଳିବ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏସ୍‌ପି ଅଭିଳାଷ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି। ଅଗ୍ନିକାଣ୍ଡ ସ୍ଥଳକୁ ପୌରାଧ୍ୟକ୍ଷା ଲିକା ସାହୁ ଓ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ବଲାଙ୍ଗୀରର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଓ ଭାଜପା ନେତା ତଥା ସମାଜସେବୀ ଗୋପାଲଜୀ ପାଣିଗ୍ରାହୀ ଘଟଣାସ୍ଥଳ ପରିଦର୍ଶନରେ ଆସି ଫଳ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଲଗ୍ନଜିତ ବେହେରା, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ପୁଇଁନ୍ତଳା ଥାନା ଆଇଆଇସି ଅନିତା ପ୍ରଧାନ ଓ ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳଙ୍କ ସମେତ ପୋଲିସ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଧାରଣାରତ ଫଳଦୋକାନୀଙ୍କୁ ବୁଝାଶୁଝା କରି ସ୍ଥିତି ଯାଞ୍ଚ କରିଥିଲେ। ସନ୍ଧ୍ୟା ୭ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା, ୭ ଗିରଫ

**ଲହୁଣୀପଡ଼ା,୮।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବରସୁଆଁ ରାସ୍ତା ଦଲମକୁଚା ଠାରେ ଲୁଟ ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଲହୁଣୀପଡ଼ା ପୋଲିସ ସୋମବାର ୭ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରୁ ୫ ଜଣଙ୍କୁ ବଣାଇଁ କୋର୍ଟ ଚାଲାଣ କରାଯାଇଥିବା ବେଳେ ୨ ନାବାଳକଙ୍କୁ ବାଲ ସୁଧାର ଗୃହକୁ ପଠାଯାଇଥିବା ଜଣାପଡିଛି। ଲୁଟ ପାଇଁ ବ୍ୟବହୃତ ହୋଇଥିବା ଅଟୋ ଏବଂ ଲୁଟ କରି ନେଇ ପଳାଇ ଥିବା ବାଇକ ମଧ୍ୟ ଜବତ କରାଯାଇଛି। ସୂଚନାରୁ ପ୍ରକାଶ, ନଭେମ୍ବର ୨୮ରାତି ପ୍ରାୟ ୧୧ଟାରେ ବରସୁଆଁର ଅଶ୍ୱିନ ପାତ୍ର ଏବଂ ବିକାଶ ଟପ୍ପୋ ଓଡି– ୧୪ଡବ୍ଲ୍ୟୁ–୬୩୫୨ ବାଇକ ଯୋଗେ ରାଉରକେଲାରୁ ବରସୁଆଁ ଫେରୁଥିବା ବେଳେ ଦଲମକୁଚା ଘାଟି ନିକଟରେ ଏକ ଅଟୋରେ ଦୁର୍ବୃତ୍ତମାନେ ଆସି ବାଇକକୁ ଅଟକାଇ ଲୁହା ଛଡରେ ଆକ୍ରମଣ କରିବାରୁ ଅଶ୍ୱିନୀ ମୁମୂର୍ଷ ଅବସ୍ଥାରେ ତଳେ ପଡିଯାଇଥିଲେ। ପଛରେ ବସିଥିବା ଯୁବକ ବିକାଶ ଦୌଡ଼ି ପଳାଇ କୌଣସି ମତେ ଜୀବନ ବଞ୍ଚାଇଥିଲେ। ଦୁର୍ବୃତ୍ତମାନେ ବାଇକ ଏବଂ ମୋବାଇଲ ନେଇ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କଙ୍କ ସହାୟତାରେ ଅଶ୍ୱୀନଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇ ଲହୁଣୀପଡା ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ୨୯ ତାରିଖରେ ତାଙ୍କର ଚିକିତ୍ସା ଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ କେସ୍ ନଂ. ୨୬୨/୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସୋମବାର ୭ ଜଣଙ୍କୁ ଗିରଫ କରିଛି।

## ଆଦିବାସୀ ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଲାଞ୍ଜିଗଡ଼,୮।୧୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳା (୩୬)ଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଅଭିଯୁକ୍ତ ଜଣକ ଉକ୍ତ ଗାଁର ଗାଁସାଥୀ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଦେଖାରଖା କରୁଥିବା ବେଳେ ପୀଡିତା ମହିଳା ମଧ୍ୟ ସେହି କାମ କରିଆସୁଥିଲେ। ଗତ ବୁଧବାର ମହିଳାଙ୍କ ଜମା ବହିରେ ଟଙ୍କା ଜମା ହୋଇଛି କହି ଅଭିଯୁକ୍ତ ଟଙ୍କା ଉଠାଇବା ପାଇଁ ନିଜ ବାଇକ୍ ଯୋଗେ ମହିଳାଙ୍କୁ ନିକଟସ୍ଥ ବ୍ୟାଙ୍କକୁ ନେଇଥିଲେ। ବ୍ୟାଙ୍କରେ ଯାଞ୍ଚ ପରେ ଜମା ଖାତାରେ କୌଣସି ଟଙ୍କା ପଡ଼ି ନ ଥିବାରୁ ସେମାନେ ଫେରିଆସିଥିଲେ। ହେଲେ ବାଟରେ ପୁଣ୍ଡାମ ଜଙ୍ଗଲରେ ପାଣି ପିଇବା ବାହାନା କରି ଅଭିଯୁକ୍ତ ବଳପୂର୍ବକ ଉଠାଇ ନେଇ ବଳାତ୍କାର କରିଥିଲେ ଓ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ମହିଳା ଅଭିଯୋଗ ଆଣିଛନ୍ତି। ମହିଳା ଜଣକ ସେଠାରୁ ଖସିଆସି ସମ୍ପର୍କୀୟଙ୍କ ସହାୟତାରେ ବିଜେପୁର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ। ହେଲେ ୪ଦିନ ପରେ ବି ପୋଲିସ ପକ୍ଷରୁ ତଦନ୍ତ ହୋଇ ନ ଥିବା ସେ କହିଛନ୍ତି। ଏହାସହ ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆ ନ ଗଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଜେପୁର ଥାନା ଅଧିକାରୀ ନିଳାମ୍ବର ଯାନୀଙ୍କୁ ପଚାରିବାରୁ ସେ ଛୁଟିରେ ରହିଥିବା ପ୍ରକାଶ କରିଥିଲେ। ଏସ୍‌ଆଇ ଶ୍ୟାମ କୁଲସିକାଙ୍କୁ ପଚାରିବାରୁ ଆମ ଥାନା ଅଧିକାରୀ ଅନୁପସ୍ଥିତ ଯୋଗୁ ଲାଞ୍ଜିଗଡ ଥାନା ଅଧିକାରୀ ବିଜେପୁର ଥାନା ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ତଦନ୍ତ କରିବା ପରେ କେସ୍ ରୁଜୁ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ, ତଦନ୍ତ ଦାବି

**ବଲାଙ୍ଗୀର, ୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଫଳ ମାର୍କେଟ ପୋଡି ଛାରଖାର ହେବାର କାରଣ ସର୍ଟ ସର୍କିଟ ବୋଲି ଅନୁମାନ କରାଯାଉଛି। ତେବେ କିଛି ଲୋକ ଭିନ୍ନ ମତ ରଖିଛନ୍ତି। ଫଳ ମାର୍କେଟ ହେବା ଦିନଠାରୁ କିଛି ବ୍ୟବସାୟୀ ଅସନ୍ତୋଷ ଥିଲେ। ସେମାନଙ୍କ ଷ୍ଟଲଗୁଡିକ ପଛରେ ରହିଥିବାରୁ ବ୍ୟବସାୟ କରିପାରୁ ନ ଥିଲେ। ଏହାକୁ ନେଇ ଅସନ୍ତୋଷ ଲାଗି ରହିଥିଲା। କିଛିଦିନ ପରେ ସେମାନଙ୍କ ବେପାର ଏକପ୍ରକାର ବୁଡି ଯାଇଥିଲା। ଏହାସହିତ କିଛି ଲୋକ ସେଠାରେ ଆବର୍ଜନା ଗଦାଇ ରଖୁଥିଲେ। ଏଭଳିକି କିଛି ଲୋକ ଖାଲିପଡିଥିବା ଷ୍ଟଲ ପଛ ପଟେ ମଦ ଓ ନିଶା କାରବାର କରୁଥିଲେ। ଏଠାରେ ବାରମ୍ବାର ଅସନ୍ତୋଷ ଓ ମାଡିପିଟ୍ ଲାଗି ରହିଥିଲା। ଏସବୁ କାରଣ ଭିତରେ ଅଗ୍ନିକାଣ୍ଡର କାରଣ ଥାଇପାରେ ବୋଲି ଚର୍ଚ୍ଚା ହେଉଛି।

## ଶୌଚ଼ଯିବା କାଳ ହେଲା — ପୋଖରୀରେ ବୁଡ଼ି ଦମ୍ପତିଙ୍କ ଜୀବନ ଗଲା

**ଥୁଆମୂଳ ରାମପୁର, ୮।୧୨ (ଦୁର୍ଗା କୀର୍ତ୍ତି)**

ଶୌଚ ପାଇଁ ପୋଖରୀକୁ ଯିବା ଏକ ବୃଦ୍ଧ ଦମ୍ପତିଙ୍କ ପାଇଁ କାଳ ହୋଇଛି। ପାଣିରେ ବୁଡ଼ି ଉଭୟଙ୍କ ଜୀବନ ଯାଇଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ଖମାରପଦର ଗ୍ରାମରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ ସତ୍ୟବାନ୍ ନାଏକ (୬୧) ଓ ତାଙ୍କ ସ୍ତ୍ରୀ ପ୍ରତିମା ନାଏକ(୬୦)। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୬ଟା ୩୦ରେ ଏହି ଦମ୍ପତି ଗାଁ ନିକଟ ତଳପଦର ପୋଖରୀକୁ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ଘରକୁ ଫେରିବା ବିଳମ୍ବ ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଏପରିସ୍ଥଳେ ସୋମବାର ସକାଳୁ ପ୍ରତିମାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଗ୍ରାମର କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସୁଶାନ୍ତ କୁମାର ପଣ୍ଡା ଓ ଟିମ୍ ସହ ଅତିରିକ୍ତ ତହସିଲଦାର ସନାତନ ମହାରଣା, ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀରୁ ପ୍ରଥମେ ପ୍ରତିମା ଓ ପରେ ସତ୍ୟବାନଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ପୃଥକ୍ ୟୁଡ଼ି କେସ୍ ନଂ.୧୨/୨୫ ଓ ୧୩/୨୫ରେ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି।

## ଶିବିରରେ ୮୮ ଅଭିଯୋଗ ପଞ୍ଜୀକୃତ

**କଲମପୁର,୮।୨(ଗଣେଶରାମ ବାଗ)**


ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

କଳାହାଣ୍ଡି ଜିଲା କଲମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଲୋକଙ୍କ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୮୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୫୧, ସାମୂହିକ ୨୨, ଭତ୍ତା ପାଇଁ ୩ ଏବଂ ଆବାସ ଘର ପାଇଁ ୧୨ ଜଣ ଅଭିଯୋଗ କରିଥିଲେ। ୨ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଧର୍ମଗଡ଼ ଏସ୍‌ଡ଼ିପିଓ ଡୋଲାମଣୀ ଭୋଇ, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ସମିତି ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି, ତହସିଲଦାର ସ୍ମରଣିକା ଡୁଙ୍ଗ, ବିଇଓ ମଧୁସ୍ମିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଫଳ ଦୋକାନୀଙ୍କୁ ବିଧାୟକ ପାଣ୍ଠିରୁ ସହାୟତା ଦେବେ କଳିକେଶ

**ବଲାଙ୍ଗୀର, ୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଫଳ ମାର୍କେଟ ଅଗ୍ନିକାଣ୍ଡରେ ଛାରଖାର ହେବା ପରେ କ୍ଷତିଗ୍ରସ୍ତ ଫଳ ଦୋକାନୀଙ୍କୁ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ତାଙ୍କ ବିଧାୟକ ପାଣ୍ଠିରୁ ସହାୟତା ଦେବେ ବୋଲି ଘୋଷଣା କରିଥିବା ଜଣାପଡିଛି। ଏନେଇ ପୌରାଧ୍ୟକ୍ଷା ସାହୁ ସୂଚନା ଦେଇଛନ୍ତି। ରାତିରେ ପୂର୍ବତନ ମନ୍ତ୍ରୀ ଅନଙ୍ଗଉଦୟ ସିଂଦେଓ ଓ ବିଜେଡି ନେତା ଅର୍କେଶ ନାରାୟଣ ସିଂଦେଓ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ଫଳ ଦୋକାନୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।


ବଲାଙ୍ଗୀର ଜିଲାପାଳ, ପୌରାଧ୍ୟକ୍ଷା ଓ ଅନ୍ୟମାନେ କ୍ଷତିଗ୍ରସ୍ତ ଫଳ ମାର୍କେଟ ପରିଦର୍ଶନ ପରେ ଆଲୋଚନା କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ଉପମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର, ୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଫଳ ମାର୍କେଟ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହେବା ଘଟଣା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କ ପ୍ରତିନିଧି ତଥା ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ସନ୍ଧ୍ୟାରେ କ୍ଷତିଗ୍ରସ୍ତ ଫଳ ମାର୍କେଟକୁ ଆସି ଫଳ ଦୋକାନୀଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ବୁଝାଶୁଝା କରିଥିଲେ। ପୌର ନିର୍ବାହୀ ଅଧିକାରୀଙ୍କୁ ଡକାଇ ଆଲୋଚନା କରିଥିଲେ। ପ୍ରତ୍ୟେକ ଫଳ ଦୋକାନୀଙ୍କୁ ୧୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ ବୋଲି କହିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଫଳ ମାର୍କେଟ ପୋଡି ଛାରଖାର ହେବା ଘଟଣାକୁ ନେଇ ଉପମୁଖ୍ୟମନ୍ତ୍ରୀ ସିଂଦେଓ, ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓଙ୍କ ସହ ସେ ଆଲୋଚନା କରିଥିବା ଜଣାଇଥିଲେ। ଏଭଳିକି ଉପମୁଖ୍ୟମନ୍ତ୍ରୀ ଏଦିଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କହି ସମସ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସମସ୍ତ କ୍ଷତିଗ୍ରସ୍ତ ଫଳ ଦୋକାନୀଙ୍କୁ ଉପମୁଖ୍ୟମନ୍ତ୍ରୀ ଓ ଏମପି ସମବେଦନା ଜଣାଇଥିବା ପାଣିଗ୍ରାହୀ ସୂଚନା ଦେଇଥିଲେ।


**SREI**
**ଶ୍ରେଇ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍**
ସିଆଇଏନ୍: U29219WB1985PLC055352
ପଞ୍ଜୀକୃତ କାର୍ଯ୍ୟାଳୟ: ''ବିଶ୍ୱକର୍ମା'', ୮୬ସି ଟୋପସିଆ ରୋଡ୍ (ଏସ୍), କୋଲକାତା - ୭୦୦୦୪୬
**ସର୍ବସାଧାରଣ ବିଜ୍ଞପ୍ତି**
ଆମର ଅଗଷ୍ଟ ୩୦, ୨୦୨୫ର ବିଜ୍ଞପ୍ତି ସନ୍ଦର୍ଭରେ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ରୂପେ ଶ୍ରେଇ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍ (''ଏସ୍‌ଆଇଏଫ୍‌ଏଲ୍'')ର ଗ୍ରାହକମାନଙ୍କୁ ପୁନଶ୍ଚ ସ୍ମରଣ କରାଇଦିଆଯାଉଛି ଯେ, ୧ମ ମହଲା, ହୋଟା କମ୍ପ୍ଲେକ୍ସ, ଅଇଁଠାପଲ୍ଲୀ ଛକ, ସମ୍ବଲପୁର – ୭୬୮୦୦୪, ଓଡ଼ିଶା ସ୍ଥିତ ଏସ୍‌ଆଇଏଫ୍‌ଏଲ୍‌ର ସମ୍ବଲପୁର ଶାଖା କାର୍ଯ୍ୟାଳୟ **ଡିସେମ୍ବର ୩୧, ୨୦୨୫**ଠାରୁ ବନ୍ଦ ହୋଇଯିବ ।
ଉପରଦର୍ଶିତ ଶାଖା କାର୍ଯ୍ୟାଳୟକୁ ବନ୍ଦ କରାଯିବାର ପ୍ରସ୍ତାବ ସମ୍ବନ୍ଧରେ ଯଦି ଆପଣଙ୍କର କୌଣସି ପ୍ରଶ୍ନ ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ଶ୍ରୀଯୁକ୍ତ ମନୋଜ କୁମାର, କମ୍ପାନୀ ସଚିବ ଏବଂ ସିସିଓଙ୍କ ସହ ଇମେଲ୍: secretarial@srei.com ଜରିଆରେ ସମ୍ପର୍କ କରିବା କିମ୍ବା ନିଜର ପ୍ରଶ୍ନ କମ୍ପାନୀର ଉପରଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟକୁ (ଧ୍ୟାନାର୍ଥେ: ଶ୍ରୀଯୁକ୍ତ ମନୋଜ କୁମାର, କମ୍ପାନୀ ସଚିବ ଏବଂ ସିସିଓ) ପଠାଇବା ଲାଗି ଆପଣଙ୍କୁ ଅନୁରୋଧ କରାଯାଉଛି ।



सीएमपीडीआई मिनी रत्न cmpdi Mini Ratna
**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LTD.**
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखण्ड, भारत
**सूचना/NOTICE**
"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"



**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025
Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.
**Sd./- Managing Director**



**QUOTATION CALL NOTICE**
Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.
**Sd./- Principal**
**Anchalika Degree Mahavidyalaya,**
**Pragyanvihar, Siminai, Dhenkanal-759025**



**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, LOHARDAGA**
**e-Procurement Notice**
Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted**
**(2) Published Estimated Cost may be Increase or Decrease.**
**Further details can be seen on website** http://jharkhandtenders.gov.in
**Executive Engineer**
PR 367989 (Lohardaga) 25-26 (D) **Minor Irrigation Division, Lohardaga.**



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**
**e- Procurement Notice**
**(2nd Call)**
**(SHORT TENDER)**
e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website ***http://jharkhandtenders.gov.in***
**EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, SAHIBGANJ**
PR 367995 (Road) 25-26 (D)



ବଲାଙ୍ଗୀର ଫଳ ଦୋକାନ ଜଳିପୋଡି ଛାରଖାର ହୋଇଯାଇଛି।



ଫଳଦୋକାନୀମାନେ ଅଗ୍ନିକାଣ୍ଡ ପରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଫଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

- ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିଗଲା
- କ୍ଷତିପୂରଣ ଦାବିରେ ଫଳଦୋକାନୀ କଲେ ରାସ୍ତାରୋକୋ

**ବଲାଙ୍ଗୀର, ୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ଫଳ ମାର୍କେଟ ସମ୍ପୂର୍ଣ୍ଣ ଜଳିପୋଡ଼ି ଛାରଖାର୍ ହୋଇଯାଇଛି। ସୋମବାର ଅପରାହ୍ଣ ପ୍ରାୟ ୩ଟାରେ ଏହି ଘଟଣା ଘଟିଥିଲା। ନିମିଷେକ ମଧ୍ୟରେ ୮୧ ଷ୍ଟଲ ବିଶିଷ୍ଟ ଫଳମାର୍କେଟ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହାର ଠିକ୍ କାରଣ ଜଣାପଡି ନ ଥିଲେ ମଧ୍ୟ ଶର୍ଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟି ଫଳମାର୍କେଟ ଛାରଖାର ହୋଇଯାଇଥିବା କୁହାଯାଉଛି। ଅନ୍ୟପଟେ ଫଳ ମାର୍କେଟ ଭିତର ଆବର୍ଜନା ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କିଛି ଲୋକ ସନ୍ଦେହ କରୁଛନ୍ତି। ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଫଳ ଦୋକାନୀ ଓ କିଣୁଥିବା ଲୋକ। ଅଗ୍ନିକାଣ୍ଡ ପରେ ଜୀବନ ବିକଳରେ ସେମାନେ ସେଠାରୁ ଦୌଡି ପଳାଇ ଆସିବାକୁ ସକ୍ଷମ ହୋଇଥିବାରୁ ବଡଧରଣର ଜୀବନହାନିରୁ ବର୍ତ୍ତିଯାଇଛନ୍ତି। ଖବରପାଇ ବଲାଙ୍ଗୀର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଶେଷ କିଛି ରକ୍ଷା କରିପାରି ନ ଥିଲେ। ହୁତୁହୁତୁ ହୋଇ ଆଖିପିଛୁଳାକରେ ସମସ୍ତ ଷ୍ଟଲ ଜଳିପୋଡି ପାଉଁଶ ହୋଇଯାଇଥିଲା। ଫଳ ଦୋକାନରେ ଥିବା ଫଳ, ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ଫଳ ରଖିବା ପାଇଁ ଲଗାଯାଇଥିବା କାଠ ଓ ଲୁହା ରେକ୍, ବାଉଁଶ ଗ୍ରୀଲ୍ ଓ ଅନ୍ୟାନ୍ୟ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ, ଫଳ ଦୋକାନୀମାନେ ଜୀବନ ବିକଳରେ ସେଠାରୁ ବାହାରି ଆସିଥିଲେ। ଅନେକ ଦୋକାନୀ ସେମାନଙ୍କ ଟଙ୍କା ପଇସା, ଶାର୍ଟପ୍ୟାଣ୍ଟ ମଧ୍ୟ ଆଣି ପାରି ନ ଥିଲେ। ଫଳ ଦୋକାନରେ ଥିବା ଏକ ନିଉଜ୍ ପେପର ଷ୍ଟଲ ମଧ୍ୟ ପୋଡି ଯାଇଥିଲା। ତିନୋଟି ଦମକଳ ବାହିନୀଙ୍କ ଶତଚେଷ୍ଟା ସତ୍ତ୍ୱେ ଗୋଟିଏ ବି ଷ୍ଟଲକୁ ଅଗ୍ନିକାଣ୍ଡରୁ ରକ୍ଷା କରାଯାଇ ପାରି ନ ଥିବା ଦୋକାନୀମାନେ କହିଛନ୍ତି। ୮୧ଟି ଷ୍ଟଲରୁ ପ୍ରାୟ ୭୦ଟି ଷ୍ଟଲରେ ଫଳ ଦୋକାନ ଲାଗିଥିଲା ଏବଂ ସେମାନଙ୍କ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଫଳଦୋକାନୀମାନେ ଦୀର୍ଘ ସମୟ ଧରି ଫଳ ମାର୍କେଟ ସମ୍ମୁଖ ୨୬ ନଂ.ଜାତୀୟ ରାଜପଥକୁ ଅବରୋଧ କରି ନାରାବାଜି ଦେଇଥିଲେ। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାର ଉଚିତ୍ ତଦନ୍ତ କରାଯିବା ସହ ପ୍ରତ୍ୟେକ ଫଳ ଦୋକାନୀଙ୍କ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ କରି କ୍ଷତିପୂରଣ ଓ ସହାୟତା ଦାବି କରିଥିଲେ। ଘଟଣା ସମ୍ପର୍କରେ ଖବରପାଇ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଏସପି ଅଭିଲାଷ ଜି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଫଳ ଦୋକାନୀଙ୍କ କ୍ଷୟକ୍ଷତିର ଆକଳନ କରାଯିବ ଏବଂ ସେମାନଙ୍କୁ କିଭଳି ଉଚିତ୍ କ୍ଷତିପୂରଣ ମିଳିବ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏସ୍‌ପି ଅଭିଲାଷ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି। ଅଗ୍ନିକାଣ୍ଡ ସ୍ଥଳକୁ ପୌରାଧ୍ୟକ୍ଷା ଲିକା ସାହୁ ଓ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ବଲାଙ୍ଗୀରର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଓ ଭାଜପା ନେତା ତଥା ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ଘଟଣାସ୍ଥଳ ପରିଦର୍ଶନରେ ଆସି ଫଳ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଲଗ୍ନଜିତ ବେହେରା, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ପୁଇଁନ୍ତଲା ଥାନା ଆଇଆଇସି ଅନିତା ପ୍ରଧାନ ଓ ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳଙ୍କ ସମେତ ପୋଲିସ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଧାରଣାରତ ଫଳଦୋକାନୀଙ୍କୁ ବୁଝାଶୁଝା କରି ସ୍ଥିତି ଯାଞ୍ଚ କରିଥିଲେ। ସନ୍ଧ୍ୟା ୭ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା, ୭ ଗିରଫ

**ଲହୁଣୀପଡ଼ା,୮।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବରସୁଆଁ ରାସ୍ତା ଦଲମକୁଚା ଠାରେ ଲୁଟ ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଲହୁଣୀପଡ଼ା ପୋଲିସ ସୋମବାର ୭ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରୁ ୫ ଜଣଙ୍କୁ ବଣାଇଁ କୋର୍ଟ ଚାଲାଣ କରାଯାଇଥିବା ବେଳେ ୨ ନାବାଳକଙ୍କୁ ବାଲ ସୁଧାର ଗୃହକୁ ପଠାଯାଇଥିବା ଜଣାପଡିଛି। ଲୁଟ ପାଇଁ ବ୍ୟବହୃତ ହୋଇଥିବା ଅଟୋ ଏବଂ ଲୁଟ କରି ନେଇ ପଳାଇ ଥିବା ବାଇକ ମଧ୍ୟ ଜବତ କରାଯାଇଛି। ସୂଚନାରୁ ପ୍ରକାଶ, ନଭେମ୍ବର ୨୮ରାତି ପ୍ରାୟ ୧୧ଟାରେ ବରସୁଆଁର ଅଶ୍ୱିନ ପାତ୍ର ଏବଂ ବିକାଶ ଟପ୍ପୋ ଓଡି- ୧୪ଡବ୍ଲ୍ୟୁ-୬୩୫୨ ବାଇକ ଯୋଗେ ରାଉରକେଲାରୁ ବରସୁଆଁ ଫେରୁଥିବା ବେଳେ ଦଲମକୁଚା ଘାଟି ନିକଟରେ ଏକ ଅଟୋରେ ଦୁର୍ବୃତ୍ତମାନେ ଆସି ବାଇକକୁ ଅଟକାଇ ଲୁହା ଛଡରେ ଆକ୍ରମଣ କରିବାରୁ ଅଶ୍ୱିନୀ ମୁମୂର୍ଷ ଅବସ୍ଥାରେ ତଳେ ପଡିଯାଇଥିଲେ। ପଛରେ ବସିଥିବା ଯୁବକ ବିକାଶ ଦୌଡ଼ି ପଳାଇ କୌଣସି ମତେ ଜୀବନ ବଞ୍ଚାଇଥିଲେ। ଦୁର୍ବୃତ୍ତମାନେ ବାଇକ ଏବଂ ମୋବାଇଲ ନେଇ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କଙ୍କ ସହାୟତାରେ ଅଶ୍ୱୀନଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇ ଲହୁଣୀପଡା ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ୨୯ ତାରିଖରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ କେସ୍ ନଂ. ୨୬୨/୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସୋମବାର ୭ ଜଣଙ୍କୁ ଗିରଫ କରିଛି।

## ହାଫ୍ ମାରାଥନ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ



ମାରାଥନ୍‌କୁ ପତାକା ଦେଖାଇ ଆରମ୍ଭ କରାଯାଉଛି।

**ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ):** ୨୦୨୬ ଜାନୁଆରୀ ୨୪ ତାରିଖରେ ହେବାକୁ ଥିବା ରାଉରକେଲା ହାଫ ମାରାଥନର ପ୍ରୋମୋ ଦୌଡ଼ରେ ୩ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ଗତ ରବିବାର ଇସ୍ପାତ ଷ୍ଟାଡିୟମରେ ସେବା ବିଭାଗର ସିଜିଏମ ଇନଚାର୍ଜ ଆତିଶ ଚନ୍ଦ୍ର ସରକାର ପ୍ରୋମୋ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବହୁ ସିଜିଏମ ଓ ବରିଷ୍ଠ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ବୃତ୍ତିଗତ ମାରାଥନ ଦୌଡ଼ ବିଷୟରେ ଅଂଶଗ୍ରହଣକାରୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ସେମାନଙ୍କୁ ୱାର୍ମ-ଅପ୍ ରୁଟିନ, ସଠିକ ଦୌଡ ପୋଜିସନ, ଶ୍ୱାସକ୍ରିୟା ପଦ୍ଧତି, ଗତି ରଣନୀତି ଏବଂ ଦୌଡ଼ ପରବର୍ତ୍ତୀ କୁଲିଂ ବ୍ୟାୟାମ ଭଳି ଅତ୍ୟାବଶ୍ୟକ ଦୌଡ କୌଶଳ ବିଷୟରେ ତାଲିମ ଦିଆଯାଇଥିଲା। ଏହା ଇସ୍ପାତ ଷ୍ଟାଡିୟମରୁ ଆରମ୍ଭ ହୋଇ ଟେଲିଫୋନ ଭବନ ଛକ ପର୍ଯ୍ୟନ୍ତ ଯାଇଥିଲା। ବିତ୍ତ ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାତ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରବର୍ତ୍ତୀ ପ୍ରୋମୋ ଦୌଡ ଡିସେମ୍ବର ୧୪ ତାରିଖ ସକାଳ ୬ଟାରେ ଭଞ୍ଜ ଭବନ ପରିସରରେ ଆୟୋଜନ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ଶୌଚଯିବା କାଳ ହେଲା
# ପୋଖରୀରେ ବୁଡ଼ି ଦମ୍ପତିଙ୍କ ଜୀବନ ଗଲା

**ଥୁଆମୂଳ ରାମପୁର, ୮।୧୨ (ଦୁର୍ଗା କୀର୍ତ୍ତି)**

ଶୌଚ ପାଇଁ ପୋଖରୀକୁ ଯିବା ଏକ ବୃଦ୍ଧ ଦମ୍ପତିଙ୍କ ପାଇଁ କାଳ ହୋଇଛି। ପାଣିରେ ବୁଡ଼ି ଉଭୟଙ୍କ ଜୀବନ ଯାଇଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ଖମାରପଦର ଗ୍ରାମରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ ସତ୍ୟବାନ୍ ନାଏକ (୬୧) ଓ ତାଙ୍କ ସ୍ତ୍ରୀ ପ୍ରତିମା ନାଏକ(୬୦)। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୬ଟା ୩୦ରେ ଏହି ଦମ୍ପତି ଗାଁ ନିକଟ ତଳପଦର ପୋଖରୀକୁ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ଘରକୁ ଫେରିବା ବିଳମ୍ବ ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଏପରିସ୍ଥଳେ ସୋମବାର ସକାଳୁ ପ୍ରତିମାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଗ୍ରାମର କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସୁଶାନ୍ତ କୁମାର ପଣ୍ଡା ଓ ଟିମ୍ ସହ ଅତିରିକ୍ତ ତହସିଲଦାର ସନାତନ ମହାରଣା, ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀରୁ ପ୍ରଥମେ ପ୍ରତିମା ଓ ପରେ ସତ୍ୟବାନଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ପୃଥକ୍ ଯୁଡ଼ି କେସ୍ ନଂ.୧୨/୨୫ ଓ ୧୩/୨୫ରେ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି।

# ଦିବାସ୍ୱପ୍ନ ଦେଖାଇଲା 'ହନୁମାନ ପଇସା'

## ଇସ୍ପାତ ନାଟ୍ୟ ମହୋତ୍ସବର ସପ୍ତମ ସନ୍ଧ୍ୟା

**ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ)**



ପରିବେଷିତ ନାଟକର ଏକ ଦୃଶ୍ୟ।

ରାଉରକେଲା ସିଭିକ୍‌ସେଣ୍ଟରରେ ଏକତ୍ର ପକ୍ଷରୁ ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ସୋମବାର ସପ୍ତମ ସନ୍ଧ୍ୟାରେ ରଙ୍ଗମଞ୍ଚ ନାଟ୍ୟାନୁଷ୍ଠାନର କଳାକାରଙ୍କ ଦ୍ୱାରା 'ହନୁମାନ ପଇସା' ନାଟକ ମଞ୍ଚସ୍ଥ ହୋଇଛି। ଜୀବନ ସହ ଆଜୀବନ ଯୁଝିବାକୁ ହୁଏ। ସେ ଯୁଦ୍ଧରେ ନା ମଣିଷ ହାରେ ନା ଜୀବନ ହାରେ। ଜୀବନ ଯୁଦ୍ଧରେ ସାମିଲ ହେବା ହିଁ ମଣିଷପଣିଆ। ତେବେ ଦୟାନିଧି ପାତ୍ର ଭଳି ଚରିତ୍ରମାନେ ବେଳେ ବେଳେ ଜୀବନ ଯୁଦ୍ଧରୁ ଛତ୍ରଭଙ୍ଗ ଦେଇ ପଳାୟନ କରନ୍ତି। ରାତାରାତି ବଡଲୋକ ହେବାର ସ୍ୱପ୍ନ ଦେଖନ୍ତି। ହନୁମାନ ପଇସା ଭଳି ଏକ ଦିବାସ୍ୱପ୍ନ ପିଠିରେ ଲାଉ ହୋଇଯା'ନ୍ତି। ହନୁମାନ ପଇସା ଭଳି ଏକ ଅଲୌକିକ ବସ୍ତୁ କ'ଣ ସତରେ କୋଉଠି ଥାଏ। ଯଦି ଥାଏ, ତାହା କ'ଣ ଆଣିଦେଇପାରେ ଇପ୍ସିତ ଐଶ୍ୱର୍ଯ୍ୟ ଏଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ରଣଜିତ ପଟ୍ଟନାୟକ ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ କୈଳାସ ପାଣିଗ୍ରାହୀ। ସୁଦେଶ ନାୟକ, ଉମା ଶଙ୍କର ପଣ୍ଡା, ଗୌରାଙ୍ଗ ଦଳେଇ, ଅରବିନ୍ଦ ଜଗଦେବ, ଅମିୟ ସାହୁ, ସୌମ୍ୟରଞ୍ଜନ ଲେଙ୍କା, ରୋହିତ ଜଗଦଳ ଓ ସୌମ୍ୟା ସୁଚରିତା ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏଥିରେ ଅଗ୍ନିଶିଳ୍ପ ବିଭାଗ ଡାକ୍ତର କିରଣ ମିଶ୍ର ମୁଖ୍ୟ ଅତିଥି, ଓଡିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ଉଦ୍‌ଘାଟକ ଏବଂ ଶିକ୍ଷାବିତ୍ ଆଲୋକ ରଞ୍ଜନ ମଲ୍ଲିକ ମୁଖ୍ୟ ଦର୍ଶକ ଭାବେ ଯୋଗ ଦେଇଥିଲେ। ନାଟ୍ୟ ବ୍ୟକ୍ତିତ୍ୱ ପ୍ରଶାନ୍ତ ପତି ସଭାପତିତ୍ୱ କରିଥିଲାବେଳେ ଦୀପକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭଶ୍ରୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ଦାସ, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


**SREI**

**ଶ୍ରେଇ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍**

ସିଆଇଏନ୍: U29219WB1985PLC055352

ପଞ୍ଜୀକୃତ କାର୍ଯ୍ୟାଳୟ: "ବିଶ୍ୱକର୍ମା", ୮୬ସି ଟୋପସିଆ ରୋଡ୍ (ଏସ୍), କୋଲକାତା - ୭୦୦୦୪୬

**ସର୍ବସାଧାରଣ ବିଜ୍ଞପ୍ତି**

ଆମର ଅଗଷ୍ଟ ୩୦, ୨୦୨୫ର ବିଜ୍ଞପ୍ତି ସନ୍ଦର୍ଭରେ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ରୂପେ ଶ୍ରେଇ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍ ("ଏସ୍‌ଆଇଏଫ୍‌ଏଲ୍")ର ଗ୍ରାହକମାନଙ୍କୁ ପୁନଶ୍ଚ ସ୍ମରଣ କରାଇଦିଆଯାଉଛି ଯେ, ୧ମ ମହଲା, ହୋଟା କମ୍ପ୍ଲେକ୍ସ, ଅଇଁଠାପଲ୍ଲୀ ଛକ, ସମ୍ବଲପୁର - ୭୬୮୦୦୪, ଓଡ଼ିଶା ସ୍ଥିତ ଏସ୍‌ଆଇଏଫ୍‌ଏଲ୍‌ର ସମ୍ବଲପୁର ଶାଖା କାର୍ଯ୍ୟାଳୟ **ଡିସେମ୍ବର ୩୧, ୨୦୨୫**ଠାରୁ ବନ୍ଦ ହୋଇଯିବ।

ଉପରଦର୍ଶିତ ଶାଖା କାର୍ଯ୍ୟାଳୟକୁ ବନ୍ଦ କରାଯିବାର ପ୍ରସ୍ତାବ ସମ୍ବନ୍ଧରେ ଯଦି ଆପଣଙ୍କର କୌଣସି ପ୍ରଶ୍ନ ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ଶ୍ରୀଯୁକ୍ତ ମନୋଜ କୁମାର, କମ୍ପାନୀ ସଚିବ ଏବଂ ସିସିଓଙ୍କ ସହ ଇମେଲ୍: secretarial@srei.com ଜରିଆରେ ସମ୍ପର୍କ କରିବା କିମ୍ବା ନିଜର ପ୍ରଶ୍ନ କମ୍ପାନୀର ଉପରଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟକୁ (ଧ୍ୟାନାର୍ଥେ: ଶ୍ରୀଯୁକ୍ତ ମନୋଜ କୁମାର, କମ୍ପାନୀ ସଚିବ ଏବଂ ସିସିଓ) ପଠାଇବା ଲାଗି ଆପଣଙ୍କୁ ଅନୁରୋଧ କରାଯାଉଛି।



सीएमपीडीआई मिनी रत्न cmpdi Mini Ratna

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"



**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**

**P.O.NUAGAM (ASKA)-761111, GANJAM DISTRICT, ODISHA**

Phones:06822-273464, email:askasugar@yahoo.co.in, website:askasugar.com

Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

**Sd./- Managing Director**


# ନିଶୁ ଶର୍ମା ରାଉରକେଲା ଫ୍ରେଣ୍ଡଶିପ୍ କପ୍ ବିଜେତା




ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

**ରାଉରକେଲା,୮।୧୨(ସଙ୍ଗୀତା ଜେନା)**

ରାଉରକେଲା ରେଳ ଷ୍ଟେଶନ ନିକଟ ଗୁରୁଦ୍ୱାରା ଗୁରୁ ସିଂହ ସଭା କମ୍ପ୍ଲେକ୍ସରେ ରବିବାର ଫ୍ରେଣ୍ଡଶିପ୍ କପ୍- ୨୦୨୫ ଯୋଗାସନ ଚାମ୍ପିୟନଶିପ୍ ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, ଆସାମ ସମେତ ଅନ୍ୟାନ୍ୟ ରାଜ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। କୋଲକାତାର ନିଶୁ ଶର୍ମା କେବଳ ଚାମ୍ପିୟନ୍ସ ଅଫ୍ ଚାମ୍ପିୟନ୍ସ ଟ୍ରଫି ଓ ରାଉରକେଲା ଫ୍ରେଣ୍ଡସିପ୍ କପ୍ ଜିତିଥିଲେ। ଉଦଘାଟନୀ ଉତ୍ସବରେ ଲାୟନ୍ସ କ୍ଲବ୍ ଇଣ୍ଟରନ୍ୟାଶନାଲର ଜିଲା ଗଭର୍ନର ମମତା ଗୌତମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଯୋଗାସନ ଚାମ୍ପିୟନଶିପ୍ ଦେଶର ବିଭିନ୍ନ ରାଜ୍ୟରେ ହୁଏ। କିନ୍ତୁ ରାଉରକେଲା ଏବଂ ଆଖପାଖ ଅଞ୍ଚଳର ଲୋକମାନେ ସେଠାରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିପାରନ୍ତିନାହିଁ। ରାଉରକେଲାରେ ହିଁ ସେମାନଙ୍କୁ ଏକ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପର୍ଯ୍ୟବେକ୍ଷଣ ଏବଂ ଶିକ୍ଷା କରିବାର ସୁଯୋଗ ମିଳିଥିଲା ବୋଲି ଗୌତମ କହିଥିଲେ। ଅତିଥିମାନଙ୍କ ମଧ୍ୟରେ ଗୁରୁଦ୍ୱାରା ଶ୍ରୀ ଗୁରୁ ସିଂହ ସଭା ସତ୍‌ସଙ୍ଗର ସଭାପତି ବଲୱନ୍ତ କୌର, ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମିଳନୀ ସୁନ୍ଦରଗଡ଼ ଶାଖାର ଅଧ୍ୟକ୍ଷା ମେଘା ଅଗ୍ରୱାଲ, ଜାତୀୟ ଭଲିବଲ୍ ପ୍ରଶିକ୍ଷକ ତଥା ରେଫରି ସସ୍ମିତା ଦାସ ଏବଂ ପୂର୍ବତନ ଲାୟନ୍ସ ଜିଲା ଗଭର୍ନର ଆର. କେ. ସିଂହ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଏନଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧିମାନ ଏବଂ ସୁନ୍ଦରଗଡ଼ ଜିଲା କ୍ରୀଡା ଯୋଗାସନ ସଂଘ ସଭାପତି ହରମନ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହିଳା ବର୍ଗରେ ବିଜେତା ବିମଳା ଦେବୀ ଥେବାଡିଆ ଏବଂ ବାଳକ ବର୍ଗରେ ବିଜେତା ପ୍ରଜାମିତ୍ର ଆର୍ଯ୍ୟ ସ୍ମାରକୀ ଟ୍ରଫି ପାଇଥିଲେ। ଗୁରୁଦ୍ୱାର ସଭାପତି ଗୁରୁ ସିଂ ସଭା ନିର୍ମଳ ସିଂ, ସଚିବ ବଳଦେବ ସିଂ, ଓମ୍ ଯୋଗ କେନ୍ଦ୍ରର କୋଚ୍ ନବ କିଶୋର ଧାବଲ, ଏମ୍. କେ. ମହାତ୍ମା, ସୋନି ରାଉତ, ଲାଲସାଗର ଚୌହାନ, କମଲ କାବ୍ରା, ସଜନ ବନସଲ, ଶଶିକାନ୍ତ ଯୋଗୀ, ଗୋବିନ୍ଦ ମନ୍ତ୍ର ଚନ୍ଦ୍ର ସ୍ପୋର୍ଟସ୍ ଆସୋସିଏଶନ ନୀଳାଦ୍ରି ମୁଖାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**QUOTATION CALL NOTICE**

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

**Sd./- Principal**
**Anchalika Degree Mahavidyalaya,**
**Pragyanvihar, Siminai, Dhenkanal-759025**



**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, LOHARDAGA**

**e-Procurement Notice**

Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted**
**(2) Published Estimated Cost may be Increase or Decrease.**
**Further details can be seen on website** http://jharkhandtenders.gov.in

**Executive Engineer**
PR 367989 (Lohardaga) 25-26 (D) **Minor Irrigation Division, Lohardaga.**



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**
**(2nd Call)**
**(SHORT TENDER)**

e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

**EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, SAHIBGANJ**

PR 367995 (Road) 25-26 (D)



ବଲାଙ୍ଗୀର ଫଳ ଦୋକାନ ଜଳିପୋଡି ଛାରଖାର ହୋଇଯାଇଛି।



ଫଳଦୋକାନୀମାନେ ଅଗ୍ନିକାଣ୍ଡ ପରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଫଳ ମାର୍କେଟ୍‌ରେ ଭୟାବହ ଅଗ୍ନିକାଣ୍ଡ

- ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିଗଲା
- କ୍ଷତିପୂରଣ ଦାବିରେ ଫଳଦୋକାନୀ କଲେ ରାସ୍ତାରୋକୋ

ବଲାଙ୍ଗୀର, ୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ଫଳ ମାର୍କେଟ ସମ୍ପୂର୍ଣ୍ଣ ଜଳିପୋଡ଼ି ଛାରଖାର୍ ହୋଇଯାଇଛି। ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଏହି ଘଟଣା ଘଟିଥିଲା। ନିମିଷେକ ମଧ୍ୟରେ ୮୧ ଷ୍ଟଲ ବିଶିଷ୍ଟ ଫଳମାର୍କେଟ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହାର ଠିକ୍ କାରଣ ଜଣାପଡି ନ ଥିଲେ ମଧ୍ୟ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଫଳମାର୍କେଟ ଛାରଖାର ହୋଇଯାଇଥିବା କୁହାଯାଉଛି। ଅନ୍ୟପଟେ ଫଳ ମାର୍କେଟ ଭିତର ଆବର୍ଜନା ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କିଛି ଲୋକ ସନ୍ଦେହ କରୁଛନ୍ତି। ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଫଳ ଦୋକାନୀ ଓ କିଣୁଥିବା ଲୋକ। ଅଗ୍ନିକାଣ୍ଡ ପରେ ଜୀବନ ବିକଳରେ ସେମାନେ ସେଠାରୁ ଦୌଡି ପଳାଇ ଆସିବାକୁ ସକ୍ଷମ ହୋଇଥିବାରୁ ବଡଧରଣର ଜୀବନହାନିରୁ ବର୍ତ୍ତିଯାଇଛନ୍ତି। ଖବରପାଇ ବଲାଙ୍ଗୀର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଶେଷ କିଛି ରକ୍ଷା କରିପାରି ନ ଥିଲେ। ହୁତୁହୁତୁ ହୋଇ ଆଖିପିଛୁଳାକରେ ସମସ୍ତ ଷ୍ଟଲ ଜଳିପୋଡି ପାଉଁଶ ହୋଇଯାଇଥିଲା। ଫଳ ଦୋକାନରେ ଥିବା ଫଳ, ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ଫଳ ରଖିବା ପାଇଁ ଲଗାଯାଇଥିବା କାଠ ଓ ଲୁହା ରେକ୍, ବାଉଁଶ ଗ୍ରୀଲ୍ ଓ ଅନ୍ୟାନ୍ୟ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ, ଫଳ ଦୋକାନୀମାନେ ଜୀବନ ବିକଳରେ ସେଠାରୁ ବାହାରି ଆସିଥିଲେ। ଅନେକ ଦୋକାନୀ ସେମାନଙ୍କ ଟଙ୍କା ପଇସା, ଶାର୍ଟପ୍ୟାଣ୍ଟ ମଧ୍ୟ ଆଣି ପାରି ନ ଥିଲେ। ଫଳ ଦୋକାନରେ ଥିବା ଏକ ନିଉଜ୍ ପେପର ଷ୍ଟଲ ମଧ୍ୟ ପୋଡି ଯାଇଥିଲା। ତିନୋଟି ଦମକଳ ବାହିନୀଙ୍କ ଶତଚେଷ୍ଟା ସତ୍ତ୍ୱେ ଗୋଟିଏ ବି ଷ୍ଟଲକୁ ଅଗ୍ନିକାଣ୍ଡରୁ ରକ୍ଷା କରାଯାଇ ପାରି ନ ଥିବା ଦୋକାନୀମାନେ କହିଛନ୍ତି। ୮୧ଟି ଷ୍ଟଲରୁ ପ୍ରାୟ ୭୦ଟି ଷ୍ଟଲରେ ଫଳ ଦୋକାନ ଲାଗିଥିଲା ଏବଂ ସେମାନଙ୍କ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଫଳଦୋକାନୀମାନେ ଦୀର୍ଘ ସମୟ ଧରି ଫଳ ମାର୍କେଟ ସମ୍ମୁଖ ୨୬ ନଂ.ଜାତୀୟ ରାଜପଥକୁ ଅବରୋଧ କରି ନାରାବାଜି ଦେଇଥିଲେ। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାର ଉଚିତ୍ ତଦନ୍ତ କରାଯିବା ସହ ପ୍ରତ୍ୟେକ ଫଳ ଦୋକାନୀଙ୍କ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ କରି କ୍ଷତିପୂରଣ ଓ ସହାୟତା ଦାବି କରିଥିଲେ। ଘଟଣା ସମ୍ପର୍କରେ ଖବରପାଇ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଏସପି ଅଭିଲାଷ ଜି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଫଳ ଦୋକାନୀଙ୍କ କ୍ଷୟକ୍ଷତିର ଆକଳନ କରାଯିବ ଏବଂ ସେମାନଙ୍କୁ କିଭଳି ଉଚିତ୍ କ୍ଷତିପୂରଣ ମିଳିବ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏସ୍‌ପି ଅଭିଲାଷ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି। ଅଗ୍ନିକାଣ୍ଡ ସ୍ଥଳକୁ ପୌରାଧକ୍ଷା ଲିକା ସାହୁ ଓ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ବଲାଙ୍ଗୀରର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଓ ଭାଜପା ନେତା ତଥା ସମାଜସେବୀ ଗୋପାଲଜୀ ପାଣିଗ୍ରାହୀ ଘଟଣାସ୍ଥଳ ପରିଦର୍ଶନରେ ଆସି ଫଳ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଲଗ୍ନଜିତ ବେହେରା, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ପୁଇଁନ୍ତଲା ଥାନା ଆଇଆଇସି ଅନିତା ପ୍ରଧାନ ଓ ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳଙ୍କ ସମେତ ପୋଲିସ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଧାରଣାରତ ଫଳଦୋକାନୀଙ୍କୁ ବୁଝାଶୁଝା କରି ସ୍ଥିତି ଯାଞ୍ଚ କରିଥିଲେ। ସନ୍ଧ୍ୟା ୭ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନାକଟିଦେଉଳ, ୮।୧୨ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବରରେ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୧୯ ଟି ସାମୂହିକ ଏବଂ ୪୧ ଟି ବ୍ୟକ୍ତିଗତ ଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିଯୋଗଗୁଡିକର ଶୁଣାଣି କରିବା ସହ ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ, ଜିଲା, ଉପଖଣ୍ଡର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ର ଉପସ୍ଥାପନ କଲେ ବିଭିନ୍ନ ସାହିତ୍ୟପ୍ରବନ୍ଧ

### ଏନ୍‌ଏସ୍‌ସିବିରେ ଓଡ଼ିଆ ବିଭାଗ ସାପ୍ତାହିକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ବିଭାଗୀୟ ମୁଖ୍ୟ ଓ ଅନ୍ୟମାନେ।

ସମ୍ବଲପୁର,୮।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି ଶୀର୍ଷକ ସାପ୍ତାହିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇଙ୍କ ସଭାପତିତ୍ୱ କରିଥିଲେ। ସେ ଆଲୋଚନାଚକ୍ର ଆୟୋଜନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ ଭୋଜରାଣୀ ତାଣ୍ଡିଆ 'ଲୋକ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ', ଛାତ୍ର ପର୍ଶୁରାମ ରାଉଳ ଲୋକ ସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ଦିଗ, ଛାତ୍ରୀ ଶିବାନୀ ତ୍ରିପାଠୀ ଓଡ଼ିଆ ଲୋକ ଗୀତରେ ସମାଜ ଚିତ୍ର, ଛାତ୍ର ପ୍ରମୋଦ ନାଏକ ଓଡ଼ିଆ ଲୋକ ଗୀତରେ ନାରୀ ଜୀବନର ଚିତ୍ର ଏବଂ ଛାତ୍ରୀ ଉଷାରାଣୀ ନାଏକ ଲୋକ ସାହିତ୍ୟରେ ମୋଟିଫ୍ ତତ୍ତ୍ୱ ଆଦି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ସମ୍ୟକ ଜେନା, ଶାନ୍ତନୁ ତାଣ୍ଡି, ଅର୍ଚ୍ଚିତା ପ୍ରଧାନ, ଝିଲିମା ପ୍ରଧାନ, ଉଷା ସାହାଣୀ, ଦିବ୍ୟାଶା ଭୋଇ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରଦ୍ଧାମୟୀ ପୁରୋହିତ ଲୋକ ସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସହକାରୀ ପ୍ରଫେସର ଡ. ରଶ୍ମିତା ରାଉତରାୟ ଲୋକଗୀତ ଓ ଲୋକ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ଘୁଡୁକୀ କଳାକାର ହେମନ୍ତ ଖୁଟୁଲା ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ ଶ୍ୱେତାରାଣୀ ପଧାନଙ୍କ ସହ ମିଶି ଲୋକଗୀତ ପରିବେଷଣ କରିଥିଲେ।

## ସମ୍ବିଧାନ ଲକ୍ଷ୍ୟ ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ

ସମ୍ବଲପୁର, ୮।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସୋମବାର ଭାରତରତ୍ନ ବାବାସାହେବ ଡ. ଭୀମ୍ ରାଓ ଆମ୍ବେଡ଼କରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ପ୍ରବନ୍ଧକ(ଡିଆର୍‌ଏମ୍)ଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଆର୍‌ଏମ୍ ସୁବାଷ ଚନ୍ଦ୍ର ଚୌଧରୀ ବାବାସାହେବ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡିଆର୍‌ଏମ୍‌ଙ୍କୁ ଅନୁସରଣ କରି ରେଳ ମଣ୍ଡଳ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମଧ୍ୟ ବାବା ସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଏହି ଅବସରରେ ସେ ଆମ୍ବେଦକରଙ୍କ ବିଚାରଧାରାକୁ ଅନୁସରଣ କରି ଭାରତୀୟ ସମ୍ବିଧାନ ଲକ୍ଷ୍ୟକୁ ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହେବାକୁ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ରେଳ ମଣ୍ଡଳ କାର୍ମିକ ଅଧିକାରୀ ପୋନ୍ନା ଭେଙ୍କଟେସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଶୌଚ଼ଯିବା କାଳ ହେଲା: ପୋଖରୀରେ ବୁଡ଼ି ଦମ୍ପତିଙ୍କ ଜୀବନ ଗଲା

ଥୁଆମୂଳ ରାମପୁର, ୮।୧୨ (ଦୁର୍ଗା କୀର୍ତ୍ତି)

ଶୌଚ ପାଇଁ ପୋଖରୀକୁ ଯିବା ଏକ ବୃଦ୍ଧ ଦମ୍ପତିଙ୍କ ପାଇଁ କାଳ ହୋଇଛି। ପାଣିରେ ବୁଡ଼ି ଉଭୟଙ୍କ ଜୀବନ ଯାଇଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ଖମାରପଦର ଗ୍ରାମରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ ସତ୍ୟବାନ୍ ନାଏକ (୬୧) ଓ ତାଙ୍କ ସ୍ତ୍ରୀ ପ୍ରତିମା ନାଏକ(୬୦)। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୬ଟା ୩୦ରେ ଏହି ଦମ୍ପତି ଗାଁ ନିକଟ ତଳପଦର ପୋଖରୀକୁ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ଘରକୁ ଫେରିବା ବିଳମ୍ବ ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଏପରିସ୍ଥଳେ ସୋମବାର ସକାଳୁ ପ୍ରତିମାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଗ୍ରାମର କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସୁଶାନ୍ତ କୁମାର ପଣ୍ଡା ଓ ଟିମ୍ ସହ ଅତିରିକ୍ତ ତହସିଲଦାର ସନାତନ ମହାରଣା, ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀରୁ ପ୍ରଥମେ ପ୍ରତିମା ଓ ପରେ ସତ୍ୟବାନଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ପୃଥକ୍ ୟୁଡ଼ି କେସ୍ ନଂ.୧୨/୨୫ ଓ ୧୩/୨୫ରେ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି।

## ସଙ୍କଟରେ ଦାଦନ ପରିବାର | ବଢ଼ିଲା ସହାୟତାର ହାତ

କୁଚିଣ୍ଡା,୮।୧୨(ବିରଞ୍ଚି ଦର୍ଗା)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ ଲରିଆପାଲି ପଞ୍ଚାୟତ ନୂଆଁଡିହି ଗ୍ରାମର ଦାଦନ ଶ୍ରମିକ ସୁରେନ ଜୟପୁରିଆ(୪୦)ଙ୍କ ପରିବାର ଏବେ ସଙ୍କଟରେ। ପରିବାର ପ୍ରତିପୋଷଣ ପାଇଁ ୪ମାସ ତଳେ ଗୁଜୁରାଟର ସୁରଟକୁ ସେ ଦାଦନ ଖଟିବାକୁ ଯାଇଥିଲେ। ଘରେ ସ୍ତ୍ରୀ ଅଞ୍ଜଳୀଙ୍କ ଓ ୫ସନ୍ତାନ ଥିଲେ। ୧୩ ଦିନ ତଳେ ଶଯ୍ୟାଶାୟୀ ଥିବା ରୋଗିଣା ସ୍ତ୍ରୀ ଅଞ୍ଜଳିଙ୍କ ମୃତ୍ୟୁ ଘଟଇଥିଲା। ଖବର ବିଳମ୍ବରେ ପାଇବା ଯୋଗୁ ସୁରେନ ସୁରଟରୁ ଫେରିବା ବେଳକୁ ଏପଟେ ସମ୍ପର୍କୀୟମାନେ ଅଞ୍ଜଳିଙ୍କ ଅନ୍ତିମ ସଂସ୍କାର କରି ସାରିଥିଲେ। ମୃତ୍ୟୁର ୩ ଦିନ ପରେ ସୁରେନ ଘରକୁ ଫେରିଥିଲେ ହେଁ ସେ ସ୍ତ୍ରୀଙ୍କ ମଲା ମୁହଁ ଦେଖିପାରି ନଥିଲେ। ଧାରକରଜ କରି କୌଣସି ମତେ ସ୍ତ୍ରୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କଲେ। ମା'ଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାବେ ସୁରେନ, ୩ ଝିଅ ଓ ୨ପୁଅ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସ୍ତ୍ରୀଙ୍କ ଦେହାନ୍ତ ପରେ ବର୍ତ୍ତମାନ ସୁରେନ ଘରେ ରହି ୫ ସନ୍ତାନଙ୍କ ଲାଳନ ପାଳନରେ ଲାଗିଛନ୍ତି। ମା' ଛେଉଣ୍ଡ ପିଲାଙ୍କ ପ୍ରତିପୋଷଣ ନିମନ୍ତେ ସେ କାମଧନ୍ଦା ପାଇଁ ଘରୁ ଗୋଡ କାଢି ପାରୁନାହାନ୍ତି। ଅର୍ଥାଭାବରୁ ଭଙ୍ଗା ଦଦରା ଘରେ ପରିବାର ଜୀବନ ବିତାଉଥିଲେ। ଅନ୍ତ୍ୟୋଦୟ ଯୋଜନାରେ ମିଳୁଥିବା ୩୫ କେଜି ଚାଉଳ ହିଁ ଏବେ ସାହା ଭରଷା। ଏଭଳି ପରିସ୍ଥିତିରେ ଭଲରେ ଦିଓଳି ଖାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ନୂଆଡିହି ଗ୍ରାମର ଗୌନ୍ତିଆ ସୁରେନ୍ଦ୍ର ପଟେଲ ସୁରେଶଙ୍କୁ ଯଥା ସମ୍ଭବ ସାହାଯ୍ୟ ମଧ୍ୟ କରିଥିଲେ। ସୂଚନା ପାଇ ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣର ସୁହାନି ବାଗେ ଓ ଜୟନାରାୟଣ ଛୁରା ସଂପୃକ୍ତ ଏହି ଅସହାୟ ପରିବାରକୁ ସାକ୍ଷାତ କରିବାସହ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏହି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ସହ ପିଲାମାନଙ୍କ ପଠାପଢ଼ା ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ସୁହାନୀ ବାଗେଙ୍କ ସହ ସୁରେନଙ୍କ ମା'ଛେଉଣ୍ଡ ପରିବାର

SREI
ଶ୍ରେଇ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍
ସିଆଇଏନ୍: U29219WB1985PLC055352
ପଞ୍ଜୀକୃତ କାର୍ଯ୍ୟାଳୟ:
''ବିଶ୍ୱକର୍ମା'', ୮୬ସି ଟୋପସିଆ ରୋଡ୍ (ଏସ୍), କୋଲକାତା - ୭୦୦୦୪୬
ସର୍ବସାଧାରଣ ବିଜ୍ଞପ୍ତି
ଆମର ଅଗଷ୍ଟ ୩୦, ୨୦୨୫ର ବିଜ୍ଞପ୍ତି ସନ୍ଦର୍ଭରେ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ରୂପେ ଶ୍ରେଇ ଇନ୍‌ଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍ (''ଏସ୍‌ଆଇଏଫ୍‌ଏଲ୍'')ର ଗ୍ରାହକମାନଙ୍କୁ ପୁନଶ୍ଚ ସ୍ମରଣ କରାଇଦିଆଯାଉଛି ଯେ, ୧ମ ମହଲା, ହୋତା କମ୍ପ୍ଲେକ୍ସ, ଅଇଁଠାପଲ୍ଲୀ ଛକ, ସମ୍ବଲପୁର – ୭୬୮୦୦୪, ଓଡ଼ିଶା ସ୍ଥିତ ଏସ୍‌ଆଇଏଫ୍‌ଏଲ୍‌ର ସମ୍ବଲପୁର ଶାଖା କାର୍ଯ୍ୟାଳୟ **ଡିସେମ୍ବର ୩୧, ୨୦୨୫**ଠାରୁ ବନ୍ଦ ହୋଇଯିବ ।
ଉପରଦର୍ଶିତ ଶାଖା କାର୍ଯ୍ୟାଳୟକୁ ବନ୍ଦ କରାଯିବାର ପ୍ରସ୍ତାବ ସମ୍ବନ୍ଧରେ ଯଦି ଆପଣଙ୍କର କୌଣସି ପ୍ରଶ୍ନ ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ଶ୍ରୀଯୁକ୍ତ ମନୋଜ କୁମାର, କମ୍ପାନୀ ସଚିବ ଏବଂ ସିସିଓଙ୍କ ସହ ଇମେଲ୍: secretarial@srei.com ଜରିଆରେ ସମ୍ପର୍କ କରିବା କିମ୍ବା ନିଜର ପ୍ରଶ୍ନ କମ୍ପାନୀର ଉପରଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟକୁ (ଧ୍ୟାନାର୍ଥେ: ଶ୍ରୀଯୁକ୍ତ ମନୋଜ କୁମାର, କମ୍ପାନୀ ସଚିବ ଏବଂ ସିସିଓ) ପଠାଇବା ଲାଗି ଆପଣଙ୍କୁ ଅନୁରୋଧ କରାଯାଉଛି ।

सीएमपीडीआई मिनी रत्न cmpdi Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत
सूचना/NOTICE
"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)
P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025
Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.
**Sd./- Managing Director**

## ପତ୍ର ସୂଚନା ବ୍ୟୁରୋ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ସମ୍ବଲପୁର ଗସ୍ତ



ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସହ ଅଧିକାରୀ ଓ କର୍ମଚାରୀମାନେ।

ସମ୍ବଲପୁର,୮।୧୨(ବି.ଶଙ୍କର)

ପତ୍ର ସୂଚନା ବ୍ୟୁରୋ ଭୁବନେଶ୍ୱର ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସୋମବାର ସମ୍ବଲପୁର ଗସ୍ତ କରିଛନ୍ତି। ସେ ଦୂରଦର୍ଶନ ଏବଂ ଆକାଶବାଣୀ ସମ୍ବଲପୁର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ମହାନିର୍ଦ୍ଦେଶକ ମିଶ୍ର ଦୂରଦର୍ଶନ ଓ ଆକାଶବାଣୀର ଅଧିକାରୀ ଓ କର୍ମଚାରୀମାନଙ୍କୁ ସାକ୍ଷାତ୍ କରି ଉଭୟ ସଂସ୍ଥାର କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି । କେନ୍ଦ୍ରରୁ ପ୍ରସାରିତ ହେଉଥିବା ସମ୍ବଲପୁରୀ ଆଞ୍ଚଳିକ ଖବର ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା କରିବା ସହ ପ୍ରଶଂସା କରିଥିଲେ । ଆଲୋଚନା ସମୟରେ କେନ୍ଦ୍ରର ନିର୍ଦ୍ଦେଶକ ଅଭିଯାନ୍ତ୍ରିକ ସନ୍ତୋଷ କୁମାର ପ୍ରଧାନ, କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ, ବାର୍ତ୍ତା ସମ୍ପାଦକ ଆଲୋକ ଚନ୍ଦ୍ର ବାରିକ, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ, କ୍ଷେତ୍ରମଣି ବିଭାର ଏବଂ ଆଞ୍ଚଳିକ ଖବର ବିଭାଗର ବିସ୍ମିତା ପ୍ରଧାନ ଓ ସୁପ୍ରୀତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ ଖବରଦାତା ରମାକାନ୍ତଙ୍କ ପରଲୋକରେ ଶୋକ

ସମ୍ବଲପୁର, ୮।୧୨(ଭବାନୀ ଶଙ୍କର ଭୋଇ)

ରେଢ଼ାଖୋଲ ଯୁବ ଖବରଦାତା ରମାକାନ୍ତ ମହାନନ୍ଦଙ୍କର ସୋମବାର ଏକ ସଡକ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ସାମ୍ବାଦିକତା ସହ ସେ ରେଢାଖୋଲର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରୀୟ ଭୂମିକା ବହନ କରି ଆସୁଥିଲେ। ତାଙ୍କର ଏଭଳି ଅସମୟରେ ଚାଲିଯିବା ତାଙ୍କ ପରିବାର ପାଇଁ, ରେଢ଼ାଖୋଲ ଅଞ୍ଚଳ ପାଇଁ ଏବଂ ସାମ୍ବାଦିକତା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକ ବାର୍ତ୍ତାରେ ଜଣାଇଛନ୍ତି । ସେହିପରି ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ରମାକାନ୍ତଙ୍କ ଅକାଳ ବିୟୋଗ ଖବର ଶୁଣି ମର୍ମାହତ ବୋଲି କହିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ରମାକାନ୍ତ ଅକାଳ ବିୟୋଗ ଖବର ଶୁଣି ଗଭୀର ଶୋକ ପ୍ରକାଶ କରିବା ସହ ବୁର୍ଲା ଭିମସାର ଠାରେ ତାଙ୍କର ପାର୍ଥିବ ଶରୀରର ଅନ୍ତିମ ଦର୍ଶନ କରିଥିଲେ। ଭାଜପାର ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଯୁବ ସମାଜକୁ ଚିର ପ୍ରେରଣାଦାୟୀ ରହିବ ବୋଲି କହିଛନ୍ତି। ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ ମଧ୍ୟ ରକାମାନ୍ତଙ୍କ ବିୟୋଗରେ ଶୋକ ପ୍ରକଟ କରିଛନ୍ତି । ଭିମସାରରୁ ରମାକାନ୍ତଙ୍କ ପାର୍ଥିବ ଶରୀର ରେଢାଖୋଲ ଯିବା ପୂର୍ବରୁ ସମ୍ବଲପୁର କଚେରି ଛକରେ ଖବରଦାତା ତଥା ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସେଠାରୁ ରେଢାଖୋଲରେ ପହଞ୍ଚିବା ପରେ ଭୀମଭୋଇ ଛକ ଓ ସାମ୍ବାଦିକ ଭବନରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

QUOTATION CALL NOTICE
Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.
Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025

OFFICE OF THE EXECUTIVE ENGINEER
MINOR IRRIGATION DIVISION, LOHARDAGA
e-Procurement Notice
Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

Note: - (1) Only e-Tender will be accepted
(2) Published Estimated Cost may be Increase or Decrease.
Further details can be seen on website http://jharkhandtenders.gov.in
Executive Engineer
PR 367989 (Lohardaga) 25-26 (D) Minor Irrigation Division, Lohardaga.

GOVERNMENT OF JHARKHAND
OFFICE OF THE EXECUTIVE ENGINEER
R.C.D. , ROAD DIVISION, SAHIBGANJ
e- Procurement Notice
(2nd Call)
(SHORT TENDER)
e-Tender Reference no.- RCD/SAHIBGANJ/1047/2025-26
Dated : 06.12.2025

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*
EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ
PR 367995 (Road) 25-26 (D)

## ସଂକ୍ଷେପରେ

### ଗୋଲ୍ଡ ମେଡାଲିଷ୍ଟ ଶେଫାଳୀ ଚଲାନଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଳ,୮।୧୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଗୌନ୍ତିଆ ତଥା ବଡ଼ମହେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶିଲ କୁମାର ଚଲାନ ଓ ରାଜଶ୍ରୀ ଚଲାନଙ୍କ ବଡ଼ ଝିଅ ଶେଫାଳୀ ଚଲାନ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା ଏମ୍‌ଏସ୍‌ସି (ପିଜି)ରେ ବିଶ୍ୱବିଦ୍ୟାଳୟ ଟପ୍ପର ସହିତ ଗୋଲ୍ଡ ମେଡାଲ ପ୍ରାପ୍ତ ହୋଇଛନ୍ତି। ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ପକ୍ଷରୁ ଯୁବ ଛାତ୍ରୀଛାତ୍ର ସମ୍ମିଳନୀ ଅବସରରେ ଶେଫାଳୀଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏଡି ସଫଳତା ପାଇଁ ଶେଫାଳୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଉଛି।

### ଖୋଲିଲା ଶୀତକାଳୀନ ଆଶ୍ରୟ କେନ୍ଦ୍ର

ଖଡ଼ିଆଳ,୮।୧୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ପକ୍ଷରୁ ଶୀତକାଳୀନ ଆଶ୍ରୟ କେନ୍ଦ୍ର ଖୋଲାଯାଇଛି। ଏନ୍‌ଏସିରେ ଯାହାର କୌଣସି ଆବାସ ନ ଥିବ, ବାହାରୁ ଆସି କୌଣସି କାମରେ ଅଟକିଯାଇଥିବା ବ୍ୟକ୍ତି, ମାନସିକ ଅନଗ୍ରସର ଲୋକେ ଏହି କେନ୍ଦ୍ରରେ ରହିପାରିବେ। ଏହାର ସୁବିଧା ନେବା ପାଇଁ ଜନସାଧାରଣ ଯୋଗାଯୋଗ କରିବାକୁ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ପ୍ରକାଶ କରିଛନ୍ତି।

### ଛାତ୍ରୀଙ୍କ ଅକାଳ ମୃତ୍ୟୁରେ ଶୋକ

ଖଡ଼ିଆଳ,୮।୧୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଗଡରାମୁଣ୍ଡା ଗ୍ରାମ ପଞ୍ଚାୟତସ୍ଥିତ ଇନ୍ଦ୍ରନଗର ପଡ଼ାର ଶିକ୍ଷକ କୃଷ୍ଣରାଜ ସିଂ ମଲ୍ଲିକ ଓ ଶିକ୍ଷୟିତ୍ରୀ ସୁଶ୍ରୀ ମଲ୍ଲିକଙ୍କ ଝିଅ ତୁଳସୀରାଣୀ ମଲ୍ଲିକ (୨୦)ଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଅକାଳ ମୃତ୍ୟୁ ଘଟିଛି। ସେ ଖଡ଼ିଆଳ ଲୋକଦୃଷ୍ଟି କଲେଜରେ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଗ୍ରାମ ତୁଳସୀପଡାଠାରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଥିବା ବେଳେ ବାପା କୃଷ୍ଣରାଜ ମୁଖାଗ୍ନି ଦେଇଥିଲେ।

### ଆଇପିଏଲ୍ ନାଁରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭବାନୀପାଟଣା,୮।୧୨(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ତଳଜାରିଙ୍ଗଠାରେ ଅବସ୍ଥାପିତ ଆଇପିଏଲ୍ (ଇଣ୍ଡିଆନ ପଟାସ ଲିମିଟେଡ) କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ସ୍ଥାନୀୟ ଖମାର ନାଳରେ ଦୂଷିତ କେମିକାଲ ପାଣି ଛାଡୁଥିବା ଓ ନିଷ୍କାସିତ ହେଉଥିବା ଗ୍ୟାସ୍ ପୋଚକା ଗନ୍ଧ ଯୋଗୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ସେପ୍ଟେମ୍ବର ୨୨ ତାରିଖ 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଅଞ୍ଚଳର ସାମାଜିକ କର୍ମୀ ଦିଲୀପ କୁମାର ଦାସ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଅଭିଯୋଗ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏହି ସମସ୍ୟା ବିଷୟରେ ସେ ଟୁଇଟ୍ କରିଥିଲେ। ଆଇପିଏଲ୍ ନାଳରେ ଦୂଷିତ ପାଣି ଛାଡୁଥିବା ଓ ଦୂଷିତ ବାଷ୍ପ ଯୋଗୁ ପରିବେଶ କିପରି ଦୂଷିତ ହେଉଛି ତା' ଉପରେ ସେ ଅଭିଯୋଗରେ ଦର୍ଶାଇଥିଲେ। ଏହାକୁ ନେଇ ସୋମବାର ସାମାଜିକ କର୍ମୀ ଦାସ ଆଇପିଏଲ୍ ନାଁରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। କମିଶନଙ୍କ ଦ୍ୱାରା ଡାଏରୀ ନମ୍ବର ୨୮୧୪୯/ଆଇଏନ୍/୨୦୨୫ରେ ଏହା ଗୃହୀତ ହୋଇଛି।

# ନେପିଆର୍ ଘାସଚାଷ କରିଛି ସ୍ୱାବଲମ୍ବୀ

- ୟୁଟ୍ୟୁବରୁ ଶିଖି ୫ ଏକର ଜମି ଚାଷ କଲେ
- ଦୁଇମାସରେ ଲକ୍ଷେ ଟଙ୍କା ଆୟ

ଭବାନୀପାଟଣା,୮।୧୨(ଉତ୍ତମ କୁମାର ଦାଶ)



ଘାସ ଜମିରେ ଚାଷୀ ଅଜିତ ପ୍ରଧାନ।

ନେପିଆର୍ ଘାସ ଚାଷ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ସିକେରଗୁଡା ଗାଁର ଅଜିତ ପ୍ରଧାନଙ୍କୁ ସ୍ୱାବଲମ୍ବୀ କରିଛି। ଏଥିରେ ସେ ଆତ୍ମ ନିଯୁକ୍ତି ହେବା ସହ ଅନ୍ୟକୁ ରୋଜଗାର ଦେଉଛନ୍ତି। ଘାସ ଚାଷ ଯୋଗୁ ଅଜିତଙ୍କୁ ଗୋ ପାଳନର ନୂଆ ଦିଶା ମିଳିଛି। ପାରମ୍ପରିକ ଧାନ, ଆଖୁ, ମକା ଚାଷ କରୁଥିବା ଅଜିତ ଜଙ୍ଗଲି ଜନ୍ତୁ ଓ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ଯୋଗୁ ୟୁଟ୍ୟୁବରୁ ଘାସ ଚାଷ ଦେଖି ଏହାକୁ ପ୍ରମୁଖ ଚାଷ ଭାବେ ଆପଣାଇଥିଲେ। ଭବାନୀପାଟଣା ସହର ସହ ଆଖପାଖ ଅଞ୍ଚଳରେ ଗୋରୁ ରଖିଥିବା ଓ କ୍ଷୀର ବେପାର କରୁଥିବା ଲୋକଙ୍କ ସମେତ ସ୍ଥାନୀୟ ଗୋଶାଳାଗୁଡ଼ିକରୁ ଲୋକେ ପ୍ରତିଦିନ ସକାଳୁ ତାଙ୍କଠାରୁ ଘାସ ନେଇଥାନ୍ତି। ସେହିପରି ଚାରା ପାଇଁ ମଧ୍ୟ ବିଭିନ୍ନ ଅଞ୍ଚଳରୁ ଲୋକେ ଆସିଥାନ୍ତି। ପରିବାର ପ୍ରତିପୋଷଣ ସାଙ୍ଗକୁ ଗାଁର ୧୦ଜଣ ଲୋକ ଦୈନିକ ନିୟୋଜିତ ହୋଇଥିବା ବେଳେ ପ୍ରତି ଦୁଇମାସରେ ଘାସ କାଟିବାରେ ପ୍ରାୟ ଶହେ ଜଣ ରୋଜଗାର ପାଇଥାନ୍ତି। ଅଜିତ ସୁପର ଭେରାଇଟି ଘାସ ନେପିଆର ଘାସ ଚାଷ କରୁଛନ୍ତି। ନେପିଆର ଘାସ ସାଧାରଣତଃ ୯ ଡିଗ୍ରୀ ତାପମାତ୍ରାରେ ଚାଷ କରାଯାଇପାରିବ। ଏହା ଉଭୟ ଡିପ ଓ ଗହୀର କିସମ ଜମିରେ ହୋଇପାରିବ। ଏକ ଏକର ଜମିରୁ ୩ରୁ ୪ଶହ କୁଇଣ୍ଟାଲ ପର୍ଯ୍ୟନ୍ତ ଘାସ ଅମଳ ହୋଇପାରିବ। ସବୁଜ ଓ ଲାଲ ରଙ୍ଗର ନେପିଆର ଘାସ ୫ ଏକର ଜମିରେ ଲଗାଇଛନ୍ତି। ଅଜିତ କୁହନ୍ତି, ଆଖୁ ଚାଷ ଭଳି ଘାସ ଚାଷ ମଧ୍ୟ ଥରେ ଚାରା ରୋପଣ କଲେ ୭ବର୍ଷ ପର୍ଯ୍ୟନ୍ତ ରୋଜଗାର ଦେବ। ଘାସ କାଟିବା ପରେ ମେଶିନରେ ଛୋଟ ଛୋଟ କରି ଓଜନ କରି କୁଇଣ୍ଟାଲ ହିସାବରେ ଭବାନୀପାଟଣା ସହରର ଗାଈ ମାଲିକ ଓ ଗୋଶାଳା ଥିବା ବ୍ୟକ୍ତି ଆସି କିଣି ନେଇଥାନ୍ତି। ଏହାର ଯତ୍ନ ନେଲେ ପ୍ରତି ଦୁଇମାସରେ ଏକର ପ୍ରତି ୨୦-୨୫ ହଜାର ଟଙ୍କା ଆୟ ହେଉଛି। ଏହାଛଡା ବର୍ଷସାରା ଘାସ ଆଉ ଚାରା ବିକ୍ରି ହୋଇଥାଏ। ପ୍ରତି ଦୁଇ ମାସରେ ୫ ଏକର ଚାଷ ହୋଇଥିବା କାରଣରୁ ୧ଲକ୍ଷ ଟଙ୍କା ଘାସ ଚାଷରେ ରୋଜଗାର ହୋଇଥାଏ। ନେପିଆର ଘାସ ଗାଈ ଖାଇବା ଦ୍ୱାରା ଭଲ ଦୁଗ୍ଧ ଦେଇଥାଏ। ସେହିଭଳି ଅଜିତ କଳା ବିରି ୧୪ ଏକର ଜମି, କଦଳୀ ୧ ଏକର, ମାଛ ଚାଷ ୧ ଏକର ସହ ଆଖୁ ଚାଷ ମଧ୍ୟ କରିଛନ୍ତି। ବର୍ଷର ସବୁ ସମୟରେ ନେପିଆର ଘାସ ଚାଷ କରାଯାଉଥିଲେ ବି ମୁଖ୍ୟତଃ ଫେବୃଆରୀରୁ ମାର୍ଚ୍ଚମାସ ମଧ୍ୟରେ ଅଧିକ ପରିମାଣରେ ଚାଷ ହୋଇଥାଏ। ଚାଷର ୪୫ ଦିନ ପରେ ଅମଳ ଆରମ୍ଭ ହୁଏ। ପ୍ରାୟ ୮ରୁ ୧୦ ବର୍ଷ ପର୍ଯ୍ୟନ୍ତ ଏହା ଅମଳ ହୋଇଚାଲେ। ସାଧାରଣ ଘାସରୁ ୪ରୁ ୫ ପ୍ରତିଶତ ପ୍ରୋଟିନ ମିଳୁଥିବା ବେଳେ ନେପିଆର ଘାସରୁ ୧୬ରୁ ୧୮ ପ୍ରତିଶତ ପ୍ରୋଟିନ ମିଳିଥାଏ। ଏହି ଘାସ ଖାଇ ଗୋଟିଏ ଗାଈର କ୍ଷୀର ଦେବା ପରିମାଣ ୨ରୁ ୩ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ଏହି ଘାସକୁ ଉପଯୋଗ କରି ବୈଜ୍ଞାନିକ ପଦ୍ଧତିରେ ବାୟୁ ଅଏଲ, ବାୟୁ ସିଏନ୍‌ଜି ଗ୍ୟାସ୍ ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ସରକାର ସହାୟତା ଦେବା ସହିତ ବିକ୍ରିବଟାର ସୁବିଧା କଲେ ଚାଷୀମାନେ ଅଧିକ ଉତ୍ସାହିତ ହୁଅନ୍ତେ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

## ପାଟଣା କ୍ଷତ୍ରିୟ ସମାଜର ଯୁବ ଛାତ୍ରୀଛାତ୍ର ସମ୍ମିଳନୀ

ଖଡ଼ିଆଳ, ୮।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ୪୪ତମ ଯୁବ ଛାତ୍ରୀଛାତ୍ର ସମ୍ମିଳନୀ ଭବନ ପରିସରରେ ଆୟୋଜିତ ହୋଇଯାଇଛି। କୁଳପତି ଶମ୍ଭୁ କିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ, ନନ୍ଦଲାଲ ବାରିକ, ହରିଶ୍ଚନ୍ଦ୍ର ବାରିକ, କେତନ ସିଂ ବାରିକ, ଅଶ୍ୱିନୀ କୁମାର ପ୍ରଧାନୀ, ମହେଶ୍ୱର ପ୍ରସାଦ ବାରିକ ପ୍ରମୁଖ ଯୋଗଦେଇ କ୍ଷତ୍ରିୟ ସମାଜର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଉପକୁଳପତି ସୁରେନ୍ଦ୍ର ପ୍ରଧାନୀ, ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ, ସହ ସମ୍ପାଦକ ସୁନୀଲ କୁମାର ମାଝୀ, ଯୁଗ୍ମ ସଂଗଠକ ଜଗଦୀଶ ବାରିକ, କୋଷାଧ୍ୟକ୍ଷ ଶ୍ରୀବତ୍ସ ବାରିକ ମଞ୍ଚାସୀନ ଥିଲେ। ପଲ୍ଲୀ ପ୍ରଗତି କଲେଜ ଦୁହେଲପଡ଼ାର ଅଧ୍ୟକ୍ଷ ରୁଦ୍ରମାଧବ ବାରିକ, ଜିତାମିତ୍ର ବିଶି, ଡ. ସୁଶାନ୍ତ କୁମାର ବିଶି ଉଦ୍‌ଘୋଷକ ଦାୟିତ୍ୱ ନିର୍ବାହ କରିଥିଲେ। ସଂସ୍କୃତି ବିଭାଗ ଉପସଭାପତି ଶିକ୍ଷାବିତ୍ ତୁମେଶ୍ୱର ଚଲାନ, ଶିକ୍ଷାବିତ୍ ଅଶୋକ କୁମାର ବାରିକ, ଦେବାନନ୍ଦ ଚଲାନ ଓ ତାଙ୍କ ଟିମ୍ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ୩୧ ଗୋଟି ଅଞ୍ଚଳର ସଭାପତି, ସମ୍ପାଦକ, କେନ୍ଦ୍ର ସଦସ୍ୟ, ମନୋନୀତ କେନ୍ଦ୍ର ସଦସ୍ୟ ସମେତ ପ୍ରଥମରୁ ସ୍ନାତକୋତ୍ତର ଯାଏ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶେଷରେ ଶିକ୍ଷା ଓ ସଂସ୍କୃତି ବିଭାଗର ସମ୍ପାଦକ ଅଶୋକ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## କନିଷ୍ଠରେ ଶ୍ରୀତେଶ, ବରିଷ୍ଠରେ ଦିଶାନ୍ତ ପ୍ରଥମ



ପ୍ରତିଯୋଗିତାରେ ବିଜେତାଙ୍କ ସହ ଅତିଥିଗଣ।

ଭବାନୀପାଟଣା,୮।୧୨(ଉତ୍ତମ କୁମାର ଦାଶ)

**ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା**

ଭବାନୀପାଟଣାସ୍ଥିତ ବ୍ରଜମୋହନ ସରକାରୀ ହାଇସ୍କୁଲଠାରେ ସୋମବାର ଜିଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ବିଭାଗରେ ଗୋଲାମୁଣ୍ଡା ଆଦର୍ଶ ବିଦ୍ୟାଳୟର ଶ୍ରୀତେଶ କୁମାର ମେହେର ଓ ବରିଷ୍ଠ ବିଭାଗରେ ନର୍ଲା ଆଦର୍ଶ ବିଦ୍ୟାଳୟର ଦିଶାନ୍ତ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଉଭୟେ ଆସନ୍ତା ୧୦ ଓ ୧୧ ଡିସେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍‌ପାଇଁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପ୍ରଧାନଶିକ୍ଷକ ଷଷ୍ଠି କୁମାର ଝାଙ୍କର ଯୋଗଦେଇ ୨ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ମଙ୍ଗୁଳି ଚରଣ ପ୍ରଧାନ, ଶୁଭମ ଜ୍ୟୋତି ରାଉତ, ଚିନ୍ମୟୀ ବାଗ ଓ ସୀମାରାଣୀ ମାଝୀ ସହଯୋଗ କରିଥିଲେ। ଗଣନାଥପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନେଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବକ୍ତା।

ଭବାନୀପାଟଣା,୮।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲ୍‌ର ମିଳିତ ଉଦ୍ୟମରେ ସୋମବାର 'ୱାଟର ପ୍ୟୁରିଫିକେଶନ ବାଏ ଫଟୋକାଟାଲିଟିକ ଡାଏ ଡିକମ୍ପୋଜିସନ' ଶୀର୍ଷକ ବିଶିଷ୍ଟ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱକରି ଜଳର ଉପକାରିତା ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଅମୃତ ବିହାର)ର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ବକ୍ତା ରୂପେ ଯୋଗଦେଇ ସ୍ୱଳ୍ପ ଖର୍ଚ୍ଚରେ କିପରି ଜଳ ବିଶୋଧନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହା ସହ ପଦାର୍ଥ ବିଜ୍ଞାନ ବିଷୟର ଗୁରୁତ୍ୱ ଓ ଭବିଷ୍ୟତ ସମ୍ପର୍କରେ ଦୃଢ଼ୋକ୍ତି ପ୍ରକାଶକରି ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ସହ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଚୁକ୍ତି ସାକ୍ଷରିତ ହେଲେ ଗବେଷଣାର ପରିଧି ବୃଦ୍ଧି ପାଇବ ବୋଲି କହିଥିଲେ। ସହକାରୀ ପ୍ରଫେସର ନକୁଳ ଚରଣ ମାଝୀଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ଚିତ୍ତରଞ୍ଜନ ବାରିକ ଅତିଥି ପରିଚୟ, ସ୍ନାତକ ତୃତୀୟ ବର୍ଷ ଛାତ୍ରୀ ସୁହାନୀ ନାଏକ ମଞ୍ଚ ପରିଚାଳନା ଓ ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ଆସ୍‌ମା ପରବିନ, ଅଧ୍ୟାପକ ପ୍ରଦୀପ କୁମାର ସାହୁ, ଅଧ୍ୟାପକ ଅନୁଭବ ଚାନ୍ଦ ତଥା ସମସ୍ତ ଛାତ୍ରୀଛାତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

## ଗୀତା ଜୟନ୍ତୀ, ଶ୍ରୀମଦ୍ ଭଗବଦ୍ ଗୀତା ପାରାୟଣ

କେସିଙ୍ଗା,୮।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ଗୀତା ଜୟନ୍ତୀ ଓ ଶ୍ରୀମଦ୍ ଭଗବଦ୍ ଗୀତା ପରାୟଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରବଚକ ଆଚାର୍ଯ୍ୟ ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ପରିସର ଋଷି ସାହା ସଂସ୍କୃତି ଭବନଠାରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ପ୍ରାତଃ ୬ଟା୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ବେଦାନ୍ତ ଓ ଧ୍ୟାନ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଟ୍ରଷ୍ଟ ବୋର୍ଡ ସଭାପତି ଡା. ହେମସାଗର ସାହାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରବଚନ ଶୁଣିବା ପାଇଁ କେସିଙ୍ଗା ସହର ତଥା ଆଖପାଖ ବୋରିନଗପଦର, ଲଇତରା, ଯୋଲକୋ, ଭାଲେଗା, କଣ୍ଟପଡ଼ା, ମହଦା, ତହସିର, କନ୍ତେଶିର ଆଦି ଗ୍ରାମରୁ ବହୁ ସଂଖ୍ୟାରେ ଭାଗବତ ପ୍ରେମୀ ଯୋଗଦେଇଥିଲେ। ଏଥିରେ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ହରିଶଙ୍କର ଭୋଇ, ଭଜରାମ ସାହୁ, ବେଣୁଧର ମହଲା, ପର୍ଶୁରାମ ପାଢ଼ୀ ପ୍ରମୁଖ ସହଯୋଗ କରୁଥିଲେ।

## ସନ୍ତୋଷ ସଭାପତି, ହିମାଂଶୁ ସମ୍ପାଦକ



ନବନିର୍ବାଚିତ କର୍ମକର୍ତ୍ତା।

ଜୁନାଗଡ଼, ୮।୧୨ (ସୁନୀଲ କୁମାର ସିଂହ)

**ଜୁନାଗଡ଼ ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ**

କଳାହାଣ୍ଡି ଜିଲା ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଜୁନାଗଡ଼ ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ସଂଘ ସଭାପତି ଖଗେଶ୍ୱର ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ପରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସନ୍ତୋଷ ସିଂହଦେଓ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ଉପସଭାପତି ଭାବେ ସୁନ୍ଦର ମୋହନ ଛତ୍ରିଆ ଓ ଅଂଶୁମାନ ଜୋଷୀ, ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବରାଡ଼, ସହ ସମ୍ପାଦକ ସୁନୀଲ ସିଂ, କୋଷାଧ୍ୟକ୍ଷ ଭାବେ ରଜନୀକାନ୍ତ ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଥିଲେ। ଖବରଦାତା ଦୁର୍ଗାପ୍ରସାଦ ନାଏକ, ରାଜୁ ଅଗ୍ରୱାଲ, ସଂଯୋଗ କୁଣ୍ଡୁ, ଦୀପ୍ତି ରଞ୍ଜନ ପାଢ଼ୀ ଓ କୃଷ୍ଣଚନ୍ଦ୍ର ଲହଜଲ ପ୍ରମୁଖ ସଂଘର ସଦସ୍ୟତା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ନରେନ୍ଦ୍ର କ୍ଷିତି, ରବି ଶଙ୍କର ସୁନାନୀ, କୁମାର ମଣି ଦୁର୍ଗା, ଆଶିଷ ଗୋଏଲ, ବ୍ୟୋମକେଶ ପୁରୋହିତ, ଭୋକରଧନ ଧଙ୍ଗଡ଼ାମାଝୀ, ବିଜୁ ପାଢ଼ୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା,୮।୧୨ (ମକାରୁ ବେମାଲ)



ଜଣେ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

କୋମନା ବ୍ଲକ ସଭାଗୃହଠାରେ ସୋମବାର ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୩୫ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ରହିଥିଲା। ଏହିସବୁ ସମସ୍ୟାର ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଡିଏଫ୍‌ଓ କେନ୍ଦୁପତ୍ର ଏ. ମାଧବୀ ଲତା, ଡିଏଫ୍‌ଓ ବନ୍ୟଜନ୍ତୁ ସମିର କୁମାର ସାହୁ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଉପଜିଲାପାଳ ସୁର୍ମି ସୋରେନ, ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ସର୍ବେଶ୍ୱର ଜାଲ, ତହସିଲଦାର ସୋନିଆ ମଲ୍ଲିକ, ଡେପୁଟି କଲେକ୍ଟର ଶେଖ ନସିମ, ଏବିଡିଓ ଭକ୍ତବନ୍ଧୁ ବୁଡେକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରକ୍ତଦାନ କରିଥିବା ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଥୁଆମୂଳ ରାମପୁର,୮।୧୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଝାପୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କର୍ତ୍ତବ୍ୟ ଅନୁଷ୍ଠାନ ତରଫରୁ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଏଚ୍‌ଓ ଡ. ପ୍ରଦ୍ୟୁମ୍ନ କୁମାର ପଣ୍ଡା ଓ ପିଏଚ୍‌ଇଓ ମମତା ସାହୁ, ଏମ୍‌ପିଏଚ୍‌ଏସ୍ ପିତାମ୍ବର ବାଗ, ସିଏଚ୍‌ଓ ରେବାନନ୍ଦ ଶବର, ସ୍ୱାସ୍ଥ୍ୟକର୍ମୀ ମାଳତୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିସମଗିରି, ତଳଝାପୀ, ନିକେଶଜୋର୍, ମସ୍କାଗୁଡା, ଉପରଝାପୀ ଓ ଲାଞ୍ଜିଗଡ ଗ୍ରାମର ଶତାଧିକ କିଶୋରୀ ଯୋଗଦେଇଥିଲେ। ପରେ ସମସ୍ତ କିଶୋରୀ ବାଳିକାଙ୍କୁ ଅନୁଷ୍ଠାନ ତରଫରୁ ସାନିଟାରୀ ନାପ୍‌କିନ ବଣ୍ଟନ କରାଯାଇଥିଲା। କର୍ତ୍ତବ୍ୟ ଅନୁଷ୍ଠାନର ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ କୁମାର ଦାସଙ୍କ ନେତୃତ୍ୱରେ ଶିବିର ଆୟୋଜନ ହୋଇଥିବା ବେଳେ ପ୍ରକଳ୍ପ ସଂଯୋଜକ ସୁଦର୍ଶନ ନାଏକ ତଥା ଅନୁଷ୍ଠାନର କର୍ମକର୍ତ୍ତା ସଦନ ନାଏକ, ଗଙ୍ଗା ମାଝୀ, ସସ୍ମିତା ନାଏକ ପ୍ରମୁଖ ସହଯୋଗ କରିଥିଲେ।



କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ

ନୂଆପଡ଼ା,୮।୧୨ (ମକାରୁ ବେମାଲ)



ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

**ରେଳ ଲାଇନ୍‌ରେ ଦାଦନ ଶ୍ରମିକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ**

ବଲାଙ୍ଗୀର ଜିଲା ତୁରେକେଲା ଥାନା ମହୁଲବାହାଲି ଗାଁ ନିକଟ ରେଳ ଧାରଣାରୁ ସୋମବାର ଜଣେ ଦାଦନ ଶ୍ରମିକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ କଣ୍ଟାବାଞ୍ଜି ରେଲୱେ ପୋଲିସ ଜବତ କରିଛି। ମୃତକ ହେଲେ କୋମନା ବ୍ଲକ ଲଖନା ଗାଁର ବାଞ୍ଛାନିଧି କୈବର୍ତ୍ତ ଓରଫ ମାଖନୁ (୪୩)। କ୍ଷତିପୂରଣ ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ଓ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ଗତ ସୋମବାର ମାଖନୁ ଲଖନା ଗାଁର ଜଣେ ସର୍ଦ୍ଦାରଙ୍କ ସହ କଥାହୋଇ ୩୦ ହଜାର ଟଙ୍କା ଅଗ୍ରିମ ନେଇ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବା ପାଇଁ ଚୁକ୍ତି କରିଥିଲେ। ମଙ୍ଗଳବାର ସେ ଟଙ୍କା ଆଣିବା ପାଇଁ ତୁରେକେଲା ଥାନା ଝରନି ଗାଁର ମୁଖ୍ୟ ସର୍ଦ୍ଦାରଙ୍କ ପାଖକୁ ଯାଇଥିଲେ। ସର୍ଦ୍ଦାର ବାହାରକୁ ଯାଇଥିବାରୁ ମାଖନୁ ଝରନି ଗାଁରେ ରହିଥିଲେ। ଶନିବାର ସେ କୁଆଡେ ନିଖୋଜ ହୋଇଯାଇଥିବା ପରିବାର ଲୋକଙ୍କୁ ଖବର ମିଳିଥିଲା। ଏପରିସ୍ଥଳେ ସୋମବାର ସକାଳେ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଳଲାଇନରେ ପଡିଥିବା ସ୍ଥାନୀୟ ଲୋକେ ଦେଖି କଣ୍ଟାବାଞ୍ଜି ଜିଆର୍‌ପିକୁ ଖବର ଦେଇଥିଲେ। ଜିଆର୍‌ପି ପୋଲିସ ମୃତଦେହ ଜବତ କରିଥିଲେ ମଧ୍ୟ ପରିଚୟ ମିଳି ନ ଥିବାରୁ ଟିଟିଲାଗଡ ଡାକ୍ତରଖାନାକୁ ନେଇ ରଖିଥିଲେ। ପରିଚୟ ମିଳିବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ମୃତଦେହ ଆଣି ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଲଖନାଠାରେ କୁରୁମପୁରି-ଲଖନା ରାସ୍ତା ଅବରୋଧ କରିଥିଲେ। ସ୍ତ୍ରୀ ବିନତି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲିସ ଅଭିଯୋଗ କରିଛନ୍ତି। ପ୍ରମାଣ ନଷ୍ଟ ପାଇଁ ରେଳ ଧାରଣାରେ ଫିଙ୍ଗି ଦେଇଥିଲେ ବୋଲି ସେ ଲିଖିତ ଭାବରେ ଲଖନା ଥାନାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଦୋଷୀ ଉପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ନାୟକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। ଆନ୍ଦୋଳନରେ ଗରିବ ସେନା ଜିଲା ଆବାହକ ରବି ମଙ୍ଗରାଜ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଗୁରୁ ଚରଣ ବାଗ, ରଞ୍ଜନ କୈବର୍ତ୍ତ, ଅର୍ଜୁନ ମାଝି, ଦେବେନ୍ଦ୍ର ବାଗ, ପୂର୍ବତନ ସରପଞ୍ଚ ବିଦ୍ୟାଧର ଶବର, ନୃପରାଜ ବରିହା, କାର୍ତ୍ତିକ ବରିହା ପ୍ରମୁଖ ସାମିଲ ଥିଲେ ।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ଥାନାରେ ଏତଲା

ରାଉରକେଲା, ୮।୧୨(ସଙ୍ଗୀତା ଜେନା): ଟାଙ୍ଗରପାଲି ଥାନା ଅନ୍ତର୍ଗତ ଲାଲଟାଙ୍କି ନିକଟରେ ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ଜଣେ ଯୁବକ ଦିଲ୍ଲୀପ ତିର୍କୀ ପିକନିକ୍ ସାରି ଫେରୁଥିବା ବେଳେ ମେହେଶ ଗୋପ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ତାଙ୍କ ବାମକାନ୍ଧ ଓ ବେକରେ ଆଘାତ ଲାଗିଛି। ମହେଶ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଆହତ ଦିଲ୍ଲୀପଙ୍କ ସ୍ତ୍ରୀ ସୁନୀତା ତିର୍କୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଆର୍‌ଏସ୍‌ପିରେ ସୁରକ୍ଷା ଅଧିକାରୀଙ୍କ ବୈଠକ

ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପିର ସମାଗମ ସମ୍ମିଳନୀ କକ୍ଷରେ ସୁରକ୍ଷା ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡିଶା ସରକାରଙ୍କ ଫ୍ୟାକ୍ଟ୍ରିଜ ଏବଂ ବଏଲର୍ସ ବିଭାଗର ଡେପୁଟି ଡାଇରେକ୍ଟର ବିଭୁ ପ୍ରସାଦ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା, ଫ୍ୟାକ୍ଟ୍ରିଜ ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ସ୍ୱରାଜ କୁମାର ତ୍ରିପାଠୀ ଏବଂ ଶୁଭେନ୍ଦୁ ଶେଖର ରାଉତ ତଥା ୫୦ ଜଣ ବିଭାଗୀୟ ଏବଂ ଏରିଆ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ। ପ୍ରସାଦ ତାଙ୍କ ଭାଷଣରେ ଶିଳ୍ପ ୟୁନିଟ୍ ଗୁଡ଼ିକରେ ଆଇନଗତ ଅନୁପାଳନକୁ ସୁନିଶ୍ଚିତ କରିବା ସହିତ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ବଜାୟ ରଖିବାରେ ସୁରକ୍ଷା ଅଧିକାରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶା କାରଖାନା ନିୟମ, ୧୯୫୦ର ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ, ଯେଉଁଥିରେ ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ବୈଧାନିକ ସୁରକ୍ଷା ରେକର୍ଡର ରକ୍ଷଣାବେକ୍ଷଣ, ଯନ୍ତ୍ରପାତିଗୁଡ଼ିକର ସୁରକ୍ଷିତ ପରିଚାଳନା ଏବଂ ସୁରକ୍ଷା, କଲ୍ୟାଣ ତଥା କାର୍ଯ୍ୟସ୍ଥିତିର ଆବଶ୍ୟକତା, କର୍ମଚାରୀ ତାଲିମ ଦକ୍ଷତା ବିକାଶ, ଜରୁରୀକାଳୀନ ପ୍ରସ୍ତୁତି ପଦକ୍ଷେପ ଦୁର୍ଘଟଣା ନିବାରଣ ରଣନୀତି ଉପରେ ସୂଚନା ପ୍ରଦାନ କରିଥିଲେ। କର୍ମକ୍ଷେତ୍ରରେ ବିପଦକୁ କମ୍ କରିବା ଦିଗରେ ସକ୍ରିୟ ସୁରକ୍ଷା ପରିଚାଳନା ଏବଂ ନିୟମ ଆଧାରିତ ଅଭ୍ୟାସଗୁଡ଼ିକର କଡ଼ାକଡି ପାଳନ ଉପରେ ପ୍ରସାଦ ଗୁରୁତ୍ୱାରୋପ କରିଥିଲେ। ବିଭାଗର ଏଡିଏମ୍ ବି. କେ. ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ରା ଛକରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ବିଶ୍ରା ଛକରେ ଗର୍ଜିଲା ସିଆଇଟିୟୁ

ରାଉରକେଲା,୮।୧୨(ସଙ୍ଗୀତା ଜେନା)

**ଏରିଅର ଓ ଏନ୍‌ଜେସିଏସ୍ ଚୁକ୍ତିନାମା ଦାବି**

୩୯ମାସର ଏରିଅର୍ ପ୍ରଦାନ ସହ ଏନଜେସିଏସ୍ ଚୁକ୍ତିନାମା ଦାବି, ସହର ସେବା ଓ ଆଇଜିଏଚ୍‌ର ଘରୋଇକରଣ ଚକ୍ରାନ୍ତ ବିରୋଧରେ ସିଆଇଟିୟୁ ଆନ୍ଦୋଳନକୁ ଓହ୍ଲାଇଛି। ଏହି କ୍ରମରେ ରାଉରକେଲା ବିଶ୍ରା ଛକରେ ସୋମବାର ସକାଳ ୮ଟାରେ ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ଆର୍‌ସିଡବ୍ଲ୍ୟୁର ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୯ବର୍ଷ ପରେ ମଧ୍ୟ ଏନ୍‌ଜେସିଏସ୍ ଚୁକ୍ତିନାମା ହୋଇପାରିଲା ନାହିଁ। ୨୦୨୧ ଧର୍ମଘଟ ପରେ ୧୩% ଏମ୍‌ଜିବି ଓ ୨୬.୫% ପର୍କ ପ୍ରଦାନ କରାଗଲା। ଏ ପର୍ଯ୍ୟନ୍ତ ୩୯ ମାସର ଏରିଅର ମିଳିଲା ନାହିଁ। ୨ବର୍ଷ ପରେ ମଙ୍ଗଳବାର ଏନ୍‌ଜେସିଏସ୍‌ର ସବ୍ କମିଟି ବୈଠକ ବସୁଛି। ତେଣୁ ତୁରନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା କରିବା ସହ ସମସ୍ତ ଦାବିକୁ ଫଇସଲା କରିବା ପାଇଁ ସିଆଇଟିୟୁ ପକ୍ଷରୁ ସମସ୍ତ ଇସ୍ପାତ କାରଖାନାରେ ବିକ୍ଷୋଭ କରାଯାଇ ୧୯ଦଫା ଦାବିପତ୍ର ପ୍ରଦାନ କରାଯାଉଛି ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜୀବନ ବାରିହା, ସୁରେନ୍ଦ୍ର ମହାନ୍ତି, ରାଜକିଶୋର ପ୍ରଧାନ, ସୁରେଶ ବେହୁରିଆ, ଯଜ୍ଞେଶ୍ୱର ସାହୁ, ରତ୍ନାକର ନାୟକ, ପ୍ରଦୀପ ସେଠୀ, ଦିବାକର ମହାରଣା, ଏଚ୍. ଏନ୍. ଯାଦବ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଚିନ ରାୟ, ଏମ୍. କେ. ପାଣିଗ୍ରାହୀ, ପର୍ଶୁରାମ ଜେନା, ବିଶ୍ୱଜିତ ମାଝି, ପ୍ରଭାତ ମହାନ୍ତି, କୁଳମଣି ରାଉତ, ପି. କେ. ଷଡ଼ଙ୍ଗୀ, ବିଜୟ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ସମ୍ମିଳନୀ

ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧ସ୍ଥିତ ନୀଳମାଧବ ବିଦ୍ୟାମନ୍ଦିର ପରିସରରେ ସୁନ୍ଦରଗଡ ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଜିଲା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଜିଲା ଉପସଭାପତି ମୀନକେତନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମିଳିତ ମଞ୍ଚର ଆବାହକ ତଥା ଜିଲା ଓଷ୍ଟା ସମ୍ପାଦକ ସନ୍ତୋଷ କୁମାର ନାୟକ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନୁଦାନରୁ ବଞ୍ଚିତ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ପୁରୁଣା ବ୍ୟବସ୍ଥା ଅନୁସାରେ ପେନସନ ପ୍ରଦାନ ଏବଂ ଅବସର ବୟସ ୬୨ ବର୍ଷ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଏହି ଦାବି ହାସଲ ପାଇଁ ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ହେଉଥିବା ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ପୂର୍ବତନ ସଦସ୍ୟ ରମାକାନ୍ତ ମଲ୍ଲିକ, ରାଉରକେଲା ସିଟି ଜୋନ୍ ସଭାପତି ଶିଶିର ପାଣି, ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ବିଶ୍ରା ବ୍ଲକ ସମ୍ପାଦକ ହୃଷୀକେଶ ନାୟକ, ଲାଠିକଟା ବ୍ଲକ ସମ୍ପାଦକ ଅମୂଲ୍ୟ ସାମଲ, ଲୋକନାଥ ପ୍ରଧାନ, ଅଭିମନ୍ୟୁ ବାରିକ, ସୁଦର୍ଶନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ଶିଶିର କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ମଞ୍ଚାସୀନ ସଂଘର କାର୍ଯ୍ୟକର୍ତ୍ତା।

# ସାଂସଦ ଖେଳ ମହୋତ୍ସବ ଆରମ୍ଭ

ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତ ନଗର ପଡିଆରେ ସୋମବାର ରାଉରକେଲା ବିଧାନସଭା କ୍ଷେତ୍ରର 'ସାଂସଦ ଖେଳ ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଦିଲ୍ଲୀରୁ ଭିଡିଓ କନଫରେନ୍ସରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ ତୃଣମୂଳ ସ୍ତରରୁ ପ୍ରତିଭାମାନେ ସୁଯୋଗ ପାଇ ଆଗକୁ ବଢ଼ିବେ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗୀର ତାଙ୍କ ବକ୍ତବ୍ୟରେ ଏହି ଖେଳ ମହୋତ୍ସବ ଖେଳାଳିଙ୍କ ମନରେ ଆଶା ସଞ୍ଚାର କରିବା ସହ ଆଗକୁ ବଢିବାର ସୁଯୋଗ ଦେଇଥାଏ ବୋଲି କହିଥିଲେ। ଉତ୍ସବରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ଶିଶୁ ଆୟୋଗ ସଦସ୍ୟା କଳ୍ପନା ଲେଙ୍କା, ଭାଜପା ନେତ୍ରୀ ଲତିକା ପଟ୍ଟନାୟକ, ରାସ ବିହାରୀ ପ୍ରଧାନ, ସାଂସଦ ଖେଳ ମହୋତ୍ସବ ପିଆର୍ ଗଙ୍ଗାଧର ଦାଶ, ସାମାଜିକ କର୍ମୀ ପଦ୍ମିନୀ ପାଣିଗ୍ରାହୀ, ହୋଟେଲ ଆସୋସିଏଶନ ସଭାପତି ପ୍ରବୀଣ ଗର୍ଗ, ପୂର୍ବତନ ଆର୍‌ଏସ୍‌ପି ଅଧିକାରୀ ସଂଘ ସଭାପତି ବିମଳ ବିଶି, ଜିଲା ଉପସଭାପତି ସରୋଜ ଦାସ, ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଜେନା, ରାଜ୍ୟ କାଉନସିଲ ସଦସ୍ୟ ଦିଲ୍ଲୀପ ପଟ୍ଟନାୟକ, ବରିଷ୍ଠ ନେତା ଭବାନୀ କବି, ଅଶୋକ ଲେଙ୍କା, ପୂର୍ବତନ କାଉନସିଲର ନିତ୍ୟାନନ୍ଦ ସିଂଘଲ ପ୍ରମୁଖ ମଞ୍ଚାସୀନ ଥିଲେ। ରାଉରକେଲା ସଂଯୋଜକ ପ୍ରକାଶ ପାଶୱାନ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ଏଥିରେ ୧୨ରୁ ୧୬ ବର୍ଷ ଓ ୧୭ରୁ ୨୪ ବର୍ଷର ଝିଅପୁଅ ଅଂଶ ଗ୍ରହଣ କରିଛନ୍ତି। ସୋମବାର ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମରେ କବାଡି, ଯୋଗ, ରୋପ୍ ଜମ୍ପ, ପୂଚି, ରଙ୍ଗୋଲି, ସାଇକ୍ଲିଂ, ହ୍ୟାଣ୍ଡବଲ ଓ ଆର୍ଚେରୀ ଆଦି ଖେଳ ହୋଇଥିବାବେଳେ ପାନପୋଷରେ ବ୍ୟାଡମିଣ୍ଟନ ଓ ହକି, ରାଇଜିଂ କ୍ଲବରେ ଭଲିବଲ, ରାଉରକେଲା କ୍ଲବରେ ବକ୍ସିଂ ଏବଂ ଉଦିତନଗର ପଡିଆରେ ଫୁଟ୍‌ବଲ ଓ ଖୋ ଖୋ ଆରମ୍ଭ ହୋଇଛି। ମଙ୍ଗଳବାର ରାଉରକେଲା କ୍ଷେତ୍ରର ଖେଳ ମହୋତ୍ସବ ଉଦ୍‌ଯାପନ ହେବ।


ଉଦ୍‌ଘାଟନୀ ଉତ୍ସବରେ ଡିଆଇଜି ଉଦ୍‌ବୋଧନ ଦେଉଛନ୍ତି।

### ଏସ୍‌ଏମ୍‌ଏସ୍-୨ ବିଭାଗ ଅଧିକାରୀ, କର୍ମଚାରୀ ପୁରସ୍କୃତ

ରାଉରକେଲା,୮।୧୨(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପି ଷ୍ଟିଲ ମେଲ୍ଟିଂ ଶପ-୨ ବିଭାଗ ସମ୍ମିଳନୀ କକ୍ଷରେ ଡିସେମ୍ବର ୬ତାରିଖ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେଲ ସାବାସ ଯୋଜନା ଅଧୀନରେ ଏସ୍‌ଏମ୍‌ଏସ୍-୨ ବିଭାଗର ଅଧିକାରୀଙ୍କ ସମେତ ୨୪ଜଣ କର୍ମଚାରୀଙ୍କୁ ସେମାନଙ୍କ ଅଭିନବ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଛି। ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ ଏମ.ଜି ଶ୍ରୀକାନ୍ତ ପୁରସ୍କାର ବିଜେତାଙ୍କୁ ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ସେକ୍ସନ ମୁଖ୍ୟ ତଥା ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏ ନେଇ ଏମ୍. ଜି ଶ୍ରୀକାନ୍ତ ପୁରସ୍କାର ବିଜେତାମାନଙ୍କ ନବସୃଜନ, ଦକ୍ଷତା ଓ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ସେମାନଙ୍କ ପ୍ରତିବଦ୍ଧତା ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ନିରନ୍ତର ଉନ୍ନତି ଆଣିବା ଏବଂ ବିଭାଗ ମଧ୍ୟରେ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏଭଳି ନବସୃଜନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଏମ୍‌ଏସ୍-୨ ବିଭାଗର ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବନ୍ଧୁତ୍ୱ ସର୍ବଦା ନିଃସ୍ୱାର୍ଥପର ହେବା ଜରୁରୀ


କାର୍ଯ୍ୟକ୍ରମରେ ସମ୍ମାନିତ ପ୍ରତିଭା।

ରାଉରକେଲା,୮।୧୨(ଦିନେଶ ମିଶ୍ର)

**ବନ୍ଧୁତ୍ୱ ସମ୍ମାନ ସମାରୋହ**

ସେକ୍ଟର-୫ ସ୍ଥିତ ପାନ୍ଥନିବାସ ପରିସରରେ ୟଙ୍ଗ ଇଣ୍ଡିଆ ଫିଟ୍‌ନେସ ଏକାଡେମୀ ଓ ଯବାନ ଭାରତ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବନ୍ଧୁତ୍ୱ ସମ୍ମାନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦୀପକ କୁମାର ଦାସ ଅତିଥି ଭାବେ ଯୋଗଦେଇ ବନ୍ଧୁତ୍ୱ ଏକ ଏଭଳି ସମ୍ପର୍କ ଯାହା ହୃଦୟରୁ ଓ ନିଃସ୍ୱାର୍ଥପର ହେବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଅଭିନେତା ସ୍ୱର୍ଗତ ଧର୍ମେନ୍ଦ୍ର ଦେଓଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବନ୍ଧୁତ୍ୱ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ ପରିବେଷଣ ହୋଇଥିଲା। ସୁଇଟି ଲୀନା ମଞ୍ଚ ପରିଚାଳନା କରିଥିଲେ। ସଦସ୍ୟ ସତ୍ୟନାରାୟଣ ବଡାଇକ, ସେବତୀ ସାହୁ, ଗଣେଶ ପାତ୍ର, ଅନୁପମା ଆଚାର୍ଯ୍ୟ, ଅଜିତ ବରୁଆ ପ୍ରମୁଖ ସହଯୋଗ କରିଥିଲେ।


ହୋମିଓପାଥି କଲେଜ ଛାତ୍ରୀଛାତ୍ରମାନେ ଅନଶନରେ ବସିଛନ୍ତି।

# ଆୟୁଷ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ

ରାଉରକେଲା, ୮।୧୨(ସଙ୍ଗୀତା ଜେନା)

ଆୟୁଷ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ ସୋମବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଆଲୋଚନା ସନ୍ତୋଷଜନକ ନ ହେବାରୁ ଆୟୁଷ ସଂଘ ଆମରଣ ଅନଶନ ରାସ୍ତା ଆପଣେଇଛି ବୋଲି କହିଛି। ଏହି ପରିପ୍ରେକ୍ଷୀରେ ସକାଳ ୯ଟାରୁ ସେକ୍ଟର-୨୧ ହୋମିଓପାଥିକ ଆୟୁଷ କଲେଜ ଛାତ୍ରୀଛାତ୍ରମାନେ ଅନଶନ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି କୁହାଯାଇଛି। ଖବର ଲେଖାଯିବା ସୁଦ୍ଧା (ରାତି ୯ଟା) ଅନଶନ ଚାଲୁରହିଥିଲା। ସୂଚନାଯୋଗ୍ୟ, ଗତ ନଭେମ୍ବର ୬ରୁ ୮ଦଫା ଦାବି ନେଇ ଆୟୁଷ ଛାତ୍ରୀଛାତ୍ରମାନେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଆସୁଥିଲେ। ଦାବି ପୂରଣ ନ ହେବାରୁ ଗତ ୨୪ ତାରିଖରୁ ରାଜ୍ୟବ୍ୟାପୀ ଆୟୁଷ କଲେଜରେ ତାଲା ଝୁଲିଥିଲା। ୩୦ ତାରିଖରୁ ଦିବାରାତ୍ର ଧାରଣା ଓ ଆନ୍ଦୋଳନ ଜାରି ସତ୍ତ୍ୱେ ରାଜ୍ୟ ସରକାର ଦାବି ଶୁଣି ନ ଥିଲେ। ଫଳରେ ଧଳାକୋର୍ଟ ବର୍ଜନ କରିଥିଲେ ଛାତ୍ରୀଛାତ୍ର। ଏଥିରେ ବ୍ରହ୍ମପୁର ଆୟୁର୍ବେଦ କଲେଜର ଜଣେ ଛାତ୍ରଙ୍କୁ ନିଲମ୍ବନ କରାଯିବାରୁ ଆୟୁଷ ଛାତ୍ର ମହାସଂଘ ସୋମବାରଠାରୁ ଆମରଣ ଅନଶନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏଥିରେ ରାଜ୍ୟର ୭ଟି ଆୟୁଷ କଲେଜ ସାମିଲ ହୋଇଛି।

# ଅଲ୍ ଓଡ଼ିଶା କ୍ରିକେଟ୍: ଆର୍‌ଏସ୍‌ଏ ବିଜୟୀ

ରାଉରକେଲା,୮।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୧୯ତମ ଅଲ୍ ଓଡିଶା ୱିଣ୍ଟର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୫ର ଦ୍ୱିତୀୟ ମ୍ୟାଚ୍ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଓ ଆଶୁ ଇଲେଭେନ୍ ଦଳ ମଧ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହେଲ ଏଜ୍ କ୍ଲବର ସଭାପତି ରମାକାନ୍ତ ପାତ୍ର ମୁଖ୍ୟ ଅତିଥି, ସାଇବର କ୍ରାଇମ୍ ଡିଆଇବିର ସୁନୀଲ ନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୟୁଥ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଆଶୁ ଇଲେଭେନ୍ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆଶୁ ଇଲେଭେନ୍ ଦଳ ୨୮ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୋଶନ ଶର୍ମା ମାତ୍ର ୫୦ ବଲ ଖେଳି ସର୍ବାଧିକ ୪୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆର୍‌ଏସ୍‌ଏ) ୬ଟି ଉଇକେଟ୍ ହରାଇ ୨୭ ଓଭରରେ ୧୩୮ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ସର୍ବାଧିକ ୫୧ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ଶୁଭସ୍ମିତ ଭୂୟାଁ ବିଶ୍ୱାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପିୟାର ଅମିତ ଦାସ ଓ ଶୁଭେନ୍ଦୁ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଶିକ୍ଷାସା ଏକାଡେମୀ ଝାରସୁଗୁଡା ଏବଂ ବଣେଇ କ୍ରିକେଟ୍ ଏକାଡେମୀ ମଧ୍ୟରେ ବୁଧବାର ମ୍ୟାଚ୍ ହେବ ବୋଲି ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ପ୍ରଦାନ କରିଛନ୍ତି।


ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।

# ଯୋଗଦେଲେ ୧୦ ରାଜ୍ୟର ଛାତ୍ରୀଛାତ୍ର

**ବିପିୟୁଟିର ସ୍ମାର୍ଟ ଇଣ୍ଡିଆ ହାକାଥନ**

ରାଉରକେଲା,୮।୧୨(ଦିନେଶ ମିଶ୍ର)

ଛେଣ୍ଡ କଳିଙ୍ଗ ବିହାରସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ପାଠାଗାର ଭବନରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୫ ଗ୍ରାଣ୍ଡ ଫିନାଲେ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରାଳୟର ଇନୋଭେଶନ ସେଲ୍‌ର ନିର୍ଦ୍ଦେଶକ ଯୋଗେଶ ଡି. ବ୍ରହ୍ମାକର ଅତିଥି ଭାବେ ଯୋଗ ଦେଇଥିଲେ। ସ୍ମାର୍ଟ ଇଣ୍ଡିଆ ହାକାଥନ୍ ମେଗା ଇଭେଣ୍ଟ ମାଧ୍ୟମରେ ନବସୃଜନ ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା ଉପରେ ଭାରତ ସରକାରଙ୍କ ଧ୍ୟାନ ଉପରେ ଗୁରୁତ୍ୱାରୋପ କରି ଏହି କାର୍ଯ୍ୟକ୍ରମ ବିଶ୍ୱର ସର୍ବବୃହତ ନବସୃଜନ ପ୍ଲାଟଫର୍ମରେ ପରିଣତ ହୋଇଛି ବୋଲି ବ୍ରହ୍ମାକର କହିଥିଲେ। ସୁନ୍ଦରଗଡ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ବିପିୟୁଟି କୁଳପତି ଅମୀୟ କୁମାର ରଥ, କୁଳସଚିବ ନିଶି ପୁନମ ମିଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଗ୍ରାଣ୍ଡ୍ ଫିନାଲେରେ ଛତିଶଗଡ, ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ଝାଡ଼ଖଣ୍ଡ ଭଳି ୧୦ଟି ରାଜ୍ୟର ୧୫୦ରୁ ଅଧିକ ଛାତ୍ରୀଛାତ୍ର ଓ ସେମାନଙ୍କ ପରାମର୍ଶଦାତାଙ୍କୁ ନେଇ ଗଠିତ ୨୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଦଳଗୁଡିକୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ କରାଯାଇଥିବା ୫ଟି ବାସ୍ତବ ବିଶ୍ୱ ସମସ୍ୟା ସମାଧାନ ଉପରେ କାର୍ଯ୍ୟ କରିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ପାଇଁ କଲେଜ ଓ ପ୍ରତିଷ୍ଠାନ ସ୍ତର ପ୍ରତିଯୋଗିତାରେ ସାରା ଭାରତରୁ ୮ଲକ୍ଷ ଅଂଶଗ୍ରହଣକାରୀଙ୍କୁ ନେଇ ୬୮ହଜାରରୁ ଅଧିକ ଦଳ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରୁ କେବଳ ୧୩୬୦ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ଗ୍ରାଣ୍ଡ୍ ଫିନାଲେ ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଛନ୍ତି। ଏହି ତାଲିକାଭୁକ୍ତ ଛାତ୍ରୀଛାତ୍ରମାନେ ପରାମର୍ଶଦାତା ଓ ମୂଲ୍ୟାଙ୍କନକାରୀ ମାର୍ଗଦର୍ଶନରେ ଚିନ୍ତାଧାରା ଡିଜାଇନ ଓ ଅଭିନବ ପ୍ରୋଟେଟାଇପ୍ ବିକାଶ ପାଇଁ ୩୬ ଘଣ୍ଟା କାମ କରିବେ। ଆଭାସୀ ମାଧ୍ୟମରେ ସାରା ଭାରତରେ ସମସ୍ତ ୬୦ଟି ନୋଡାଲ କେନ୍ଦ୍ର ସହିତ ସଂଯୋଗ କରାଯାଇ ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଏହି କେନ୍ଦ୍ରୀୟ ସମାରୋହରେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି. ଜି. ସୀତାରାମ ଓ ଉପାଧ୍ୟକ୍ଷ ଡ. ଅଭୟ ଜେରେଙ୍କ ସମେତ ଶିକ୍ଷା ମନ୍ତ୍ରଣାଳୟ, ଏଆଇସିଟିଇ ଓ ଶିଳ୍ପ ଅଂଶୀଦାର ଉପସ୍ଥିତ ଥିଲେ। କୁଳସଚିବ ନିଶିପୁନମ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।


ହାକାଥନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କଲେଜ ଗେଟ୍‌ରେ ତାଲା ପକାଇଲେ ଛାତ୍ର

ବୀରମହାରାଜପୁର, ୮।୧୨
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଚାଲିଥିବା କ୍ରିକେଟ ଖେଳକୁ ହଠାତ୍ ବନ୍ଦ କରି ଦେବାକୁ ନେଇ ଛାତ୍ର ଅସନ୍ତୋଷ ଦେଖାଦେଇଛି। ଛାତ୍ରମାନେ କଲେଜ ଗେଟରେ ତାଲା ପକାଇ ଏହାର ପ୍ରତିବାଦ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ବୀରମହାରାଜପୁର ଯୁକ୍ତ ୩ ଛାତ୍ରମାନଙ୍କ ପାଇଁ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ମ୍ୟାଚ ପାଇଁ ଏକ କ୍ରିକେଟ ମ୍ୟାଚ କରିବାକୁ କଲେଜ ତରଫରୁ ଏକ ନୋଟିସ୍ ହୋଇଥିଲା । ଆଶାୟୀ ଛାତ୍ରମାନେ ୫ ତାରିଖରୁ କ୍ରିକେଟ ଖେଳିଥିଲେ। ହେଲେ କଲେଜ କର୍ତ୍ତୃପକ୍ଷ ହଠାତ୍ ଖେଳ ବାତିଲ କରାଗଲା ବୋଲି ୭ତାରିଖ ଏକ ନୋଟିସ୍ ଦେଲେ। ଏ



ବୀରମହାରାଜପୁର କଲେଜ ସମ୍ମୁଖରେ ଆନ୍ଦୋଳନରତ ଛାତ୍ର।

ନେଇ ଖେଳ ଦାୟିତ୍ୱରେ ଥିବା ଅଧ୍ୟାପକ ବ୍ୟାଟ ଚୋରି ହୋଇଯାଇଥିବାରୁ ଖେଳ ବାତିଲ କରାଗଲା ବୋଲି କହିଥିଲେ। ଛାତ୍ରମାନେ ଏନେଇ କଲେଜ ଅଧ୍ୟକ୍ଷଙ୍କୁ ପଚାରିଥିଲେ ହେଁ ତାଙ୍କ ଉତ୍ତରରେ ସେମାନଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲା। କୌଣସି ଆଲୋଚନା ନ

## କ୍ରିକେଟ ଖେଳ ବନ୍ଦ ନେଇ ଅସନ୍ତୋଷ

କରି ଏକତରଫା ଭାବେ ଖେଳ ବନ୍ଦ କରିଥିବାରୁ ଉଦ୍‌କ୍ଷିପ୍ତ ହୋଇ ଛାତ୍ରମାନେ କଲେଜ ଗେଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଖବର ପାଇ ବୀରମହାରାଜପୁର ଉପ ଜିଲାପାଳ କାର୍ଯ୍ୟାଳୟରୁ ସହକାରୀ ଜିଲାପାଳ ଶୁଭମ ଶିବାଶିଷ ତଥପଥୀ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ପୋଲିସ ଉପସ୍ଥିତିରେ ଆନ୍ଦୋଳନରତ ଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ପୁଣି କ୍ରିକେଟ ମ୍ୟାଚ ହେବ ଓ ୧୦ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆଲୋଚନାକାଳରେ କୁହାଯାଇଥିଲା। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ହିମାଂଶୁ ପାଢ଼ୀ କହିଛନ୍ତି, ବ୍ୟାଟ ଚୋରି ହୋଇଥିବାରୁ ଖେଳ ବନ୍ଦ ହୋଇଥିଲା। ସମସ୍ତଙ୍କ ଉପସ୍ଥିତିରେ ଆଲୋଚନା ପରେ ମଙ୍ଗଳବାରଠାରୁ ପୁଣି କ୍ରିକେଟ ଖେଳ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଯଦି ବ୍ୟାଟ ଚୋରି ହୋଇଯାଇଥିଲା ତେବେ ଛାତ୍ରୀଛାତ୍ରଙ୍କଠାରୁ ଖେଳ ପାଇଁ ଆଦାୟ ହୋଇଥିବା ଟଙ୍କାରେ ଅନ୍ୟ ବ୍ୟାଟ କିଣିଥିଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ଖେଳ ୫ତାରିଖରୁ ଆରମ୍ଭ ହୋଇ ୧୦ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା।

# ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୫୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ



ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ଅମରପାଲି, ୮।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସିଙ୍ଘୋଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ଼ ନୃପରାଜ ସାହୁ ଓ ଉପ ଆରକ୍ଷୀ ଅଧୀକ୍ଷକ ହେମନ୍ତ ରାଓ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୧ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଉଲୁଣ୍ଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର କୁମାର ମେହେର, ଉଲୁଣ୍ଡା ଭାରପ୍ରାପ୍ତ ତହସିଲଦାର ସୋମନାଥ ବେହେରା, ସିଂଘୋଲ ସରପଞ୍ଚ ପ୍ରଦୀପ କୁମାର ଦେହୁରୀ, ବିଭିନ୍ନ ଜିଲା, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଯୋଗଦାନ କରିଥିଲେ। ଏହି ଅବସରରେ ସିଙ୍ଘୋଲ ଗ୍ରାମର ଭିନ୍ନକ୍ଷମ ବାଳକ ଆୟୁଷ ସେଠୀଙ୍କୁ ଜିଲାପାଳ ଏକ ହ୍ୱିଲ ଚେୟାର ପ୍ରଦାନ କରିଥିଲେ।

# ମଧୁମେହ, ଚକ୍ଷୁ ପରୀକ୍ଷା ଶିବିର

ଡୁଙ୍ଗୁରିପାଲି, ୮।୧୨ (ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବସ୍ତି କଲ୍ୟାଣ ମଣ୍ଡପରେ ସେବା ଫାଉଣ୍ଡେଶନ ଓ ବୀରମହାରାଜପୁର ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ମାଗଣା ମଧୁମେହ, ରକ୍ତଚାପ ଓ ଚକ୍ଷୁ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଭେଷଜ ବିଶେଷଜ୍ଞ ଡାକ୍ତର ସଞ୍ଜୟ କୁମାର ପଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୯ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୧୬ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା। ୧୧ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ପଠାଯାଇଥିଲା। ସେବା ଫାଉଣ୍ଡେଶନ ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା। ନିତା ପଟେଲ, ପ୍ରଜ୍ଞାପରମିତା ତ୍ରିପାଠୀ, ଜ୍ୟୋସ୍ନା ବାରିକ, କଲିମ ଖାନ, ଦୀପକ ମିଶ୍ର, ବିବେକାନନ୍ଦ ତ୍ରିପାଠୀ, ପଦ୍ମଲୋଚନ ପଧାନ, ଚିତ୍ତରଞ୍ଜନ ସାହୁ, ଓ ୟୁଥ କ୍ଲବ ସଭ୍ୟ କନ୍ଦର୍ପ ସାହୁ, ଧର୍ମେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଯୋଗାସନ, ପ୍ରାଣାୟାମ ଦ୍ୱାରା ନୀରୋଗ ରହିହେବ



ଆୟୁଷ୍ମାନ ଆରୋଗ୍ୟ ଶିବିରରେ ପ୍ରାଣାୟାମ କରାଯାଉଛି।

ବୀରମହାରାଜପୁର , ୮।୧୨
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ଷେମାଲୋଏ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିବେଦିତା ପଧାନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଡକ୍ଟର ବିଶ୍ୱନାଥ ମେହେର ଉପସ୍ଥିତ ରହି ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ମାତୃ ମୃତ୍ୟୁହାର ରୋକିବା, ଶିଶୁ ଜନ୍ମ ପରେ ମା' ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା , ଉଚ୍ଚ ରକ୍ତଚାପ,

## କ୍ଷେମାଲୋଏ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ନିମ୍ନ ରକ୍ତଚାପ, ମ୍ୟାଲେରିଆ, ସିକିଲିନ, ମଧୁମେହ, ଓଜନ ମାପ ତଥା କିଶୋରୀଙ୍କୁ ଖାଦ୍ୟ, ସ୍ୱଚ୍ଛତା, ଧୂମପାନ ଉପରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଲୋକଙ୍କୁ ସଚେତନ କରାଇଥିଲେ। ଏହି ଶିବିର ପ୍ରତିମାସ ଦ୍ୱିତୀୟ ସୋମବାର କ୍ଷେମାଲୋଏ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ହେଉଛି। ତେଣୁ ସମସ୍ତେ ଏହାର ସୁବିଧା ଉଠାଇବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଯୋଗଗୁରୁ ଡକ୍ଟର ହୃଷୀକେଶ ଦେହେରୀ ଯୋଗଦେଇ ପ୍ରତିଦିନ ଯୋଗ କରିବା ସହିତ ଖାଦ୍ୟ ଉପରେ ଧ୍ୟାନ ଦେବା ଉଚିତ ବୋଲି କହିଥିଲେ । ଜୀବନରେ ମନ୍ତ୍ର, ବ୍ୟାୟାମ, ଆସନ, ପ୍ରାଣାୟାମର ଆଧୁନିକ ଯୁଗରେ କେତେ ଗୁରୁତ୍ୱ ରହିଛି ସେ ଉପରେ ଆଲୋକପାତ କରିଥିଲେ। ଶିବିରରେ ଏଏନଏମ ଗୀତା କର୍ମୀ, ଆଶାକର୍ମୀ ଗୀତାଞ୍ଜଳି ପଧାନ, ସନ୍ତୋଷିନୀ ପାତ୍ର, ଜୟନ୍ତୀ ବାରିକ, ମୈଥିଳୀ ବାରିକ, ପ୍ରତିଭା ପୁରୋହିତ, ପୁଷ୍ପାଞ୍ଜଳି ପଧାନ, ମନ୍ଦାକିନୀ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ଅଲେଖ ମହିମା ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଉଦ୍‌ଯାପିତ

ବିନିକା, ୮।୧୨ ( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଦଳିତପଡାରେ ଚାଲିଥିବା ବିଶ୍ୱ ଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ରବିବାର ସନ୍ଧ୍ୟାରୁ ଯଜ୍ଞ ଆରମ୍ଭ ହୋଇଥିଲା । ବାବା ଜଗଦାନନ୍ଦ ଦାସ ଘୃତାହୁତି କରିଥିଲେ। ବିଭିନ୍ନ ସ୍ଥାନରୁ ୬ଟି ଭଜନ ପାର୍ଟି ଓ ଶତାଧିକ ମହିମା ଧର୍ମବଲମ୍ବୀ ସାଧୁ ସନ୍ଥ ଯୋଗଦେଇଥିଲେ। ଏହି ଅବସରରେ ଏକ ଧର୍ମସଭା ଆୟୋଜିତ ହୋଇଥିଲା। ଏଥିରେ ମହିମାପଡା ସଭାପତି ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଏସବିଆଇ ଶାଖା ପରିଚାଳକ ଘନଶ୍ୟାମ ମେହେର, ମୁଖ୍ୟବକ୍ତା ଭୀମଭୋଇଙ୍କ ବାର୍ତ୍ତା ପ୍ରଚାରକ ମୋହନ ମହାନନ୍ଦ, ସମ୍ମାନୀତ ଅତିଥି ଶିକ୍ଷାବିତ କାହ୍ନୁଚରଣ ଜଗଦଲା, ଭୁବନେଶ୍ୱର ପାତ୍ର ଯୋଗଦେଇ ମହିମା ଧର୍ମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନଗରପାଳ ସୁବାଷ ଚନ୍ଦ୍ର ଭୋଇ ଉକ୍ତ ପଡାର ନାମ ଆଜିଠୁ ଭୀମ ଭୋଇ ନଗର ନାମରେ ନାମିତ କରାଗଲା ଓ ଖୁବ୍‌ଶୀଘ୍ର ଭୀମଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଘୋଷଣା କରିଥିଲେ । ସତ୍ୟ ମହିମା ଧର୍ମ ଶାସିନୀ ମହାସଂଘ ଖଳିଆପାଲି ସଭାପତି ଭକ୍ତ ଦୁର୍ଗାଚରଣ କଳତା ମଞ୍ଚ ପରିଚାଳନା କରିଥିଲେ। ମଧୁ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁରରେ ଆଜିଠୁ ଧାନ କିଣା

## ପଞ୍ଜୀକୃତ ହୋଇଛନ୍ତି ୭୧, ୫୭୮ ଚାଷୀ



ସୋନପୁର ବ୍ଲକ ଖଲିଆପାଲିରେ ଚାଷୀ ଅମଳ ହୋଇଥିବା ଧାନକୁ ଖରାରେ ଶୁଖାଉଛନ୍ତି।

ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ମଙ୍ଗଳବାରଠାରୁ ଖରିଫ ବିପଣନ ଋତୁ ଧାନକିଣା ଆରମ୍ଭ ହେବ। ବିନିକା ବ୍ଲକର ସିଲାଟି ପାକ୍ସ ପକ୍ଷରୁ ଆରଏମ୍‌ସି ମାର୍କେଟ୍ ୟାର୍ଡରେ ଜିଲାସ୍ତରୀୟ ଧାନ କିଣାର ଶୁଭାରମ୍ଭ କରାଯିବ। ଜିଲାପାଳ ଡ. ନୃପରାଜ ସାହୁ ଚାଷୀଙ୍କ ଉପସ୍ଥିତିରେ ଧାନ କିଣାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ୭୧ ପାକ୍ସ ଓ ୨୧ ଡବ୍ଲ୍ୟୁଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ। ପାକ୍ସ ଓ ଡବ୍ଲ୍ୟୁଏସ୍‌ଏଚ୍‌ଜି ଗୁଡିକ ଏଥିପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି। ସେହିପରି ୨୫ରୁ ଉର୍ଦ୍ଧ୍ୱ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ପାଇଁ ସରକାରଙ୍କ ସହିତ ଚୁକ୍ତିନାମା କରିଛି। ପ୍ରାୟ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଟୋକନ୍ ମିଳିଛି। ଏଥିପାଇଁ ଜିଲା ଯୋଗାଣ ବିଭାଗ ପକ୍ଷରୁ ମିଲର୍ସ, ପାକ୍ସ ଓ ଡବ୍ଲ୍ୟୁଏସ୍‌ଏଚ୍‌ଜି ଗୁଡିକ ଟାର୍ଗେଟ୍ ପ୍ରଦାନ କରାଯାଇଛି। ଚାଷୀଙ୍କୁ ସାଧାରଣ ଏଫଏକ୍ୟୁ ଧାନ କୁଇଣ୍ଟାଲ ପ୍ରତି ପୂର୍ବ ଭଳି ୩୧୦୦ଟଙ୍କା ପ୍ରଦାନ କରାଯିବ। ଏମ୍‌ଏସ୍‌ପି ୨୩୬୯ଟଙ୍କା ଓ ରାଜ୍ୟ ସରକାର ସହାୟତା ରାଶି କୁଇଣ୍ଟାଲ ପ୍ରତି ୭୩୧ଟଙ୍କା ପ୍ରଦାନ କରିବେ। ପ୍ରଥମ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲାକୁ ୨୨ଲକ୍ଷ ୩୨ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ଦିଆଯାଇଛି। ଜିଲାର ପ୍ରାୟ ୮୦ପ୍ରତିଶତ କ୍ଷେତରେ ଧାନ ଅମଳ ସରି ଆସିଲାଣି। ତେଣୁ ଦିନେ ଦୁଇ ଦିନ ଭିତରେ ଧାନ ସଂଗ୍ରହ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଜିଲାର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆରଏମ୍‌ସି ଅଧିନରେ ୩ଟି ସମ୍ପ୍ରସାରଣ ଧାନ କ୍ରୟ କେନ୍ଦ୍ର ସମେତ ଚଳିତ ଥର ମୋଟ ୧୦୪ଟି ମଣ୍ଡି ଖୋଲିବ। ମଣ୍ଡିଗୁଡିକ (ରବିବାର ବ୍ୟତୀତ)ସପ୍ତାହକ ୬ ଦିନ ଖୋଲା ରହିବ। ଚଳିତ ଥର ୭୧ ହଜାର ୫୭୮ ଜଣ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଅମରପାଲି, ୮।୧୨(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାତ୍ର ୬ଟି ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ଏପରିକି ବିଡ଼ିଓ ମଧ୍ୟ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ତାଙ୍କ ସ୍ଥାନରେ ଏବିଡ଼ିଓ ପୁରୁଷୋତ୍ତମ ଧାରୁଆ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିବିରରେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ, ବିଦ୍ୟୁତ୍, ରାଜସ୍ୱ, ଉଦ୍ୟାନ, ପଶୁପାଳନ, ସମବାୟ ଆଦି ମୁଖ୍ୟ ବିଭାଗଗୁଡିକ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ବୀରମହାରାଜପୁର ଏବିଡିଓ ଧରୁଆଙ୍କ ସହ ଯୋଗାଯୋଗ କରିବାରୁ ସବୁ ବିଭାଗକୁ ସୂଚନା ଦିଆଯାଇଥିଲା। ମାତ୍ର ସେମାନଙ୍କ ମଧ୍ୟରୁ କେତେକ ବିଭାଗ ଆସି ନ ଥିଲେ। ଶିବିରରେ ମାତ୍ର ୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା।

# ଆମ ଶୌଚାଳୟ, ଆମ ଭବିଷ୍ୟତ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା, ୮।୧୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଲିଆପାଲି ପଞ୍ଚାୟତର ନୂଆପାଲି ଜିୟୁପିଏସ୍ ଏବଂ ଝଗୁଡୁପାଲି ୟୁପି ସ୍କୁଲରେ ସୋମବାର ଆମ ଶୌଚାଳୟ, ଆମ ଭବିଷ୍ୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଜଳ ଓ ପରିମଳ ବିଭାଗ ଆର୍‌ପି ରଞ୍ଜନ କୁମାର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଶେଷରେ ସମସ୍ତେ ଶପଥ ପାଠରେ ସାମିଲ ହୋଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ସୁନା, ସରିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାରିକ, ନରେଶ ଚନ୍ଦ୍ର କର୍ମୀ, ପ୍ରକାଶ କୁମାର ନାଏକ, ରାଜେନ୍ଦ୍ର ମେହେର, ଝଗୁଡୁପାଲି ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରବଣ କୁମାର ପ୍ରଧାନ, ମାନଭଞ୍ଜନ କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ଶ୍ରୀହରି ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ଦିନ ସ୍ୱାଗତ ସହ କ୍ୟାଣ୍ଡେଲ ଶୋଭାଯାତ୍ରା

ଡୁଙ୍ଗୁରିପାଲି, ୮।୧୨ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରାଜଲକ୍ଷ୍ମୀ ପଡାରେ ଆସନ୍ତା ୨୫ତାରିଖ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ବଡ଼ଦିନ ପାଳନ ହେବ। ଏହାକୁ ସ୍ୱାଗତ କରିବା ସହ ସୋମବାର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ସନ୍ଧ୍ୟାରେ ରାଜଲକ୍ଷ୍ମୀପଡାସ୍ଥିତ ଜିଏସ୍‌ଏମ୍ ଚର୍ଚ୍ଚରୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ମହିଳା ଓ ପୁରୁଷ, ବାଳିକା ବାଳକମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଚର୍ଚ୍ଚର ପାଷ୍ଟର ରାଜଦେବର, ସମ୍ପାଦକ ଜ୍ୟୋତିଷ ନନ୍ଦ, ସବିତା ଦେବର, ସୁଜିତ ନନ୍ଦଙ୍କ ସହ ଡୁଡୁକା, ଚିଙ୍ଗେରକଟା ଗ୍ରାମର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଲୋକେ ଯୋଗଦେଇଥିଲେ।

# ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ





ମଞ୍ଚାସୀନ ଅତିଥି।

ହରଭଙ୍ଗା,୮।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଛତରଙ୍ଗ ଗ୍ରାମ ପଞ୍ଚାୟତ ପକ୍ଷରୁ ସରପଞ୍ଚ ତଥା କ୍ରୀଡ଼ାପ୍ରତିଯୋଗିତାର ସଭାପତି ବିନୋଦିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ସମ୍ମାନିତ ଅତିଥି ଭାବରେ ହରଭଙ୍ଗା ଥାନା ଅଧିକାରୀ ବାଲ୍ମୀକି ପ୍ରଧାନ, ପିଇଓ ବସନ୍ତ କର୍ଣ୍ଣ, ଉପଦେଷ୍ଟା ତ୍ରିଲୋଚନ ପ୍ରଧାନ, କମଳ ଲୋଚନ ସାହୁ, ପୂର୍ବତନ ସରପଞ୍ଚ ସୁଶୀଳ ପ୍ରଧାନ, ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର, ସିଆର୍‌ସିସି ସୁଧୀର କୁମାର ଦେହୁରୀ, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଗ୍ରାମ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଛକସାହି ତ୍ରିନାଥ ଠାକୁର ଏବଂ ବାବ ଚନ୍ଦ୍ରଶେଖର ମନ୍ଦିର ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ସତ୍ୟନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ନିରଞ୍ଜନ ସାହୁ, ସହକାରୀ ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ, ଅଜୟ କୁମାର ପ୍ରଧାନ, ମୁନା ମାଝୀ, ଅଶ୍ୱିନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ତେଲିପାଲିକୁ ହରାଇ ବହଲପଦର ଚାମ୍ପିୟନ

ଅମରପାଲି, ୮।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୨ତମ ଅମରପାଲି କ୍ରିକେଟ କପର ଫାଇନାଲରେ ତେଲିପାଲିକୁ ହରାଇ ବହଲପଦର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବହଲପଦର ବ୍ୟାଟିଂ କରି ୬ ଓଭରରେ ୫ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ତେଲିପାଲି ଦଳ ଆବଶ୍ୟକ ରନକୁ ୨ ଉଇକେଟ ହରାଇ ୬ ଓଭରର ଶେଷ ବଲରେ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବହଲପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୨ ଉଇକେଟ ହରାଇ ୫୨ ରନ କରିଥିଲା। ଜବାବରେ ତେଲିପାଲି ଦଳ ୪ଓଭରରେ ୬ ଉଇକେଟ ହରାଇ ୨୬ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ସୁପରଓଭର ଖେଳାଯାଇଥିଲା। ଏଥିରେ ବହଲପଦର ୧୩ ରନ କରିଥିବା ବେଳେ ତେଲିପାଲି ଦଳ ୭ ରନ





ଚାମ୍ପିୟନ ବହଲପଦର ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

କରିଥିଲା। ଫଳରେ ବହଲପଦର ୨-୧ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଘିଚାପାଲିକୁ ହରାଇ ତେଲିପାଲି ଓ ଦ୍ୱିତୀୟ ସେମିରେ ପୁରୁଣାଗଡ(ରେଢାଖୋଲ)କୁ ହରାଇ ବହଲପଦର ଫାଇନାଲରେ ପ୍ରବେଶ କରିଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କମିଟି

## ୩୨ତମ ଅମରପାଲି କ୍ରିକେଟ କପ

■ ଛତ୍ରୀ ବିକାଶ ମ୍ୟାନ ଅଫ ଫାଇନାଲ, ଆକାଶ ସାହୁ ମ୍ୟାନ ଅଫ ସିରିଜ

ସଭାପତି ବିମ୍ବାଧର ସାହୁ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ ଲୁହା, ବହଲପଦର ସରପଞ୍ଚ ନିରୁପମା ସେଠୀ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବଡ଼ମାଳ(ରେଢାଖୋଲ) ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ, ସ୍ଥାନୀୟ ସମିତିସଭ୍ୟା ସୁଗନ୍ଧା ଘିବିଲା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବହଲପଦରର ଛତ୍ରୀ ବିକାଶଙ୍କୁ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଫାଇନାଲ ଏବଂ ତେଲିପାଲିର ଆକାଶ ସାହୁଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ଶ୍ୟାମ ସୁନ୍ଦର ପଣ୍ଡାଙ୍କୁ ସତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୩୦ ହଜାର ଟଙ୍କା ସହିତ କବିନ ସ୍ମାରକୀ ଟ୍ରଫି ଏବଂ ଉପବିଜେତା ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ତ୍ରିଲୋଚନ ସାହୁ ସ୍ମାରକୀ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ଦିବସରେ ଶିକ୍ଷକ ସୁରେନ୍ଦ୍ର ଭୋଇ, କ୍ରୀଡାବିତ ଶୁଭମ ଭୋଇ, ସ୍ଥାନୀୟ ହାଇସ୍କୁଲ ଶିକ୍ଷକ ପଦ୍ମନାଭ ପ୍ରଧାନ, ହୃଷୀକେଶ ଚାନ୍ଦ, କାଳାଚାନ୍ଦ ପ୍ରଧନ, ପୂର୍ବତନ ସରପଞ୍ଚ ଡମ୍ବରୁଧର ସାହୁ, ଶେଷଦେବ ବାରିକ, ରବୀନ୍ଦ୍ର ହୋତା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଫାଇନାଲ ଦିବସରେ ଶ୍ରୀବନ୍ତ ନାୟକ, ସୁରେଶ ବିଶି, ଗିରିଜା ଶଙ୍କର ଭଏନା, ସୁରେଶ ବିଶି ଅମ୍ପେୟାର, ଶୁଭେନ୍ଦୁ ଶେଖର ସାହୁ ସ୍କୋରିଂ, ଚମାରୁ ମହାକୁର ଅନଲାଇନ ସ୍କୋରିଂ ଏବଂ ମାନସ ନନ୍ଦ, ଆଶିଷ ଦେଓ, ନିହାର ରଞ୍ଜନ ସାହୁ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଆଜିଠୁ ଝାରସୁଗୁଡ଼ା ଜିଲ୍ଲାରେ ଧାନ କିଣା

ଝାରସୁଗୁଡ଼ା,୮।୧୨(ଆଶିଷ ରଞ୍ଜନ ଦାଶ)

■ ବ୍ୟବସ୍ଥିତ ମାର୍କେଟ୍ ନାହିଁ
■ ଖୋଲାପଡ଼ିଆ, ରାସ୍ତାପାର୍ଶ୍ୱରେ ଧାନମଣ୍ଡି

ଝାରସୁଗୁଡ଼ା ଜିଲ୍ଲାରେ ଡିସେମ୍ବର ୯ ତାରିଖ ମଙ୍ଗଳବାରଠାରୁ ମିଲର୍ସଙ୍କ ଜରିଆରେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଧାନ କିଣା ଆରମ୍ଭ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଜିଲ୍ଲାପାଳଙ୍କ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀ, ମିଲର୍ସ, ଚାଷୀ ପ୍ରତିନିଧିଙ୍କୁ ନେଇ ଘନଘନ ବୈଠକ ହୋଇଛି। ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୪୩ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ୩୬ଟି ପାକ୍ସ ଓ ୨୮ଟି ଏସ୍ଏଚ୍‌ଜି ଜରିଆରେ ଧାନ କ୍ରୟ କରାଯିବ। ତେବେ ଧାନ କିଣାବିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବା, ଦଲାଲରାଜ୍ ବନ୍ଦ କରି ଧାନର କଳାବଜାର ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ୍ ତିଆରି କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଧାନ କ୍ରୟ କେନ୍ଦ୍ରରେ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଜିଲ୍ଲାର କୋଲାବିରା ବ୍ଲକ୍‌ରେ ୪୧୨୮ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ତେବେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଗୋଟିଏ ମଧ୍ୟ ସୁବ୍ୟବସ୍ଥିତ ଧାନ କ୍ରୟ କେନ୍ଦ୍ର ନ ଥିବା ଅଭିଯୋଗ ହୋଇଛି। ଏପରି କି ସ୍ଥାୟୀ ଧାନ କ୍ରୟ କେନ୍ଦ୍ର ନାହିଁ। କୋଲାବିରା, ପରମାଣପୁର, ଝିର୍ଲାପାଲି ଓ ସମାସିଂହା ସମେତ ୪ଟି ସମବାୟ ସମିତି ଏବଂ ପୋଖରାସାଲହେ ପଞ୍ଚାୟତରେ ୩ଟି ଓ କୁଲିହାମାଲ ପଞ୍ଚାୟତରେ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଚାଷୀଙ୍କ ଧାନ କିଣାଯିବ। ସେହିପରି ସମାସିଂହା ସମବାୟ ସମିତି ପକ୍ଷରୁ ସୋଡ଼ାମାଳରେ ଗୋଟିଏ ଉପକେନ୍ଦ୍ର ଖୋଲାଯାଇ ଧାନ କ୍ରୟ କରାଯିବ। ଲଇକେରା ବ୍ଲକରେ ୪୯୦୨ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ୮ଟି ଏସ୍ଏଚ୍‌ଜି ଓ ୫ଟି ପାକ୍ସ ଜରିଆରେ ଧାନ ବିକ୍ରି କରିବେ। କିର୍ମିରା ବ୍ଲକରେ ୨୯୬୮ ଚାଷୀ ପଞ୍ଜୀକରଣ କରିଥିବାବେଳେ ୩ଟି ପାକ୍ସ ଓ ୪ଟି ଏସ୍ଏଚ୍‌ଜି ଜରିଆରେ ଧାନ ବିକ୍ରି କରିବେ। ଝାରସୁଗୁଡ଼ା ବ୍ଲକରେ ୬୬୨୭ ଚାଷୀ ପଞ୍ଜୀକରଣ କରିଥିବାବେଳେ ୭ଟି ପାକ୍ସ ଓ ଦୁଇଟି ଏସ୍ଏଚ୍‌ଜି ଜରିଆରେ ଧାନ ବିକ୍ରି କରିବେ। ସେହିପରି ଲଖନପୁର ବ୍ଲକରେ ୮୫୯୪ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ୧୫ଟି ପାକ୍ସ ଓ ୧୦ଟି ଏସ୍ଏଚ୍‌ଜି ଜରିଆରେ ଧାନ ବିକ୍ରି କରିବେ। ତେବେ ଜିଲ୍ଲାରେ ପ୍ରାଥମିକ କୃଷି ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ଥାୟୀ କ୍ରୟ କେନ୍ଦ୍ର ନ ଥିବା ଜଣାପଡିଛି। ରାସ୍ତାପାର୍ଶ୍ୱ, ଖୋଲା ପଡ଼ିଆରେ ଚାଷୀଙ୍କଠାରୁ ଧାନ କିଣାଯିବ। ଧାନ କିଣା କେନ୍ଦ୍ରରେ ଡିଜିଟାଲ ଆର୍ଦ୍ରତା ମିଟର, ଓଜନ ମେଶିନ, ପାନୀୟ ଜଳ, ପାଇଖାନା, ପ୍ରତୀକ୍ଷା କକ୍ଷ, ସିସିଟିଭି ଓ ମୂଲ୍ୟ ପ୍ରଦର୍ଶନ ବୋର୍ଡ ରଖିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି। ଝାରସୁଗୁଡ଼ା ଆର୍ଏମ୍‌ସି ପକ୍ଷରୁ ପ୍ରତି କ୍ରୟ କେନ୍ଦ୍ରକୁ ଦୁଇଟି ଲେଖାଏ ଓଜନ ମେଶିନ, ଆର୍ଦ୍ରତା ମିଟର, ପଲିଥିନ ସାମ୍ପୁଲ ଡ୍ରାଇଭର ଇତ୍ୟାଦି ଉପକରଣ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଧାନ କ୍ରୟ କେନ୍ଦ୍ରରେ ଅବ୍ୟବସ୍ଥା ଓ ଚାଷୀଙ୍କ ସୁବିଧା ପାଇଁ ସ୍ୱଳ୍ପ ପରିମାଣର ଧାନ କ୍ରୟ କେନ୍ଦ୍ରରେ ଓଜନ ହେବା ସହ ଶତକଡା ୮୦ ଭାଗ ଧାନ ମିଲ୍‌ରେ କମ୍ପ୍ୟୁଟର ଓଜନ ମେଶିନରେ ଓଜନ ହେବ ବୋଲି ଜଣାପଡିଛି। ଏଣୁ ଧାନ ବେପାରୀ ଓ ଦଲାଲଙ୍କ ପ୍ରାଦୁର୍ଭାବ ବଢିବା ଏବଂ ମିଲ୍‌ରେ କଟ୍‌ନିଛଟ୍‌ନି ହେବା ନେଇ ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେହେରା କହିଛନ୍ତି, ଧାନ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ପୂରା ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ କ୍ରୟ କେନ୍ଦ୍ରରେ ଧାନ ଓଜନ କରାଯିବା ସହ ସିଧାସଳଖ ମିଲ୍‌କୁ ପଠାଯିବା ପାଇଁ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।


ବଡ଼ମାଳସ୍ଥିତ ଆର୍‌ଏମ୍‌ସିଠାରେ ଖୋଲାସ୍ଥାନରେ ଧାନ କିଣା ପାଇଁ ହୋଇଥିବା ବ୍ୟବସ୍ଥା।

## ୨୬ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ


ଶିବିରରେ ଜିଲ୍ଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କଲ୍ୟାଣମଣ୍ଡପଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୬ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ସିସି ରାସ୍ତା ନିର୍ମାଣ, ରାଶନ କାର୍ଡ ଓ ଜମି ଚିହ୍ନଟ ଭଳି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ବେଲପାହାଡ଼,୮।୧୨(ସୁବାସ ପ୍ରଧାନ)

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ବେଲପାହାଡ଼ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଶିବା ନାଗ। ଅଭିଯୋଗ ଅନୁଯାୟୀ, ବେଲପାହାଡ଼ ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ଶିବା ବିଭିନ୍ନ ପ୍ରଲୋଭନ ଦେଖାଇ ଶୁକ୍ରବାର ସନ୍ଧ୍ୟାରେ ଅପହରଣ କରି ଏକ ନିଛାଟିଆ ସ୍ଥାନକୁ ନେଇ ବଳାକାର କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକା ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ଉଭୟ ନାବାଳିକା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଛି।

### ଜିଲ୍ଲା ପିଇଓ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

ଝାରସୁଗୁଡ଼ା,୮।୧୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଂଘର ଏକ ବୈଠକ ଦଳକି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ସଭାପତି ରାଜେଶ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ତରଣୀସେନ ପ୍ରଧାନଙ୍କୁ ସଭାପତି, ସନ୍ତୋଷ ମାଝୀଙ୍କୁ ଉପସଭାପତି, ସୁମନ୍ତ ଦାସଙ୍କୁ ସମ୍ପାଦକ, ଅନିଲ ଦୂଆନଙ୍କୁ ସହସମ୍ପାଦକ, ଓକିଲ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ଓ ସୁବ୍ରତ ନାଏକଙ୍କୁ ସହକୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହି ବୈଠକରେ ଜିଲ୍ଲାର ୫୨ ଜଣ ପିଇଓ ଯୋଗଦେଇଥିଲେ। ଏଥିରେ ପିଇଓଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ପିଇଓଙ୍କୁ ଏକାଧିକ ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରି ଚାପରେ ପକାଇବା, ବଦଳି ହୋଇଥିବା ପିଇଓଙ୍କ ଏଲ୍‌ପିସି ପ୍ରଦାନ ନ କରିବା ଓ ସର୍ଭିସ ବୁକ୍ ନ ଦେବା, ନୂତନ ଭାବରେ ଯୋଗଦେଇଥିବା ପିଇଓଙ୍କ ଇନ୍‌କ୍ରିମେଣ୍ଟ ସମସ୍ୟା, ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅଧିକ କର୍ଯ୍ୟଚାପ ଦିଆଯିବା, ପିଇଓଙ୍କ ଦରମାର ଅସଙ୍ଗତି ଦୂର କରିବା ଉପରେ ଆଲୋଚନା କରାଯାଇଥିଲା। ପିଇଓ ଜଗଦୀଶ ନାଏକ ଧନ୍ୟବାଦ ଦେଇଥିଲେ।

### କୁମ୍ଭାରୀ, ଗରିଆଡ଼ିହିଠାରେ ନାମଯଜ୍ଞ

ଝାରସୁଗୁଡ଼ା, ୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଏବଂ ଗରିଆଡ଼ିହିଠାରେ ଅଷ୍ଟକୁଞ୍ଜ ଓ ନାମଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୌରବ ବିରତିଆ କର୍ତ୍ତା ଓ ସଞ୍ଜୟ ବିରତିଆ ପୂଜା ଦାୟିତ୍ୱ ତୁଲାଇଥିଲେ। କଟକ ମଠ ମହନ୍ତ ରାଧେଶ୍ୟାମ ଦାସଙ୍କ ତତ୍ତ୍ୱାବଧାନରେ ନାମଯଜ୍ଞ ପରିଚାଳିତ ହୋଇଥିବାବେଳେ କୁମ୍ଭାରୀ, ଗରିଆଡ଼ିହି, ହିର୍ମା, ଖେରୱାଲ, ସାହାପଡା, କୁକୁରଜଙ୍ଗା, କାଲୋପତ୍ରା ଆଦି ଗ୍ରାମର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ଏକାଗ୍ରତା ପାଇଁ ଯୋଗ ଜରୁରୀ

ଝାରସୁଗୁଡ଼ା, ୮।୧୨(ଆଶିଷ ରଞ୍ଜନ ଦାଶ)

## ଯୁବ ସଂସ୍କାର କାର୍ଯ୍ୟକ୍ରମ

ଝାରସୁଗୁଡ଼ା ସହରସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ସମ୍ମିଳନୀ କକ୍ଷରେ ଅଖିଳ ଭାରତୀୟ ଗାୟତ୍ରୀ ପରିବାର ପକ୍ଷରୁ ଯୁବ ସଂସ୍କାର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଯୋଗ ପ୍ରଫେସର ଡ. ବିଶ୍ୱରଞ୍ଜନ ରଥ ଶତାଧିକ ଛାତ୍ରୀଛାତ୍ର ତଥା କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ନିଶାମୁକ୍ତି ସମ୍ପର୍କିତ କର୍ମଶାଳା ପରିଚାଳନା କରିଥିଲେ। ବିଦ୍ୟାର୍ଥୀଙ୍କ ଭିତରେ ଏକାଗ୍ରତା, ସଂଯମତା ତଥା ଚରିତ୍ର ପରିବର୍ତ୍ତନ ପାଇଁ ଯୋଗ ଓ ପ୍ରାଣାୟାମର ଆବଶ୍ୟକତା ଉପରେ ରଥ ଆଲୋକପାତ କରିଥିଲେ। ଝାରସୁଗୁଡ଼ା ଗାୟତ୍ରୀ ପରିବାରର ସଂଯୋଜକ ରୋହିତେଶ୍ୱର ପ୍ରଧାନ, ପରିବ୍ରାଜକ ରାମମୋହନ ସାହୁ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରୀଛାତ୍ର ନିଶାମୁକ୍ତି ପାଇଁ ଶପଥ ପାଠ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗ, ପ୍ରାଣାୟାମର ଉପକାରିତା ବିଷୟରେ ସୂଚନା ଦିଆଯାଉଛି।

## ହିଂସାବିରୋଧୀ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୮।୧୨(ଆଶିଷ ରଞ୍ଜନ ଦାଶ)- ଲଇକେରା ବ୍ଲକ ଅନ୍ତର୍ଗତ ଭାତଲଇଡା ଗ୍ରାମରେ ସେହେଡ଼ା ଅନୁଷ୍ଠାନର ୱାନ୍ ଷ୍ଟପ୍ ସେଣ୍ଟର (ସଖୀ) ଓ ଜିଲ୍ଲା ମହିଳା ସଶକ୍ତୀକରଣ ବିଭାଗର ମିଳିତ ଆୟୋଜନରେ ସୋମବାର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା ଯୋଗଦେଇ ଲିଙ୍ଗଭିତ୍ତିକ ହିଂସା, ସାମାଜିକ ମନ୍ଦତା, ବାଲ୍ୟ ବିବାହ ନିଷେଧ ଆଇନ ଏବଂ ପୋକ୍‌ସୋ ଆଇନ ଆଇନ ବିଷୟରେ ଆଲୋକପାତ କରିଥିଲେ। ୱାନ୍ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା ଡୋଳାମଣି ସେଟ, ସୁନିତା ଭଇଁଶା, ସ୍ନେହା ସାହୁ ଏବଂ ଜୁବଲିରାଣୀ ପଟେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜେଜେମା, ଜେଜେବାପା ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଜେଜେମା, ଜେଜେବାପା।

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜେଜେମା, ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଭାଗ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘ ଚାଳକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବାରରେ ଜେଜେମା, ଜେଜେବାପାଙ୍କ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯୫ରୁ ଊର୍ଦ୍ଧ୍ୱ ଜେଜେମା, ଜେଜେବାପା ଯୋଗଦେଇଥିଲେ। ଗୁରୁମା ଗୀତାରାଣୀ ପ୍ରଧାନ ସଭା ପରିଚାଳନା ଓ ବିଦ୍ୟାଳୟର ସଭାପତି ପରମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

# ପାଉଁଶକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

ଝାରସୁଗୁଡ଼ା, ୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସିରିଆପାଲିରେ ଆଶ୍‌ପଣ୍ଡ ଏବଂ ପାଉଁଶ ପକାଯିବାକୁ କେନ୍ଦ୍ରକରି ଗତ କିଛିଦିନ ହେବ ବିଜେଡି ଏବଂ ଭାଜପା ମଧ୍ୟରେ ତୁତୁ ମେଁ ମେଁ ଲାଗିରହିଛି। ଏନେଇ ବିଜେଡିର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ଦଳୀୟ କର୍ମକର୍ତ୍ତା ବର୍ତ୍ତମାନର ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ବିରୋଧ କରିଆସୁଛନ୍ତି। ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଜିଲ୍ଲା ସଭାପତି ହରିଶ ଗଣତ୍ରା କହିଛନ୍ତି, ଝାରସୁଗୁଡ଼ା ବିଧାୟକ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସିରିଆପାଲିଠାରେ ଆଶ୍‌ପଣ୍ଡ କରୁଛନ୍ତି। ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, କୋଲାବିରା ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ଏହାର ଜବାବରେ ଭାଜପା ପକ୍ଷରୁ ସ୍ଥାନୀୟ ବିଟିଏମ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସୋମବାର ଅପରାହ୍ନ ୫ଟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ଝାରସୁଗୁଡ଼ା ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଳ କହିଛନ୍ତି, ପୂର୍ବତନ ବିଧାୟିକା ଦୀପାଳି ଦାସ, ତାଙ୍କ ବାପା ସ୍ୱର୍ଗତ ନବ ଦାସ ଏବଂ ଦଳୀୟ କର୍ମୀ ଝାରସୁଗୁଡ଼ାକୁ ପାଉଁଶମୟ କରିଦେଇଥିଲେ। ପଟେଲ ଆସୋସିଏଟ୍, ସାରଦା ଆସୋସିଏଟ୍ ଭଳି କମ୍ପାନୀ କାହାର ଚାଲୁଛି ଏବଂ ଏହି କମ୍ପାନୀର ପୃଷ୍ଠପୋଷକତା କିଏ କରୁଛି ବୋଲି ବିମଳେନ୍ଦୁ ପ୍ରଶ୍ନ କରିଛନ୍ତି। ସେହିପରି ଗୁଡିଗାଁ ଅଞ୍ଚଳରୁ ମୋଟାଅଙ୍କର ଟଙ୍କା କିଏ ଆଦାୟ କରୁଛି, ସିରିଆପାଲି ଆଶ୍‌ପଣ୍ଡ ପାଇଁ ଗ୍ରାମସଭା କେବେ ହୋଇଥିଲା ଏବଂ ସେତେବେଳେ ବିଧାୟକ କିଏ ଥିଲେ, ସିରିଆପାଲିରେ ଜମି ଅଧିଗ୍ରହଣ ସମୟରେ କିଏ ମୋଟାଅଙ୍କର ଟଙ୍କା ନେଇଥିଲେ, ବିଜେଡି ଲୋକଙ୍କ ପାଇଁ ରାଜନୀତି କରୁ ଏବଂ ଯେଉଁ ପରିବାର ଝାରସୁଗୁଡ଼ାବାସୀଙ୍କୁ ଆଶ୍ ବେପାର ଶିଖାଇଛି ସେହି ପରିବାର ପାଇଁ ବିଜେଡି ରାଜନୀତି ନ କରୁ ବୋଲି ବିମଳେନ୍ଦୁ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା କୋଲାବିରା ମଣ୍ଡଳ ସଭାପତି ରାଜେଶ ଦାସ, ଝାରସୁଗୁଡ଼ା ମଣ୍ଡଳ ସଭାପତି ହେମରଞ୍ଜନ ସିଂ, ଅରବିନ୍ଦ ପାଠକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବିଧାୟକ ଟଙ୍କଧର ତ୍ରିପାଠୀ ଓ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନ ଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରଜରାଜନଗର, ୮।୧୨(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ମଣ୍ଡଳିଆଠାରେ ଥିବା ବ୍ଲାକ୍ ଡାଇମଣ୍ଡ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୩୫ଟି କ୍ରୀଡ଼ା ପ୍ରତିଯୋଗିତାରେ ୪୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବାଳିକା ବର୍ଗରେ ମୁକ୍ତି ଯାଦବ ଓ ବାଳକ ବର୍ଗରେ ଆଦର୍ଶ ଯାଦବ ଚାମ୍ପିୟନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇବ୍ ଭ୍ୟାଲି କ୍ଷେତ୍ର କାର୍ମିକ ଅଧିକାରୀ ପି. ବି. ଟଣ୍ଡନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ଅଭିନାଶ ସିଂ, ବିଶିଷ୍ଟ କ୍ରୀଡାବିତ୍ କୈଳାସ ନାୟକ, କମ୍ପାଉଣ୍ଡର ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ଖେଡ଼କର, ବ୍ରଜମୋହନ ମୁଖାର୍ଜୀ, ଅନାମିକା ଗୁପ୍ତା, ସଞ୍ଜୁକ୍ତା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବିରେ ରିଲେ ଧାରଣା ଜାରି

### ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସାହି ବସ୍ତିରେ ସଚେତନତା ସଭା, ଦସ୍ତଖତ ଅଭିଯାନ

ଦେବଗଡ଼,୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସହରର କେନ୍ଦ୍ର ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂଆଁ ବାଲିରୋଇସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର ହେବା ପରେ ପୁରୁଣା କୋଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପୂର୍ବକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଜିଲ୍ଲାର ବିଭିନ୍ନ ମହଲରେ ଦାବି ହେଉଛି। ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଶୋଭାଯାତ୍ରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଓ ଦେବଗଡ଼ ବନ୍ଦ ପାଳନ ସତ୍ତ୍ୱେ ଦାବି ପୂରଣ ନ ହେବାରୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଶାନ୍ତିପୂର୍ଣ୍ଣ ରିଲେ ଧାରଣା ଜାରି ରହିଛି। ଏହି ଧାରଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଜନସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଜନସାଧାରଣଙ୍କ ଉକ୍ତ ନ୍ୟାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦାବି ପୂରଣରେ ବିଳମ୍ବତାକୁ ଦୃଷ୍ଟିରେ ରଖି ମଞ୍ଚ ପକ୍ଷରୁ ଦାବି ସମ୍ପର୍କରେ ଦେବଗଡ଼ ପୌରାଞ୍ଚଳବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି ଓ ସମ୍ଭାବ୍ୟ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ସମର୍ଥନ ହାସଲ ପାଇଁ ଗତ ୪ ତାରିଖଠାରୁ ସାହି ବସ୍ତିଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଓ ଦସ୍ତଖତ ଅଭିଯାନ ଜାରି ରହିଛି। ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଦେବଗଡ଼ ପୌରାଞ୍ଚଳ ଅଧୀନ ୨ ନମ୍ବର ୱାର୍ଡସ୍ଥିତ ରାଧାମାଧବ ମଣ୍ଡପଠାରେ ଅଞ୍ଚଳବାସୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚର ସନ୍ତୋଷ କୁମାର ଦେବତା, ଭୀମସେନ ନାୟକ ଓ ମାନସ ଦ୍ୱିବେଦୀଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଯୋଗଦେଇ ଉପରୋକ୍ତ ଦାବି ସମ୍ପର୍କରେ ସାହିବାସିନ୍ଦାଙ୍କୁ ସଚେତନ କରିବା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ସେମାନଙ୍କର ମତାମତ ଓ ଦସ୍ତଖତ ସଂଗ୍ରହ କରିଥିଲେ।

# ସମଲେଇ ମନ୍ଦିର ଶ୍ରମିକଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ ଦାବି


ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ସମଲେଇ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକ।

ସମ୍ବଲପୁର,୮।୧୨(ଭବାନୀ ଶଙ୍କର ଭୋଇ)

## ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତ ଦ୍ୱାରସ୍ଥ

ଠିକ୍ ସମୟରେ ଦରମା ଦେଉ ନ ଥିବା ଏବଂ ୨ବର୍ଷ ହେବ ବର୍ଦ୍ଧିତ ଦରମା ବଢି ନ ଥିବା ଅଭିଯୋଗକରି ସମ୍ବଲପୁର ସମଲେଇ ମନ୍ଦିରରେ କାର୍ଯ୍ୟରତ ଶ୍ରମିକମାନେ ସୋମବାର ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମଲେଇ ପ୍ରକଳ୍ପରେ ମନ୍ଦିରର ପାରିପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ତାହାର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ କମ୍ପାନୀ ମନ୍ଦିରର ସଫେଇ, ସୁରକ୍ଷା ପରି ବିଭିନ୍ନ କାର୍ଯ୍ୟ ପାଇଁ ବହୁମହିଳା ଏବଂ ପୁରୁଷ ଶ୍ରମିକଙ୍କୁ ନିୟୋଜିତ କରିଛି। ହେଲେ କମ୍ପାନୀ ଶ୍ରମିକମାନଙ୍କୁ କାର୍ଯ୍ୟ କରାଉଥିବାବେଳେ ଠିକ୍ ସମୟରେ ଦରମା ଦେଉ ନ ଥିବା ସହ ବର୍ଦ୍ଧିତ ଦରମା ମଧ୍ୟ ଦେଉ ନଥିବା ଅଭିଯୋଗ ହୋଇଛି। ଏନେଇ ଶ୍ରମିକମାନେ କମ୍ପାନୀ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିବା କହିଛନ୍ତି। ଏପରି କି ଅନେକ ଶ୍ରମିକଙ୍କ ସହ ଭେଦଭାବ କରାଯାଉଥିବା ମଧ୍ୟ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ଶ୍ରମିକଙ୍କ ସମସ୍ୟା ନ ଶୁଣିବାରୁ ମନ୍ଦିରରେ କାର୍ଯ୍ୟ କରୁଥିବା ୩୦୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଶ୍ରମିକ ସୋମବାର ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶ୍ରମିକଙ୍କ ସହ ଆଲୋଚନା ପରେ ସେମାନଙ୍କ ଦାବିପତ୍ର ଗ୍ରହଣ କରି ପ୍ରଶାସନ ସହ ଆଲୋଚନା କରିବାକୁ ଜିଲ୍ଲା ଶ୍ରମ ଆୟୁକ୍ତ ପ୍ରତିଶ୍ରୁତି ଦେଇଥିବା ଶ୍ରମିକମାନେ କହିଛନ୍ତି। ଅନ୍ୟପକ୍ଷରେ ସେମାନଙ୍କ ଦାବି ପୂରଣ ୩ ହେଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ସହ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଶ୍ରମିକମାନେ କହିଛନ୍ତି।

# ଧାନ କିଣାବିକାରେ ଅଚଳାବସ୍ଥା ନେଇ ଜିଲାପାଳଙ୍କୁ ଫେରାଦ

## ଅପୁନି ଚାଷୀ ଅସନ୍ତୋଷ

ବରଗଡ଼, ୮।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ଜିଲାରେ ଅଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ର ଏଭଳି ପରିଚୟ ରହିଛି। ତେବେ ଉକ୍ତ ଜିଲାରେ ଚାଷ ଏବଂ ଚାଷୀ ସମସ୍ୟା ମଧ୍ୟ ରାଜ୍ୟର ଅନ୍ୟ ଜିଲାଠାରୁ ଅଧିକ। କେତେବେଳେ ସ୍ୱଳ୍ପ ବୃଷ୍ଟିପାତ ତ ଆଉ କେବେ ରୋଗପୋକ ଉପଦ୍ରବ ଯୋଗୁ ଜିଲାର ଚାଷୀମାନଙ୍କୁ କ୍ଷତି ସହିବାକୁ ପଡୁଛି। କେବଳ ସେତିକି ନୁହେଁ, ଜିଲାରେ ଫସଲ ଉତ୍ପାଦନ ଭଲ ହୋଇଥିଲେ ବିକ୍ରି ସମସ୍ୟା ଚାଷୀମାନଙ୍କୁ ଅଡୁଆ ସାଜିଛି। ବର୍ତ୍ତମାନ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଅନୁରୂପ ସମସ୍ୟା ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଜିଲାର ଚାଷୀମାନେ ମାସେ ପୂର୍ବରୁ ଧାନ ଅମଳ କରି ସାରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଅମଳ ଧାନ ବିକ୍ରି କରି ପାରି ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଏକ ମାସ ବିଳମ୍ବରେ ମଣ୍ଡି ଖୋଲି ଥିଲେ ହେଁ ଜିଲାର ଅଧିକାଂଶ ଚାଷୀଙ୍କୁ ଏପର୍ଯ୍ୟନ୍ତ ଧାନବିକ୍ରି ଟୋକନ ମିଳି ନାହିଁ। ଯେଉଁ ଚାଷୀମାନଙ୍କୁ ଟୋକନ ମିଳିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀଙ୍କୁ ଧାନବିକ୍ରି ତାରିଖ ବିଳମ୍ବିତ ରହିଛି। ସେହିପରି ଟୋକନ ଆଧାରରେ ମଣ୍ଡିକୁ ଧାନ ନେଉଥିଲେ ସୁଦ୍ଧା ତାହା ବିକ୍ରି ହେଉ ନାହିଁ ଏବଂ ଯେଉଁ ଚାଷୀଙ୍କ ଧାନ ବିକ୍ରି ହୋଇ ସାରଛି, ସେମାନଙ୍କୁ ଏପର୍ଯ୍ୟନ୍ତ ବିକ୍ରିଧାନର ପ୍ରାପ୍ୟରାଶି ମିଳି ପାରି ନ ଥିବା ଅଭିଯୋଗ ହୋଇଛି। ବରଗଡ଼ ଜିଲାର ବରଗାଁ ସମେତ ଅନେକ ଧାନମଣ୍ଡି ଉପରେ ନିର୍ଭରଶୀଳ ଚାଷୀଙ୍କ କ୍ଷେତ୍ରରେ ଅନୁରୂପ ସମସ୍ୟା ଲାଗି ରହିଛି ଏବଂ ଜିଲାରେ ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି।

ସୋମବାର ବରଗାଁ ଅଞ୍ଚଳର ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଅନୁରୂପ ଅଭିଯୋଗ କରିଥିଲେ। ସେମାନଙ୍କ ସମସ୍ୟା ନେଇ ଜିଲାପାଳ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ବରଗାଁ ଧାନ କ୍ରୟକେନ୍ଦ୍ର(ମଣ୍ଡି)ରେ ଚାଷୀମାନେ ଏପର୍ଯ୍ୟନ୍ତ ପ୍ରାୟ ୧୦ହଜାର କୁଇଣ୍ଟାଲ ଧାନ ଗଚ୍ଛିତ ରଖିଛନ୍ତି। ଆହୁରି ଅନେକ ଚାଷୀ ସ୍ଥାନାଭାବରୁ ମଣ୍ଡିକୁ ଧାନ ଆଣି ପାରୁ ନାହାନ୍ତି। ଚାଷୀଙ୍କ କ୍ଷେତ, ଖଳାରେ ତାହା ପଡ଼ି ରହିଛି। ତେବେ ଏହି ଧାନକ୍ରୟ କେନ୍ଦ୍ରରେ ଧାନବିକ୍ରି ପାଇଁ ୪୮୪ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ୭୨ଜଣଙ୍କ ପାଖକୁ କେବଳ ୨୫୦୦କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଛି। ହେଲେ ଧାନବିକ୍ରି ସମସ୍ୟା ଏହି ମଣ୍ଡିରେ ଲାଗି ରହିଛି। ଉକ୍ତ ମଣ୍ଡିରେ ଧାନବିକ୍ରି ଲକ୍ଷ୍ୟ ୪୦ହଜାର କୁଇଣ୍ଟାଲ ରହିଛି। କିନ୍ତୁ ଏତେଦିନ ଧରି ଏଠାରେ ଧାନ କିଣାବିକାରେ ଅଚଳାବସ୍ଥା ଲାଗି ରହିଥିବାରୁ ତୁରନ୍ତ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସ୍ମାରକପତ୍ରରେ ବରଗାଁ ସରପଞ୍ଚ ଋଷଭ ସେଟ୍‌ଙ୍କ ସମେତ ଧୀରେନ୍ଦ୍ର ଖମାରୀ, ଠିକାଦାର ଭୋଇ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

ସେହିପରି କଟାପାଲି ଧାନ ସଂଗ୍ରହ ପ୍ରକ୍ରିୟାରେ ଅଚଳାବସ୍ଥାକୁ ନେଇ ଧାନକ୍ରୟ କେନ୍ଦ୍ରରେ ସୋମବାର ଚାଷୀଙ୍କ ଏକ ବୈଠକ ବସିଥିଲା। ଗତମାସ ୨୮ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଉକ୍ତ ଧାନ କ୍ରୟକେନ୍ଦ୍ରରୁ ଗୋଟିଏ ବସ୍ତା ଧାନବିକ୍ରି ନ ହେବାକୁ ନେଇ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକକୁ ଜିଲା ଯୋଗାଣ କାର୍ଯ୍ୟାଳୟର କର୍ମଚାରୀ କବିରାଜ ଧରୁଆ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ମଙ୍ଗଳବାର ସୁଦ୍ଧା ଉକ୍ତ ମଣ୍ଡିରେ ଧାନ କିଣାବିକା ସ୍ୱାଭାବିକ ନ ହେଲେ ଚାଷୀମାନେ କୌଣସି ମୁହୂର୍ତ୍ତରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ। ଏହାପରେ ମଙ୍ଗଳବାରରୁ ଉକ୍ତ ମଣ୍ଡିରୁ ଧାନକିଣା ଆରମ୍ଭ ହେବ ବୋଲି ଧରୁଆ କହିଥିଲେ। ମାତ୍ର ଏହି ପ୍ରତିଶ୍ରୁତିର ଖିଲାପ ହେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚାଷୀମାନେ ରୋକଠୋକ୍ ଶୁଣାଇ ଦେଇଥିଲେ। ବୈଠକରେ ଚାଷୀ ବୃନ୍ଦାବନ ଭୋଇ, କିଶୋର ପ୍ରଧାନ, ଭଲ ସାହୁ, ମହେନ୍ଦ୍ର ପ୍ରଧାନ, ସୁଦୀପ୍ତ ଦାସ, ଦଶରଥ ସେଠ, ବୀରବର ମଲ୍ଲିକ, ସଫେଦ ଭୋଇ, ସୁଦାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଧାନ କିଣାବିକା ଅଚଳାବସ୍ଥା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

# କୈବଲ୍ୟ ପ୍ରଧାନ ହତ୍ୟା ମାମଲା, ୪ ଗିରଫ

କନ୍ଧମାଳ,୮।୧୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧଜିଲା ମନମୁଣ୍ଡା ଥାନା ଗୋହିପିଟା ଗ୍ରାମ ବନ୍ଧ ନିକଟରେ ଗତ ୬ ତାରିଖ ରାତିରେ ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନିରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ଦମାମୁଣ୍ଡା ଗ୍ରାମର ଉମେଶ ସାମଲ(୨୪), ରାଧାକାନ୍ତ ଭୋଇ (୨୪), ରମାକାନ୍ତ ସାମଲ(୨୪) ଓ କଳାସୁଲିଆ ଗ୍ରାମର ଅଜିତ ବାଘ(୨୧)। ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ମେଢା, ଗୋଟିଏ ପଥରକୁ ପୋଲିସ ଜବତ କରିଛି।

ଗତ ୬ ତାରିଖ ରାତିରେ ସମସ୍ତେ ମିଶି ଭୋଜିଭାତ କରିଥିଲେ। ସେତିକି ବେଳେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ଅଭିଯୁକ୍ତମାନେ ପଥରରେ ଆକ୍ରମଣ କରି କୈବଲ୍ୟଙ୍କୁ ହତ୍ୟା କରିଥିଲେ। କୈବଲ୍ୟ ବ୍ୟବହାର କରିଥିବା ଏକ ବାଇକ୍‌କୁ ବନ୍ଧ ମଧ୍ୟରୁ ଅଗ୍ନିଶମ ବାହିନୀ ସାହାଯ୍ୟତାରେ ପୋଲିସ ଉଦ୍ଧାର କରିଛି। ଏହାସହ ମୋବାଇଲ ଫୋନ, ପୋଷାକକୁ ମଧ୍ୟ ଉଦ୍ଧାର କରାଯାଇଛି ବୋଲି ଏସ୍‌ପି ପ୍ରକାଶ କରିଥିଲେ। ମନମୁଣ୍ଡା ଥାନା ଗୋହିପିଟା ଗ୍ରାମ ବନ୍ଧ ନିକଟରେ ଗତ ୭ ତାରିଖରେ ମନମୁଣ୍ଡା ପୋଲିସ ଏକ କ୍ଷତାକ୍ତ ମୃତଦେହକୁ ଜବତ କରିଥିଲା। ମନମୁଣ୍ଡା ପୋଲିସ ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନ ମୃତଦେହ ବୋଲି ଚିହ୍ନଟ କରିଥିଲା। କୈବଲ୍ୟକୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାରେ ସମ୍ପୃକ୍ତ ଚାରିଜଣ ଅଭିଯୁକ୍ତଙ୍କୁ ଧରିଥିଲା। ଖବରଦାତା ସମ୍ମିଳନିରେ ଏସ୍‌ଡିପିଓ ଲରେନ ରାଉତରାୟ, ମନମୁଣ୍ଡା ଥାନା ଅଧିକାରୀ ସସ୍ମିତା ମଗର ଉପସ୍ଥିତ ଥିଲେ।

## ଶବ୍ଦ ନୃତ୍ୟଗୁରୁ ବିପିନ ବାରିକଙ୍କ ପରଲୋକ

ବରପାଲି, ୮।୧୨(ଚିତ୍ତରଞ୍ଜନ ସାହୁ): ବରପାଲି ଅନ୍ତର୍ଗତ କନବାରଠାରେ ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଶବ୍ଦନୃତ୍ୟ ଗୁରୁ ବିଶିଷ୍ଟ ଶବ୍ଦ ନୃତ୍ୟ ବାଦକ ବିପିନ ବାରିକ(୮୫)ଙ୍କ ବାର୍ଦ୍ଧକ୍ୟଜନିତ ରୋଗରେ



ପରଲୋକ ହୋଇଯାଇଛି। ତାଙ୍କର ଏକମାତ୍ର ପୁତ୍ର ଯୁଧିଷ୍ଠିର ବାରିକଙ୍କ ପୂର୍ବରୁ ମୃତ୍ୟୁ ଘଟିଥିଲା। ଗୁରୁ ବିପିନ ବାରିକ ଅନେକ ବର୍ଷ ଧରି ଗୁରୁ ଭଗବାନ ସାହୁଙ୍କ ସହଯୋଗୀ ଭାବେ ଶବ୍ଦ ନୃତ୍ୟ ବାଦକ ଭାବରେ କାର୍ଯ୍ୟ କରିବା ସହିତ ନୂଆ ପିଲାଙ୍କୁ ଶବ୍ଦ ନୃତ୍ୟ ଶିକ୍ଷା ଦେଉଥିଲେ। ସେ କନବାରଠାରେ ଗୁରୁ ଭଗବାନ ସାହୁଶବ୍ଦ ନୃତ୍ୟ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ଥିବା ସହିତ ଶେଷ ଜୀବନ ପର୍ଯ୍ୟନ୍ତ ଶବ୍ଦ ନୃତ୍ୟ ଏବଂ ବାଦ୍ୟ ଶିକ୍ଷା ଦେଉଥିଲେ। ତାଙ୍କର ମୃତ୍ୟୁ ନେଇ ଗବେଷକ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପ୍ରଧାନ ଭାଗବତେନ୍ଦ୍ର, ଲୁଲୁ ରବିନ ଦାସ, ଅନୁଷ୍ଠାନ ସଭାପତି ସାନୁଜ ପ୍ରଧାନ, ସମ୍ପାଦକ ନିରୋଦ ସାହୁ, ଶବ୍ଦନୃତ୍ୟ ଗୁରୁ ପ୍ରଫୁଲ୍ଲ ନାଏକ, ନବ କୁମାର ବାରିକ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ନାତି ପରେଶ ବାରିକ ମୁଖାଗ୍ନି ଦେଇଥିଲେ।

## ଉପଜିଲାପାଳଙ୍କୁ ଭେଟିଲା କୃଷକ ସଙ୍ଗଠନ


ଉପଜିଲାପାଳଙ୍କୁ ରାଜବୋଡାସମ୍ବର କୃଷକ ସଙ୍ଗଠନ ସଦସ୍ୟ ଦାବିପତ୍ର ପ୍ରଦାନ କରୁଛନ୍ତି।

ପଦ୍ମପୁର,୮।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡରେ ଗତମାସ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ସୋମବାର ୧୧ ଦିନରେ ପହଞ୍ଚିଛି। ହେଲେ ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରିନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀ ରାଜବୋଡାସମ୍ବର କୃଷକ ସଙ୍ଗଠନ ଆନୁକୂଲ୍ୟରେ ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥୀଙ୍କ ନେତୃତ୍ୱରେ ସୋମବାର ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ୭୦ପ୍ରତିଶତ ଚାଷୀଙ୍କ ଟୋକନ ପହଞ୍ଚି ନ ଥିବାବେଳେ ଚାଷୀଙ୍କ କଷ୍ଟୋପାର୍ଜିତ ଧାନ ଖଳା, ରାସ୍ତା କଡ଼ ତଥା କ୍ଷେତରେ ପଡ଼ିଛି। ଅପରପକ୍ଷରେ ଯେଉଁ ଚାଷୀମାନେ ଧାନ ପକାଇଛନ୍ତି ସେମାନେ କେବେ ମିଲର୍ସ ଧାନ ଉଠାଇବେ ସେ ନେଇ ଅନାଇ ରହିଛନ୍ତି। ମାତ୍ର ଉପଖଣ୍ଡର କୌଣସି ମଣ୍ଡିକୁ ଏ ପର୍ଯ୍ୟନ୍ତ ମିଲର୍ସ ପହଞ୍ଚି ନ ଥିବା ବେଳେ ପ୍ରଶାସନ ମଧ୍ୟ ତତ୍ପରତା ପ୍ରକାଶ କରୁ ନ ଥିବା ଚାଷୀମାନେ କହିଛନ୍ତି। ମଙ୍ଗଳବାର ସୁଦ୍ଧା ଧାନ ଉଠାଣ ଓ ଟୋକନ ପ୍ରଦାନ ସ୍ୱାଭାବିକ ନ ହେଲେ ରାଜବୋଡାସମ୍ବର କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ଅଜଣା କାର ଧକ୍କାରେ ୨ ଗୁରୁତର

ଭେଡେନ,୮।୧୨(ହୃଷୀକେଶ ଖମାରୀ): ଗୋଡ଼ଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ଉଦେପୁର ଛକ ନିକଟରେ ସୋମବାର ସନ୍ଧ୍ୟା ୭ଟାରେ ଏକ କାର ଦୁଇ ଜଣଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। କାର୍‌ଟି ପ୍ରଥମେ ଜଣେ ପଥଚାରୀଙ୍କୁ ଧକ୍କା ଦେବାରୁ ସେ ଚାଷ ଜମି ଭିତରେ ପଡ଼ି ରହିଥିଲେ। ପରେ କାର୍‌ଟି ପୁଣି ଜଣେ ବାଇକ ଚାଳକଙ୍କୁ ଧକ୍କା ଦେବାରୁ ସେ ରାଜପଥ ଉପରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ।

## ଜଳିଗଲା ଚଷମା ଦୋକାନ

ବରଗଡ଼,୮।୧୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହରରେ ସୋମବାର ସକାଳୁ ଏକ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ କୋର୍ଟ ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସରେ ନିଆଁ ଲାଗିଛି। ଏକ ଚଷମା ଦୋକାନରୁ ନିଆଁ ଲାଗି ଅନ୍ୟ ଦୋକାନକୁ ବ୍ୟାପିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚଷମା ଦୋକାନ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ପାଖ ଦୋକାନ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## ବିଜ୍ଞାନ, କଳା ପ୍ରଦର୍ଶନୀରେ ୪୪୬ ପ୍ରକଳ୍ପ ପ୍ରଦର୍ଶିତ

ପଦ୍ମପୁର,୮।୧୨(ପ୍ରଦୀପ୍ତ ଦାଶ): ବିଜ୍ଞାନ ଏବଂ କଳା, ସଭ୍ୟତାର ଆରମ୍ଭରୁ ମନୁଷ୍ୟ ଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ମନୁଷ୍ୟ ସମାଜର ଉନ୍ନତି ପାଇଁ ବିଜ୍ଞାନର ଆଭିମୁଖ୍ୟକୁ ଦେଖି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୟ ଜୱାନ ଜୟ କିଷାନ ନାରା ସହିତ ଜୟ ବିଜ୍ଞାନକୁ ମିଶାଇ ଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ଏବଂ କଳା ବିଷୟରେ ଜ୍ଞାନ ଏବଂ ରୁଚିକୁ ଅଭିବୃଦ୍ଧି କରିବା ପାଇଁ ରବିବାର ପଦ୍ମପୁରର ୱିନର୍ ବ୍ରାଇଟ ଫ୍ୟୁଚର ସ୍କୁଲରେ ବାର୍ଷିକ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷା ଅପାଲି ଅପରାଜିତା ଦାଶ ସର୍ବପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ବିଚାରପତିମାନଙ୍କୁ ଉପଢୌକନ ଏବଂ ଫୁଲ ଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରସିଦ୍ଧ ଏକ ଟଙ୍କିଆ କ୍ଲିନିକର ପ୍ରତିଷ୍ଠାତା ଡାକ୍ତର ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବିଜ୍ଞାନର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଆଲୋକପାତ କରିଥିଲେ ଏବଂ ଭବିଷ୍ୟତରେ ବୈଜ୍ଞାନିକ ହୋଇ ଦେଶ ତଥା ରାଜ୍ୟ ପାଇଁ ସୁନାମ ଅର୍ଜନ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନେ ମୋଟ ୨୩୮ ଟି ବିଜ୍ଞାନ ପ୍ରକଳ୍ପ ଏବଂ ୧୧୮ଟି କଳା ପ୍ରକଳ୍ପ ଉତ୍ସାହର ସହିତ ପ୍ରଦର୍ଶନ କରିଥିଲେ। ଏହି ପ୍ରକଳ୍ପ ମାନଙ୍କୁ ୧୦ ଜଣ ଅଭିଜ୍ଞ ବିଚାରପତି ମୂଲ୍ୟାୟନ କରିଥିଲେ। ଏହି ପ୍ରଦର୍ଶନୀରେ ସ୍କୁଲର ପରିଚାଳନ କମିଟି ସଭାପତି ଶ୍ରୀକାନ୍ତ ମିଶ୍ର, ଉପାଧକ୍ଷ ପଦ୍ମନାଭ ପଣ୍ଡା, ସଂଯୋଜିକା ନିବେଦିତା ଦାସ ଉପସ୍ଥିତ ଥିଲେ।

# ପାଠପଢ଼ା ସହ ଖାଦ୍ୟ ସମସ୍ୟା, ତେଜିଲେ ଅଭିଭାବକ

ଅତାବିରା,୮।୧୨(ଯୁଧିଷ୍ଠିର ମହାପାତ୍ର)

ଅତାବିରା ଏନ୍‌ଏସି ଅନ୍ତର୍ଗତ ଭୋଇପୁରା ଆଦର୍ଶ ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ହେବା ସହିତ ରନ୍ଧା ଖାଦ୍ୟ ସମସ୍ୟା ଦେଖାଦେଇଛି। ସୋମବାର କେତେକ ପିଲାମାନେ ବିଦ୍ୟାଳୟକୁ ଯାଇ ସେଠାରୁ ଫେରିଆସିଥିବା ଦେଖିବାକୁ ମିଳିଛି। ଦାବି ପୂରଣ ପାଇଁ ଚଳିତ ମାସ ୮ତାରିଖରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛୁଟିରେ ରହିଛନ୍ତି। ଫଳରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ଅଧକ୍ଷା ଗୀତରାଣୀ ବୁଦ୍ଧିଆ ଉପସ୍ଥିତ ଥିଲେ। କିନ୍ତୁ ସେ କେବଳ ବିଦ୍ୟାଳୟରେ ଅଧ୍ୟାପନା କରୁଥିବା ବେଳେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ ହୋଇ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଦ୍ୟାଳୟର ଅଧକ୍ଷା କହିଛନ୍ତି ଯେ ଶିକ୍ଷୟିତ୍ରୀ ଶିକ୍ଷକ ଛୁଟିରେ ରହିଛନ୍ତି ଏବଂ ଖାଦ୍ୟ ପ୍ରସ୍ତୁତ କରୁଥିବା ରୋଷେଇଆମାନେ ମଧ୍ୟ ଆନ୍ଦୋଳନରେ ଅଛନ୍ତି । ଏଣୁ ଛାତ୍ରୀଛାତ୍ରମାନେ ଟିଫିନ ନେଇ ଆସିବା ପାଇଁ ପୂର୍ବରୁ ସେ ଜଣାଇଛନ୍ତି। ଅନ୍ୟପକ୍ଷରେ ଶିକ୍ଷକ ଅଭିଭାବକ ସଂଘର ସଭାପତି ସରୋଜ ସାହୁ କହିଛନ୍ତି ଯେ, ଗତ ୫ ତାରିଖରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ବିଦ୍ୟାଳୟରେ ମ୍ୟୁଜିକ, ଖେଳ, କଳା ଏବଂ କିରାଣି ପଦବୀ ଖାଲି ରହିଛି। ୮ ତାରିଖରୁ ଶିକ୍ଷୟିତ୍ରୀ ଶିକ୍ଷକ ଛୁଟିରେ ରହୁଥିବାରୁ ବିକଳ୍ପ ବ୍ୟବସ୍ଥା ପାଇଁ ଜଣାଇଥିଲ। ସମସ୍ତ ସରକାରୀ ବିଦ୍ୟାଳୟରେ ୮ଶ୍ରେଣୀର ଛାତ୍ରୀଛାତ୍ର ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ଦେଇଥାନ୍ତି। ଏଥିରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ୪ ବର୍ଷ ପର୍ଯ୍ୟନ୍ତ ୧ ହଜାର ଟଙ୍କା ଲେଖାଏ ପାଇଥାନ୍ତି। କିନ୍ତୁ ଆଦର୍ଶ ବିଦ୍ୟାଳୟକୁ ଏଥିରୁ ବାଦ ଦିଆଯାଇଛି।


ବିଦ୍ୟାଳୟ ସମସ୍ୟା ନେଇ ଭାରପ୍ରାପ୍ତ ଅଧକ୍ଷଙ୍କ ସହ ଅଭିଭାବକ ଆଲୋଚନା କରୁଛନ୍ତି।

**ଆଦର୍ଶ ବିଦ୍ୟାଳୟ**

# ଅଭିଯୋଗର ସମାଧାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଝାରବନ୍ଧ, ୮।୧୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ବରଗଡ଼ ଜିଲା ପ୍ରଶାସନ ତରଫରୁ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନା ଅଧକ୍ଷତା କରିଥିଲେ। ଏହା ସହିତ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହାର, ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଚାଷୀଙ୍କ ଟୋକନ ସମସ୍ୟା, ଧାନ ଲିପଟି, ରାସ୍ତା କାମ, ରାଶନ କାର୍ଡ ସମସ୍ୟା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଦୀର୍ଘଦିନ ଧରି ସମିତି ବୈଠକ ନ ହେବା, ସମିତି ଗ୍ରାଣ୍ଟରେ ପାତର ଅନ୍ତର, ମୋରମ କାମରେ ଅନିୟମିତତା, ରୟତି ଜମିରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତରିତ କରିବା ଭଳି ବିଭିନ୍ନ ଅଭିଯୋଗ ଆସିଥିଲା। ମୋଟ ୧୦୧ ଅଭିଯୋଗ ରେକର୍ଡ ହୋଇଥିଲା, ତାହା ମଧ୍ୟରୁ ବ୍ୟକ୍ତିଗତ ୮୧ ଏବଂ ୨୦ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗକୁ ସମାଧାନ ଓ ପଦକ୍ଷେପ ନେବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସମାଧାନ ପାଇଁ ଘରେ ପହଞ୍ଚିଲେ ଜିଲାପାଳ

**ପାଞ୍ଚ ମାସ ଶିଶୁ ସ୍ୱାସ୍ଥ୍ୟ ସମସ୍ୟା**

ବୌଦ୍ଧ,୮।୧୨(ଅଜିତ କୁମାର ବାରିକ)

ହରଭଙ୍ଗା ବ୍ଲକର ସାଲକଟା ଗ୍ରାମର ଲୁଲୁ ନାଏକଙ୍କ ୫ ମାସର ଶିଶୁ କନ୍ୟାର ସ୍ୱାସ୍ଥ୍ୟ ସମସ୍ୟା ଖବର ପାଇ ସୋମବାର ଜିଲାପାଳ ବିଭୁତି ଭୁଷଣ ନାୟକ ଶିଶୁଙ୍କ ଘରେ ପହଞ୍ଚିଥିଲେ। ଲୁଲୁ ନାଏକଙ୍କ ଶିଶୁ କନ୍ୟା ଜନ୍ମରୁ ଦୃଷ୍ଟିହୀନ ଥିବା ବେଳେ ଶିଶରୁ ମଳଦ୍ୱାରା ନଥିଲା। ଆର୍ଥିକ ସମସ୍ୟା ଯୋଗୁ ପରିବାର ଲୋକ ଚିକିତ୍ସା କରାଇ ପାରୁନଥିଲେ। ଖବର ପାଇବା ପରେ ଜିଲାପାଳ ନାୟକ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡା ଡାକ୍ତରୀ ଟିମ ଧରି ସାଲକଟା ଗ୍ରାମକୁ ଯାଇଥିଲେ। କିନ୍ତୁ ଶିଶୁ କନ୍ୟାଟି ସମ୍ପର୍କୀୟ ଘର ଉଦେପୁର ଗ୍ରାମରେ ରହୁଥିବା ଜଣାପଡ଼ିବା ପରେ ଜିଲାପାଳ ଉଦେପୁର ଯାଇଥିଲେ। ସେଠାରେ ଶିଶୁକନ୍ୟାଙ୍କ ପିତାମାତାଙ୍କ ସହ ଆଲୋଚନା କରି ଆବଶ୍ୟକ ଚିକିତ୍ସା ଯୋଗାଇ ଦେବା ପାଇଁ କହିବା ସହ ସହାୟତା ଦେବାକୁ କହିଥିଲେ।

# ପଦ୍ମପୁର ବ୍ୟାଡ୍‌ମିଣ୍ଟନ ପ୍ରିମିୟର ଲିଗ୍ ୨.୦ ଉଦ୍‌ଯାପିତ

ପଦ୍ମପୁର, ୮।୧୨(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଶେଖ୍ ହାଇଦରଙ୍କ ସ୍ମୃତିରେ ପଦ୍ମପୁର ବ୍ୟାଡ୍‌ମିଣ୍ଟନ ଅନୁଷ୍ଠାନ ଦ୍ୱାରା ୨ ଦିନ ଧରି ହେଉଥିବା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ସମାପ୍ତି ହୋଇଛି। ପୂର୍ବରୁ ଗତ ୬ତାରିଖରେ ଆଉଟଡୋର ଟୁର୍ଣ୍ଣାମେଣ୍ଟ ହୋଇଥିଲା। ସେଥିରେ ମାନେସରର ମନଜିତ ମେହେର ଓ ହେପି ମହାପାତ୍ର ବିଜେତା ହୋଇଥିଲା ବେଳେ ପଦ୍ମପୁରର ବୋଧୀଦିତ୍ୟ ସାହୁ ଓ ଫିରୋଜ ଖାନ ଉପବିଜେତା ହୋଇଥିଲେ। ସେହିପରି ଇନ୍‌ଡୋର ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା ଏବଂ ଏଥିରେ ଓଡ଼ିଶାର ବଡ଼ ବଡ଼ ପ୍ରତିଷ୍ଠିତ ଖେଳାଳି ଭାଗ ନେଇଥିଲେ, ଯେଉଁମାନେ ଓଡ଼ିଶାକୁ ପ୍ରତିନିଧିତ୍ୱ ମଧ୍ୟ କରୁଛନ୍ତି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ମ୍ୟାଚ ପୂର୍ବରୁ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡବ ଶବର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହା ସହିତ ଉଦ୍‌ଯାପନ ଉତ୍ସବରେ ପଦ୍ମପୁର ଥାନାଧିକାରୀ ମମତା ନାଏକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବାବୁଲୁ ଶେଖ, ବିଷ୍ଣୁ ଦୋରା , କହ୍ନେଇ ଦୋରା, କପିଳ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱରର ଡି.ବି.ଏସ୍. ଚନ୍ଦ୍ରା କୁମାର ଓ କଳଗା ଜଗଦୀଶ ବିଜେତା ହୋଇଥିବା ବେଳେ ଅନୁଗୋଳର ତନ୍ମୟ ସାହୁ ଓ ଅଭିଜିତ ମହାରଣା ଉପବିଜେତା ହୋଇଥିଲେ। ସେହିପରି ତୃତୀୟସ୍ଥାନରେ ପି. ଚକ୍ରଧର ଓ ଅମ୍ଳାନ ଗଡ଼ନାଏକ ଥିଲାବେଳେ ଚତୁର୍ଥ ସ୍ଥାନ ବିକାଶ ସେଠୀ ଓ ଜନ୍ମେଜୟ ଗୁରୁ ହାସଲ କରିଥିଲେ। ସମସ୍ତଙ୍କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଦ୍ମପୁର ବ୍ୟାଡ୍‌ମିଣ୍ଟନର ସଦସ୍ୟ ହରିଶଙ୍କର ସିଂହ, ବଂଶୀ ଅଗ୍ରୱାଲ, ସୁନୀଲ ସାହୁ, ସୁଧୀର ସାହୁ, ଅଶୋକ ମିଶ୍ର, ସଲ୍ଲୁ ଖାନ, ଅପ୍ପୁ ଖାନ, ଦୀପକ ଅଗ୍ରୱାଲ, ସଲମାନ ଖାନ, ମହମ୍ମଦ ଆବତାଭ, ଅରୂପାନନ୍ଦ ନାଏକ, କମଳ ଅଗ୍ରୱାଲ, ସୋମୁ ଅଗ୍ରୱାଲ, ଅବିକ ସିଦ୍ଧିକ, ନିପୁନ ସାହୁ, ରିତେଶ ସାହୁ, ଶିଭମ୍ ଶେଖର ସାହୁ, ଟିନ୍ନୁ ମଲ୍ଲିକ, ଅଂଶୁମାନ ତ୍ରିପାଠୀ, କିଶୋର ବାଗ ପରିଚାଳନା କରିଥିଲେ। ହରିଶଙ୍କର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରୁଛନ୍ତି।

**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)

No.H-

**SHORT TENDER CALL NOTICE**

Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

OIPR-01580/11/0001/2526

**Sd./- Collector & D.M.-cum-Chairman, RMC, Kendrapara**

## ଫେରାର ନାବାଳିକା ବଳାତ୍କାରୀ ଗିରଫ

ସୁନ୍ଦରଗଡ,୮।୧୨(ଜୟ ନାରାୟଣ ମେଣ୍ଢୁଲି): ୨୦୧୮ର ଏକ ନାବାଳିକା ବଳାତ୍କାର ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର ଟାଉନଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରଗଡ ଟାଉନଥାନା ଅନ୍ତର୍ଗତ ମେଦିନୀପୁର ଗ୍ରାମର ସୁମନ୍ତ ପ୍ରଧାନ (୩୨)। ଅଭିଯୁକ୍ତ ଜଣକ ଗତ ୭ବର୍ଷ ହେବ ଫେରାର ଥିଲେ। ତାଙ୍କ ନାମରେ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିଲା।

## ଆଇପିଏଲ୍ ନାଁରେ ଏନ୍ଏଚ୍ଆର୍‌ସିରେ ଅଭିଯୋଗ

ଭବାନୀପାଟଣା,୮।୧୨(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ତଳଜାରିଙ୍ଗଠାରେ ଅବସ୍ଥାପିତ ଆଇପିଏଲ୍ (ଇଣ୍ଡିଆନ ପଟାସ ଲିମିଟେଡ) କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ସ୍ଥାନୀୟ ଖମାର ନାଳରେ ଦୂଷିତ କେମିକାଲ ପାଣି ଛାଡୁଥିବା ଓ ନିଷ୍କାସିତ ହେଉଥିବା ଗ୍ୟାସ୍ ପୋଚକା ଗନ୍ଧ ଯୋଗୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ସେପ୍ଟେମ୍ବର ୨୨ ତାରିଖ 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଅଞ୍ଚଳର ସାମାଜିକ କର୍ମୀ ଦିଲୀପ କୁମାର ଦାସ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଅଭିଯୋଗ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ମଧ ଏହି ସମସ୍ୟା ବିଷୟରେ ସେ ଟୁଇଟ୍ କରିଥିଲେ। ଆଇପିଏଲ୍ ନାଳରେ ଦୂଷିତ ପାଣି ଛାଡୁଥିବା ଓ ଦୂଷିତ ବାଷ୍ପ ଯୋଗୁ ପରିବେଶ କିପରି ଦୂଷିତ ହେଉଛି ତା' ଉପରେ ସେ ଅଭିଯୋଗରେ ଦର୍ଶାଇଥିଲେ। ଏହାକୁ ନେଇ ସୋମବାର ସାମାଜିକ କର୍ମୀ ଦାସ ଆଇପିଏଲ୍ ନାଁରେ ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି।

## ଗୋଲ୍ଡ ମେଡାଲିଷ୍ଟ ଶେଫାଳୀ ଚଲାନଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଳ,୮।୧୨ (ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ବ୍ଲକ ବଡ଼ମହେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶିଲ କୁମାର ଚଲାନ ଓ ରାଜଶ୍ରୀ ଚଲାନଙ୍କ ବଡ଼ ଝିଅ ଶେଫାଳୀ ଚଲାନ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା ଏମ୍ଏସ୍‌ସି (ପିଜି)ରେ ବିଶ୍ୱବିଦ୍ୟାଳୟ ଟପ୍ପର ସହିତ ଗୋଲ୍ଡ ମେଡାଲ ପ୍ରାପ୍ତ ହୋଇଛନ୍ତି। ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ପକ୍ଷରୁ ତାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ମାରଣାସ୍ତ୍ର, ଅନ୍ୟାନ୍ୟ ସାମଗ୍ରୀ ଜବତ**

ସୁନ୍ଦରଗଡ, ୮।୧୨(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ବିଜୁ ଏକ୍ସପ୍ରେସ ୱେରେ ରବିବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ୫ଜଣ ଅପରାଧୀଙ୍କୁ ସୁନ୍ଦରଗଡ ଟାଉନଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଲୋକ ବାଘ, ମନୀଷ ପ୍ରଜାପତି, ଓମ୍ ପ୍ରକାଶ ଜେନା, ଅବିନାଶ ସାଗର ଓ ରିଜୱାନ ଖାଁ। ସମସ୍ତ ଅଭିଯୁକ୍ତଙ୍କ ଘର ଟାଉନ ଥାନା ଅଞ୍ଚଳରେ। ଏ ନେଇ ଟାଉନ ଥାନାରେ କେସ୍ ନଂ. ୫୮୫/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଟାଉନଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା


ଗିରଫ ଅଭିଯୁକ୍ତ ଓ ପୋଲିସ ଅଧିକାରୀ।

ଦେଇଛନ୍ତି। ସେମାନଙ୍କ ନିକଟରୁ ୫ଟି ମୋବାଇଲ ଫୋନ, ଦୁଇଟି ବାଉଁଶ ଲାଠି, ଗୋଟିଏ ଖଣ୍ଡା, ଦୁଇ ପ୍ୟାକେଟ ଲଙ୍କାଗୁଣ୍ଡ ଓ ପ୍ଲାଷ୍ଟିକ ରଶି, ଦୁଇଟି ଲୁହା ରଡ୍, ଗୋଟିଏ ଟର୍ଚ୍ଚ, ୫ଟି ମୁଖା ଓ ନଗଦ, ୧୪୦୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ବିଜୁ ଏକ୍ସପ୍ରେସ ୱେରେ ଟ୍ରକ ଚାଳକଙ୍କୁ ଲୁଟିବା ପାଇଁ ଏହି ଯୋଜନା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, ୫ ଅଭିଯୁକ୍ତ ରବିବାର ରାତିରେ ବିଜୁ ଏକ୍ସପ୍ରେସ ୱେରେ ସିରିଜ ଡକାୟତି କରିବା ପାଇଁ ଯୋଜନା କରିଥିଲେ। ଏସ୍ଆଇ ଭାବଗ୍ରାହୀ ଜେନା ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଏହି ଯୋଜନା ସମ୍ପର୍କରେ ସୂଚନା ପାଇଥିଲେ। ଏନେଇ ସେ ଟାଉନ ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଢୁଲିଙ୍କୁ ଅବଗତ କରିଥିଲେ। ଟାଉନ ଆଇଆଇସି ମେଣ୍ଢୁଲି ସଦର ଏସଡିପିଓ ଓ ଏସ୍‌ପି ଅମ୍ରିତ ପାଲ କୌରଙ୍କୁ ସୂଚିତ କରିଥିଲେ। ଏସ୍‌ପି କୌରଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚାରି ଆଡୁ ଘେରାଉ କରି ଏହି ୫ ଜଣ ଅପରାଧୀଙ୍କୁ କାବୁ କରିବାରେ ଟାଉନ ପୋଲିସ ସକ୍ଷମ ହୋଇଥିଲା। ତେବେ ଏହି ସମସ୍ତ ଅପରାଧୀମାନେ ଅଭ୍ୟାସଗତ ଅପରାଧୀ ଓ ବିଭିନ୍ନ ମାମଲାରେ ଜେଲ ଯାଇ ଫେରିଥିବା ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରତ୍ୟେକେ ସଙ୍ଗିନ ଅପରାଧରେ ଜଡ଼ିତ ଥିବା ଜଣାପଡିଛି। ଏହି ଖବରଦାତା ସମ୍ମିଳନୀରେ ଟାଉନଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଢୁଲି ଉପସ୍ଥିତ ଥିଲେ।

# ସାଂସଦ ଖେଳ ଅଭିଯାନ ଉଦ୍‌ଘାଟିତ

ସୁନ୍ଦରଗଡ,୮।୧୨(ଜୟ ନାରାୟଣ ମେଣ୍ଢୁଲି)

ସ୍ଥାନୀୟ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ସୁନ୍ଦରଗଡ ପୌରାଞ୍ଚଳ ସ୍ତରୀୟ ସାଂସଦ ଖେଳକୁଦ ଅଭିଯାନ-୨୦୨୫ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରିଡା ପ୍ରତିଯୋଗୀତାର ଉଦଘାଟନୀ ସମାରୋହରେ ଏମପି ଜୁଏଲ ଓରାମଙ୍କ ପ୍ରତିନିଧି ରଞ୍ଜିତ ସ୍ୱାଇଁ ଓ ସାଂସଦ ଖେଳ ଅଭିଯାନର ସହ ସଂଯୋଜକ ଇଞ୍ଜିନିୟର ଅମୀୟ କୁମାର ପଟ୍ଟନାୟକ ଓ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପଟେଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଫୁଟବଲ,ହକି,ତୀରନ୍ଦାଜ ,ସାଇକ୍ଲିଂ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ତୀରନ୍ଦାଜରେ ସମୁଦାୟ ୧୯ଜଣ ପ୍ରତିଯୋଗୀ ୪ଟିଗ୍ରୁପରେ ଭାଗ ନେଇଥିଲେ। ଫୁଟବଲ ବାଳକ ବିଭାଗରେ ୮ଟି ଗ୍ରୁପ ଓ ବାଳିକା ବିଭାଗରେ ୪ଟି ଗ୍ରୁପ ଭାଗ ନେଇଥିବା ବେଳେ ହକିରେ ୪ଟି ଗ୍ରୁପ ଓ ସାଇକ୍ଲିଂ ରେ ୪ଜଣ ଭାଗ ନେଇଥିଲେ। ରାଜ୍ୟ ଆର୍ଚେରୀ (ତୀରନ୍ଦାଜ)କୋଚ ନାରାୟଣ, ସୂର୍ଯ୍ୟକାନ୍ତ ମାଝୀ, ପ୍ରଭାତ ଦ୍ୱାରୀ, ବୀନିତା ପଟେଲ, ଶୁଭ୍ରଜ୍ୟୋତି ମହାପାତ୍ର, ଚିତ୍ତରଞ୍ଜନ ଡାକୁଆ ପ୍ରମୁଖ ପରିଚାଳନା କରିଥିଲେ। ସମତେନ୍ଦୁ ମେହେର, ହୃଦୟରଞ୍ଜନ ଓ ମନୀଷା ତିର୍କୀ ପ୍ରମୁଖ ଫୁଟବଲ ପ୍ରତିଯୋଗୀତା ପରିଚାଳନା କରିଥିଲେ। ଅମୀୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷଦେବ ନନ୍ଦ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମଙ୍ଗଳବାର ସ୍ଥାନୀୟ ଯତରା ପଡିଆ ଓ ଭବାନୀ ଭବନ ବହୁମୁଖୀ କ୍ରୀଡା ପ୍ରାଙ୍ଗଣରେ ଆଥଲେଟିକ ଓ ଇନଡୋର ଖେଳ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।


ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

# ବ୍ଲକସ୍ତରୀୟ ପ୍ରତିଯୋଗିତାରେ ୬୭୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ


କୁଆଁରମୁଣ୍ଡା ଭାଟି ପଡ଼ିଆରେ ଅନୁଷ୍ଠିତ ବ୍ଲକସ୍ତରୀୟ ଖେଳକୁଦରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅତିଥିମାନେ।

କୁଆଁରମୁଣ୍ଡା,୮।୧୨(ମହେନ୍ଦ୍ର କୁମାର ସାହୁ)

**ସାଂସଦ ଖେଳ ମହୋତ୍ସବ**

ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା କୁଆଁରମୁଣ୍ଡା ବ୍ଲକର ପଦମପୁର, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଝୁନମୁର ଓ କୁଆଁରମୁଣ୍ଡା ଭାଟି ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭାଟି ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଡବ୍ଲୁଓ ରଞ୍ଜନ ରାମ, ସରପଞ୍ଚ ରାଜେଶ ହାଁସଦା, ସମିତି ସଭ୍ୟା ତିଳୋତ୍ତମା ତନ୍ତୀ, ରୀନା ମେହେର, ବଲ୍ଲୁ ତିୱାରୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏହି ଖେଳକୁଦରେ ବ୍ଲକ ଅଞ୍ଚଳର ଭିନ୍ନ ଭିନ୍ନ ବିଦ୍ୟାଳୟରୁ ମୋଟ ୬୭୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଫୁଟବଲ, ଭଲି, ଖୋଖୋ, ଥାଳିଆ ଫିଙ୍ଗା, ଗୋଳା ଫିଙ୍ଗା, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଦୌଡ ଆଦି ମୋଟ ୧୯ ବିଭାଗରେ କୁଆଁରମୁଣ୍ଡା ବ୍ଲକର ୪ଟି ସ୍ଥାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, କୁଆଁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମେତ ବିଭିନ୍ନ ସ୍କୁଲର କ୍ରୀଡା ଶିକ୍ଷକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୦ ତାରିଖରେ ବୀରମିତ୍ରପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା କ୍ଷେତ୍ର ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ବିଡିଓ ଡ.ମହାନନ୍ଦ ସୂଚନା ଦେଇଛନ୍ତି।

## ମା'ଙ୍କୁ ମାଡ଼ ମାରିବା ଘଟଣା, ପୁଅ ଗିରଫ

ଲହୁଣୀପଡା,୮।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଡଲେଇସରା ପଞ୍ଚାୟତ ରେଙ୍ଗାଲୀ ଗ୍ରାମରେ ରବିବାର ମା'ଙ୍କୁ ମାଡ଼ ମାରିବା ଘଟଣାରେ ସୋମବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବଳରାମ ବାରିକ(୨୫)। ମହୁଲପଦା ପୋଲିସ କେସ ନଂ. ୬୨/୨୫ ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାରୁ ପ୍ରକାଶ ଯେ, ବଳରାମ ମଦ ପିଇବା ପାଇଁ ପ୍ରତ୍ୟେକ ଦିନ ତାଙ୍କ ମା' ଯମୁନା ବାରିକ (୫୦)କୁ ଟଙ୍କା ମାଗନ୍ତି। ଟଙ୍କା ନ ଦେଲେ ଘରେ ଥିବା ଧାନ ଚାଉଳ ବିକ୍ରି କରି ମଦ ପିଅନ୍ତି। ରବିବାର ମା'ଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ଯମୁନା ନ ଦେବାରୁ ବଳରାମ ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ ମାରିଥିଲେ। ଏନେଇ ଯମୁନା ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## କଳାକାର ମଞ୍ଚ ପକ୍ଷରୁ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ସୁନ୍ଦରଗଡ଼, ୮।୧୨(ଜୟ ନାରାୟଣ ମେଣ୍ଢୁଲି)

ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ନାରୀ କଲ୍ୟାଣ କେନ୍ଦ୍ର ପରିସରରେ ରବିବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଦିବଂଗତ ହ୍ୟୁମାନ ସାଗରଙ୍କୁ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାକାରମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲା କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡା, ସିନେତାରକା ପ୍ରଦୀପ ଦତ୍ତ ଓ ଶୁଭମ ନାଏକ, ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶୋଭନ ହୋତା, ସ୍ୱରୂପ ପାତ୍ର, ଡମ୍ବରୁଧର ନାୟକ, ସୋମନାଥ ନାଏକ, ସୋସିଆଲ ଟକ ଇନଫ୍ଲୁଏନ୍ସର ପ୍ରକାଶ ନାଏକ ପ୍ରମୁଖ ଏହି ସଭାରେ ସାମିଲ ହୋଇଥିଲେ। ଶ୍ରଦ୍ଧାଞ୍ଜଳି ପରେ ବ୍ୟାସ ଦେବ, ମଧୁସ୍ମିତା ନାଏକ ତାଙ୍କ ଗୀତ ପରିବେଷଣ କରିଥିଲେ। ସୁଭାଷ ମାଝୀ ଓ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଞ୍ଚ ସମ୍ପାଦକ ରୋଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସାରିକା ପାଣ୍ଡେ, ସସ୍ମିତା ହୋତା, ଉଦ୍ଧବ ଭିତ୍ରିଆ, ସୋମ ବେହେରା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାକାର।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି


ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ବନ୍ଧମୁଣ୍ଡା,୮।୧୨(ସୁବ୍ରତ ଦେ)

ବିଶ୍ରା ବ୍ଲକର ସଭାଗୃହରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମବାସୀ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ମୋଟ ୬୬ଟି ଅଭିଯୋଗ ଆସିଥିଲା ; ଯେଉଁଥିରେ ସାମୂହିକ ୪୧ ଏବଂ ବ୍ୟକ୍ତିଗତ ୨୫ଟି ଅଭିଯୋଗ ରହିଥିଲା। ଜିଲାପାଳ ଏହି ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଯଦି କୌଣସି ସରକାରୀ କାର୍ଯ୍ୟରେ ଦୁର୍ନୀତି କିମ୍ବା ଅବହେଳା ପ୍ରମାଣିତ ହୁଏ, ତେବେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ଜନଶୁଣାଣିରେ ଗ୍ରାମବାସୀମାନେ ରାଶନ ବଣ୍ଟନରେ ଅନିୟମିତତା, ଗୃହ ଯୋଜନାରେ ପକ୍ଷପାତ, ପାନୀୟ ଜଳ ସଙ୍କଟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ପାଇଁ ଅଭିଯୋଗ କରିଛନ୍ତି। ଏହି ସମୟରେ ରାଉରକେଲା ଉପଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ଏସ୍‌ପି ନିତେଶ ୱାଦୱାନୀ, ସୁନ୍ଦରଗଡ଼ ପିଡି ସୁରଞ୍ଜନ ସାହୁ, ବିଶ୍ରା ବିଡିଓ ଜଗନ୍ନାଥ ହନୁମାନଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

ଲହୁଣୀପଡା,୮।୧୨(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାରସୁଆଁ ରାସ୍ତାର ଦଲମକୁଚା ନିକଟରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ସୂଚନାରୁ ପ୍ରକାଶ, ଯୁବକ ଜଣକ ଏକ ସାଇକେଲ ଯୋଗେ ଯାଉଥିବା ବେଳେ ଦଲମକୁଚା ଠାରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସାଇକେଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବଣେଇ ମର୍ଗ ହାଉସରେ ରଖି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# ସରକାରୀ ଚାକିରି ନାଁରେ ଠକେଇ, ଜଣେ ଗିରଫ

ସୁନ୍ଦରଗଡ,୮।୧୨(ଜୟ ନାରାୟଣ ମେଣ୍ଢୁଲି)

ସୋସିଆଲ ମିଡିଆରେ ମିଥ୍ୟା ବିଜ୍ଞାପନ ଦେଇ ସରକାରୀ ଚାକିରି କରାଇ ଦେବା ନାରେ ଠକେଇ କରୁଥିବା ଜଣେ ଯୁବକଙ୍କୁ ସୁନ୍ଦରଗଡ ଟାଉନଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସଂଗ୍ରାମ କୁମାର ବେହେରା(୨୬)। ତାଙ୍କ ଘର କେନ୍ଦ୍ରାପଡା ଜିଲା ପାଟକୁରା ଥାନା ରଘୁନାଥପୁର ଗ୍ରାମରେ ବୋଲି ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ସୁନ୍ଦରଗଡ ଟାଉନଥାନାରେ କେସ୍ ନଂ. ୫୮୩/୨୦୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୋମବାର ଟାଉନଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ, ଗତ କିଛି ଦିନ ମଧ୍ୟରେ ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନବରଙ୍ଗପୁର, ବରଗଡ଼ ଆଦି ଜିଲାରେ ବିଭିନ୍ନ ପ୍ରକାରର ଚାକିରି ପ୍ରଦାନ କରୁଥିବା କେତେଜଣ ସନ୍ଦିଗ୍ଧ ବିଜ୍ଞାପନ ଫେସବୁକ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟ କରୁଥିଲେ। ବିଜ୍ଞାପନରେ ଚାକିରି ଖୋଜୁଥିବା ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାରଙ୍କ ଲୋଗୋ ଏବଂ ସେହି ଜିଲା ପ୍ରଶାସନର ନାମ ଉଲ୍ଲେଖ କରାଯାଇଥିଲା। ବିଜ୍ଞାପନଗୁଡ଼ିକରେ ବିଭିନ୍ନ ଜିଲାର ବେକାର ଯୁବତୀଯୁବକଙ୍କୁ ପ୍ରଲୋଭିତ କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର, ସୁରକ୍ଷା କର୍ମୀ, ନର୍ସିଂ ସହାୟକ ପଦବୀ ପାଇଁ ଲାଭଜନକ ଦରମା ଏବଂ ମାଗଣା ଖାଦ୍ୟ ଓ ରହିବା ଭଳି ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତ ପାଲ କୌରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଜ୍ଞାପନଗୁଡ଼ିକର ସତ୍ୟତା ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଦଳ ଗଠନ କରାଯାଇଥିଲା। ତଦନ୍ତ ସମୟରେ ଏହା ପ୍ରତାରଣାମୂଳକ ଏବଂ ନକଲି ବୋଲି ଜଣାପଡିଥିଲା। ଏପରିକି ସୁନ୍ଦରଗଡ ଜିଲାର ବହୁ ବେକାର ଯୁବତୀ ଯୁବକ ଏହି ଠକାମୀର ଶୀକାର ହୋଇଥିବା ଜଣାପଡିଥିଲା।ତେଣୁ ସୁନ୍ଦରଗଡ ଟାଉନଥାନା ପୋଲିସ ନିଜ ଆଡୁ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ବିଜ୍ଞାପନ ପୋଷ୍ଟ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ବିଜ୍ଞାପନର ସ୍କ୍ରିନସଟ ଓ ମୋବାଇଲ ଫୋନ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତ ବିଭିନ୍ନ ସରକାରୀ ସଂସ୍ଥାରେ ଚାକିରି ଯୋଗାଇବାର ପ୍ରତିଶ୍ରୁତି ଦେଇ ପ୍ରତ୍ୟେକ ଆବେଦନକାରୀଙ୍କଠାରୁ ୩୫୦୦ ଟଙ୍କା ଆଦାୟ କରୁଥିଲେ। ଅଭିଯୁକ୍ତ ଜଣେ ସିକ୍ୟୁରିଟୀ ଗାର୍ଡ ଚାକିରୀ କରି ଏଭଳି ବହୁ ଲକ୍ଷ ଟଙ୍କା ଠେକେଇ କରୁଥିଲେ। ନକଲି ଚାକିରି ରାକେଟରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଯାଞ୍ଚ କରିବା ପାଇଁ ତଦନ୍ତ ଜାରି ରହିଥିବା ଏସଡିପିଓ ମହାପାତ୍ର କହିଛନ୍ତି। ଏସଡିପିଓ ମହାପାତ୍ର ସ୍ଥାନୀୟ ଯୁବତୀଯୁବକଙ୍କୁ ଏଭଳି ନକଲି ଚାକିରି ପ୍ରସ୍ତାବ ପ୍ରତି ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ଯଦି ଏଭଳି କିଛି ସୂଚନା ପାଆନ୍ତି ତାହେଲେ ତୁରନ୍ତ ସମ୍ପୃକ୍ତ ଥାନା କିମ୍ବା ସାଇବର କ୍ରାଇମ ପୋର୍ଟାଲରେ ଘଟଣା ରିପୋର୍ଟ କରିବାକୁ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଟାଉନଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଢୁଲି ଉପସ୍ଥିତ ଥିଲେ।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

**Sd./- Collector & D.M.-cum-Chairman, RMC, Kendrapara**
OIPR-01580/11/0001/2526

# ୫୦ ମିନିଟ୍‌ରେ ସରିଗଲା ଅଭିଯୋଗ ଶୁଣାଣି ଶିବିର

## ୪୪ଟି ଅଭିଯୋଗ ଶୁଣିଲେ ଜିଲାପାଳ

ଲୋଇସିଂହା, ୮।୧୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଓ ଏସ୍‌ପି ଅଭିଲାଷ ଜୀଙ୍କ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୪୪ଟି ଅଭିଯୋଗ ଦାଖଲ ହୋଇଥିଲା। ପ୍ରାୟ ୫୦ମିନିଟ ମଧ୍ୟରେ ଶିବିର ସରିଯାଇଥିଲା। ଏହି ଶିବିରରେ କେତେକ ବ୍ୟକ୍ତି ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଦାବି ଜଣାଇଥିଲେ। ତଲିଉଡାର ଗ୍ରାମର ଜଣେ ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ହୋଇପଡିଥିବାରୁ ତାଙ୍କ ପରିବାରକୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଦାବି ଜଣାଇଛନ୍ତି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିକୋଣରୁ ବାଦିମୁଣ୍ଡା ଅଞ୍ଚଳରେ ଏକ ଚେକ ଡ୍ୟାମ ନିର୍ମାଣ ପାଇଁ ଚାଷୀ ଦାବି ଜଣାଇଛନ୍ତି। ବ୍ଲକ ସରପଞ୍ଚ



ଶିବିରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ।

ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ପଞ୍ଚାୟତସ୍ତରର ଲୋକମାନେ ଗାଈ, ଛେଳି ଗୁହାଳ ପାଇଁ ଆବେଦନ କରୁଛନ୍ତି। ଇତିମଧ୍ୟରେ ସେମାନଙ୍କ ନିର୍ବାଚିତକୁ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ଜଣକୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରିନାହିଁ। ଆବେଦନକାରୀମାନେ ନିର୍ବାଚିତ ପ୍ରତିନିଧିଙ୍କ ଉପରେ ଖପ୍ପା ଥିବା କହି ସରପଞ୍ଚ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏ ସଂକ୍ରାନ୍ତ ଅଭିଯୋଗ ପାଇ ଜିଲାପାଳ ଶିବିରରେ ଉପସ୍ଥିତ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସଂଘ ସଭାପତି ତଥା ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା କହିଛନ୍ତି। ସେହିପରି ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଉପରେ ଲୋକେ ଶିବିରରେ ଅଭିଯୋଗ କରିଥିବା ଜଣାଯାଇଛି। ଅପରାହ୍ନ ୧ଟା ସୁଦ୍ଧା ଅଭିଯୋଗ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ହୋଇଥିଲା । ମଧ୍ୟାହ୍ନ ୧୨ଟା ୧୫ରେ ଜିଲାପାଳ ଶିବିରରେ ପହଞ୍ଚିଥିବାବେଳେ ଅପରାହ୍ନ ୧ଟା ୫ରେ ଶିବିର ବନ୍ଦ କରାଯାଇଥିଲା। ଶିବିରରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିର ସରିବା ପରେ ଜିଲାପାଳ ନୂତନ ବ୍ଲକ ସଭାଗୃହ ଏବଂ ମାଣ୍ଡିଆପଦର ନିର୍ମାଣଧୀନ ପାର୍କ ପରିଦର୍ଶନରେ ଯାଇଥିଲେ।

# ରଜକ ସମାଜର ସାଧାରଣ ବୈଠକ



ରଜକ ସମାଜ ବୈଠକରେ ଯୋଗଦେଇଥିବା ଜିଲା କର୍ମକର୍ତ୍ତା।

ଲାଠୋର, ୮।୧୨ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରସ୍ଥିତ ଭଗବାନ ସେଠଙ୍କ ବାସ ଭବନରେ ରଜକ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ଫାଲଗୁନ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ମା' ନିତେଇ ଧୋବଣୀଙ୍କ ଭବ୍ୟ ମନ୍ଦିରର ପ୍ରତିଷ୍ଠା ସମାରୋହ ବଲାଙ୍ଗୀରସ୍ଥିତ ବିଷ୍ଣୁମୁଣ୍ଡାଠାରେ ଅନୁଷ୍ଠିତ ହେବ। ଏହାକୁ ନେଇ ସମସ୍ତଙ୍କ ଉପସ୍ଥିତି ଓ ସହଯୋଗ କାମନା କରାଯାଇଥିଲା। ଏହା ସହିତ ସମାଜର ଅନେକ ନିୟମାବଳୀ ବାହା ଘର, ଏକୋଇଶିଆ, ଶୁଦ୍ଧିକ୍ରିୟା ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ସଭାପତି କଲାକାହ୍ନୁ ସେଠ, ସମ୍ପାଦକ କିର୍ତ୍ତନଚନ୍ଦ୍ର ସେଠ, କୋଷାଧ୍ୟକ୍ଷ ଶେଖରସେନ ସେଠ, ମନ୍ଦିର କମିଟି ସଭାପତି ଗଦାଧର ସେଠ ପ୍ରମୁଖ ନିଜ ମତ ରଖିଥିଲେ। ଏହି ଅବସରରେ ସୁନିତାରାଣୀ ସେଠ, ସୁରେଖା ସେଠ, କାଜଲ ସେଠ, ମମତା ସେଠ, ସୁପ୍ରିୟା ସେଠ, ସୁରଭି ସେଠ, ପାୟଲ ସେଠ, ପୁଷ୍ପା ସେଠ, କିଶୋର ସେଠ, ହରିହର ସେଠ, ସୁଦର୍ଶନ ସେଠ, ଶକ୍ତି ସେଠ, ବୋଇଦ ସେଠ, ହେମନ୍ତ ସେଠ ପ୍ରମୁଖ ଯୋଗଦେଇଥିଲେ।

# ମ୍ୟୁନିସିପାଲିଟିର ଅବହେଳାରୁ ଅଗ୍ନିକାଣ୍ଡ: ନରସିଂହ

ବଲାଙ୍ଗୀର, ୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ ସମ୍ମୁଖର ଫଳ ମାର୍କେଟରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଛାରଖାର ହୋଇଯିବା ଘଟଣା ପାଇଁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ବଲାଙ୍ଗୀର ମ୍ୟୁନିସିପାଲିଟିକୁ ଦାୟୀ କରି ଏହାର ତଦନ୍ତ ଦାବି କରିଥିଲେ। ମ୍ୟୁନିସିପାଲିଟିର ଅବହେଳା ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିବା ସେ କହିଛନ୍ତି। ପୂର୍ବରୁ ଥରେ ଏହି ଫଳ ମାର୍କେଟରେ ଅଗ୍ନିକାଣ୍ଡ ଘଟିଥିବା ସତ୍ତ୍ୱେ ମ୍ୟୁନିସିପାଲିଟି କିଛି ସୁବ୍ୟବସ୍ଥା କରିନାହିଁ। ଫଳ ଦୋକାନୀଙ୍କ ଠାରୁ ଟ୍ୟାକ୍ସ ନେବା ସତ୍ତ୍ୱେ ଏଠାରେ ଗୋଟିଏ ବି ଅଗ୍ନି ନିର୍ବାପକ ଉପକରଣ ଉପଲବ୍ଧ କରି ନ ଥିବାରୁ ଏଭଳି କ୍ଷୟକ୍ଷତି ଘଟିଛି ଏବଂ ଏଥିପାଇଁ ମ୍ୟୁନିସିପାଲିଟି ଦାୟୀ ବୋଲି ସେ ଅଭିଯୋଗ କରିଥିଲେ। ସବୁକିଛି ଛାରଖାର ହୋଇଯାଇଥିବାରୁ ତୁରନ୍ତ ଜିଲା ପ୍ରଶାସନ ଫଳ ଦୋକାନୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ସେ ଦାବି କରିବା ସହ ତୁରନ୍ତ ସେମାନଙ୍କ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ସେ ବିଧାୟକ ଥିବା ସମୟରେ ଏହି ଫଳ ମାର୍କେଟ ନିର୍ମାଣ ହୋଇଥିଲା। ଏହାର ଡିଜାଇନ୍ ବଦଳାଇବାକୁ ସେତେବେଳେ କୁହାଯାଇଥିଲା। ଏବେ ଡିଜାଇନ୍ ବଦଳାଇ ସମସ୍ତ ଦୋକାନୀ ଯେଭଳି ରୋଜଗାର କରିପାରିବେ ସେ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

# ଦାବି ସତ୍ତ୍ୱେ ମିଳୁନି ମୋ ଜଙ୍ଗଲ ଜମି ଯୋଜନାରେ ପଟ୍ଟା



ଦାବିପତ୍ର ଦେବାକୁ ଆସିଥିବା ଜଙ୍ଗଲ ଅଧିକାର କମିଟି ସଦସ୍ୟ।

ଲୋଇସିଂହା, ୮।୧୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାରେ ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରୀ ହେବା ପର ଠାରୁ ଅଦ୍ୟାବଧି କାହାରିକୁ ପଟ୍ଟା ଦିଆଯାଇନାହିଁ। ଏହି ପରିପ୍ରେକ୍ଷୀରେ ସୋମବାର ଲୋଇସିଂହା ବ୍ଲକ ଜଙ୍ଗଲ ଅଧିକାର କମିଟି ସମୂହ ତରଫରୁ ବ୍ୟକ୍ତିଗତ, ଗୋଷ୍ଠୀଗତ ତଥା ଗୋଷ୍ଠୀ ଜଙ୍ଗଲ ସମ୍ବଳ ପଟ୍ଟା ପ୍ରଦାନ ଦାବିରେ ସୋମବାର ଲୋଇସିଂହାଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ତଥା ସଂଶୋଧିତ ନିୟମାବଳୀ-୨୦୧୨ ଅନୁସାରେ ମୋ ଜଙ୍ଗଲ ଜମି ଯୋଜନା ଅଧୀନରେ ବ୍ୟକ୍ତିଗତ, ଗୋଷ୍ଠୀଗତ ତଥା ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଦାବିଗୁଡିକ ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟି ନିକଟରେ ଦୀର୍ଘଦିନରୁ ଦାଖଲ କରାଯାଇସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶିରୋନାମା ଦିଆଯାଇନାହିଁ। ଉପରୋକ୍ତ ଗୋଷ୍ଠୀର ଲୋକଙ୍କୁ ପଟ୍ଟା ପ୍ରଦାନ ଦିଗରେ ଅହେତୁକ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଲୋକଙ୍କ ସର୍ବନିମ୍ନ ଅଧିକାର ତଥା ଆବଶ୍ୟକତାକୁ ଆଖିଆଗରେ ରଖି ଉପରୋକ୍ତ ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ପୂର୍ବରୁ ଦାବିପତ୍ର ଦିଆଯାଇଛି। ହେଲେ କାର୍ଯ୍ୟକାରୀ ବା ପଦକ୍ଷେପ ନିଆଯାଇନାହିଁ। ଯାହାକି ଜଙ୍ଗଲ ଅଧିକାର ଆଇନକୁ ଜାଣିଶୁଣି ଅଣଦେଖା କରୁଥିବା ଅଧିକାରୀଙ୍କ ବିରୋଧରେ ଜଙ୍ଗଲ ଅଧିକାର ଆଇନର ଧାରା-୭ ଅନୁସାରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି ଜଣାଇଛନ୍ତି। ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବାକୁ ବ୍ଲକସ୍ତରୀୟ କମିଟିର ସଭାପତି ରାଧାକାନ୍ତ ନାୟକ, ସମ୍ପାଦକ ଚୈତନ୍ୟ ବାଗ, ଉପସଭାପତି ମୋତିରାମ ବରିହା ଓ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

# ଭାଜପା ପକ୍ଷରୁ ମେଗା ଚକ୍ଷୁ ଚିକିତ୍ସା ଶିବିର

ଟିଟିଲାଗଡ଼, ୮।୧୨ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଭାଜପା ପକ୍ଷରୁ ନଗର ସଭାପତି ସୁନିଲ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ମାଗଣା ମେଗା ଚକ୍ଷୁ ଚିକିତ୍ସା ଶିବିର ସ୍ଥାନୀୟ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ତଥା ବଲାଙ୍ଗୀର ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡଙ୍ଗୀ, ପୌରାଧ୍ୟକ୍ଷା ମମତା ଜୈନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଏସ୍‌ସିଡ଼ି ଚକ୍ଷୁ ଡାକ୍ତରଖାନାର ବିଶେଷଜ୍ଞ ତଥା କର୍ମଚାରୀ ଶିବିରରେ ମୋଟ ୩୪୨ ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୧୨୪ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଦଳର ସାଧାରଣ ସମ୍ପାଦକ ଶିବା ପାଣିଗ୍ରାହୀ, ନଗର ଉପସଭାପତି ଲିଙ୍ଗରାଜ ନାୟକ, ବରିଷ୍ଠ ନେତା ହରି ନାରାୟଣ ମିଶ୍ର, ଅରବିନ୍ଦ ପାଣିଗ୍ରାହୀ, ଟୁନିଆ ପାଣିଗ୍ରାହୀ, ପ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କ୍ଷତିଗ୍ରସ୍ତ ଫଳ ଦୋକାନୀଙ୍କୁ ମିଳିବ ୧୦ ହଜାର: ପୌରାଧ୍ୟକ୍ଷା

ବଲାଙ୍ଗୀର, ୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଫଳ ଦୋକାନୀଙ୍କୁ ୧୦ ହଜାର ଟଙ୍କାର ସହାୟତା ଦିଆଯିବ ବୋଲି ପୌରାଧ୍ୟକ୍ଷା ଲିକା ସାହୁ ଓ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା କହିଛନ୍ତି। କ୍ଷତିଗ୍ରସ୍ତ ଫଳ ମାର୍କେଟକୁ ଆସି ପରିଦର୍ଶନ କରିବା ସହ ପୌରାଧ୍ୟକ୍ଷା ସାହୁ ଓ ନିର୍ବାହୀ ଅଧିକାରୀ ବେହେରା ମ୍ୟୁନିସିପାଲିଟି ପକ୍ଷରୁ ପ୍ରତ୍ୟେକ ଫଳ ଦୋକାନୀଙ୍କୁ ପ୍ରଥମେ ୧୦ ହଜାର ଟଙ୍କାର ସହାୟତା ଦିଆଯିବ ବୋଲି କହିଥିଲେ। ନିର୍ବାହୀ ଅଧିକାରୀ ବେହେରା କହିଥିଲେ, ମଙ୍ଗଳବାର ସକାଳେ ଫଳ ମାର୍କେଟର କ୍ଷୟକ୍ଷତି ଆକଳନ କରାଯିବ। ଯେଉଁମାନେ ପ୍ରକୃତରେ ଫଳ ଦୋକାନ କରିଥିଲେ ସେମାନଙ୍କ ଯାଞ୍ଚ କରାଯିବ କ୍ଷତିପୂରଣ ଓ ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଲୁହାସିଂହାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଖପ୍ରାଖୋଲ, ୮।୧୨ (ଅଭୟ ତ୍ରିପାଠୀ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୀମାଞ୍ଚଳ ପୁରୋହିତ ଶିବିରରେ ଅଧ୍ୟକ୍ଷତା କରିଥିଲେ। ଅଭିଯୋଗ ଶୁଣାଣି ଶିବିରରେ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୧୨ ଅଭିଯୋଗ ପଞ୍ଜୀକୃତ ହୋଇଥିବା ସରପଞ୍ଚ ସୂଚନା ଦେଇଛନ୍ତି।



ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ସରପଞ୍ଚ ଓ ଅଧିକାରୀ।

# ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି



ହ୍ୟୁମାନ ସାଗରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସାମିଲ କଳାକାର।

ଟିଟିଲାଗଡ଼, ୮।୧୨ (ଶରତ ମିଶ୍ର)

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ତାଙ୍କର ଜନ୍ମମାଟି ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ରବିବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିପାଇଁ ସ୍ଥାନୀୟ ବାଳକ ହାଇସ୍କୁଲ ପଡ଼ିଆରେ ପ୍ରବଳ ଭିଡ଼ ହୋଇଥିଲା। ଓଡ଼ିଆ ସିନେମାର ସୁପରଷ୍ଟାର ଅନୁଭବ ମହାନ୍ତିଙ୍କଠାରୁ ଆରମ୍ଭ କରି ରାଜ୍ୟର ଅନେକ ବିଶିଷ୍ଟ କଳାକାର ଶ୍ରଦ୍ଧାଞ୍ଜଳି ସଭାରେ ସମ୍ମିଳିତ ହୋଇଥିଲେ। ଅନୁଭବ ବିମାନ ଯୋଗେ ଉତ୍କେଳା ବିମାନ ବନ୍ଦରରେ ଓହ୍ଲାଇ ଟିଟିଲାଗଡ଼ ପହଞ୍ଚିବା ପରେ ପ୍ରଥମେ ହ୍ୟୁମାନଙ୍କ କବରସ୍ଥଳକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହ୍ୟୁମାନଙ୍କ ମା'ଙ୍କୁ ସାକ୍ଷାତ ସହ ସମବେଦନା ଜଣାଇଥିଲେ। ଏହି ଅବସରରେ ଅନୁଭବଙ୍କ ସହ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରେମାନନ୍ଦ, ରାଜେଶ ପ୍ରଧାନ, ରଞ୍ଜନ ପଟ୍ଟନାୟକ, ପଙ୍କଜ ଜାଲ, ଗଗନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସିନେ ତାରକା ଅନୁଭବ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ଭାବବିହ୍ୱଳ ହୋଇକହିଥିଲେ, ଏକ ଚମତ୍କାର ହୋଇଯାନ୍ତା, ହ୍ୟୁମାନ ଆମ ପାଖକୁ ଫେରି ଆସନ୍ତେ କି। ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ବୈଦ୍ୟନାଥ ଦାଶ, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ଅସାଦ ନିଜାମ, କୃଷ୍ଣ ଚନ୍ଦ୍ର, ବିରଜା ପ୍ରସାଦ, କେଆର ପିଣ୍ଟୁ, ରୁଦ୍ରପ୍ରସାଦ ନାୟକ, ନୀଳକଣ୍ଠ ନାୟକ, ଏବି ଅଭିଷେକ, ଅସୀମା ପଣ୍ଡା, କୁଳଦୀପ ପଟ୍ଟନାୟକ, ମଣ୍ଟୁ ଛୁରିଆ, ରୁକୁ ସୁନା, ବିଷ୍ଣୁ ମୋହନ କବି, ପ୍ରିୟଦର୍ଶନ, ବିଦ୍ୟୁତ୍ ପ୍ରଧାନ, ଆଶୀର୍ବାଦ ମହାନ୍ତି, ଜିତୁ ମଙ୍ଗରାଜ, ସକ୍ତିଶର ମହାପାତ୍ର, ରଶ୍ମିରଞ୍ଜନ ଦାସ, ହରିଶଙ୍କର ମହାପାତ୍ର ପ୍ରମୁଖ ଅନେକ ବିଶିଷ୍ଟ କଳାକାର ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

Sd./- Collector & D.M.-cum-Chairman, RMC, Kendrapara
OIPR-01580/11/0001/2526


# ଖବର ପ୍ରକାଶ ପରେ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ

## ଘଟଣାକୁ ଚପାଇ ଦେବା ଉଦ୍ୟମ

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏମ୍‌ଜିଏନ୍‌ଆରଇଜିଏସ ଟଙ୍କା ହଡ଼ପ ଘଟଣା

ଲାଠୋର, ୮।୧୨ (ଭୁବନେଶ୍ୱର ବାରିକ)



ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏମ୍‌ଜିଏନ୍‌ଆରଇଜିଏସ ଟଙ୍କା ହଡ଼ପ ଘଟଣାରେ ସହକାରୀ ଯନ୍ତ୍ରୀ ତଦନ୍ତ କରୁଛନ୍ତି।

ସରକାର ଗରିବ ବାସଗୃହ ହୀନ ପରିବାରମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେଉଛନ୍ତି। ହିତାଧିକାରୀ ମାନେ ଯେପରି ଶୋଷଣର ଶିକାର ନ ହେବେ ସେଥିପ୍ରତି ପ୍ରଶାସନ ସଜାଗ ରହିବା ପାଇଁ କଡ଼ା ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ହେଲେ ପ୍ରଶାସନିକ ଅବହେଳା ହେତୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ କରୁଆଁଝର ପଞ୍ଚାୟତ ଅଞ୍ଚଳରେ ତାର ବ୍ୟତିକ୍ରମ ଦେଖାଦେଇଛି। ଏହିପରି ଏକ ଅଭିଯୋଗ କରୁଆଁଝର ଗ୍ରାମର ହିତାଧିକାରୀ ଦୁର ନିଆଲ କରିଥିଲେ। ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ୨ଗୋଟି କିସ୍ତିରେ ୧ ଲକ୍ଷ ୫ ହଜାର ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ଏମ୍‌ଜିଏନ୍‌ଆରଇଜିଏସ୍ ବାବଦକୁ ୩୦ ହଜାର ଟଙ୍କା ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। କାର୍ଯ୍ୟ ଦାୟୀତ୍ୱରେ ଥିବା ଗାଁ ସାଥୀ ଅଭିମନ୍ୟୁ ତାଣ୍ଡି ୮ ମାସ ପୂର୍ବେ ଉକ୍ତ ୩୦ ହଜାର ଟଙ୍କା ଉଠାଣ କରି ହଡ଼ପ କରିଦେଇଥିଲେ। ଏହାକୁ ନେଇ ଧରିତ୍ରୀରେ ଗତ ୪ ତାରିଖ ଦିନ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ଶୋଷଣ ଅଭିଯୋଗ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଖପ୍ରାଖୋଲ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରି ତଦନ୍ତ ଆରମ୍ଭ କରିଥିଲା। ସହକାରୀ ଯନ୍ତ୍ରୀ ରାଜକିଶୋର ନାଏକ, ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୀବ ସାହୁ, ସମିତି ସଭ୍ୟ ସନ୍ତୋଷ ତାଣ୍ଡି ହିତାଧିକାରୀଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ ହିତାଧିକାରୀ ଏମ୍‌ଜିଏନ୍‌ଆରଇଜିଏସ ବାବଦକୁ ୩୦ ହଜାର ଟଙ୍କା ତାଙ୍କୁ ପ୍ରଦାନ କରାଯାଇ ନାହିଁ ବୋଲି କହିଥିଲେ। ଫଳରେ ଟଙ୍କା ହଡ଼ପ ହୋଇଥିବା ନେଇ ପ୍ରମାଣିତ ହୋଇଥିଲା। ଏଥିରେ ଯେ ଖାଲି ଗାଁସାଥୀ ଦୋଷୀ ତାହା ନୁହେଁ। ତତ୍କାଳୀନ ଏଡ଼ିଇଓ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ୍ୟ ସମ ପରିମାଣରେ ଦୋଷୀ ଅଟନ୍ତି। କାରଣ ସରକାରୀ ନିୟମ ଅନୁସାରେ ବାସଗୃହ ନିର୍ମାଣ କାମ ହେବା ପରେ ଗାଁସାଥି ଏଡ଼ିଇଓ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ କାମ ଦେଖିଯିବା ପାଇଁ କହିଥାନ୍ତି। ସେମାନେ କାମ କେମିତି ହୋଇଛି ଦେଖିଲା ପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ିଜିଟାଲ ସିଗ୍ନେଚର ସାର୍ଟିଫିକେଟ(ଡ଼ିଏସସି) ଦିଅନ୍ତି। ପରେ ହିତାଧିକାରୀଙ୍କ ଖାତାରେ ପ୍ରାପ୍ୟ ପ୍ରଦାନ ହୋଇଥାଏ। ହେଲେ ଏଡ଼ିଇଓ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ କଣ ଦେଖି ଡ଼ିଏସସି ପ୍ରଦାନ କଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିରେ ସେମାନଙ୍କ ମଧ୍ୟ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି। ଏନେଇ ତଦନ୍ତ ଅଧିକାରୀ ସହକାରୀ ଯନ୍ତ୍ରୀ ନାଏକ ବାବୁଙ୍କୁ ପଚାରିବାରେ ତଦନ୍ତରେ ଯାହା ଜଣାପଡ଼ିଲା ଗାଁସାଥୀଙ୍କ ଠାରୁ ଆରମ୍ଭ କରି ଏଡିଇଓ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଦୋଷୀ ଅଟନ୍ତି। ରିପୋର୍ଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାଖଲ କରିବି ବୋଲି କହିଥିଲେ। ସେହିପରି ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେମାନେ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ କରିଛନ୍ତି। ଏବେ ତଦନ୍ତ ଚାଲିଛି ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତଦନ୍ତ ହେବାର ୪ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଦୋଷୀଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରି ଘଟଣାକୁ ଚପାଇ ଦୋଷୀଙ୍କୁ ସୁରକ୍ଷା ପ୍ରଦାନ ଉଦ୍ୟମ ପରିତାପର ବିଷୟ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇବା ସହ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ଯଥାଶୀଘ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟଥା ଏପରି କାରବାର ବଢି ଚାଲିବ ଏବଂ ହିତାଧିକାରୀମାନେ ଶୋଷଣର ଶିକାର ହେଉଥିବେ।

# ଚାଉଁରପୁର ମଣ୍ଡିରୁ ଉଠିଲାନି ଧାନ


ଚାଉଁରପୁର ମଣ୍ଡିରେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଛି ଧାନ ବୋଝେଇ ଗାଡ଼ି।

■ କଟ୍‌ନୀ ଛଟ୍‌ନୀର ପ୍ରତିବାଦ କଲେ ଚାଷୀ
■ ମଣ୍ଡିରେ ଛିଡ଼ା ହୋଇଛି ୧୯ଟି ଧାନ ବୋଝେଇ ଗାଡ଼ି

ସମ୍ବଲପୁର, ୮।୧୧(ପ୍ରମୋଦ ବହିଦାର)

ସମ୍ବଲପୁରରେ ଗତ ୨ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ମିଲର୍ସଙ୍କ କଟ୍‌ନି ଛଟ୍‌ନୀର ଶିକାର ହେଉଛନ୍ତି ଚାଷୀ। ସୋମବାର ଚାଉଁରପୁର ପିଏସିଏସ୍‌ରେ ଚାଷୀମାନେ ବିକ୍ରୟ ପାଇଁ ପାଇଥିବା ଟୋକନ ଅନୁସାରେ ଧାନ ବୋଝେଇ କରି ଗାଡ଼ି ସହିତ ମଣ୍ଡିରେ ପହଞ୍ଚିଥିଲେ। ସେମାନେ ଯେପରି କଟ୍‌ନି ଛଟନୀର ଶିକାର ନ ହୁଅନ୍ତି ସେହି ପ୍ରତିଶ୍ରୁତି ଦେଲେ ଯାଇ ମିଲ୍‌କୁ ନେବେ ଅନ୍ୟଥା ମଣ୍ଡିରେ ସେମାନଙ୍କ ଧାନକୁ ସିଧାସଳଖ ଯୋଗାଣ ବିଭାଗ ପକ୍ଷରୁ କ୍ରୟ କରାଯାଉ ବୋଲି ଜିଦ ଧରିଥିଲ। ତେଣୁ ଚାଉଁରପୁର ମଣ୍ଡିରୁ କୌଣସି ଚାଷୀ ଧାନ ନେଇ ନ ଥିଲେ। ଏ ସମ୍ପର୍କରେ ଚାଉଁରପୁରର ଚାଷୀ ଗଣେଶ ମହନ୍ତ କହିଛନ୍ତି, ଧାନର ଆଦ୍ରତା ଆଳରେ ମଲର୍ସ ଚାଷୀଙ୍କ କୁଇଣ୍ଟାଲ ପିଛା ୪ରୁ ୫କିଲୋ କାଟି ଦେଉଛନ୍ତି। ଯଦ୍ୱାରା ସେମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଚାଷୀମାନେ ସୋମବାର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିସିଏସ୍‌ଓ)ଙ୍କ ସହିତ ଆଲୋଚନା କରି ଏହି ସମସ୍ୟାକୁ ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିସିଏସ୍‌ଓ ମିଲର୍ସଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ତାଙ୍କୁ ଗୋଟିଏ ଦିନ ସମୟ ଦେଇଛନ୍ତି। ଅନ୍ୟଥା ମଙ୍ଗଳବାରଠାରୁ ଚାଷୀମାନେ ଚାଉଁରପୁରଠାରେ ରାସ୍ତାରୋକୋ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମହନ୍ତ କହିଛନ୍ତି। ଏନେଇ ସିସିଏସ୍‌ଓ ସୁବୋଧ କୁମାର ହୋତା କହିଛନ୍ତି, ମିଲର୍ସଙ୍କୁ କଟ୍‌ନି ଛଟ୍‌ନୀ ନ କରିବାକୁ ତାଗିଦ୍ କରାଯାଇଛି। ଯଦି କୌଣସି ସ୍ଥାନରେ କଟ୍‌ନି ଛଟ୍‌ନୀ ପାଇଁ ସମସ୍ୟା ସୃଷ୍ଟି ହୋଇଛି ତୁରନ୍ତ ତା'ର ସମାଧାନ କରିବାକୁ ମିଲ୍ ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଆଗାକୁ ଏଭଳି ସମସ୍ୟା ଆଉ ରହିବ ନାହିଁ ବୋଲି ସେ କହିଛନ୍ତି ।

## ଚାଉଁରପୁର ପିଏସିଏସ୍ ଅଧୀନରେ ୨ ମଣ୍ଡି

ଚାଉଁରପୁର ପିଏସିଏସ୍ ଅଧିନରେ ଚାଉଁରପୁର ଓ ସେନାପାଲି ଆଦି ୨ଟି ପଞ୍ଚାୟତ ଅଧୀନ ୧୨ଟି ଗ୍ରାମର ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି। ତେଣୁ ଚାଷୀଙ୍କ ସୁବିଧା ପାଇଁ ଉଭୟ ପଞ୍ଚାୟତରେ ଦୁଇଟି ଧାନ ମଣ୍ଡି ଖୋଲାଯାଇଛି। ଚାଉଁରପୁର ମଣ୍ଡିରେ ଚାଉଁରପୁର, ଝରାପାଲି, ବରହାକାନୀ, ପୋଡାପାଲି, ମୁଣ୍ଡୋଘାଟ, ଝାରରପାଲି ଓ କାମପାଲି ଗ୍ରାମର ଚାଷୀ ଧାନ ବିକ୍ରୀ ପାଇଁ ନିର୍ଭରଶୀଳ। ସେନାପାଲି ମଣ୍ଡିରେ ସେନାପାଲି, ଟିଙ୍କିଲିପାଲି, ବରହମ୍‌ପୁରା, ବଗବୀରା ଓ ବଡ଼ସଂହାରୀ ଗ୍ରାମର ଚାଷୀମାନେ ଧାନ ବିକ୍ରୟ କରନ୍ତି। ତେବେ ସୋମାବର ସେନାପାଲିରେ ଚାଷୀଙ୍କ ଧାନ ଉଠିଥିବା ବେଳେ ଚାଉଁରପୁର ମଣ୍ଡିରେ ଧାନ ବିକ୍ରୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ମିଳିଥିବା ତଥ୍ୟ ଅନୁସାରେ ଚାଉଁରପୁର ପିଏସିଏସ୍‌ରୁ ଧାନ ଉଠାଇବାକୁ ୧୨ ମିଲର୍ସଙ୍କୁ ଟ୍ୟାଗ କରାଯାଇଛି। ଉକ୍ତ ମିଲର୍ସଙ୍କ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଉଭୟ ମଣ୍ଡିରୁ ଯଥାକ୍ରମେ ୨୧,୭୦୦ ଓ ୨୦,୫୦୦ କୁଇଣ୍ଟାଲ ମିଶି ମୋଟ୍ ୪୨,୨୦୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ଉଭୟ ମଣ୍ଡିରୁ ମିଲର୍ସ ମୋଟ ୧୦,୬୮୭ କୁଇଣ୍ଟାଲ ଧାନ ଉଠାଇଥିବା ବେଳେ ଅବଶିଷ୍ଟ ୩୧,୫୧୩ କୁଇଣ୍ଟାଲ ଧାନ ଉଠାଇବା ବାକି ରହିଛି। ସର୍ବଶେଷ ତଥ୍ୟ ଅନୁସାରେ ଚାଉରପୁର ମଣ୍ଡିରୁ ୫୨୦୯ କୁଇଣ୍ଟାଲ ଓ ସେନାପାଲି ମଣ୍ଡିରୁ ୫୪୭୮ କୁଇଣ୍ଟାଲ ଧାନ ଉଠିଛି।

## ଏମ୍‌ସ ଫାଉଣ୍ଡେଶନ ପକ୍ଷରୁ ଅସହାୟଙ୍କୁ ଥଇଥାନ


ଏମ୍‌ସ ଫାଉଣ୍ଡେଶନ ପକ୍ଷରୁ ଜଣେ ଅସହାୟଙ୍କୁ ସହଯୋଗ କରାଯାଉଛି ।

ସମ୍ବଲପୁର,୮।୧୨(ବି.ଶଙ୍କର)

ସମ୍ବଲପୁର ରେଲୱେ ଷ୍ଟେଶନରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଅପରିଚିତ ବ୍ୟକ୍ତି ଅସହାୟ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବୁର୍ଲା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ମାସ ଧରି ବୁର୍ଲା ମେଡ଼ିକାଲରେ ସେ ଚିକିତ୍ସିତ ହେବା ପରେ ଭଲ ହୋଇଥିଲେ। ଏହାପରେ ତାଙ୍କୁ ନିଜ ରାଜ୍ୟ ଛତିଶଗଡ଼କୁ ଫେରିଯିବା ପାଇଁ ଅନିଶ୍ଚିତତା ଥିଲା। ଏହାକୁ ଦୃଷ୍ଟିରେ ରଖି ଏମ୍ସ ଫାଉଣ୍ଡେଶନର ଶ୍ରୀମନ୍ତ ପାତ୍ର ତାଙ୍କୁ ଛତିଶଗଡ଼ ରାୟଗଡସ୍ଥିତ ଅପନଘର ଆଶ୍ରମକୁ ଥୟଥାନ ନିମନ୍ତେ ବ୍ୟବସ୍ଥା କରିଥିଲେ। ଏଥିରେ ପରିଚୟ ସଦସ୍ୟ ଏବଂ ମେଡିକାଲ ନର୍ସିଂ ଅଧିଆରୀ ଅଞ୍ଜଳି ସାହୁ, ଅଜିତ୍ ନାଏକ, ନାରାୟଣ ପ୍ରଧାନ, ମଧୁ ରଞ୍ଜନ ଛତ୍ରିଆ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଖବରଦାତାଙ୍କ ମୃତ୍ୟୁ

ନାକଟିଦେଉଳ, ୮।୧୨(ବୈକୁଣ୍ଠନାଥ ସାହୁ)


ରମାକାନ୍ତ ମହାନନ୍ଦ

ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର ଏକ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା ରମାକାନ୍ତ ମହାନନ୍ଦ(୪୬)ଙ୍କ ସୋମବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ସେ ସମ୍ବଲପୁର ଜିଲା ନାକଟିଦେଉଳ ପଞ୍ଚାୟତ ସମିତିରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଖବର ସଂଗ୍ରହ ପାଇଁ ବାଇକରେ ଆସୁଥିବା ବେଳେ ରେଢ଼ାଖୋଲ-ନାକଟିଦେଉଳ ରାସ୍ତାର ପେଣ୍ଡବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟ ରାସ୍ତାପାର୍ଶ୍ୱରେ ପୋତା ଯାଇଥିବା ସୁରକ୍ଷା ସିମେଣ୍ଟ ପୋଲରେ ପିଟି ହୋଇ ତଳେ ଛିଟିକି ପଡ଼ିଥିଲେ। ତାଙ୍କ ଅଣ୍ଟା ତଳକୁ ଏକ ପିଲରରେ ଲାଗିଥିବା ଏକ ଲୁହା ଛଡ଼ ପଶିଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନାକଟିଦେଉଳ ଅଞ୍ଚଳର ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ଏହି ଅବସରରେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ନାକଟିଦେଉଳଠାରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ସନ୍ତୋଷ କୁମାର ସାହୁ, ରବୀନ୍ଦ୍ର ନାଥ ପ୍ରଧାନ, ଅରୂପାନନ୍ଦ ନାଏକଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଉପସ୍ଥିତ ଥିଲେ। ମୃତ ମହାନନ୍ଦଙ୍କର ଗୋଟିଏ ୮ ବର୍ଷ ଏବଂ ୨ ମାସର ପୁଅ ସହ ସ୍ତ୍ରୀ ରହିଛନ୍ତି।

# ଏସ୍‌ଆଇଏଚ୍-୨୦୨୫ ଗ୍ରାଣ୍ଡ ଫିନାଲେ ଉଦ୍‌ଘାଟିତ

**ଏସ୍‌ଆଇଏଚ୍ ଆୟୋଜନ ଦ୍ୱାରା ନବସୃଜନ ପ୍ରତି ଭିସୁଟ୍‌ର ପ୍ରତିବଦ୍ଧତା ପ୍ରମାଣିତ**

ସମ୍ବଲପୁର,୮।୧୧(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ଠାରେ ୨ ଦିନିଆ ସ୍ମାର୍ଟ ଇଣ୍ଡିଆ ହେକାଥନ୍(ଏସ୍‌ଆଇଏଚ୍)-୨୦୨୫ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ଆଇଏଚ୍ ସଫ୍ଟୱେୟାର୍ ସଂସ୍କରଣର ଏହି ଜାତୀୟ ନବସୃଜନ ଇଭେଣ୍ଟର ଗ୍ରାଣ୍ଡ ଫିନାଲେ ଡିସେମ୍ବର ୮ ଓ ୯ ତାରିଖ ଦୁଇଦିନ ଧରି ଆୟୋଜିତ ହେବ। ଭିସୁଟ୍‌ର ଇ-ଲର୍ଣ୍ଣିଂ କେନ୍ଦ୍ରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର ଦୀପକ କୁମାର ସାହୁ, କୁଳସଚିବ ପ୍ରଦୀପ ଡାଙ୍ଗ, ଏସ୍‌ଆଇଏଚ୍ ସଂଯୋଜକ ପ୍ରଫେସର ସଞ୍ଜୟ ଅଗରୱାଲ, ପ୍ରଫେସର ଗଣେଶ୍ୱର ନାଥ ଓ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦେଶର ଏସ୍‌ଆଇଏଚ୍‌କୁ ସର୍ବବୃହତ୍ ନବସୃଜନ ଇଭେଣ୍ଟମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ବର୍ଣ୍ଣନା କରିଥିଲେ। ତେବେ ଏସ୍‌ଆଇଏଚ୍-୨୦୨୫ ଆୟୋଜନ କରି ନବସୃଜନ, ଗବେଷଣା ଉତ୍କର୍ଷତା ଓ ଉଦ୍ୟମୀ ସଂସ୍କୃତି ପ୍ରତି ଭିସୁଟ୍‌ର ପ୍ରତିବଦ୍ଧତା ପ୍ରମାଣିତ ହୋଇଛି ବୋଲି ଅତିଥିମାନେ ମତ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ନବସୃଜନ ସେଲ୍(ଏମ୍‌ଆଇସି) ଅଧିକାରୀ, ଏଆଇସିଟିଇ ପ୍ରତିନିଧି, ଶିଳ୍ପାନୁଷ୍ଠାନ ମୁଖ୍ୟ, ଜୁରି ସଦସ୍ୟ, ଅଂଶଗ୍ରହଣକାରୀ, ଶିକ୍ଷକମଣ୍ଡଳୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏସ୍‌ଆଇଏଚ୍-୨୦୨୫ ସଫ୍ଟୱେୟାର ସଂସ୍କରଣର ଗ୍ରାଣ୍ଡ ଫିନାଲେ ଇଭେଣ୍ଟରେ ଦେଶର ବିଭିନ୍ନ ରାଜ୍ୟର ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ସେମାନେ କୃତ୍ରିମ ବୁଦ୍ଧିମତା(ଏଆଇ), ମେଶିନ ଲର୍ଣ୍ଣିଂ, ସଇବର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ଥାୟୀତ୍ୱ, ସ୍ମାର୍ଟ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରର ଆହ୍ୱାନର ସମାଧାନ ପାଇଁ ୩୬ ଘଣ୍ଟା ଧରି କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର ହେକାଥନ୍‌ର ଗ୍ରାଣ୍ଡ ଫିନାଲେ ଫଳାଫଳ ଘୋଷଣ କାରାଯାଇ ବିଜେତା ଦଳକୁ ପୁରସ୍କୃତ କରାଯିବ ବୋଲି ଭିସୁଟ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଭିସୁଟ୍‌ରେ ଆୟୋଜିତ ଏସ୍‌ଆଇଏଚ୍ ଗ୍ରାଣ୍ଡ ଫିନାଲେର ଅତିଥିବୃନ୍ଦ ଶୁଭାରମ୍ଭ କରୁଛନ୍ତି ।

# ଅଟକିଛି ୧୩୦ କୋଟିର କେନ୍ଦ୍ରୀୟ ଅନୁଦାନ

ସମ୍ବଲପୁର, ୮।୧୨(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ।

ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଗଠନ ହେବାର ୧୧ବର୍ଷ ବିତିଥିଲେ ବି ଏଯାଏ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଏହାର ପ୍ରଭାବ ସମ୍ବଲପୁରର ବିକାଶ ଉପରେ ପଡୁଛି। ସହରବାସୀ ନିଜର ମୌଳିକ ସମସ୍ୟା ସାମାଧାନ ପାଇଁ କାହାକୁ ଗୁହାରି କରିବେ ଜାଣିପାରୁ ନାହାନ୍ତି। ଏଥିପାଇଁ ସବୁଠାରୁ ବେଶି କ୍ଷତିର ଶିକାର ହେଉଛନ୍ତି ୨୦୧୪ରେ ମହାନଗରରେ ସାମିଲ ହୋଇଥିବା ୧୨ଟି ଗ୍ରାମ ପଞ୍ଚାୟତ ଜନସାଧାରଣ । ଦୁରଦୂରାନ୍ତରେ ରହୁଥିବା ସେହି ଗ୍ରାମବାସୀଙ୍କ ସମସ୍ୟା ଅସମାହିତ ହୋଇ ରହିଯାଇଛି। ଏସ୍‌ଏମ୍‌ସି ନିର୍ବାଚନ ହେଉ ନ ଥିବାରୁ ଆର୍ଥିକ ଭାବରେ ମଧ୍ୟ ସମ୍ବଲପୁର କ୍ଷତିର ସମ୍ମୁଖୀନ ହେଉଛି। ଏସ୍‌ଏମ୍‌ସିକୁ ଆବଶ୍ୟକ ପାଣ୍ଠି ମିଳି ପାରୁ ନ ଥିବାରୁ ଏହାର ବିକାଶ ପ୍ରକ୍ରିୟା ପ୍ରଭାବିତ ହୋଇଛି। ନିଗମ ପାଖରେ ଆବଶ୍ୟକ ପାଣ୍ଠିର ଅଭାବ ଦେଖା ଦେଇଥିବାରୁ କାମ କରିଥିବା ଠିକାଦାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ବକେୟା ପ୍ରାୟ ସାଢେ ୬ କୋଟିର ଅର୍ଥ ମଧ୍ୟ ପ୍ରଦାନ କରାଯାଇପାରୁ ନ ଥିବା ଅଭିଯୋଗ ହେଉଛି। ସେଥିପାଇଁ ମହାନଗର କାର୍ଯ୍ୟାଳୟରେ ନିୟମିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବକେୟା ଅର୍ଥ ଦାବିକରି ଆନ୍ଦୋଳନ କରୁଥିବା ଦେଖିବାକୁ ମିଳୁଛି। କମିଶନରଙ୍କୁ ଠିକାଦାର ଏବଂ ମୁକ୍ତା ଯୋଜନାରେ କାର୍ଯ୍ୟ କରିଥିବା ମିଶନ ଶକ୍ତି ଏସ୍‌ଏଚ୍‌ଜିଗୁଡିକ ବାରମ୍ବାର ବକେୟା ଅର୍ଥ ଦାବି କରୁଥିବା ବିଷୟରେ ପଚାରାଯାଇଥିଲା । କମିଶନର ରେହାନ ଖତ୍ରୀ ରାଜ୍ୟ ସରକାରଙ୍କୁ ଫଣ୍ଡ ପ୍ରଦାନ ପାଇଁ ଚିଠି କରାଯାଇଥିବା କଥା କହିଥିଲେ। ତେବେ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ନିର୍ବାଚିତ ଜନ ପ୍ରତିନିଧି ନ ଥିବା କାରଣରୁ ଏସ୍‌ଏମ୍‌ସିକୁ ସହରର ବିକାଶ କାମ ପାଇଁ ମିଳିବାକୁ ଥିବା ପ୍ରାୟ ୧୩୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳି ପାରୁ ନ ଥିବା ସେ ସ୍ୱୀକାର କରିଛନ୍ତି । ତେବେ ଫଣ୍ଡ ପ୍ରଦାନରେ ଡେରି କାରଣରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅର୍ଥ ପ୍ରଦାନ କରାଯାଇ ପାରୁନାହିଁ। ରାଜ୍ୟ ସରକାର ସମ୍ବଲପୁରରେ ଶୀଘ୍ର ନିର୍ବାଚନ କରି ତତ୍ପରତାର ସହ ସମସ୍ୟାର ସମାଧାନର ବାଟ ବାହାର କରିବା ଜରୁରି ବୋଲି ସାଧାରଣରେ ଦାବି ହୋଇଛି ।

# ଡିପିଏସ୍ ଶାସନରେ ବାର୍ଷିକ ଆଥ୍‌ଲେଟିକ ମିଟ୍

ସମ୍ବଲପୁର,୮।୧୨(ବି.ଶଙ୍କର)

ବାର୍ଷିକ ଆଥଲେଟିକ୍ ମିଟ୍ ୨୦୨୫-୨୬ ସମ୍ବଲପୁର ଜିଲା ଶାସନସ୍ଥିତ ଦିଲ୍ଲି ପବ୍ଲିକ ସ୍କୁଲ (ଡିପିଏସ୍) ଖେଳ ପଡିଆରେ ଅନୁଷ୍ଠିତ ହୋଇଛି । ଦୁଇଦିନିଆ ଆଥଲେଟିକ୍ ମିଟ୍‌କୁ ଶାସନ ଥାନା ଇନ୍ସପେକ୍ଟର ପ୍ରବୀଣ କେଶରୀ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଦଯାପନୀ ଉତ୍ସବର ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ବିଧାୟକ ପ୍ରତିନିଧି ଜତିନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କୃଷକ ନେତା ବିଭୁ ପଟ୍ଟନାୟକ, ପିଟିଏ ସଦସ୍ୟ ମାନସ ଦାସ ସମ୍ମାନୀତ ଅତିଥିଥିଲେ । ଏହି ବାର୍ଷିକ ଆଥଲେଟିକ୍ ମିଟ୍ ପ୍ରତିଭା, ଦୃଢ଼ତା ଏବଂ ଦଳଗତ ଭାବେ କାର୍ଯ୍ୟ କରିବାର ଏକ ଉତ୍ସବ ଥିଲା । ଯାହାକି ସ୍କୁଲ ପରିସରକୁ ଆବେଗ, ଶୃଙ୍ଖଳା ଏବଂ ଦୃଢ଼ତାର ଏକ ସ୍ପନ୍ଦନଶୀଳ ପରିବେଶରେ ପରିଣତ କରିଥିଲା । ସମସ୍ତ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। କେବଳ ଶାରୀରିକ ଦକ୍ଷତା ନୁହେଁ ବରଂ ସର୍ବୋଚ୍ଚ ସ୍ତରର କ୍ରୀଡା ମନୋଭାବ ମଧ୍ୟ ପ୍ରଦର୍ଶନ କରିଥିଲେ । ଶିକ୍ଷକମାନଙ୍କ ସୂକ୍ଷ୍ମ ଯୋଜନା ଏବଂ ଆୟୋଜକ ଦଳର ନିଖୁଣ କାର୍ଯ୍ୟକାରିତା ଏହି କାର୍ଯ୍ୟକ୍ରମକୁ ଏକ ସ୍ମରଣୀୟସ୍ତରରେ ପହଞ୍ଚାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ରେଣୀ ୬ରୁ ୮ ବାଳିକା ବର୍ଗରେ ଶ୍ରାବଣୀ ଜାନକର ଓ ବାଳକରେ ସତ୍ୟମ ନାଏକ, ବାଳିକା ଶ୍ରେଣୀ ୯ ରୁ ୧୨ବାଳିକା ବର୍ଗରେ ସସ୍ମିତା ଡାଙ୍ଗ ଓ ବାଳକରେ ଅଙ୍କିତ ଭୋଇ ଚାମ୍ପିୟନ ହୋଇଛନ୍ତି । କ୍ରୀଡା ଶିକ୍ଷକ ଗିରିଶ ଏବଂ କ୍ରୀଡା ଶିକ୍ଷୟିତ୍ରୀ ଜ୍ୟୋତିଙ୍କ ପରିଚାଳନାରେ ପ୍ରତିଯୋଗୀତା ହୋଇଥିଲେ । ସ୍କୁଲ ପ୍ରିନ୍ସିପାଲ ସୁଜାତା ଲେଙ୍କା ସମସ୍ତ ଖେଳାଳିଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ।

# ୭ଦିନ ବିତିଲା, କର୍ମକର୍ତ୍ତା ଚୟନ ହେଲାନି

ସମ୍ବଲପୁର, ୮।୧୨(ବି.ଶଙ୍କର)

■ ସମ୍ବଲପୁର ଲୋକ ମହୋତ୍ସବ
■ ଭବ୍ୟ ଆୟୋଜନ ନେଇ ସଂଶୟ

ସମ୍ବଲପୁର ଲୋକ ମହୋତ୍ସବ ରାଜ୍ୟରେ ମହୋତ୍ସବ ଧାରାକୁ ପ୍ରବାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପ୍ରତ୍ୟେକ ବର୍ଷ ଜାନୁୟାରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ଲୋକ ମହୋତ୍ସବ ହୋଇଥାଏ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ମାସାଧିକ ସମୟ ପ୍ରସ୍ତୁତି ହୋଇଥାଏ। ତେଣୁ ଜିଲା ପ୍ରଶାସନ ମହୋତ୍ସବ ଆୟୋଜନ ସକାଶେ ବିଭିନ୍ନ କମିଟି ଗଠନ କରିଥାନ୍ତି । କିନ୍ତୁ ପରିତାପର ବିଷୟ, ଇତିମଧ୍ୟରେ ଜିଲା ପ୍ରଶାସନ ଆହୂତ ପ୍ରସ୍ତୁତି ବୈଠକ ୭ଦିନ ବିତି ଯାଇଛି। ଅଥଚ ଜିଲା ପ୍ରଶାସନ କର୍ମକର୍ତ୍ତା ଚୟନ କରି ପାରୁ ନାହାନ୍ତି। ଯାହାକୁ ନେଇ କଳାକାର, କଳାପେମୀ, କଳା ସଙ୍ଗଠକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

ଚଳିତ ବର୍ଷ ସଂଯୋଜକ, ସହସଂଯୋଜକ ଏବଂ ବିଭିନ୍ନ ଆବାହକ ପଦବୀ ସକାଶେ ପ୍ରାୟ ୧୬୮ ଜଣ ଆବେଦନ କରିସାରିଛନ୍ତି । କିନ୍ତୁ ସଂପ୍ରତି ମହୋତ୍ସବ ଚୟନରେ ରାଜନୀତି ପଶିଛି। ଯଦ୍ୱାରା ରାଜନୀତି ପଶାପାଲିରେ ସମ୍ବଲପୁର ଲୋକ ମହୋତ୍ସବ -୨୦୨୬ ଘୁରୁଛି । ସ୍ଥାନୀୟ ନେତା ଓ ମନ୍ତ୍ରୀମାନେ ନିଜ ସମର୍ଥକ ନାମ ସୁପାରିଶ କରିଥିବା ଜଣା ପଡୁଛି । ଆଶାୟୀଙ୍କ ମଧ୍ୟରେ ଅନେକ ଗୋଷ୍ଠୀ ଅଛନ୍ତି। ଯାହାକି ଲୋକ ମହୋତ୍ସବ ନୁହେଁ ନେତାଙ୍କ ମହୋତ୍ସବ ଭଳି ଆଲୋଚନା ହେଉଛି। ନେତା ସମର୍ଥକମାନଙ୍କୁ କଳାକାର ଭେଟି ନିଜ ନାମ ତାଲିକାରେ ଦେବାକୁ କହୁଛନ୍ତି । ଅନ୍ୟପଟେ ନେତାମାନେ ନିଜ ସମର୍ଥକଙ୍କୁ ମୁଖ୍ୟ ପଦରେ ଅବସ୍ଥାପିତ ପାଇଁ ପ୍ରଶାସନ ଉପରେ ଚାପ ପକାଉଛନ୍ତି । ଯାହାକି କର୍ମକର୍ତ୍ତା ଚୟନ କରିବାରେ ଜିଲା ପ୍ରଶାସନର ମୁଣ୍ଡ ବ୍ୟାଥା ହୋଇଛି । ଅପରପକ୍ଷେ ମହୋତ୍ସବ ସକାଶେ ସମୟ ଗଡି ଯାଉଛି। ତେଣୁ ଅଳ୍ପ ସମୟ ମଧ୍ୟ ଭବ୍ୟ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ସଂଶୟ ସୃଷ୍ଟି ହୋଇଛି । ଗତ ବର୍ଷ କମ୍ ସମୟରେ ମହୋତ୍ସବ ଆୟୋଜନ ହୋଇଥିଲା । ଯାହାକି କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସମୟ ପର୍ଯ୍ୟନ୍ତ କାମ ଚାଲିଥିବା ନଜିର ରହିଛି।

ଅପରପକ୍ଷେ କଳା ସଂସ୍କୃତିକୁ ଆଗକୁ ବଢ଼ାଇବା ସହ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବାକୁ ଲୋକ ମହୋତ୍ସବ ଆୟୋଜିତ ହୋଇ ଆସୁଛି । ହେଲେ ନେତାମାନେ ନିଜ ପ୍ରଚାର ପ୍ରସାର କରିବାକୁ ଏକ ବଡ ମଞ୍ଚ ପାଉଛନ୍ତି । ତେଣୁ ସରକାରୀ ଟଙ୍କା ଖର୍ଚ୍ଚ କରି ପ୍ରଚାର କରିବା ଭଳି ଅଭିଯୋଗ ହେଉଛି। ୧୯୯୭ ମସିହାରୁ ଆରମ୍ଭ ହୋଇଥିବା ଏହି ଲୋକ ମହୋତ୍ସବର ବଜେଟ ସଂପ୍ରତି କୋଟିଏ ଟଙ୍କା ଅତିକ୍ରମ କରି ସାରିଥିବା ବେଳେ କଳେବର ପୂର୍ବାପେକ୍ଷା ଖୁବ୍ ଅଧିକ ବୃଦ୍ଧି ପାଇଛି । ଏହି କାରଣରୁ ମୁଖ୍ୟ ସଂଯୋଜକ, ସହ ସଂଯୋଜକ ଏବଂ ବିଭିନ୍ନ ଉପସମିତି ଆବାହକ ହେବା ପାଇଁ ଏବେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । ତେଣୁ ପ୍ରକୃତ ପକ୍ଷେ ଲୋକ ମହୋତ୍ସବ ଗାରିମାକୁ ସୁରକ୍ଷିତ ରଖିବାକୁ ହେଲେ କଳାକାରମାନଙ୍କୁ ପ୍ରାଧାନ୍ୟ ଦେବାକୁ ସମ୍ବଲପୁର ମହାନଗର ଅଞ୍ଚଳର କଳାପ୍ରେମୀମାନେ ପତ୍ର, ମେସେଜ ଓ ଫୋନ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଜିଲା ପ୍ରଶାସନିକ ଅଧିକାରୀମାନଙ୍କୁ ସୂଚିତ କରୁଛନ୍ତି । ଏନେଇ ପୂର୍ବତନ ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଭୋଲା ଶଙ୍କର ମହନ୍ତ କହିଛନ୍ତି, ପ୍ରସିଦ୍ଧ ଲୋକ ମହୋତ୍ସବକୁ ଜିଲା ପ୍ରଶାସନ ହାଲୁକା ଭାବେ ନେଉଛି । ଯାହାକୁ ନେଇ କଳାକାରମାନଙ୍କ ମଧ୍ୟରେ ଆୟୋଜନକୁ ନେଇ ସଂଶୟ ସୃଷ୍ଟି ହୋଇଛି । ତେଣୁ ଜିଲା ପ୍ରଶାସନ ପ୍ରଥମ ପ୍ରସ୍ତୁତି ବୈଠକରେ ପୂର୍ବ ଭଳି କର୍ମକର୍ତ୍ତା ଚୟନ କରିବା ଉଚିତ ଥିଲା । ଯାହାକି ଚୟନ ପ୍ରକ୍ରିୟାରେ ରାଜନୀତି ପଶି ନଥାନ୍ତା । ସେହିପରି ପୂର୍ବତନ ସହ ସଂଯୋଜକ ଅନୁପ ତରିଆ କହିଛନ୍ତି, ଜିଲା ପ୍ରଶାସନ ପୂର୍ବତନ ସଂଯୋଜକ, ସହ ସଂଯୋଜକମାନଙ୍କୁ ସମବେତ କରି, ସେମାନଙ୍କ ମତାମତ ନେବା ଉଚିତ । ଯଦ୍ୱାରା ଚୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସଠିକ ହେବା ସହ ତ୍ୱରିତ ହୋଇ ପାରିବ । କର୍ମକର୍ତ୍ତା ଚୟନକୁ ନେଇ ସମ୍ବଲପୁର ଜିଲା ସଂସ୍କୃତି ଅଧିକାରୀ ଅମୃତ ବେହେରାଙ୍କୁ ଯୋଗଯୋଗ କରାଯାଇଥିଲା । କିନ୍ତୁ ଏନେଇ ସେ ନିରୁତ୍ତର ରହିଥିଲେ ।


**OFFICE OF THE REGULATED MARKET COMMITTEE, KENDRAPARA**

At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)

No.H-

**SHORT TENDER CALL NOTICE**

Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

Sd./- Collector & D.M.-cum-Chairman, RMC, Kendrapara

OIPR-01580/11/0001/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରାଞ୍ଜଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳାଙ୍କୁ ୪ବର୍ଷ ଜେଲ

## ଫୁଟ୍‌ବଲ ଖେଳାଳିଙ୍କୁ ବ୍ଲାକ୍‌ମେଲ

ସିଓଲ, ୮।୧୨ (ଏପି)

ଫୁଟବଲ ଷ୍ଟାର ସନ୍ ହିଅଙ୍ଗ ମିନ୍‌ଙ୍କୁ ବ୍ଲାକ୍‌ମେଲ କରିଥିବା ଅଭିଯୋଗରେ ଦକ୍ଷିଣ କୋରିଆର ଏକ କୋର୍ଟ ଜଣେ ମହିଳାଙ୍କୁ ୪ବର୍ଷ ଜେଲ ଦଣ୍ଡ କରିଛି। ମହିଳା ଜଣଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ନାମ ୟାଙ୍ଗ୍ ବୋଲି ଜଣାପଡ଼ିଛି। ସେ ୟଙ୍ଗ ନାମକ ଜଣେ ପୁରୁଷ ବ୍ୟକ୍ତିଙ୍କ ସହ ମିଶି ଏକ ଷଡ଼ଯନ୍ତ୍ର କରିଥିଲେ। ୟାଙ୍ଗ ୨୦୨୪ରେ ସେ ସନ୍‌ଙ୍କ ନିକଟକୁ ଏକ ଶିଶୁର ଏକ ଅଲଟ୍ରା ସାଉଣ୍ଡ ଫଟୋ ପଠାଇ ଚୁପ୍ ରହିବା ଲାଗି ତାଙ୍କଠାରୁ ୩୦୦ ନିୟୁତ ଓନ୍ (୨୦୪,୦୦୦ ଡଲାର) ଟଙ୍କା ଦାବି କରିଥିଲେ। ସୋମବାର ସିଓଲ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ କୋର୍ଟ କହିଛନ୍ତି, ୟାଙ୍ଗ୍ ସନ୍‌ଙ୍କୁ ମିଛ କହିଛନ୍ତି। ତାଙ୍କ ପେଟରେ କାହାର ସନ୍ତାନ ଥିଲା ତାହାର ପ୍ରାମାଣିକ ତଥ୍ୟ ସେ ଦେଇପାରି ନ ଥିଲେ। କୋର୍ଟ କହିଛନ୍ତି ୟାଙ୍ଗ୍ ବ୍ଲାକ୍‌ମେଲ କରି ଅର୍ଥ ଆଦାୟ ଉଦ୍ୟମକୁ ଅସ୍ୱୀକାର କରିଛନ୍ତି। ସ୍ୱୀକାର କରିଥିବା ୟଙ୍ଗଙ୍କୁ ୨ ବର୍ଷ ଜେଲ ଦଣ୍ଡ ହୋଇଛି। ୩୩ ବର୍ଷୀୟ ସନ୍‌ଙ୍କୁ ଏସିଆର ଅନ୍ୟତମ ମହାନ୍ ଖେଳାଳି ବିବେଚନା କରାଯାଇଥାଏ। ପ୍ରିମିୟର ଲିଗ୍‌ରେ ଟୋଟେନହାମ୍ ହଟ୍‌ସ୍ପୁର ଦଳ ପାଇଁ ଏକ ଦଶନ୍ଧି ଧରି ଖେଳିବା ପରେ ଦକ୍ଷିଣ କୋରିଆର ଏହି ଫୁଟ୍‌ବଲ ଷ୍ଟାର ଗତ ଅଗଷ୍ଟରେ ଏଲ୍‌ଏଏଫ୍‌ସିରେ ଯୋଗ ଦେଇଛନ୍ତି। ଦକ୍ଷିଣ କୋରିଆ ନ୍ୟୁଜ ଏଜେନ୍ସି ୟନହାପ୍ ଗତ ମେ' ମାସରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଗତ ବର୍ଷ ଜୁନ୍‌ରେ ସନ୍‌ଙ୍କୁ ବ୍ଲାକମେଲ କରିଥିବା ଅଭିଯୋଗରେ ଜଣେ ୨୦ ବର୍ଷୀୟା ମହିଳା ଓ ଜଣେ ୪୦ ବର୍ଷୀୟ ପୁରୁଷ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି।

# ଓଡ଼ିଶା ଏଚ୍‌ପିସି ଚାମ୍ପିୟନ



ଚାମ୍ପିୟନ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଦଳ।

## ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ସୋମବାର ଦେଶବ୍ୟାପୀ ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଭୁବନେଶ୍ୱର ସିଟି ଲିଗ୍-୨୦୨୫ରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିୟନ ହୋଇଛି। କିଟ୍ ଓ କିସ୍ ରନରଅପ୍ ଏବଂ କଟକ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବି.କେ. ସ୍ୱାଇଁ, ଉପ ସଚିବ ସୌମ୍ୟ ସାର୍ଥକ ମିଶ୍ର ଓ ଓଡ଼ିଶା ହକି ସାଧାରଣ ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ୨୨ ଦେଶରୁ ଭାଗନେବେ ୫୭୮ ଖେଳାଳି

## ଆଜିଠୁ ଓଡ଼ିଶା ମାଷ୍ଟର୍ସ ସୁପର୧୦୦ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୨ ଦେଶରୁ ୫୭୮ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶାରୁ ମୋଟ ୧୩ ଖେଳାଳି ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିବେ। ଭାରତ ବ୍ୟତୀତ ମାଲେସିଆ, ଇଣ୍ଡୋନେସିଆ, ଚାଇନିଜ୍ ତାଇପେ, ଶ୍ରୀଲଙ୍କା, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ଜାପାନ, ହଂକଂ, ଇଜିପ୍ଟ, ଫିନ୍‌ଲାଣ୍ଡ, ସ୍ପେନ୍, ଇସ୍ରାଏଲ, ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ବୁଲଗେରିଆ, ଉଗାଣ୍ଡା, ଭେନେଜୁଏଲା, ସୌଦୀ ଆରବ, ରୁଷିଆ ଓ ୟୁକ୍ରେନରୁ ଖେଳାଳି ଭାଗନେବେ।

ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଖେଳାଳିଙ୍କ ମଧ୍ୟରେ ଆୟୁଷ ଦାଶ ଓ ଆର୍ଯ୍ୟ ମାଝି ପୁରୁଷ ସିଙ୍ଗଲ୍ସ, ହର୍ଷିତା ରାଉତ ଓ ତନଭି ପତ୍ରି ମହିଳା ସିଙ୍ଗଲ୍ସ, ଅବିନାଶ ମହାନ୍ତି, ଆୟୁଷ ପଟ୍ଟନାୟକ, କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରଣା, ମହିଳା ଡବଲ୍ସରେ ଋତପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ, ପୂର୍ବା ପ୍ରତ୍ୟାଶା ପଣ୍ଡା ଓ ବିଶାଖା ଟପ୍ପୋ ଏବଂ ମିକ୍ସଡ ଡବଲ୍ସରେ ଆୟୁଷ ଦାଶ, ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ ଓ ତନ୍ମୟ କୁମାର ରାଉତ ଅଂଶଗ୍ରହଣ କରିବେ। ବିଶ୍ୱର ଟପ୍ ର୍ୟାଙ୍କ୍‌ପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଭାରତର ଏଚ୍.ଏସ. ପ୍ରଣୟ (ବିଶ୍ୱ ର୍ୟାଙ୍କ୍-୩୪), ଥରୁନ ମାନ୍ନେପଲ୍ଲୀ (୪୧), ଫିନ୍‌ଲାଣ୍ଡର ଜୋଆକିମ ଓଲ୍ଡର୍ଫ (୪୩), ମହିଳା ଡବଲ୍ସରେ ବୁଲଗେରିଆର ଗାବ୍ରିଏଲା ସ୍ତୋଏଭା-ଷ୍ଟିଫାନି ସ୍ତୋଏଭା (୧୩), ମିକ୍ସଡ ଡବଲ୍ସରେ ରୋହନ କପୁର-ରୁଥଭିକା ଶିବାନୀ (୩୩), ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡା (୨୮) ଏବଂ ମହିଳା ଡବଲ୍ସରେ ଭାରତର ତ୍ରିଶା ଜୋଲି-ଗାୟତ୍ରୀ ଗୋପିଚାନ୍ଦ (୧୪) ଅନ୍ୟତମ। ଥରୁନ ମାନ୍ନେପଲ୍ଲୀ ୨୦୨୪ ଓଡ଼ିଶା ମାଷ୍ଟର୍ସରେ ରନରଅପ୍ ହୋଇଥିଲେ। ସେହିପରି ବିଶ୍ୱର ନାମୀ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ମହିଳା ଡବଲ୍ସରେ ବିଶ୍ୱର ଟପ୍-୨୦ରେ ଥିବା ବୁଲଗେରିଆର ସ୍ତୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଆପ୍ରିୟାନି ରାହାୟୁ-ସିତି ଫଦିଆ, ପୂର୍ବତନ ବିଶ୍ୱ ଜୁନିୟର ନଂ୧ ଥାଇଲାଣ୍ଡର ଲାଲିନରାତ ଚାଇୱାନ, ପୁରୁଷ ଡବଲ୍ସରେ ପୂର୍ବତନ ବିଶ୍ୱର ନଂ୧ ଇଣ୍ଡୋନେସିଆର ମହମ୍ମଦ ରିଆନ ଆର୍ଡିଆଣ୍ଟୋ ପ୍ରମୁଖ ଆକ୍ସନରେ ଦେଖିବାକୁ ମିଳିବେ।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଭୁବନେଶ୍ୱର ଫୁଟବଲ ଲିଗ୍ ଚାମ୍ପିୟନ କିଶୋର କ୍ଲବ ଦଳ।

# ଭୁବନେଶ୍ୱର ଫୁଟବଲ ଲିଗ୍ ;କିଶୋର କ୍ଲବ ଚାମ୍ପିୟନ

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗତିକୃଷ୍ଣ ସ୍ମାରକୀ ଭୁବନେଶ୍ୱର ଫୁଟବଲ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ଆର୍ଡୋର କ୍ଲବକୁ ୩-୦ ଗୋଲରେ ହରାଇ କିଶୋର କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଆଶିଷ ବେହେରା, ରାଜେଶ ନାୟକ ଓ ବାହୁଲ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆଶିଷ ବେହେରାଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରିଥିଲେ ଗତିକୃଷ୍ଣଙ୍କ ପୁଅ ଶିବ ପ୍ରସାଦ ପଣ୍ଡା। ଗତିକୃଷ୍ଣଙ୍କ ଅନ୍ୟତମ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା, ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ, ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପ୍ରମୁଖ ରେଫରିମାନଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କିଶୋର କ୍ଲବକୁ ଏବଂ ସମ୍ମାନିତ ଅତିଥି ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ ଆର୍ଡୋର କ୍ଲବକୁ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି: ୱେଲ୍ସକୁ ହରାଇଲା ଭାରତ

ସାଣ୍ଟିଆଗୋ (ଚିଲି), ୮।୧୨ (ପି.ଟି.)

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୯ମ ସ୍ଥାନ ପାଇଁ ହୋଇଥିବା ଏକ କ୍ଲାସିଫିକେଶନ ମ୍ୟାଚ୍‌ରେ କ୍ୱାର୍ଟରଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ୩-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି। ଦଳ ତରଫରୁ ହୀନା ବାନୋ (୧୪ତମ ମିନିଟ), ସୁନେଲିତା ଟପ୍ପୋ (୨୪ତମ) ଓ ଇଶିକା(୩୧ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ୱେଲ୍ସ ପାଇଁ ଏଲୋଇଜ୍ ମୋଟ୍ (୫୨ତମ) ଏକମାତ୍ର ଗୋଲ ଦେଇଥିଲେ। ପୁଲ୍ ପର୍ଯ୍ୟାୟରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିବା ଭାରତ ଶ୍ରେଷ୍ଠ ବାହାରେ ୯ମ ସ୍ଥାନ ଅଧିକାର କରିଛି।

# ଭାରତୀୟ ଦଳକୁ ଜରିମାନା

ଦୁବାଇ, ୮।୧୨ (ପି.ଟି.)

ରାୟପୁରଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର-ରେଟ୍ ପାଇଁ ଭାରତକୁ ସୋମବାର ସେମାନଙ୍କ ମ୍ୟାଚ୍ ଫିଁର ୧୦ପ୍ରତିଶତ ଜରିମାନା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଭାରତ ଏହି ମ୍ୟାଚରେ ପରାଜିତ ହେବାଦ୍ୱାରା ଦକ୍ଷିଣ ଆଫ୍ରିକା ସିରିଜ ୧-୧ ସ୍ତରକୁ ନେଇ ଆସିବାରେ ସମର୍ଥ ହୋଇଥିଲା। କେ.ଏଲ୍. ରାହୁଲଙ୍କ ଦଳ ଅନୁମତି ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ରିଚି ରିଚାର୍ଡସନ ଏହି ଦଣ୍ଡବିଧାନ କରିଛନ୍ତି। ରାହୁଲ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅନ୍‌ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ରୋହନ ପଣ୍ଡିତ, ତୃତୀୟ ଅମ୍ପାୟର ସାମ୍ ନଗ୍‌ଜାସ୍କି ଏବଂ ୪ର୍ଥ ଅମ୍ପାୟର ଓ ଜୟରମଣ ମଦନଗୋପାଳଙ୍କ ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା।

# 'ସାଇ'ରେ ୧୧୯୧ ପଦବୀ ଖାଲି

ନୂଆଦିଲ୍ଲୀ, ୮।୧୨ (ପି.ଟି.)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ୧,୦୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ଲୋକ ସଭାରେ କେରଳର ଆଟିଙ୍ଗଲ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସ୍ ଏମ୍‌ପିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏ ବିଷୟରେ ସୂଚନା ଦେଇଛନ୍ତି। ସାଇରେ ଉଭୟ ପାଣ୍ଠି ଓ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଥିବାରୁ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଉଦ୍‌ବେଗ ପ୍ରକାଶ କରିବା ପରେ ଏ ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ମାଣ୍ଡବ୍ୟ କହିଥିଲେ, ସରକାର ଏହି ପ୍ରସଙ୍ଗକୁ ନେଇ ପର୍ଯ୍ୟବେକ୍ଷଣ କରୁଛନ୍ତି। ସାଇରେ ମୋଟ ୧,୧୯୧ ପଦବୀ ଖାଲିପଡ଼ିଛି। କେତେକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସଭା ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଷ୍ଟାଣ୍ଡିଂ କମିଟି ଅଗଷ୍ଟରେ କ୍ରୀଡ଼ା ଉପରେ ଏହାର ରିପୋର୍ଟ ପ୍ରଦାନ କରିଥିଲା। କମିଟି ଜାଣିବାକୁ ପାଇଥିଲା ଯେ ବର୍ତ୍ତମାନ ସାଇରେ ମଞ୍ଜୁରିପ୍ରାପ୍ତ ୪୫ ପ୍ରତିଶତ ପଦବୀ ଖାଲିପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ କାମଚଳାଇବା ପାଇଁ ଅସ୍ଥାୟୀ ଭାବେ ଚୁକ୍ତିଭିତ୍ତିରେ କେତେକ ନିଯୁକ୍ତି ଦିଆଯାଇଥିବା କଥା ମଧ୍ୟ କମିଟି ପ୍ରକାଶ କରିଛି। ଏହି କମିଟିରେ ସ୍ଥାନ ପାଇଥିବା ସଦସ୍ୟମାନଙ୍କ ମଧ୍ୟରେ କ୍ରିକେଟର ତଥା ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭା ସଦସ୍ୟ ହରଭଜନ ସିଂ ଏବଂ ଭାଜପାର ଦୁଇ ଏମ୍‌ପି ସମ୍ବିତ ପାତ୍ର ଓ ବାଂସୁରୀ ସ୍ୱରାଜ ହେଉଛନ୍ତି ଅନ୍ୟତମ।


# Classified Everyday

0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735




All types of physiotherapy with massage, Contact number 9556924059/ 7656969134. D-2766

The massage felt totally professional! & comfortable at all times-7978109255. D-221

AFFIDAVIT

By virtue of an affidavit sworn before Executive Magistrate, Bhadrak, dated 03.12.2025, I, TIKI NAYAK, Address: At- Fakirpur, P.O.- Sahapur, P.S.- Pirahat, Bhadrak, Odisha, 756131 declare that I have changed the name of my daughter from Lila Nayak to Siprarani Nayak. Henceforth, she shall be known as Siprarani Nayak for all purposes.
Tiki Nayak
D-2780

By virtue of an Affidavit sworn before the Executive Magistrate, Bhubaneswar, dtd. 08.12.2025, I, SUSHREE SANGITA PATRA, W/o.- Satyajit Patra, permanent resident of At- Naharkanta, P.O.- Naharkanta, P.S.- Pahal, Dist.- Khordha, Odisha, PIN- 752101, declare that my name has been changed from SUSHREE SANGITA ROUTRAY to SUSHREE SANGITA PATRA. I shall be known as SUSHREE SANGITA PATRA for all future purposes.
Sushree Sangita Patra
D-2783

I, Debashree Debadarshini, daughter of Binod Chandra Pradhan, resident of B105, Centre Point, Sailashree Vihar, Phase 7, Chandrasekharpur, Bhubaneswar, Odisha, 751021 do hereby declare that in my official documents my husband's name has been wrongly mentioned as Chandrakant Sahoo, instead of his correct name Chandrakanta Sahoo. D-2781

By virtue of an affidavit sworn before the Executive Magistrate, Titilagarh, dated 17.11.2025, I, Kishor Chandra Dash, address: At- Sargiguda, P.O./P.S.- Titilagarh, Dist.- Bolangir, Odisha, PIN- 767033 declare that I have changed my Son's name from Arya Kumar Dash to Arya Kumar Gyanendra Dash. Henceforth, he shall be known as Arya Kumar Gyanendra Dash for all propose.
Kishor Chandra Dash
D-2784

ପାଠକଙ୍କ ପାଇଁ ସୂଚନା


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Kotagarh, dtd. 6.12.2025, I, Shankar Baliarsingh, Village- Srirampur, Post- Srirampur, P.S.- Kotagarh, Dist.- Kandhamal declare that now I have changed my minor son's name from Alibha Kumar Baliarsingh to Abhijit Baliarsingh. Hence forth my minor son will be known as Abhijit Baliarsingh for all purposes.
D-2782

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰କେଦାରନାଥ ସ୍ୱାଇଁ
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫
ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।
D-2785

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ଶରତ କୁମାର ଦାଶ (ଟୁକୁ)
ପୂଜାରୀପୁଟ, କୋରାପୁଟ
ଆବିର୍ଭାବ ୦୯.୦୮.୧୯୫୨
ତିରୋଧାନ ୨୮.୧୧.୨୦୨୫
(ମାର୍ଗଶୀର ଶୁକ୍ଳପକ୍ଷ ଅଷ୍ଟମୀ)
ବାବା ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସ୍ୱାଭିମାନ ଆମମାନଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ। ଆମମାନଙ୍କ ପ୍ରତି ଆପଣଙ୍କର ଆଶୀର୍ବାଦ ସର୍ବଦା ରହିଥାଉ।
ଶୋକସନ୍ତପ୍ତ - ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ
D-2786



LEGAL NOTICE

ଅର୍ଡର ୫ ରୁଲ୍ ୨୦(ଏ) ମତେ ନୋଟିସ୍
ପୁରୀ ମୁକାମ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପୁରୀ
ସି.ଏସ୍. ନଂ୧୬୧/୨୦୧୮ ନମ୍ବର

ବିଜୟ କୁମାର ତ୍ରିପାଠୀ , ବ୫୦ର୍ଷ, ପିତା- ୰ ରାମ ଚନ୍ଦ୍ର ତ୍ରିପାଠୀ, ସାକିନ: ବନମାଳୀପୁର, ସାମିଲ ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

..........ବାଦୀ

ବନାମ

୧. ମନିନ୍ଦ୍ର ପାଥିଶର୍ମା, ବ୭୦ର୍ଷ, ପିତା- ୰ ମଧୁସୂଦନ ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ। (ମୃତ)

୨. ମାନସୀ ପାଥିଶର୍ମା, ବ୪୪ର୍ଷ, ସ୍ୱାମୀ- ପ୍ରଶାନ୍ତ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

୩. ଜ୍ୟୋତିର୍ମୟୀ ପାଥିଶର୍ମା, ବ୩୮ର୍ଷ, ସ୍ୱାମୀ- ଦିଲ୍ଲିପ କୁମାର ରଥ, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ/ପୋଷ୍ଟ- ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଜିଲ୍ଲା- କେନ୍ଦ୍ରାପଡା।

୪. ମୀନାକ୍ଷୀ ପାଥିଶର୍ମା, ବ୩୬ର୍ଷ, ମାର୍ଫତ- ଚନ୍ଦ୍ରଶେଖର ପାଟଯୋଶୀ, ସାକିନ/ପୋଷ୍ଟ- କୁମ୍ଭାରପଡା, କୁଶା ସାହି, ଥାନା- କୁମ୍ଭାରପଡା, ଜିଲ୍ଲା- ପୁରୀ।

୫. ଚିନ୍ମୟୀ ପାଥିଶର୍ମା, ବ୩୦ର୍ଷ, ସ୍ୱାମୀ- ସମ୍ବିତ୍ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ମାର୍ଫତ- ସୀତାକାନ୍ତ ମହାପାତ୍ର, ସାକିନ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

...........ପ୍ରତିବାଦୀମାନେ।

ଏହିକି ଉପରୋକ୍ତ ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନଂ୨ ଓ ୩ନମ୍ବର ଥାଇ ତୁମ୍ଭକୁ ତୁମ୍ଭର ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଅଛି ଯେ ତା.୦୫.୦୧.୨୦୨୬ରିଖ ଦିବା ୧୦.୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ସମ୍ପତ୍ତିର ବିବରଣୀ

ଜିଲ୍ଲା- ପୁରୀ, ମୌଜା- ଜଗନ୍ନାଥବଲ୍ଲଭ, ଖାତା ନଂ୧୬୮ନମ୍ବର, ପ୍ଲଟ ନଂ୧୦୪୩ନମ୍ବର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୨୫ଟ×(ଉତ୍ତର-ଦକ୍ଷିଣ)= ଫୁ୬ଟ

ଖାତା ନଂ୩୦୨ନମ୍ବର, ପ୍ଲଟ ନଂ୧୦୪୨ନମ୍ବର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୩୩ଟ × (ଉତ୍ତର-ଦକ୍ଷିଣ) ପ୍ରସ୍ଥ ଦକ୍ଷିଣ ତରଫ ଫୁ୬ଟ ଓ ଉତ୍ତର ତରଫ ପ୍ରସ୍ଥ ଫୁ୫ଟ।

ସ୍ୱା-ସିଭିଲ୍ ଜଜ୍, କନିଷ୍ଠ ବିଭାଗ, ପୁରୀ
D-2787

# ଦୁରାରୋଗ୍ୟ ନୁହେଁ ଏଣ୍ଡୋମେଟ୍ରିଓସିସ୍

ଏଣ୍ଡୋମେଟ୍ରିଓସିସ୍ ମହିଳାଙ୍କଠାରେ ଦେଖାଦେଉଥିବା ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହାକି ପ୍ରାରମ୍ଭିକ ପର୍ଯ୍ୟାୟରେ ସହଜରେ ଚିହ୍ନଟ ହୋଇପାରି ନ ଥାଏ। ତେଣୁ ଅନେକେ ଏହାକୁ ସାଧାରଣ ଯନ୍ତ୍ରଣା ମନେକରି ଅବହେଳା କରିବସନ୍ତି, ଯାହାକି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ରୂପ ବି ନେଇପାରେ। ହେଲେ ପରିସ୍ଥିତି ଅସହ୍ୟ ହେବା ଯାଏ ଅପେକ୍ଷା ନ କରି ଏହାର କୌଣସି ଲକ୍ଷଣ ଦେଖାଦେବାମାତ୍ରେ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଜଣେ ମହିଳା ସୁସ୍ଥ ରହିପାରିବେ ସେଥିରେ ସନ୍ଦେହ ନାହିଁ...



ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏକ ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ପ୍ରାୟ ୨.୫ରୁ ୪.୩ କୋଟି ମହିଳା ଏହି ସମସ୍ୟା ଦେଇ ଗତି କରୁଛନ୍ତି। ତେବେ ଅତ୍ୟନ୍ତ ପରିତାପର ବିଷୟ, ସେମାନଙ୍କ ମଧ୍ୟରୁ ଅନେକେ ଯଥା ସମୟରେ ଚିକିତ୍ସା କରାଇ ନ ପାରିବାରୁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ଏଣ୍ଡୋମେଟ୍ରିଓସିସ୍ କ'ଣ:** ଗର୍ଭାଶୟର ଭିତର ପରସ୍ତ ବା ଏଣ୍ଡୋମେଟ୍ରିଅମ୍‌ର କିଛି ଟିସୁ ଯଦି ଗର୍ଭାଶୟର ବାହାରେ, ଫ୍ୟାଲୋପିଆନ୍ ଟ୍ୟୁବ୍, ଓଭାରି କିମ୍ବା ଖାଦ୍ୟନଳୀରେ ବଢ଼ିଯାଏ ତେବେ ଏହାକୁ ଏଣ୍ଡୋମେଟ୍ରିଓସିସ୍ କୁହାଯାଏ। ହର୍‌ମୋନାଲ ପରିବର୍ତ୍ତନ ବା ଅଧିକ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଦ୍ୱାରା ଏହା ଧୀରେ ଧୀରେ ବୃଦ୍ଧିପାଇଥାଏ। ଏହାଦ୍ୱାରା ପାଖରେ ଥିବା ଅନ୍ୟ ଟିସୁଗୁଡ଼ିକରେ ଫୁଲିବା, ଜଳିବା, ଘା' ବା ସ୍କାର୍ ଟିସୁ ହେବା ସହ ଏଥିଯୋଗୁ ବିଭିନ୍ନ ଅର୍ଗାନ୍ ଯୋଡ଼ିହୋଇଯିବା ଭଳି ସମସ୍ୟା ଉପୁଜିଥାଏ। ତେବେ ଏହା କ୍ଷଣସ୍ଥାୟୀ ସମସ୍ୟା ନୁହେଁ ଯାହା ଆରମ୍ଭ ହେବା ମାତ୍ରେ ଜଣାପଡ଼ିଯାଏ ଏବଂ ତୁରନ୍ତ ଔଷଧ ସେବନ ଦ୍ୱାରା କମ୍ ହୋଇଯାଇଥାଏ। ଏହା ଏକ କ୍ରନିକ୍ ବା ଅଧିକ ଦିନ ଧରି ଲାଗି ରହୁଥିବା ସମସ୍ୟା ଯାହା ଜଣାପଡ଼ିବା ଲାଗି ପ୍ରାୟ ୬-୭ ବର୍ଷ ସମୟ ଲାଗିଥାଏ।



**ଲକ୍ଷଣ:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ମୁଖ୍ୟତଃ କେତେକ ଲକ୍ଷଣରୁ ଜଣାପଡ଼ିଥାଏ। ଯାହା ମଧ୍ୟରୁ ମାସିକ ରକ୍ତସ୍ରାବ ବା ପିରିୟଡ୍ ସମୟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ ହେବା, ପେଲ୍‌ଭିକ୍ ପେନ୍, ଅଧିକ ରକ୍ତସ୍ରାବ ହେବା ଆଦି ସବୁଠୁ ପ୍ରମୁଖ କାରଣ, ଯାହାକୁ ସାଧାରଣ ଯନ୍ତ୍ରଣା ଭାବି ଅବହେଳାକରି ବସନ୍ତି। ହେଲେ ବୟସ ବଢ଼ିବା ସହ ଧୀରେ ଧୀରେ ଅଧିକ କଷ୍ଟଦାୟକ ହୋଇଥାଏ। ଏହା ବ୍ୟତୀତ ଅନେକଙ୍କଠାରେ କନ୍‌ଷ୍ଟିପେଶନ ବା ମଳତ୍ୟାଗ ସମୟରେ କଷ୍ଟହେବା, ପରିସ୍ରା କରିବା ବେଳେ ଯନ୍ତ୍ରଣା ଅନୁଭବ କରିବା, ପେଟ ଫୁଲିବା ବା ବ୍ଲୋଟିଂ ହେବା ଭଳି ସମସ୍ୟା ଦେଖାଯାଏ। ବିବାହିତ ମହିଳାଙ୍କଠାରେ ସହବାସ ସମୟରେ ମଧ୍ୟ ଅତ୍ୟନ୍ତ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏଥିପାଇଁ କେତେଜଣ ମହିଳାଙ୍କ ଠାରେ ଗର୍ଭଧାରଣ କରିବାରେ ବି ଜଟିଳତା ବା ଇନ୍‌ଫର୍ଟିଲିଟି ସମସ୍ୟା ଦେଖାଦେଇଥାଏ। ଯେଉଁ ଯୁବତୀ ବା ମହିଳାଙ୍କ ପରିବାରରେ ପୂର୍ବରୁ ମା' କିମ୍ବା ଭଉଣୀଙ୍କଠାରେ ଏହି ରୋଗ ପୂର୍ବରୁ ଥାଏ ତେବେ ସେମାନଙ୍କ କ୍ଷେତ୍ରରେ ଏହା ହେବା ଆଶଙ୍କା ଅଧିକ।



**ଚିକିତ୍ସା:**

– ଯଦିଓ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇ ନ ଥାଏ, ହେଲେ ଚିକିତ୍ସା, ସର୍ଜରି ଓ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ବହୁମାତ୍ରାରେ ସମସ୍ୟା କମ୍ କରାଯାଇପାରେ। ଏହାର ଚିକିତ୍ସା ଲାଗି ମୁଖ୍ୟତଃ ପେନ୍ କିଲର ବା ଓଭର ଦ କାଉଣ୍ଟର ମେଡିସିନ ଦିଆଯାଇ ରୋଗୀର କଷ୍ଟ କମ୍ କରାଯାଇଥାଏ।

– ବିଭିନ୍ନ ହର୍‌ମୋନ୍ ଥେରାପି, ଇଞ୍ଜେକ୍ସନ୍ ଆଦି ଦିଆଯାଇ ରୋଗୀର ଇଷ୍ଟ୍ରୋଜେନ୍ ହର୍‌ମୋନ ସ୍ତରକୁ ନିୟନ୍ତ୍ରଣରେ ରଖାଯାଇଥାଏ, ଫଳରେ ଏଣ୍ଡୋମେଟ୍ରିଓସିସ୍‌ର ଆକାର ବୃଦ୍ଧି ପାଇ ନ ଥାଏ ଏବଂ କଷ୍ଟ କମ୍ ହୋଇଥାଏ।

**କେବେ ଆବଶ୍ୟକ ସର୍ଜରି:** ଏହି ରୋଗରେ ସମସ୍ତଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇ ନ ଥାଏ। ଆରମ୍ଭରୁ ରୋଗ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ଆରୋଗ୍ୟ ହେବା ସମ୍ଭାବନା ଅଧିକ ଥାଏ। ହେଲେ ଯଦି ସମସ୍ୟା ଅଧିକ ଜଟିଳ ହୋଇଯାଇଥାଏ ଏବଂ ଔଷଧ ସେବନ କିମ୍ବା ଅନ୍ୟ ଚିକିତ୍ସା ଉପାୟରେ ରୋଗ ଠିକ୍ ହୋଇ ନ ପାରେ, ତେବେ ସେହି ମହିଳାଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇଥାଏ। ଲାପାରୋସ୍କୋପି ସର୍ଜରି ଦ୍ୱାରା ଏଣ୍ଡୋମେଟ୍ରିଓସିସ୍ ଟିସୁକୁ କାଢ଼ି ଦିଆଯାଇଥାଏ।

**ଫର୍ଟିଲିଟି ଚିକିତ୍ସା:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟାରେ ପୀଡ଼ିତ କେତେଜଣ ମହିଳାଙ୍କ ଠାରେ ପ୍ରଜନନ କ୍ଷମତା ବାଧାପ୍ରାପ୍ତ ହୋଇଥାଏ ଏବଂ ଗର୍ଭଧାରଣ କରିବାରେ ବି ଜଟିଳତା ଦେଖାଦେଇଥାଏ। ଏମିତିକି କେତେକଙ୍କ କ୍ଷେତ୍ରରେ ଏହା ଇନ୍‌ଫର୍ଟିଲିଟି ବା ବନ୍ଧ୍ୟାଦୋଷର କାରଣ ସାଜିଥାଏ। ଏହାର ଚିକିତ୍ସା ପାଇଁ ଆଇଭିଏଫ୍ (ଇନ୍‌ଭିଟ୍ରୋଫର୍ଟିଲାଇଜେଶନ) ଚିକିତ୍ସା ଅନେକଙ୍କ ପାଇଁ ଏକ ବରଦାନ ସଦୃଶ କାମ କରିଥାଏ।

ଏଣ୍ଡୋମେଟ୍ରିଓସିସ୍‌ର କୌଣସି ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ସ୍ତ୍ରୀରୋଗ ବିଶେଷଜ୍ଞ କିମ୍ବା ଏଣ୍ଡୋମେଟ୍ରିଓସିସ୍ ରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଅଲଟ୍ରାସାଉଣ୍ଡ କିମ୍ବା ଏମ୍‌ଆର୍‌ଆଇ ଦ୍ୱାରା ରୋଗ ଚିହ୍ନଟକରି ଚିକିତ୍ସା କରାଇନେବା ସହ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଏବଂ ଯୋଗ, ବ୍ୟାୟାମ କରିବା ଦ୍ୱାରା ଏହି ରୋଗରୁ ଉପଶମ ପାଇପାରିବେ ଓ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇପାରିବେ।

*-ଡା. ଭାରତ ଭୂଷଣ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ମଣିପାଲ ହସ୍ପିଟାଲ, ଭୁବନେଶ୍ୱର, ମୋ- ୮୨୮୦୧୧୭୮୮୯*



ଖାଦ୍ୟରୁଚି

## ଟର୍ମରିକ୍ ଟି



**ଆବଶ୍ୟକ ସାମଗ୍ରୀ:** ୩ କପ୍ ପାଣି, ଅଧା ଚାମଚ ଅଦା ଛେଚା, ୧.୧୫ ଇଞ୍ଚ କଞ୍ଚା ହଳଦୀ, ଚିମୁଟାଏ ଲେଖାଏ ଡାଲଚିନି ଏବଂ ଗୋଲମରିଚ ,୮-୧୦ଟି ଗୋଲାପ ପାଖୁଡ଼ା, ୨-୩ ବୁନ୍ଦା ଲେମ୍ବୁରସ, ମହୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ଏକ ସସ୍‌ପ୍ୟାନ୍ ବସାଇ ୩ କପ୍ ପାଣି ଗରମ କରନ୍ତୁ। ପାଣି ଫୁଟିବା ଆରମ୍ଭ ହେଲେ ସେଥିରେ ଛେଚା ଅଦା ଏବଂ ହଳଦୀ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ସେଥିରେ ଗୋଲାପ ପାଖୁଡ଼ା, ଡାଲଚିନି ଏବଂ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଚୁଲା ବନ୍ଦକରି ଚା'କୁ କପ୍‌ରେ ଛାଣିଦିଅନ୍ତୁ। ସେଥିରେ ଲେମ୍ବୁରସ ଏବଂ ସ୍ୱାଦାନୁସାରେ ମହୁ ପକାଇ ପିଅନ୍ତୁ। ଏହା ନା କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେ ବରଂ ଏହାକୁ ପିଇଲେ ଶରୀରର ଇମ୍ୟୁନିଟି ପାୱାର ମଧ୍ୟ ବଢ଼ିଥାଏ।

## ରାତ୍ରିଭୋଜନ ବିଳମ୍ବରେ କରୁଥିଲେ

ବିଭିନ୍ନ କାର୍ଯ୍ୟବ୍ୟସ୍ତତା ସହ ପରିବାର ସଦସ୍ୟ ଓ ପିଲାଙ୍କ ଖାଇବା ପରେ ଅଧିକାଂଶ ମହିଳା ରାତ୍ରିଭୋଜନ ବିଳମ୍ବରେ କରିଥା'ନ୍ତି। ହେଲେ ନିଜ ଖାଦ୍ୟ ପ୍ରତି ଅବହେଳା କରିବସିବା ଯେ ଅପରପକ୍ଷେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ଦିଗରେ ସେମାନେ ଯତ୍ନଶୀଳ ନ ଥାନ୍ତି। ଯଦି ଆପଣଙ୍କର ବି ରାତ୍ରିଭୋଜନ ବିଳମ୍ବରେ କରିବାର ଅଭ୍ୟାସ ରହିଛି ତେବେ କେତୋଟି କଥା ନିହାତି ଜାଣିରଖନ୍ତୁ...




**ମେଦବହୁଳତା:** ଡେରିରେ ଖାଇବା ଦ୍ୱାରା ଖାଦ୍ୟ ହଜମ ନ ହୋଇ ପାରିବା କାରଣରୁ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମାହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

**ଦେଖାଦିଏ ପାଚନ ସମସ୍ୟା:** ରାତି ଖାଇବା ଡେରି ହେଲେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକେ ବିଳମ୍ବରେ ଖାଉଥିବାରୁ ସଙ୍ଗେ ସଙ୍ଗେ ଶୋଇପଡ଼ନ୍ତି। ଫଳରେ ବଦହଜମି, ଏସିଡିଟି ହେବା ସହ ଛାତି ଜଳିବା, ଆମ୍ବିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ପ୍ରତ୍ୟେକ ମହିଳା ରାତିରେ ବିଳମ୍ବ ନ କରି ପ୍ରତିଦିନ ଖାଇବାର ଏକ ଠିକ୍ ସମୟ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହାଦ୍ୱାରା ଖାଇବା ପରେ ଅଳ୍ପ ସମୟ ଚାଲବୁଲ କିମ୍ବା ଘରର କାମ କରିବା ପାଇଁ ସମୟ ମିଳିବ, ଯାହାକି ଖାଦ୍ୟ ଭଲ ଭାବେ ହଜମ ହେବାରେ ସାହାଯ୍ୟ କରିବ।

**ଦେଖାଦିଏ ନିଦ୍ରାହୀନତା:** ଅନେକ ମହିଳା ରାତିରେ ନିଦ ହେଉ ନ ଥିବା ନେଇ ଅଭିଯୋଗ କରିଥାଆନ୍ତି। ହେଲେ ଏକ ଗବେଷଣା ରିପୋର୍ଟ ମୁତାବକ ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମୀ, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କଠାରେ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।

**ପ୍ରଭାବିତ କରେ ମାନସିକ ସ୍ୱାସ୍ଥ୍ୟ:** ବିଳମ୍ବିତ ରାତିରେ ଖାଇବା ଦ୍ୱାରା ହଜମକ୍ରିୟା ବାଧାପ୍ରାପ୍ତ ହେବା ସହ ଠିକ୍ ଭାବେ ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏସବୁ ସମସ୍ୟାଠୁ ଦୂରେଇରହିବା ଲାଗି ପ୍ରତିଦିନ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ।



ସୌନ୍ଦର୍ଯ୍ୟ

## ସ୍କିନ୍ ଗ୍ଲୋ ବଢ଼ାଏ କିୱି

ତ୍ୱଚାରେ ଦାଗ, ଟ୍ୟାନିଂ, ସ୍କିନ୍‌ଟୋନ୍ ଡଲ୍ ଲାଗିବା ଭଳି ସମସ୍ୟା ଦେଖାଦେଲେ ମହିଳାମାନଙ୍କ ଚିନ୍ତା ବଢ଼ିଯାଏ। ଏହା ଦୂରକରିବା ଲାଗି ଭିଟାମିନ୍ ସି, ଇ ଓ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ କିୱି ବେଶ୍ ଉପକାରୀ। ଜାଣନ୍ତୁ କିପରି ଏହାକୁ ବ୍ୟବହାର କରି ନିଜ ସ୍କିନ୍‌କୁ ଫ୍ଲଟ୍‌ଲେସ୍ ଏବଂ ଗ୍ଲୋଇଂ କରିପାରିବେ...



**ଦହି, କିୱି ପ୍ୟାକ୍:** କିୱିକୁ କାଟି ଏହାର ପଲ୍ପ ବାହାର କରନ୍ତୁ। ୨ଚାମଚ ଏହି ପଲ୍ପ ସହ ୨ଚାମଚ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରଥମେ ମୁହଁକୁ ମାଇଲ୍ଡ ଫେସ୍‌ୱାସ୍ ଲଗାଇ ଧୋଇଦିଅନ୍ତୁ। ଧୀରେ ଧୀରେ ମୁହଁ ପୋଛି ଦିଅନ୍ତୁ ଏବଂ ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। ମନେରଖନ୍ତୁ ତ୍ୱଚାକୁ ଆଦୌ ରଗଡ଼ନ୍ତୁ ନାହିଁ। ପ୍ୟାକ୍ ଛଡ଼ାଇବା ପରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଚମକ ବଢୁଥିବା ନିଜେ ଜାଣିପାରିବେ।

**କିୱି, ଅଣ୍ଡା ପ୍ୟାକ୍:** ଏକ ବଡ଼ ଚାମଚ କିୱି ପଲ୍ପ ନିଅନ୍ତୁ। ସେଥିରେ ୧ ଚାମଚ ଅଣ୍ଡାର ଧଳା ଅଂଶ, ଅଧା ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ମୁହଁକୁ ପାଣିରେ ଧୋଇ ଧୀରେ ଧୀରେ ପୋଛି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୫-୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ଧୀରେ ଧୀରେ ସ୍କିନ୍‌ଟୋନ୍ ବଢ଼ିବା ସହ ଗ୍ଲୋ ମଧ୍ୟ ଆସିବ।

**ଆଲ୍‌ମଣ୍ଡ-କିୱି ପ୍ୟାକ୍:** ୪-୫ଟି ଆଲମଣ୍ଡକୁ ୫-୬ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହା ଭିଜିଗଲା ପରେ ଚୋପା ଛଡ଼ାଇ ବାଟିଦିଅନ୍ତୁ। ସେଥିରେ ୧ ଚାମଚ ବେସନ, ୧ ଚାମଚ କିୱି ପଲ୍ପ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ଧୀରେ ଧୀରେ ତ୍ୱଚାରୁ ସମସ୍ତ ଦାଗ ଚାଲିଯିବ ଏବଂ ତ୍ୱଚା ଅଧିକ ସୁନ୍ଦର ଓ ଗ୍ଲୋଇଂ ଦେଖାଯିବ।



ଧରିତ୍ରୀ 52 Years

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ Bhubaneswar, Tuesday, December 9/ 2025

# ବାରବାଟୀ ପ୍ରସ୍ତୁତ

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ପ୍ରସ୍ତୁତ। ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦। ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚର ସାକ୍ଷୀ ରହିବ ଏହି ଐତିହାସିକ ଷ୍ଟାଡିୟମ...**

## ପରୀକ୍ଷାର କିଛି ଦିନ ପୂର୍ବରୁ ପଢ଼ା ଆରମ୍ଭ କରାଯାଏ ନାହିଁ



ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।


କଟକ,୮।୧୨(ଅନାଦି କର)

ପରୀକ୍ଷାରେ ଭଲ କରିବା ପାଇଁ ଯେମିତି ବର୍ଷ ତମାମ ପଢ଼ାଯାଏ, ଆମେ ସେହିଭଳି ବର୍ଷ ସାରା ପ୍ରସ୍ତୁତି କରିଛୁ। ପରୀକ୍ଷା ପୂର୍ବରୁ ଯେମିତି ୪ ଦିନ ପଢ଼ିଲେ କିଛି ହେବ ନାହିଁ। ସେଭଳି ଆମେ ବିଶ୍ୱକପ୍ ଲାଗି ପ୍ରସ୍ତୁତ କରୁ ନାହୁଁ। ଗତ ବର୍ଷ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ଆମେ ପ୍ରସ୍ତୁତି କରୁଛି। ସେବେଠାରୁ ଆମେ ନୂଆ ନୂଆ ଖେଳାଳିଙ୍କୁ ଟ୍ରାଏ କରୁଛୁ ଏବଂ ସବୁକିଛି ଆମ ସପକ୍ଷରେ ଯାଇଛି। ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି।

ମୋ ମତରେ ଆମେ ଖେଳିଥିବା ଗତ ୫ରୁ ୬ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛୁ। ଆମେ ପ୍ରାୟ ସମାନ କମ୍ବିନେଶନ ସହ ପ୍ରତ୍ୟେକ ମ୍ୟାଚ୍ ଖେଳି ଜିତିଛୁ। ଆମେ ନିର୍ଦ୍ଦିଷ୍ଟ ଭାବେ ଏହି ସିରିଜ୍ ଲାଗି ଅଧିକ କିଛି ପରିବର୍ତ୍ତନ କରି ନାହୁଁ। ସବୁ କିଛି ଠିକ ଚାଲିଛି। ଏଣୁ ଆମେ ସେହିଭଳି ଖେଳିବାକୁ ଚାହୁଁ। ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲରାଉଣ୍ଡଙ୍କ ଉପସ୍ଥିତି ସହାୟତା ହେବ। କାରଣ ସେ ନୂଆ ବଲରେ ଏବଂ ଡେଥ ଓଭରରେ ମଧ୍ୟ ବୋଲିଂ କରନ୍ତି। ତାଙ୍କ ଉପସ୍ଥିତି ଦଳକୁ ସନ୍ତୁଳନ ପ୍ରଦାନ କରିବା ସହ ଆମ ପାଇଁ ଅନେକ କିମ୍ବନେଶନ ବ୍ୟବହାର କରିବା ଲାଗି ବାଟ ଖୋଲିଦିଏ। ମୋ ମତରେ ତାଙ୍କ ଅଭିଜ୍ଞତା ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଆଇସିସି ଇଭେଣ୍ଟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରନ୍ତି ବୋଲି ଟିମ୍ କମ୍ବିନେଶନ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସୂର୍ଯ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କଠାରୁ ଆଗୁଆ ଆସିଥିବା ହାର୍ଦ୍ଦିକ ରବିବାର ସନ୍ଧ୍ୟାରେ ବାରବାଟୀରେ ପ୍ରାକ୍ଟିସ କରିଥିଲେ। ଏଣୁ ସୋମବାର ଦଳର ଅପ୍ସନାଲ ପ୍ରାକ୍ଟିସରେ ଭାଗ ନେଇ ନ ଥିଲେ। ଏତଦ୍ ବ୍ୟତୀତ ଦଳରୁ ବାଦ୍ ପଡ଼ିଥିବା ରିଙ୍କୁ ସିଂଙ୍କୁ ଶିବମ ଦୁବେଙ୍କ ସହ ତୁଳନା କରାଯିବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଦୁବେ ଜଣେ ଅଲରାଉଣ୍ଡର। ଏଣୁ ତାଙ୍କୁ ଓ ହାର୍ଦ୍ଦିକଙ୍କୁ ଅନ୍ୟ ଖେଳାଳିଙ୍କ ସହ ତୁଳନା କରାଯିବା ଉଚିତ ନୁହେଁ। ସବୁଠୁ ବଡ଼ କଥା ହେଲା ଯେ, ଆମ ଦଳର ୩ରୁ ୭-ନଂ ପର୍ଯ୍ୟନ୍ତ ବ୍ୟାଟର ଯେକୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ଦକ୍ଷ। ବ୍ୟାଟିଂ ଲାଇନ୍‌ରେ ଓପନରଙ୍କୁ ଛାଡ଼ି ଦେଲେ ଅନ୍ୟ ବ୍ୟାଟରଙ୍କ ଲାଗି କୌଣସି ନିର୍ଦ୍ଦିଷ୍ଟ ପୋଜିଶନ ନାହିଁ। ମ୍ୟାଚ୍‌ର ପରିସ୍ଥିତିକୁ ଦେଖି ସେମାନଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରାଯିବ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ଦୁବେ ନଂ-୩ ପୋଜିଶନକୁ ପ୍ରମୋଟ କରାଯାଇଥିଲା।


ବାରବାଟୀରେ ସୋମବାର ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।



ଶୁବମନ ଗିଲ୍, ଅକ୍ଷର ପଟେଲ, ଅଭିଷେକ ଶର୍ମା, ଶିବମ୍ ଦୁବେ ଓ ୱାଶିଂଟନ ସୁନ୍ଦରଙ୍କ ଅଭ୍ୟାସ।

## ଖେଳାଳିଙ୍କ ଅଭ୍ୟାସ ଦେଖିବାକୁ ଗ୍ୟାଲେରିରେ ଭିଡ଼

କଟକ,୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀରେ ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ୍ ଖେଳା ଯିବାକୁ ଥିବାବେଳେ ଏହାକୁ ନେଇ ଓଡ଼ିଶାର ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା.୫୦ରେ ଭାରତୀୟ ଦଳ ନେଟ୍ ପ୍ରାକ୍ଟିସ ଲାଗି ପହଞ୍ଚିଥିଲା। ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ପ୍ରାୟ ୪ରୁ ୫୦୦୦ ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦଳ ବାରବାଟୀରେ ପହଞ୍ଚି ଫ୍ଲଡ୍ ଲାଇଟ୍ସରେ ନେଟ୍ସ ପ୍ରାକ୍ଟିସ କରିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନେଟ୍ସ ଦେଖିବା ପାଇଁ ଦର୍ଶକଙ୍କ ନିମନ୍ତେ ପ୍ରଥମେ ୬ ଓ ୭ ନଂ ଗ୍ୟାଲେରିକୁ ଖୋଲା ଯାଇଥିଲା। ପରେ ଦର୍ଶକଙ୍କ ସଂଖ୍ୟା ବଢ଼ିବାରୁ ୧ ଓ ୨ ନଂ ଗ୍ୟାଲେରିକୁ ମଧ୍ୟ ଖୋଲିବାକୁ ପଡିଥିଲା। ଶୀତୁଆ ସନ୍ଧ୍ୟାରେ ଗ୍ୟାଲେରିଗୁଡିକ ଲୋକାରଣ୍ୟ ହୋଇ ଉଠିଥିଲା। ଖେଳାଳିମାନେ ପଡ଼ିଆରେ ପ୍ରବେଶ କରୁଥିବା ବେଳେ ଦର୍ଶକମାନେ କୋଳାହଳ ମାଧ୍ୟମରେ ସେମାନଙ୍କୁ ସ୍ୱାଗତ କରିଥିଲେ। ଅଧିକ ସଂଖ୍ୟକ ଦର୍ଶକଙ୍କୁ ଦେଖି ଖେଳାଳିମାନେ ମଧ୍ୟ ଉତ୍ସାହିତ ହୋଇଥିଲେ। ଅଭ୍ୟାସ ପରେ ଖେଳାଳିମାନେ ଗ୍ରାଉଣ୍ଡରୁ ଫେରୁଥିବା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହାତରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଅଭ୍ୟାସ ବେଳେ ଗ୍ରାଉଣ୍ଡରେ ନିଯୁକ୍ତ ଥିବା ଜଣେ କର୍ମଚାରୀ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଷ୍ଟ୍ରେଚର ଯୋଗେ ଗ୍ରାଉଣ୍ଡରୁ ବାହାରକୁ ନିଆଯାଇଥିଲା।

### କଏନ, ଚାର୍ଜର, ପାଣି ବୋତଲ ମନା

ମଙ୍ଗଳବାର ସନ୍ଧ୍ୟା ୭ଟାରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆରମ୍ଭ ହେବାକୁ ଥିବାବେଳେ ପ୍ରାୟ ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକଙ୍କୁ ଷ୍ଟାଡିୟମ ପରିସରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ମ୍ୟାଚପାଇଁ ଦର୍ଶକଙ୍କଲାଗି ବାରଣ କରାଯାଇଥିବା ସାମଗ୍ରୀ ମଧ୍ୟରେ କଏନ, ମୋବାଇଲ ଚାର୍ଜର, ପାଣି ବୋତଲ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାମିଲ ରହିଛି।

ସାଧାରଣ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ପ୍ରତ୍ୟେକ ଗ୍ୟାଲେରିରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି।

### ଉପସ୍ଥିତ ରହିବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ସେହିପରି ମ୍ୟାଚ୍‌ରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିସହିତ ବାରବାଟୀରେ ପ୍ରଥମକରି ମ୍ୟାଚ୍ ପୂର୍ବରୁ ଓ ମଧ୍ୟାନ୍ତରରେ ଡିଏମ୍ଏକ୍ସ ଶୋ (ଲାଇଟ୍ ଶୋ) କରାଯିବ। ସେହିପରି ଯେଉଁ ଦର୍ଶକ ଷ୍ଟାଡିୟମ ପରିସରକୁ ଆସି ମ୍ୟାଚ୍ ଦେଖିବାରୁ ବଞ୍ଚିତ ରହିବେ, ସେମାନଙ୍କ ପାଇଁ ଖାସ୍ କରି ଉପର ଓ ତଳ ବାଲିଯାତ୍ରା ପଡ଼ିଆ ସହ ଇନଡୋର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ଏଠାରେ ଦର୍ଶକଙ୍କ ପାଇଁ ଏଲ୍ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଛି।

## ଆମେ ଏଣ୍ଟରଟେନିଂ କ୍ରିକେଟ ଖେଳିବୁ: ମାରକ୍ରମ

କଟକ,୮।୧୨(ଅନାଦି କର)

ଗତ ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ପରାଜିତ ହୋଇ ରନର ଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ଏଡେନ ମାରକ୍ରାମଙ୍କ ନେତୃତ୍ୱରେ ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳି ଆସୁଛି। ଏହା ଦର୍ଶକଙ୍କୁ ଏଣ୍ଟରଟେନ କରୁଥିବା ବେଳେ ଏହି ଆପ୍ରୋଚ ଦକ୍ଷିଣ ଆଫ୍ରିକା ଲାଗି ଫଳପ୍ରଦ ସାବ୍ୟସ୍ତ ହୋଇ ନାହିଁ। ଏହି ଦଳ ଟି୨୦ ବିଶ୍ୱକପ୍ ପରଠାରୁ ବିଭିନ୍ନ ଦ୍ୱିପାକ୍ଷୀକ ଟି୨୦ ସିରିଜ୍‌ରେ ପରାଜିତ ହୋଇଛି। ଏହାସତ୍ତ୍ୱେ ବାରବାଟୀରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ସିରିଜ୍ ଲାଗି ଭ୍ରମଣକାରୀ ଦଳ ତା'ର ଆଟାକିଂ ଆପ୍ରୋଚରେ କୌଣସି ପରିବର୍ତ୍ତନ କରିବ ନାହିଁ। ଏ ନେଇ ଦକ୍ଷିଣ ଆଫ୍ରିକା ଦଳର ପ୍ରାକ୍ଟିସ ପୂର୍ବରୁ ଅଧିନାୟକ ଏଡେନ ମାରକ୍ରମ ସ୍ପଷ୍ଟ କରିଛନ୍ତି।

ଆମେ ଯୋଜନାରେ କୌଣସି ପରିବର୍ତ୍ତନ କରିନାହୁଁ। ଏହା ଟି୨୦ କ୍ରିକେଟ, ଯାହାକି ଏଣ୍ଟରଟେନିଂ ଫର୍ମାଟ। ଆମେ ସେହି ବ୍ରାଣ୍ଡର ଖେଳ ପ୍ରଦର୍ଶନ କରିବାକୁ ଚାହୁଁ। ଆମେ ଚାହୁଁ, ଆମ ଖେଳାଳି ଭୟମୁକ୍ତ ହୋଇ ନିଜ ଖେଳକୁ ଏଞ୍ଜୟ କରନ୍ତୁ ବୋଲି ମାରକ୍ରମ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏତଦ୍ ବ୍ୟତୀତ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆନରିଚ ନର୍କିଆଙ୍କ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ୧୪୦ରୁ ଊର୍ଦ୍ଧ୍ୱ ଗତିରେ ବୋଲିଂ କରିପାରୁଥିବା ନର୍କିଆଙ୍କ ଭଳି ବୋଲର ଫେରିବା ଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇଛି। ତାଙ୍କ ଇଞ୍ଜୁରି ଯୋଗୁ ଆମ ପାଖରେ ଫାଷ୍ଟ ବୋଲିଂ ବିକଳ୍ପ ବୃଦ୍ଧି ପାଇଛି। ଅନ୍ତିମ ଥର ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିବା ନର୍କିଆ ଦଳକୁ ଫେରୁଥିବାରୁ ନିଶ୍ଚିତ ଭାବେ ଉତ୍ସାହିତ ଥିବେ ଏବଂ ମୁଁ ନିଶ୍ଚିତ ଯେ, ସେ ନିଜର ଶତ ପ୍ରତିଶତ ଦେବେ।

### ଅଭିଷେକଙ୍କ ଉଇକେଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

ମୁଁ ଅଭିଷେକଙ୍କ ସହ ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ପାଇଁ ଖେଳିଛି। ସେ ଖୁବ ଭଲ ଓ ଭୟମୁକ୍ତ ଖେଳାଳି। ସେ ପ୍ରଥମ ବଲରୁ ପ୍ରତିପକ୍ଷ ଦଳ ଉପରେ ଚାପ ପକାନ୍ତି। ଏଣୁ ତାଙ୍କ ଉଇକେଟ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଏଥିରେ କିଛି ଦ୍ୱନ୍ଦ୍ୱ ନାହିଁ। ଏବେ ଆଗକୁ ଆସୁଥିବା ନୂଆ ପିଢ଼ିର ଖେଳାଳିମାନେ ଆରମ୍ଭରୁ ବଡ଼ ବଡ଼ ଶଟ୍ ଖେଳିବାକୁ ଚାହାଁନ୍ତି। କାରଣ ଏହା ଏଣ୍ଟରଟେନମେଣ୍ଟ ଯୋଗାଏ ଏବଂ ଏହା ଦ୍ୱାରା ସେମାନଙ୍କ ଲାଗି ବିଭିନ୍ନ ଲିଗ୍‌ରେ ଖେଳିବାର ବାଟ ଫିଟିଯାଏ। ବର୍ତ୍ତମାନ ଟି୨୦ କ୍ରିକେଟ ସେହି ଦିଗରେ ଆଗକୁ ଯାଉଛି ବୋଲି ଅଭିଷେକଙ୍କ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ମାରକ୍ରାମ କହିଛନ୍ତି। ୨୫ ବର୍ଷୀୟ ଅଭିଷେକ ଗତ ଏକ ବର୍ଷ ମଧ୍ୟରେ ନିଜକୁ ଜଣେ ବିସ୍ଫୋରକ ଓପନର ଭାବେ ପ୍ରତିଷ୍ଠିତ କରାଇଛନ୍ତି। ସେ ଗତ ଟି୨୦ ଏସିଆ କପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ସର୍ବାଧିକ ରନ ସ୍କୋର କରିଥିଲେ। ଏପରିକି ଜାତୀୟ ଦଳଠାରୁ ଦୂରରେ ଥିଲା ବେଳେ ପଞ୍ଜାବ ପାଇଁ ସୟଦ ମୁସ୍ତାକ ଅଲୀ ଘରୋଇ ଟି୨୦ ପ୍ରତିଯୋଗିତାରେ ସେ ୬ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ଆଭରେଜ ୨୪୯.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୩୦୪ ରନ କରିଛନ୍ତି।


ନେଟ୍ସରେ ନିଜ ପାଳିକୁ ଅପେକ୍ଷା କରିଛନ୍ତି ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର।


ଏଡେନ ମାରକ୍ରମଙ୍କ ବୋଲିଂ ଅଭ୍ୟାସ।



ଭାରତ ଓ ଦକ୍ଷିଣ ଆଫ୍ରିକା ନେଟ୍ ପ୍ରାକ୍ଟିସ୍ ଦେଖିବାକୁ ସୋମବାର ଗ୍ୟାଲେରିରେ ଦର୍ଶକଙ୍କ ଭିଡ଼। (ଫଟୋ ରାଜକିଶୋର ମହାନ୍ତି)

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ